## ୩୩ତମ
## ନିଖିଳ ଉତ୍କଳ
## ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

# ସ୍ମରଣିକା

**୪,୫,୬ ଏବଂ ୭ ଏପ୍ରିଲ ୨୦୦୩**

**ମାତୃଭବନ**

**ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩**

Ph. (0671) 2344338
e-mail : ctk_matrubha@sancharnet.in

# ସୂଚୀପତ୍ର


| | |
|---|---|
| Prayer | |
| The Mother's Feet | Mona Sarkar |
| Good wishes from Dada... | |
| Nirod Da says... | |
| Sharmajee writes... | |
| ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମ କୁଣ୍ଡଳୀ | ତପିବର ସ୍ୱାଇ |
| Village Improvement | The Mother |
| ସତ୍ୟ ଓ ମିଥ୍ୟା ଭିତରେ ପ୍ରଭେଦ ବୁଝିବାର ସାମର୍ଥ୍ୟ | ଶ୍ରୀମା |
| ବର୍ତ୍ତମାନ ଯେଉଁ ସତ୍ୟର ଉପଲବ୍ଧି ଆବଶ୍ୟକ | ଶ୍ରୀଅରବିନ୍ଦ |
| ଉଷସ୍ତି ଚକ୍ରାୟଣ | ନଳିନୀକାନ୍ତ ଗୁପ୍ତ |
| Thoughts from DADA | Pranab Kumar Bhatacharya |
| କ୍ରିୟାତ୍ମକ ସମର୍ପଣ | ଶ୍ରୀ ରାମକୃଷ୍ଣ ଦାସ |
| ପ୍ରସ୍ତୁତି ଆବଶ୍ୟକ | ପ୍ରପତ୍ତି |
| ନୂତନ ଜଗତର ନିର୍ମାଣରେ ମା'ଙ୍କ ଯନ୍ତ୍ର ହୋଇଉଠିବା | ବିଶ୍ୱମ୍ଭର ସାମନ୍ତ |
| The Six Collaborators | Gadhadhar Mishra |
| ଅଧ୍ୟାତ୍ମ ପଥରେ ଅବ୍ୟର୍ଥ କବଚ | ସଂକଳନ : ଗୋପାଳ ଚନ୍ଦ୍ର ମାହାନା |
| ସୁବିଦିତ କ୍ରିପ୍ସ ପ୍ରସ୍ତାବ | ନିରଦବରଣ |
| ଚମ୍ପକଲାଲଙ୍କର ସମ୍ମାନନୀୟ ପିଉସୀ ମୋତିବା | ରୋଶନ ଦୁମାସିଆ |
| ଆଲୋକ ବାହିକା ଆଶ୍ରମ | ମାଧବ ପଣ୍ଡିତ |
| ଓଡ଼ିଶା ସମ୍ବନ୍ଧେ ଦ୍ୟୁମନ୍ ଭାଇ | ପ୍ରକାଶ ଚନ୍ଦ୍ର ପଣ୍ଡା |
| ପସନ୍ଦ ଓ ପ୍ରବୃତ୍ତି | ନିରଞ୍ଜନ ନାୟକ |
| ଏପ୍ରିଲ ସମ୍ମିଳନୀର ଏପାଖ ସେପାଖ | ପ୍ରସାଦ ତ୍ରିପାଠୀ |
| ପୂଜ୍ୟ ପ୍ରପତ୍ତିଙ୍କ ସହ ଗୋଟିଏ ଦିନର କଥା | ନିରଞ୍ଜନ ମହାରଣା |
| ସୁସ୍ଥ ବାର୍ଦ୍ଧକ୍ୟ | ଡାକ୍ତର ଜୟନ୍ତ କୁମାର ପଣ୍ଡା |
| କଟିସ୍ନାନର ଉପକାରିତା | ଡ. ବିପିନ ବିହାରୀ ପ୍ରଧାନ |
| ଶ୍ରୀଅରବିନ୍ଦ ପାଠଚକ୍ର ଗଠନ ପ୍ରଣାଳୀ | ମାତୃଭବନ |
| Course Contents for the Accounts Training for New Life Education Trust | Saroj |
| Information on Sri Aurobindo Integral Education Centres, Orissa, 2002 - 2003 | Matrubhaban |

**33rd All Orissa Sri Aurobindo Study Circle Conference**

**Matrubhaban, Sri Aurobindo Marg, Cuttack-753013**

# Prayer

Sweet Mother,

Pranams at Thy Lotus Feet.

The 33rd All Orissa Sri Aurobindo Study Circle Conference will be held at Matrubhaban, Cuttack on 4th, 5th, 6th and 7th April 2003.

This year is the continuation of The Mother's 125th birth anniversary which is being celebrated at Orissa from 21st February, 2002 to April, 2005.

Our prayer and aspiration is for Thy manifestation here in this land making it Thy own Abode.

Let this Conference be completely used by Thee to fulfill Thy Will.

We pray to be enveloped by Thy Presence most concretely and materially against all bad will and formations that work against Thy Manifestation. By Thy intervention, let all dust of insincerity and deceptions be dropped from our nature and make us worthy of Thy marvellous Presence. By Thy Grace let us be united strongly and effectively and offer ourselves completely at Thy Feet for the fulfilment of Thy will.

***At Thy Feet,***
***Yours Children***
***All at Matrubhaban***

# The Mother's Feet

*Sri Mona Sarkar*



…it is through my feet that I transmit the power of transformation into matter, into the inconscience of the inert mass of this anguished earth.

❋ ❋ ❋

You know, each step that I have placed on the earth, everywhere, everywhere, I have thrust this force and this light of transformation into the atoms and molecules of this matter which are under my feet, to awaken them to the necessity of this work of transformation. Each step that I have placed deliberately on the earth has sent vibrations, like echoes that ring and resound, into the inertia of this matter which sleeps in a torpor of inconscience in order to awaken it to a rhythm of harmony and to a consciousness of beauty and truth.

❋ ❋ ❋

What a benevolent Grace! What a sovereign Peace! What a solace for these tiny entities that reside in the atoms and who had been tortured. What a blessed hour! For these are the very particles of dust where I have placed my feet – which have been touched by the transforming light, by the power that triumphs, and first they try to bring an equilibrium, then to spread this compassion and they are active in changing their neighbours who are in turmoil because they had been disturbed by this chaos in the atmosphere.

❋ ❋ ❋

....I have touched the soul of the earth, of this matter which greets me with a gratitude that pours itself in an incomparable surrender and invites me further to liberate it from all bondage.

❋ ❋ ❋

….Wheresoever I have placed my feet, there is an activity of the force of transformation which makes the earth-consciousness vibrate.

❋ ❋ ❋

….There where I have placed my feet on the earth it has been blessed and has become receptive to my force. With gratitude, the earth retains the effect of the transmutation that took place by the fact that I walked on her, that is why she expresses herself in an inexpressible joy.

❋ ❋ ❋

There where I have placed my feet, there has been a formidable effect – various results of one kind or another.

❋ ❋ ❋

There where we have placed our feet and left our footprints behind, those

atoms irradiate and influence others which are in their proximity and in this way the work of transmutation continues unabated.

....There is a much greater intensity of force emanating from my feet because this force has to pass through the thick crust of the earth, through a great resistance in order to reach and touch the inconscience. It is for this reason that the force passes directly. Whereas when I bless with my hand, I control the flow of this force and give to each one what he needs when I give my blessings.

❋ ❋ ❋

Each step that I have placed awakens Matter and resounds there like an echo. Each step is precious that awakens the consciousness in Matter. I am enclosed in each atom and my contact with the earth, at each step, bursts open the crust and awakens it to the light.

❋ ❋ ❋

(**The above lines are from the book "The Supreme" written by Sri Mona Sarkar from his conversation with The Mother.** )

*Courtesy :*
Sri Aurobindo Ashram Trust, Pondicherry

*We all who have a common uplifting ideal, shall unite; and in this union and by this union we will face and overcome the attacks of all opposing forces of darkness and devastation. In union is the strength, in union is the power, in union the certitude of Victory.*

-The Mother

# *Good wishes from Dada...*

*Pranab Kumar Bhattacharya*
*Director*
**Department of Physical Education**
SRI AUROBINDO ASHRAM, PONDICHERRY
INDIA 605 002.

Telegram
SRI AUROBINDO - PONDICHERRY

Dated 15-3-03

Dear Gadadhar bhai, Thanks for your telegram of 10-3-03, and the E mail letter dated 14-3-03, informing about the 33rd. All Orissa Sri Aurobindo Study Circle, to be held from 4th. to 7th. April 03.

I have prayed to Mother for all of you. Sending herewith Her Ashirvadi.

May She help to achieve a grand success!

With love!

"Dada"

P.S. yes, you may use the photo of Mother charan in your Souvenir.

P

---

"All Souls who aspire are always under my direct care."

– The Mother

# NIROD-DA SAYS :

20/3/03

Dear Gadadhar and Prasad,

For your conferance I would like to say :

"'Cling to the Mother'

Keep doing the Mother's work with more and more openness to Her Force."

I am sending you the Mother's Blessings for the Conferance.

With love to all of you

Niroda

Self - surrender to the divine and infinite Mother, however difficult, remains our only effective means and our sole abiding refuge.

- Sri Aurobindo

# Sharmajee writes...

I am delighted to know that you are celebrating 33rd All Orissa Sri Aurobindo Study Circle Conference at Matrubhaban, Cuttack from 4th April to 7th April 2003. Orissa has opened itself to the Light of Sri Aurobindo in the measure that is little in evidence elsewhere. We in India have been indeed blessed to be the prime seal of the action of the two *Avatars* – The Mother and Sri Aurobindo. Orissa is pioneering the movement of accepting their message and applying it to the broader fields of its life. Pathachakras spread out in rural areas as also the message of the Master and the Mother inspiring other limbs of community life have placed you in the forefront of life leading to a liberating future. Though it is just the beginning yet it is a beginning full of future possibilities. And it marks Orissa as a leader in at least two fields – education and organised pockets of collective living where participants can live free from the hindrance of attachment to personal possessions.

Sri Aurobindo's message is primarily a message of transformation of the present life of man into a mode of higher living. His call to man is to grow into the superman. But it is only possible through the possession of man by the higher ranges of his still unmanifest super nature and his opening towards it. With the advent of the Supramental Force this has become possible. But man has to prepare himself for the labour of raising his entire range of activities to that height. It involves an immense endeavour, beyond the parameter of our present existence. The first glow of this endeavour is visible in Orissa. May the divine Mother bless this *tapasya* and make your conference an inspiration and guidance for others.

**CHHOTENARAYAN**

**(C. N. Sharma)**

# ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମ କୁଣ୍ଡଳୀ

ତପିବର ସ୍ୱାଇଁ

### ଜନ୍ମ ତାରିଖ – ତା୧୫.୮.୧୮୭୨
### ବିଂଶୋତ୍ତରୀ ଶୁକ୍ର ଦଶାବଶେଷ ବ୯ । ୮ ।୨୩

ଲଗ୍ନସ୍ଫୁଟ ରା ୩। ୨୬ । ୩୫ ।୦
ଗ୍ରହସ୍ଫୁଟ
ରବି ରା ୪ । ୧ । ୧୭
ଚନ୍ଦ୍ର ରା ୮ । ୨୦ । ୧୩
କୁଜ ରା ୩। ୬ । ୨
ବୁଧ ରା ୪ । ୨୩। ୩୯
ଗୁରୁ ରା ୩। ୨୧ । ୪୮
ଶୁକ୍ର ରା ୪ ।୯ । ୪୫
ଶନି ରା ୮ । ୨୩। ୨୯
ରାହୁ ରା ୧ । ୧୬ । ୩୫
କେତୁ ରା ୭ ।୧୬ । ୩୫



ଲଗ୍ନ ସ୍ଫୁଟ ରା ୩।୨୬।୩୫।୦

**ଶୁଭ ଯୋଗାବଳୀ**

୧. ଶ୍ରୀମନ୍ତ ଯୋଗ - ଧନାଧିପତି ରବି ପାରାବତାଂଶ (ନିଜର ଛଅଟି ବର୍ଗରେ ଅଛି) ଓ ମୂଳ ତ୍ରିକୋଣସ୍ଥ ହେତୁ ଏ ଯୋଗ ।
୨. ବେଦାନ୍ତବିଦ୍ ଯୋଗ - ଗୁରୁ ଲଗ୍ନଗତ ଉଚ୍ଚସ୍ଥ ଯୋଗୁଁ ।
୩. କାବ୍ୟକର୍ତ୍ତା ଯୋଗ - ଭାଗ୍ୟେଶ ଗୁରୁ କେନ୍ଦ୍ରରେ ଓ ଶୁକ୍ର ଦ୍ୱିତୀୟସ୍ଥ ହେତୁ ।
୪. ତାନ୍ତ୍ରିକ ଯୋଗ - ମଙ୍ଗଳ ଓ ଗୁରୁ ଲଗ୍ନ କେନ୍ଦ୍ରଗତ ଯୋଗୁଁ ।
୫. ଦୀର୍ଘାୟୁ ଯୋଗ - ଲଗ୍ନ ଓ ଅଷ୍ଟମପତି ଦ୍ୱାତ୍ମିକ ରାଶିରେ, ଅଷ୍ଟମାଧିପ ଅଷ୍ଟମକୁ ଦେଖିବା ଏବଂ ଲଗ୍ନ ଓ ଦ୍ୱିତୀୟରେ ଶୁଭଗ୍ରହସ୍ଥିତ ହେତୁ ।
୬. ଉତ୍ତମ ଲୋକ ପ୍ରାପ୍ତି ଯୋଗ ।
୭. ଅଂଶାବତାରାଦି ଯୋଗ - ଚର ଲଗ୍ନ ଓ ଲଗ୍ନ କେନ୍ଦ୍ରରେ ବୃହସ୍ପତି ଉଚ୍ଚସ୍ଥ ହେତୁ ଅବତାର ପୁରୁଷ ।
୮. ହରିହର ଯୋଗ - ଧନାଧିପ ରବିଙ୍କ ଦ୍ୱାଦଶରେ ବଳବାନ ଗୁରୁସ୍ଥିତ ହେତୁ ହରିଯୋଗ ଏବଂ ସପ୍ତମାଧିପ ଶନିଙ୍କ ଅଷ୍ଟମରେ ବୃହସ୍ପତି ଓ ନବମରେ ବୁଧ ସ୍ଥିତ ହେତୁ ହରଯୋଗ ।
୯. ମୁନି ଯୋଗ - ରବି ଓ ବୁଧ ସ୍ଥିର ରାଶିରେ ଏକତ୍ର ଏବଂ କର୍କଟ ଲଗ୍ନରେ ଗୁରୁସ୍ଥିତ ହେତୁ । ପୁନଶ୍ଚ ଆତ୍ମ କାରକ ବୁଧ ଗ୍ରହର ଦ୍ୱାଦଶରେ ବଳବାନ ବୃହସ୍ପତି ଅବସ୍ଥିତ ଯୋଗୁଁ ଯୋଗଶୀଳ ।
୧୦. ତପସ୍ୱୀ ଯୋଗ- ନବମ ପତି ଗୁରୁ ଉଚ୍ଚସ୍ଥ ଏବଂ ଲଗ୍ନ କେନ୍ଦ୍ରଗତ ହେତୁ ।
୧୧. ଧର୍ମତତ୍ତ୍ୱଜ୍ଞ ଯୋଗ - ବୁଧ ଓ ଶୁକ୍ର ଏକତ୍ର, ଷଷ୍ଠରେ ଶନି ସ୍ଥିତ ଯୋଗୁଁ ।
୧୨. ଭୂପବନ୍ଦିତ ଯୋଗ - ଭାଗ୍ୟେଶ ଭାଗ୍ୟ ସ୍ଥାନକୁ ସମ୍ପୂର୍ଣ୍ଣ ରୂପେ ଦେଖୁଥିବାରୁ ପୃଥିବୀବାସୀଙ୍କ ପୂଜ୍ୟ ।

# Village Improvement

**The Mother**

## PROGRAMME

1. Hygiene, sanitation, cleanliness.
2. Health, physical education, games.
3. Technical training for all local works (farming, crafts, etc.)

***

Choose a man in each village who can teach privately the children of the village reading, writing, easy calculation.

***

For grown-ups easy teaching on cultivation and crafts.

***

Elementaries of social life - each one must give some of his time for collective work.

***

Some very simple and short quations that can serve as mottos, from Sri Aurobindo's and my writings.

---

*Message from*

## *Sri Nirmal Ch. Sahu*

*Pondicherry*

*I am a product of Sri Aurobindo study circle. It is impossible to restrain my joy and good will for 33rd All Orissa Study Cicle conference from 4th to 7th April 2003.*

*A knowledge from within prompts me to write a message on this occasion as follows :-*

*"The new consciousness that has come is very much active. As a result of this, things those were easy can be done automatically without any effort. Things those were difficult can be accomplished with a little effort. And things those were impossible are now possible. In the present moment conditions are particularly favourable. It is a question of will. It is for us to choose."*

# ସତ୍ୟ ଓ ମିଥ୍ୟା ଭିତରେ ପ୍ରଭେଦ ବୁଝିବାର ସାମର୍ଥ୍ୟ

**ଶ୍ରୀମା**

**ବୌ**ଦ୍ଧଗ୍ରନ୍ଥ 'ଧମ୍ମପଦ' ରୁ ଏହି ଅଂଶଟି ପଢ଼ାଗଲା- "ଯେଉଁମାନେ ଭୁଲ୍‌ଭ୍ରାନ୍ତିକୁ ସତ୍ୟ ବୋଲି ଗ୍ରହଣ କରନ୍ତି ଓ ସତ୍ୟକୁ ଭୁଲ୍‌ଭ୍ରାନ୍ତି ବୋଲି ଗ୍ରହଣ କରନ୍ତି, ସେମାନେ କେବେ ହେଲେ ପରମ ଲକ୍ଷ୍ୟରେ ପହଞ୍ଚି ପାରିବେ ନାହିଁ; କାରଣ ସେମାନେ ନିଷ୍ଫଳ ବାସନା, କାମନା ଓ ମିଥ୍ୟା ଦୃଷ୍ଟି ଦ୍ୱାରା ଭୁଲ୍ ପଥରେ ପରିଚାଳିତ ହୁଅନ୍ତି।"

ଏହା ସହ ଏକ ମନ୍ତବ୍ୟ ଯୋଗ କରାଯାଇ ପାରେ। କାରଣ ଜଣେ ଯଦି ଭୁଲ୍‌କୁ ସତ୍ୟ ବୋଲି ଭାବି ବା ସତ୍ୟକୁ ଭୁଲ ବୋଲି ଭାବି ତହିଁରେ ସନ୍ତୁଷ୍ଟ ହୁଅନ୍ତା ତେବେ କୌଣସି ନା କୌଣସି କାରଣରୁ ହେଉ ବା କାହାର ସାହାଯ୍ୟରେ ହେଉ, ସେତେବେଳେ ସେ କେଉଁଟା ଯଥାର୍ଥରେ ସତ୍ୟ ଏବଂ କେଉଁଟା ଯଥାର୍ଥରେ ଭୁଲ୍ ବୋଲି ଜାଣି ପାରନ୍ତା, ଯୁକ୍ତି ଦୃଷ୍ଟିରୁ ଦେଖିଲେ ସେତେବେଳେ ସେ ଖୁବ୍ ସହଜରେ ନିଜର ନିର୍ବାଚନ ସ୍ଥିର କରି ନିଅନ୍ତା ଓ ସତ୍ୟଟିକୁ ଗ୍ରହଣ କରି ଭୁଲ୍‌ଟିକୁ ପ୍ରତ୍ୟାଖ୍ୟାନ କରନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ମଣିଷ ନିଜର ଭୁଲ୍‌କୁ ଭଲ ପାଏ, ସତ୍ତା ଭିତରେ କେଉଁଠି ଏପରି କିଛି ଅଛି ଯାହା ଯଥାର୍ଥରେ ଯାହା ସତ୍ୟକୁ ସ୍ୱୀକାର କରିବାକୁ କୁଣ୍ଠିତ ଓ ଅନିଚ୍ଛୁକ।

ଏ ସମ୍ପର୍କରେ ମୋର ଅନୁଭୂତି ହେଉଛି, ଯେତେବେଳେ ତୁମେ ପ୍ରକୃତରେ କେଉଁଟା ସତ୍ୟ ତାହା ଜାଣିବାକୁ ଆନ୍ତରିକ ଭାବରେ ଇଚ୍ଛା କର ତୁମେ ତାହା ଜାଣି ପାର। ସବୁବେଳେ ଏପରି କିଛି ରହିଛି ଯାହା ତୁମକୁ ତୁମର ଭୁଲ୍‌ଟିକୁ ଚିହ୍ନାଇ ଦିଏ ଯେପରିକି ତୁମେ ଯଥାର୍ଥ ସତ୍ୟଟିକୁ ଗ୍ରହଣ କରିବ। ଯଦି ମନୋଯୋଗ ସହ ତୁମେ ନିଜକୁ ନିରୀକ୍ଷଣ କରିବ ତେବେ ତୁମେ ଦେଖିପାରିବ ଯେ ଯେହେତୁ ତୁମେ ଭୁଲ୍‌ଟିକୁ ଅଧିକ ପସନ୍ଦ କର, ସେହି ହେତୁ ତୁମେ ପ୍ରକୃତ ସତ୍ୟଟିକୁ ଦେଖି ପାର ନାହିଁ।

ଏପରିକି ଅତି ଛୋଟ ଛୋଟ କଥାରେ - ଜୀବନର ବଡ଼ ବଡ଼ କଥା ବା ଯେଉଁ ବଡ଼ ବଡ଼ ନିଷ୍ପତ୍ତି ଗ୍ରହଣ କରାଯାଏ ସେ ବିଷୟରେ ଏଠି କୁହାଯାଉ ନାହିଁ - ଏପରିକି ଅତି ଛୋଟ ଛୋଟ କଥାରେ ମଧ୍ୟ ଯେତେବେଳେ ସତ୍ୟ ପାଇଁ ଅଭୀପ୍ସା ରହିଥାଏ ଏବଂ ସତ୍ୟନିଷ୍ଠ ହେବାର ସଙ୍କଳ୍ପଟି ପୂର୍ଣ୍ଣଭାବରେ ଆନ୍ତରିକ ହୋଇଥାଏ, ସେତେବେଳେ ଏହି ଧରଣର ସୂଚନା ବରାବର ନିଶ୍ଚୟ ମିଳିବ ଏବଂ ନିର୍ଦ୍ଦିଷ୍ଟ ଭାବରେ ବୌଦ୍ଧ ଧର୍ମର ସାଧନା ମାର୍ଗରେ ତୁମେ କେତେବେଳେ ନିଜ ଭିତରେ ତୁମ ସତ୍ତାର ନାନା ଗତିବିଧିର ମୂଳ କାରଣ ଅନୁସରଣ କରୁଥାଅ, ସେତେବେଳେ ତୁମେ ସର୍ବଦା ଦେଖି ପାରିବ ଯେ ଭୁଲ୍ ଜିନିଷ ସବୁରେ ଲାଗି ରହିବାର ମୂଳ କାରଣଟି ଆସିଥାଏ କାମନା ବାସନାର ଉତ୍ସରୁ। ଯେହେତୁ ତୁମ ଭିତରେ କୌଣସି ବିଷୟକୁ ଅଧିକ ପସନ୍ଦ କରିବାର ପ୍ରବୃତ୍ତି ରହିଥାଏ, ଏକ ନିର୍ଦ୍ଦିଷ୍ଟ ଧାରାରେ ଅନୁଭବ କରିବା, କର୍ମ କରିବା ଓ ଚିନ୍ତା କରିବାର ବାସନା ରହିଥାଏ, ସେଇ କାରଣରୁ ତୁମେ ଭୁଲ୍‌କରି ଚାଲିଥାଅ, ଏହାର କାରଣ ଏପରି ସହଜ ନୁହେଁ ଯେ ପ୍ରକୃତରେ ସତ୍ୟ କ'ଣ ତା' ଜାଣି ନଥିବାରୁ ତୁମେ ଏ ଭୁଲ୍‌ସବୁ କରୁଥାଅ। ତୁମେ ନିର୍ଦ୍ଦିଷ୍ଟ ଭାବରେ ଏହା ଜାଣିପାର ନାହିଁ, କାରଣ ତୁମେ ଖାଲି ଏକ ସାଧାରଣ, ଅନିର୍ଦ୍ଦିଷ୍ଟ, ଅସ୍ପଷ୍ଟ ଉପରଠାଉରିଆ ଭାବେ କୁହ "ମୁଁ ସତ୍ୟ ଚାହେଁ।" କିନ୍ତୁ ବାସ୍ତବରେ ତୁମେ ଯଦି ଟିକିନିଖି ଭାବରେ ଜିନିଷଟିକୁ ଦେଖ, ଯଦି ଟିକିନିଖି ପ୍ରତ୍ୟେକ ଜିନିଷଟିକୁ ନେଇ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖ ତେବେ ଆବିଷ୍କାର କରିବ, ନିଜ ଭୁଲ୍‌ଟିକୁ ନଦେଖିବା ପାଇଁ ତୁମେ ଓଟପକ୍ଷୀ ପରି ଆଖି ବୁଜିବାର ବାଟ ଧରିଛି। କୌଣସି ବିଷୟ ପଶ୍ଚାତରେ କ'ଣ ଅଛି, ତା' ନଦେଖିବା ପାଇଁ, ଅନିଶ୍ଚିତ ଅସ୍ପଷ୍ଟ ଓ ଅନିର୍ଦ୍ଦିଷ୍ଟ କିଛି ବିଷୟ ଉଠାଇ ଏକ ପରଦା ବା ଆବରଣ ସୃଷ୍ଟି କରିବାକୁ ଚାହିଁଛ।

ଯେତେବେଳଯାଏ ତୁମ ଭିତରେ ଆନ୍ତରିକତା ରହିଥାଏ ତୁମେ ଦେଖିବ ଯେ ତୁମ ପ୍ରଶ୍ନର ଯଥାର୍ଥ ଉତ୍ତର ଦେବା ପାଇଁ ଏକ ସହାୟତା, ଏକ ଚାଳନା, ବା ନିର୍ଦ୍ଦେଶ ଓ କୃପା ବରାବର ରହିଛି, ଏବଂ ତୁମେ ଦୀର୍ଘକାଳ ଧରି ଭୁଲ୍ କରି ଚାଲିବ ନାହିଁ।

ଅଗ୍ରଗତି ପାଇଁ ଅଭୀପ୍ସାରେ, ସତ୍ୟ ପାଇଁ ସଙ୍କଳ୍ପରେ,

ଆଧ୍ୟାତ୍ମିକ ଜୀବନ ପାଇଁ ଯେଉଁ ଶୁଦ୍ଧତା ଦରକାର ସେହି ଶୁଦ୍ଧ ହେବାର ପ୍ରୟୋଜନୀୟତାରେ ଯେଉଁ ଆନ୍ତରିକତା ରହିଥାଏ, ସେହି ଆନ୍ତରିକତାହିଁ ସବୁ ଅଗ୍ରଗତିର ଚାବିକାଠି। ଏହାରି ସାହାଯ୍ୟରେହିଁ ତୁମେ ଯଥାର୍ଥ ସତ୍ୟ କ'ଣ ତା' ଜାଣିପାରିବ ଏବଂ ସେହି ଅନୁସାରେ କାର୍ଯ୍ୟ କରିପାରିବ।

ସତ୍ତା ଭିତରେ କେଉଁଠି ବରାବର ଏପରି କିଛି ରହିଥାଏ, ଯାହା ନିଜକୁ ପ୍ରତାରିତ କରିବାକୁ ପସନ୍ଦ କରେ, ତା' ନହେଲେ ତୁମକୁ ଠିକ୍ ବାଟରେ ପରିଚାଳିତ କରିବା ପାଇଁ ସବୁବେଳେ ପ୍ରସ୍ତୁତ ହୋଇ ଏକ ଆଲୋକ ରହିଛି, କିନ୍ତୁ ତୁମେ ଏହାକୁ ନଦେଖିବା ପାଇଁ ନିଜର ଆଖି ବନ୍ଦ କରିଦିଅ।

(୨୨ ନଭେମ୍ବର, ୧୯୫୭)

'ଧମ୍ମପଦ'ର ନିମ୍ନୋକ୍ତ ଅଂଶଟି ପଢ଼ାଗଲା -

"ଯେଉଁମାନେ ସତ୍ୟକୁ ସତ୍ୟ ବୋଲି ଜାଣନ୍ତି, ମିଥ୍ୟାକୁ ମିଥ୍ୟା ବୋଲି ଜାଣନ୍ତି, ସେମାନେ ପରମ ଲକ୍ଷ୍ୟରେ ପହଞ୍ଚି ପାରନ୍ତି କାରଣ ସେମାନେ ଯଥାଯଥ ଉଚିତ ବାସନା ଓ ସତ୍ୟ ଦୃଷ୍ଟିରହିଁ ଅନୁସରଣ କରନ୍ତି।"

ଆମେ ଗତଥର ଦେଖିଥିଲୁ ଯେଉଁଟା ସତ୍ୟ, ତାହାକୁ ଯେଉଁଟା ମିଥ୍ୟା, ତା'ଠାରୁ ପୃଥକ୍ କରି ଦେଖିପାରିବାର କ୍ଷମତା ଯଥେଷ୍ଟ ନୁହେଁ। ପ୍ରଥମ ଦୃଷ୍ଟିରେ ଏହା ସବୁଠୁ କଷ୍ଟସାଧ୍ୟ ମନେ ହୁଏ। ଏହା ମଧ୍ୟ ସ୍ପଷ୍ଟ ଯେ ଯଦି ପ୍ରତ୍ୟେକ ଲୋକକୁ ନିଜ ଚେଷ୍ଟାରେ ଏହା ଜାଣିବାକୁ ପଡ଼ନ୍ତା, ତେବେ ଏଥିପାଇଁ ନିଶ୍ଚୟ ଦୀର୍ଘ କାଳ ଲାଗିଯାଆନ୍ତା, ଏଥିପାଇଁ ତୁମକୁ ଅସଂଖ୍ୟ ଅନୁଭୂତି ଭିତର ଦେଇ ସାରାଜୀବନ ବିତାଇ ଦେବାକୁ ପଡ଼ନ୍ତା, ଯେତେବେଳେ କି ତୁମେ ଧୀରେଧୀରେ ସେହି ଜ୍ଞାନ ଲାଭ କରନ୍ତ ଯାହା ତୁମକୁ ଜଣାଇ ଦିଏ କେଉଁଟା ସତ୍ୟ ଏବଂ କେଉଁଟା ସତ୍ୟ ନୁହେଁ।

ତେଣୁ ଏଥିପାଇଁ ସହଜ ବାଟ ହେଲା ଏପରି ଜଣକ ଉପରେ ବିଶ୍ୱାସ ଓ ନିର୍ଭର କରିବା ଯେ ତୁମ ପୂର୍ବରୁ ଏହି ଦିଗରେ କାମଟି ସମ୍ପନ୍ନ କରି ସାରିଛନ୍ତି; ତୁମକୁ କେବଳ ତାଙ୍କୁ ପଚାରିବାକୁ ପଡ଼ିବ, "ଏଇଟା ସତ୍ୟ କି?" "ଏଇଟା ମିଥ୍ୟା କି?" ନିଶ୍ଚିତ ଭାବରେ ଏହା ଅନେକ ଅଧିକ ସୁବିଧାଜନକ କିନ୍ତୁ ଦୁର୍ଭାଗ୍ୟବଶତଃ ଏତିକିହିଁ ବରାବର ଯଥେଷ୍ଟ ହୁଏ ନାହିଁ। କାରଣ ତୁମେ ଯେତେବେଳେ ଚାହୁଁଥାଅ ଜିନିଷଟି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରକାରରେ ହେଉ ଏବଂ ତୁମେ ଯାହା ପସନ୍ଦ କରୁଥାଅ ତାହାହିଁ ସତ୍ୟ, ସେତେବେଳେ ତୁମେ ଉତ୍ତମ ପରାମର୍ଶ ପ୍ରତି କର୍ଣ୍ଣପାତ କରିବା ପାଇଁ ପ୍ରସ୍ତୁତ ନଥାଅ।

ଯେଉଁ ଶେଷ ବାକ୍ୟଟିରେ କୁହାଯାଇଛି ଯେ, "କାରଣ ସେମାନେ ଯଥାଯଥ ଉଚିତ ବାସନାର ଅନୁସରଣ କରନ୍ତି", ଏହା ଅତି ସାଧାରଣ କଥା ପରି ମନେ ହେଲେହେଁ, ଏହାହିଁ ସମସ୍ୟାଟିର ସବୁଠୁ କଷ୍ଟସାଧ୍ୟ ଅଂଶ।

ଏହି ବହିରେ, ଏହି ଶିକ୍ଷାରେ, ଅନେକ ଛୋଟ ଛୋଟ ବାକ୍ୟ ରହିଛି, ଯେଉଁଗୁଡ଼ିକ ମନେହେବ ସହଜ। ତୁମେ ଯଦି ଯଥେଷ୍ଟ ମନୋଯୋଗ ଓ ବିଚାର ନଦେଇ ଏଗୁଡ଼ିକ ପଢ଼ିବ ତ'ହେଲେ ତୁମକୁ ଲାଗିବ, "କିନ୍ତୁ ଏହାତ ଅତି ପରିଷ୍କାର ଭାବରେ ସହଜ, ଯାହା ସତ୍ୟ ତାହାକୁ ସତ୍ୟ ବୋଲି ଏବଂ ଯାହା ମିଥ୍ୟା ତାହାକୁ ମିଥ୍ୟା ବୋଲି ଗ୍ରହଣ କର, ତେବେ ଏଥିରେ ବିଶେଷତ୍ୱ କ'ଣ ଅଛି?" କିନ୍ତୁ ପ୍ରଥମତଃ ଯାହା ସତ୍ୟ ନୁହେଁ ତା'ଠାରୁ ଯାହା ସତ୍ୟ ତାହାକୁ ପୃଥକ୍ କରି ଦେଖିବା ସହଜ ନୁହେଁ; ତା'ପରେ ତାହାକୁ ସ୍ୱୀକାର କରିବା ଅର୍ଥାତ୍ ଅମୁକ ବିଷୟ ଯେ ସତ୍ୟ ତାହା ମାନିନେବା, ବିଶେଷ କରି ଅମୁକ ବିଷୟ ଯେ ମିଥ୍ୟା ତାହା ସ୍ୱୀକାର କରିବା ଅଧିକ କଷ୍ଟସାଧ୍ୟ।

ବାସ୍ତବରେ, ଯେଉଁଟା ମିଥ୍ୟା ତାହାକୁ ନିର୍ଭୁଲ ଭାବରେ ବାଛି ଚିହ୍ନି ପାରିବା ପାଇଁ ତୁମର ଅଭୀପ୍ସାରେ ଏପରି ଆନ୍ତରିକତା ଦରକାର, ସତ୍ୟ ଆଚରଣ ପାଇଁ ତୁମ ସଙ୍କଳ୍ପରେ ଏପରି ନିଷ୍ଠା ଦରକାର ଯେ ଏହି ଛୋଟ ବାକ୍ୟଟି "ସତ୍ୟକୁ ସତ୍ୟ ବୋଲି ଏବଂ ମିଥ୍ୟକୁ ମିଥ୍ୟା ବୋଲି ଜାଣିବା" ପାଇଁ ଏକ ଅତି ଉଲ୍ଲେଖଯୋଗ୍ୟ ଉପଲବ୍ଧି ଆବଶ୍ୟକ। ଏବଂ ଏହି ସିଦ୍ଧାନ୍ତ "ସେମାନେ ପରମ ଲକ୍ଷ୍ୟରେ ପହଞ୍ଚନ୍ତି ଏହା ଏକ ବିରାଟ ପ୍ରତିଶ୍ରୁତି।"

ଏପରି ସବୁ ଆଧ୍ୟାତ୍ମିକ ଶିକ୍ଷା ରହିଛି ଯାହା କୁହେ ଯେ ଆଦୌ କୌଣସି କାମନା ବାସନା ରହିବା ଉଚିତ ନୁହେଁ, ଏହିସବୁ ଶିକ୍ଷାର ଲକ୍ଷ୍ୟ ହେଲା ଅତ୍ମାର ନିଶ୍ଚଳତା ଭିତରେ ଲୀନ ହୋଇଯିବା ପାଇଁ ଜୀବନରୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦରକାର, ସମସ୍ତ ପ୍ରକାର କର୍ମର, ସମସ୍ତ ଗତିବୃତ୍ତିର, ସମସ୍ତ ରୂପର, ସମସ୍ତ ବାହ୍ୟ ଜୀବନର ସମ୍ପୂର୍ଣ୍ଣ ଅବସାନ, ସମ୍ପୂର୍ଣ୍ଣ

ନିବୃତ୍ତି ଦରକାର। ଏହି ଅବସ୍ଥାରେ ପହଞ୍ଚିବାକୁ ହେଲେ, ତୁମର ଆଦୌ କୌଣସି ବାସନା ରହିବା ଉଚିତ୍ ନୁହେଁ, ଅର୍ଥାତ୍ ଅଗ୍ରଗତି ପାଇଁ ତୁମର ସଙ୍କଳ୍ପ ଓ ଇଚ୍ଛାକୁ ମଧ୍ୟ ପୂରା ପଛରେ ଛାଡ଼ିଯିବାକୁ ପଡ଼ିବ, କାରଣ ଅଗ୍ରଗତି ଜିନିଷଟାହିଁ ସେତେବେଳେ ଅବାସ୍ତବ ଓ ବାହ୍ୟ ହୋଇଯିବ। କିନ୍ତୁ ଯଦି ଯୋଗ ସମ୍ପର୍କରେ ତୁମର ଧାରଣାରେ ତୁମେ ଅଗ୍ରଗତିର ବିଚାରକୁ ଗ୍ରହଣ କର, ଏବଂ ତୁମେ ଯଦି ଗ୍ରହଣ କର ଯେ ସମଗ୍ର ବିଶ୍ୱ ଏକ ଅଗ୍ରଗତିର ଧାରା ଅନୁସରଣ କରି ଚାଲିଛି, ତା'ହେଲେ ତୁମକୁ ଯାହା କରିବାକୁ ହେବ, ତା'ହେଲା ତୁମକୁ ତୁମର ବାସନା ଓ ଅଭିଳାଷର ଲକ୍ଷ୍ୟକୁ ବଦଳାଇବାକୁ ପଡ଼ିବ। ଯେଉଁ ସବୁ ଜିନିଷ ବାହ୍ୟ, କୃତ୍ରିମ, ଉପୁରିଆ ଓ ଅହଂକେନ୍ଦ୍ରିକ ସେସବୁ ଦିଗରୁ ତୁମର ବାସନା ଓ ଅଭିଳାଷକୁ ନିବୃତ୍ତ କରାଇ ତାହାକୁ ସତ୍ୟ ଦିଗରେ ଚାଳିତ ଅଭୀପ୍ସା ସଙ୍ଗରେ ଯୁକ୍ତ କରିବାକୁ ପଡ଼ିବ ସିଦ୍ଧିର ଏକ ଶକ୍ତି ରୂପେ।

ଏହି ଅଳ୍ପ କେଇଟି ଶବ୍ଦ "ସେମାନେ ଯଥାଯଥ ଉଚିତ ବାସନାର ଅନୁସରଣ କରନ୍ତି", - ଏହା ପ୍ରମାଣ କରେ ଯେ ବୁଦ୍ଧଙ୍କର ଶିକ୍ଷା, ତାହାର ମୂଳ ସ୍ୱରୂପରେ, ପୃଥିବୀରେ ସିଦ୍ଧି ପାଇଁ ବିମୁଖ ହୋଇ ନଥିଲା। କେବଳ ପୃଥିବୀର ଧାରଣା ସମ୍ପର୍କରେ ଯେଉଁ ସବୁ ମିଥ୍ୟା ରହିଛି ଓ ପୃଥିବୀରେ ଆଚରିତ କର୍ମ ଭିତରେ ଯେଉଁସବୁ ମିଥ୍ୟା ରହିଛି ତହିଁରୁ ନିବୃତ୍ତ ହେବା ପାଇଁହିଁ ତହିଁରେ ଜୋର୍ ଦିଆଯାଇଥିଲା। ଏହିପରି ସେ ଯେତେବେଳେ ଜୀବନରୁ ମୁକ୍ତି ବା ନିର୍ବାଣର କଥା କହିଛନ୍ତି ସେ ସେହି ଜୀବନରୁ ନିବୃତ୍ତ ହେବା କଥା କହି ନାହାନ୍ତି ଯାହା ଯଥାର୍ଥରେ ସତ୍ୟର ଅଭିବ୍ୟକ୍ତି ହେବ କିନ୍ତୁ ପୃଥିବୀରେ ସାଧାରଣ ଭାବରେ ଯେଉଁ ମାୟାମୟ ମିଥ୍ୟା ଜୀବନଯାପନ କରାଯାଉଥାଏ ତହିଁରୁହିଁ ନିବୃତ୍ତ ହେବା ପାଇଁ କହିଛନ୍ତି।

ଶ୍ରୀଅରବିନ୍ଦ ଆମକୁ କହିଛନ୍ତି ଦିବ୍ୟସତ୍ୟରେ ପହଞ୍ଚିବାକୁ ହେଲେ ଏବଂ ସେହି ଦିବ୍ୟ ସତ୍ୟର ସିଦ୍ଧି ପାଇଁ ସାମର୍ଥ୍ୟ ଲାଭ କରିବାକୁ ହେଲେ ତୁମକୁ ଏକ କ୍ରମବର୍ଦ୍ଧିଷ୍ଣୁ ଓ ବିକାଶଶୀଳ ମାନସିକ ଚେତନା ସଙ୍ଗେ ଆଧ୍ୟାତ୍ମିକ ଚେତନାକୁ ମିଳାଇ ଯୁକ୍ତ କରିବାକୁ ହେବ।

ଏବଂ ଏହି ବାକ୍ୟ କେଇଟି ନିଶ୍ଚିତ ଭାବରେ ପ୍ରମାଣ କରେ ଯେ ବୁଦ୍ଧଙ୍କ ଶିକ୍ଷାର ଏହାହିଁ ଥିଲା ମୂଳ ବିଚାର।

(୬ ଡିସେମ୍ବର, ୧୯୫୭) (ବୁଲେଟିନ୍ ଅପ୍ରେଲ ୧୯୮୭, ପୃଷ୍ଠା ୪୩-୪୫)

❑❑❑

ପରମ ପ୍ରଭୁ ପ୍ରତ୍ୟେକ ବ୍ୟକ୍ତିକୁ ସେ ଯାହା ଚାହିଁଥାଏ ତାହା ଦେଇଥାନ୍ତି। ଅର୍ଥକୁ ଯିଏ ଭଲପାଏ ସେ ତାକୁ ଅର୍ଥ ପ୍ରଦାନ କରିଥାନ୍ତି, ଯିଏ ଭଗବାନଙ୍କୁ ଭଲପାଏ ସେ ତାକୁ ଭଗବତ୍ ଚେତନା ପ୍ରଦାନ କରିଥାନ୍ତି ଓ ପରିଶେଷରେ ନିଜେ ନିଜକୁ ଦେଇଦିଅନ୍ତି।

**- ଶ୍ରୀମା**

# ବର୍ତ୍ତମାନ ଯେଉଁ ସତ୍ୟର ଉପଲବ୍ଧି ଆବଶ୍ୟକ

**ଶ୍ରୀଅରବିନ୍ଦ**

ଯେଉଁ ପ୍ରଧାନ ଦୋଷଟି ସବୁବେଳେ ଅଗ୍ରଗତି ପଥରେ ବାଧା ଦେଇ ଆସିଥାଏ ଏବଂ ବର୍ତ୍ତମାନ ଯାହାକୁ ଅନ୍ୟ ସବୁଥିରୁ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଅଲଗା କରି ଦିଆଯାଇଛି, ନିମ୍ନତର ପ୍ରାଣ ସତ୍ତାରେହିଁ ତାହାର ବାସସ୍ଥାନ ବା ଅନ୍ତତଃ ସେହିଠାରେ ହିଁ ବର୍ତ୍ତମାନ ତାହା କେନ୍ଦ୍ରୀଭୂତ। ମୁଁ ପ୍ରାଣିକ ଦୈହିକ ପ୍ରକୃତିର ସେହି ଅଂଶ କଥା କହୁଛି ଯାହା ନିଜର ସଙ୍କୀର୍ଣ୍ଣ ଓ ଜିଦ୍‌ଖୋର ଅହଂଭାବ ନେଇ ବାହ୍ୟ ମାନବ ବ୍ୟକ୍ତିତ୍ୱକୁ ବାସ୍ତବ ରୂପ ଦେଇଥାଏ - ତାହାର ବାହ୍ୟ ଉପରି ଭାଗର ଚିନ୍ତାସବୁର ଆଶ୍ରୟ ସ୍ୱରୂପ ହୋଇଥାଏ ଏବଂ ତାହାର ଅନୁଭୂତି, ଚରିତ୍ର ଓ କର୍ମ ଆଦିର ଅଭ୍ୟାସଗତ ଧାରା ସବୁକୁ ପ୍ରଭାବିତ କରିଥାଏ। ମୁଁ ଏଠାରେ ସତ୍ତାର ଅନ୍ୟାନ୍ୟ ଅଂଶ ବିଷୟରେ କହୁ ନାହିଁ, ଉର୍ଦ୍ଧ୍ୱତର ବା ବୃହତ୍ତର ପ୍ରାଣିକ ପ୍ରକୃତି କଥା ମୁଁ ଏଠାରେ ଉଠାଉନାହିଁ; କାରଣ ଯେତେବେଳେ ନିମ୍ନତର ପ୍ରାଣ ଉପରକୁ ଉଠିଆସେ ସେତେବେଳେ ଏଗୁଡ଼ିକ ପଶ୍ଚାତ୍‌ଭାଗକୁ ଠେଲି ହୋଇ ଅପସରି ଯାଆନ୍ତି ଯଦି ବି ସେହି ସମୟ ପାଇଁ ସେଗୁଡ଼ିକ ଏହି ନିମ୍ନତର ପ୍ରାଣସତ୍ତା ଦ୍ୱାରା, ଏହି ବାହ୍ୟ ବ୍ୟକ୍ତିତ୍ୱ ଦ୍ୱାରା ସମ୍ପୂର୍ଣ୍ଣରୂପେ ଆବୃତ ହୋଇ ନଥାନ୍ତି। ଏହି ସବୁ ଉଚ୍ଚତର ଅଂଶରେ ଯାହାବି ରହିଥାଉନା କାହିଁକି, ତାହା ସତ୍ୟ ପାଇଁ ଅଭୀପ୍ସା ହେଉ ବା ଭକ୍ତି ହେଉ ବା ବାଧାବିଘ୍ନ ଓ ବିରୋଧୀ ଶକ୍ତି ସବୁକୁ ଜୟ କରିବା ପାଇଁ ସଙ୍କଳ୍ପ ହେଉ - ଏସବୁ କେବେହେଲେ ପୂର୍ଣ୍ଣାଙ୍ଗ ହୋଇ ପାରିବେ ନାହିଁ, ଅବିମିଶ୍ର ବା ଅକଳଙ୍କ ହୋଇ ରହି ପାରିବେ ନାହିଁ ବା ଫଳପ୍ରଦ ହୋଇ ପାରିବେ ନାହିଁ ଯେପର୍ଯ୍ୟନ୍ତ ନିମ୍ନତର ପ୍ରାଣସତ୍ତା ଓ ବାହ୍ୟ ବ୍ୟକ୍ତିତ୍ୱ ଦିବ୍ୟ ଆଲୋକକୁ ଗ୍ରହଣ ନକରିଛି ଏବଂ ନିଜେ ପରିବର୍ତ୍ତିତ ହେବା ପାଇଁ ସ୍ୱୀକୃତି ନଦେଇଛି।

ଏହା ଅନିବାର୍ଯ୍ୟ ଯେ ସାଧନାର ଗତିପଥରେ ପ୍ରକୃତିର ଏହି ନିମ୍ନତର ଅଂଶ ସବୁକୁ ବାହାରକୁ କାଢ଼ି ଆଣିବାକୁ ହେବ ଯେପରିରିକି ସତ୍ତାର ଅନ୍ୟାନ୍ୟ ଅଂଶ ପରି ସେଗୁଡ଼ିକ ମଧ୍ୟ ନିଜର ନିଷ୍ପତ୍ତିମୂଳକ ନିର୍ବାଚନ କରିବେ ଏବଂ ହୁଏତ ରୂପାନ୍ତରକୁ ଗ୍ରହଣ କରିବେ କିମ୍ବା ପ୍ରତ୍ୟାଖ୍ୟାନ କରିବେ। ମୋର ସମସ୍ତ କାମଟି ଏହି ଗତିବୃତ୍ତି ଉପରେହିଁ ନିର୍ଭର କରୁଛି। ଏହି ଯୋଗରେ ଏହାହିଁ ନିଷ୍ପତ୍ତିମୂଳକ ପରୀକ୍ଷା। କାରଣ ଦୈହିକ ଚେତନା ଓ ଭୌତିକ ଜୀବନ କେବେହେଲେ ପରିବର୍ତ୍ତିତ ହୋଇ ପାରିବେ ନାହିଁ ଯଦି ଏହାର ପରିବର୍ତ୍ତନ ନହୁଏ। ପୂର୍ବରୁ ଯାହାକିଛି କରାଯାଇ ଥାଉନା କାହିଁକି, କୌଣସି ଆନ୍ତର ଆଲୋକିତ କରଣ, ଅନୁଭୂତି, ଶକ୍ତି ବା ଆନନ୍ଦ ଆଦିର ଶେଷ ପର୍ଯ୍ୟନ୍ତ କିଛି ବି ମୂଲ୍ୟ ରହିବ ନାହିଁ, ଯଦି ଏହି କାମଟି ସମ୍ପୂର୍ଣ୍ଣ କରାନଯାଏ। ଯଦି କ୍ଷୁଦ୍ର ଓ ବାହ୍ୟ ବ୍ୟକ୍ତିତ୍ୱଟି ନିଜର ଅଜ୍ଞାନମୟ ଓ ସୀମିତ, ସଙ୍କୀର୍ଣ୍ଣ ଓ ନିନ୍ଦନୀୟ ସ୍ୱାର୍ଥପର, ମିଥ୍ୟାପୂର୍ଣ୍ଣ ଓ ନିର୍ବୋଧ ମାନୁଷୀ ଚେତନାକୁ ବଜାୟ ରଖିବା ପାଇଁ ଅଡ଼ିବସେ, ତା'ହେଲେ ତା'ର ଅର୍ଥ ହେବ ଆମର ସମସ୍ତ କର୍ମ ଓ ସାଧନାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା। ଭିତରେ ଏକ ଆଂଶିକ ଓ କ୍ଷଣସ୍ଥାୟୀ ଆଧ୍ୟାତ୍ମିକ ଉନ୍ମୀଳନ ଅଥଚ ବାହ୍ୟ ପ୍ରକୃତିର ବିଧାନରେ କୌଣସି ସତ୍ୟତର ମୌଳିକ ପରିବର୍ତ୍ତନର ଚିହ୍ନ ନାହିଁ, - ପୁରାତନ ଏହି ବ୍ୟର୍ଥ ପ୍ରୟାସର ଆଉ ଏକ ନୂତନ ସଂସ୍କରଣ ନିମନ୍ତେ ନିଜର ସମ୍ମତି ଦେବା ପାଇଁ ମୋର ଆଦୌ କୌଣସି ଆଗ୍ରହ ନାହିଁ। ତେଣୁ କୌଣସି ସାଧକ ଯଦି ତା'ର ଆଚରଣରେ ଏହି ପରିବର୍ତ୍ତନକୁ ଗ୍ରହଣ କରିବା ପାଇଁ ଅସ୍ୱୀକାର କରେ, ବା ଏପରିକି ନିଜର ନିମ୍ନତର ପ୍ରାଣ ସତ୍ତା ଓ ଅଭ୍ୟାସଗତ ବାହ୍ୟ ବ୍ୟକ୍ତିତ୍ୱରେ କୌଣସି ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି ଗ୍ରହଣ କରିବାକୁ ମଧ୍ୟ ଅସ୍ୱୀକାର କରେ ତା'ହେଲେ ମୁଁ ଏହାହିଁ ଧରିନେବି ଯେ କଥାରେ ଯାହା କହୁଥାଉ ନା କାହିଁକି ସେ ମୋତେ ବା ମୋର ଯୋଗକୁ ଗ୍ରହଣ କରିନାହିଁ।

ମୁଁ ଖୁବ୍ ଭଲ ଭାବରେ ଜାଣେ ଯେ ଏହି ପରିବର୍ତ୍ତନ ସହଜ ନୁହେଁ, ଏ ଦିଗରେ ସକ୍ରୀୟ ସଙ୍କଳ୍ପ ସଙ୍ଗେ ସଙ୍ଗେ ଆସେ ନାହିଁ, ତାହା ପ୍ରତିଷ୍ଠିତ କରିବା ଖୁବ୍ କଷ୍ଟସାଧ୍ୟ, ଏପରିକି ପରେ ମଧ୍ୟ ଅଭ୍ୟାସର ପ୍ରବଳଶକ୍ତି ଆଗରେ ସାଧକ ଅନେକ ସମୟରେ ଅସହାୟ ଅନୁଭବ କରେ। ଏହା ଜାଣି ମା' ଏବଂ ମୁଁ ଏଦିଗରେ ସମୟ ଦେବା ପାଇଁ ଯଥେଷ୍ଟ ଧୈର୍ଯ୍ୟ ଦେଖାଇଛୁ ଓ ବର୍ତ୍ତମାନ ମଧ୍ୟ ଦେଖାଉଛୁ ଯେପରିକି ଆମ ଚାରିପାଖରେ ରହିଥିବା ସାଧକମାନଙ୍କ ବାହ୍ୟ ସତ୍ତାରେ ଏ ସମ୍ପର୍କରେ ଯଥାର୍ଥ ମନୋଭାବ ଆସିବ, ରୂପ ନେବ ଓ ଫଳପ୍ରଦ ଭାବରେ କାମ କରିବ। କିନ୍ତୁ କାହା ଭିତରେ ଯଦି ସତ୍ତାର ଏହି ଅଂଶ ଖୁବ୍ ଜିଦ୍‌ଖୋର ହୁଏ ଆତ୍ମ ଆସ୍ଫାଳନ ଓ ଆକ୍ରମଣାତ୍ମକ ଭାବ ନେଇ ନିଜର ଏହିସବୁ ଭାବକୁ ଜାହିର କରେ ଖାଲି ସେତିକି ନୁହେଁ ମନ ଓ ପ୍ରାଣ ଦ୍ୱାରା ଏସବୁକୁ ସମର୍ଥନ କରେ

ଓ ଏହାର ଯଥାର୍ଥ୍ୟ ପ୍ରତିପାଦନ କରେ ଏବଂ ବାତାବରଣ ଭିତରେ ନିଜକୁ ପ୍ରସାରିତ କରିବାକୁ ଚେଷ୍ଟା କରେ ତା' ହେଲେ ଏହାକୁ ଅଲଗା ଓ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରିବାକୁ ହେବ।

ନିମ୍ନ ପ୍ରାଣ ସତ୍ତାରେ ଅସୁବିଧାଟି ହେଲା ଏହା ତଥାପି ନିଜର ପୁରୁଣା ସତ୍ତା ସହ ସୁଦୃଢ଼ ବନ୍ଧନରେ ଆବଦ୍ଧ ଏବଂ ଦିବ୍ୟ ଆଲୋକ ବିରୋଧରେ ବିଦ୍ରୋହରତ; ଏହା କେବଳ ଯେ ମୋ ପାଖରେ, ମା'ଙ୍କ ପାଖରେ ବା କୌଣସି ବୃହତ୍ତର ଦିବ୍ୟ ସତ୍ୟ ପାଖରେ ନିଜର ସମର୍ପଣ କରି ନାହିଁ, ଖାଲି ସେତିକି ନୁହେଁ, ଏପରିକି ଯଥାର୍ଥ ସମର୍ପଣର ଅର୍ଥ କ'ଣ ସେ ସମ୍ପର୍କରେ ଏହାର କୌଣସି ଧାରଣା ନାହିଁ ଓ ଏ ପର୍ଯ୍ୟନ୍ତ ସେ ଦିଗରେ କୌଣସି ଇଚ୍ଛା ନାହିଁ। ଯେତେବେଳେ ନିମ୍ନତର ପ୍ରାଣସତ୍ତା ଏହି ପ୍ରକାର ଏକ ଭାବ ଗ୍ରହଣ କରେ ସେତେବେଳେ ଏହା ନିଜର ପୁରୁଣା ବ୍ୟକ୍ତିତ୍ୱ ଓ ନିମ୍ନ ପ୍ରକୃତିର ଅତୀତର ରୂପସବୁକୁ ସବୁବେଳେ ଜାହିର କରେ ଏବଂ ତାହାରି ଉପରେ ଭିତ୍ତିକରି ଛିଡ଼ା ହେବାକୁ ଚେଷ୍ଟା କରେ। ଯେତେଥର ସେଗୁଡ଼ିକୁ ନିରୁତ୍ସାହିତ କରାଯାଏ ଏହା ପୁଣି ବାରମ୍ବାର ସେଗୁଡ଼ିକୁ ସମର୍ଥନ କରି ଫେରାଇଆଣେ, ସ୍ୱାଧୀନତା ପାଇଁ ନିଜର ଅଧିକାର ଜାହିର କରେ। ଯେଉଁ ସ୍ୱାଧୀନତାର ଅର୍ଥ ହେଲା ଇଚ୍ଛାନୁସାରେ ନିଜର ଅମାର୍ଜିତ, ଅହଂସର୍ବସ୍ୱ ଧାରଣା, କାମନା ବାସନା, କପୋଳକଳ୍ପନା, ଭୁଲ ପ୍ରେରଣା ଓ ଅନ୍ୟାୟ ସୁଯୋଗ ଗ୍ରହଣ ଆଦିକୁ ପ୍ରଶ୍ରୟ ଦେବା ଏବଂ ଅନୁସରଣ କରିବାର ସ୍ୱାଧୀନତା। ଗୋପନଭାବରେ ବା ନାନା କଥା ଛନ୍ଦରେ ଏହା ନିଜ ପ୍ରକୃତିର ଅନୁସରଣ ପାଇଁ ଅଧିକାର ଦାବୀ କରେ ଯାହା ହେଲା ନିଜର ସେହି ଅମାର୍ଜିତ ମାନୁଷୀ ପ୍ରକୃତି। ଏହା ନିଜେ ନିଜ ଭଳି ହେବାର ଅଧିକାର ଦାବି କରିଥାଏ, ଯେଉଁ 'ନିଜ'ଟି ଗଠିତ ହୋଇଥାଏ ସତ୍ତାର ସେହି ଅମାର୍ଜିତ ଅଂଶ ଅନୁରୂପ ମିଥ୍ୟା, ଅଜ୍ଞାନ, ସାମଞ୍ଜସ୍ୟହୀନତାରେ ପରିପୂର୍ଣ୍ଣ ପୁରୁଣା ଅପରିବର୍ତ୍ତିତ ସ୍ୱଭାବ ସବୁରେ। ଏହା ମଧ୍ୟ ଦାବି କରେ, ବା ଯଦି ତତ୍ତ୍ୱରେ ଦାବି ନକରେ ତେବେ କର୍ମରେ ଜାହିର କରେ ଯେ ଏହିସବୁ ଅଶୁଦ୍ଧ ନିମ୍ନଧରଣର ଉପାଦାନସବୁକୁ ନିଜର ବାକ୍ୟ, କର୍ମ ଏବଂ ଆଚରଣରେ ପ୍ରକାଶ କରିବା ପାଇଁ ତା'ର ଅଧିକାର ଅଛି। ଏଗୁଡ଼ିକ ଏହା ସମର୍ଥନ କରେ କଥାର ଚାକଚକ୍ୟ ଦେଇ, ଦାମୀ ରଙ୍ଗରେ ଏଗୁଡ଼ିକୁ ରଞ୍ଜିତ କରି ଏବଂ ଚିନ୍ତନ, କଥନ ଓ ଅନୁଭୂତିର ପୁରାତନ ଅଭ୍ୟାସଗତ ଧାରାସବୁକୁ ଅନିର୍ଦ୍ଦିଷ୍ଟକାଳ ଲାଗି ଦୀର୍ଘ ସ୍ଥାୟୀ ରଖିବାକୁ ଚେଷ୍ଟା କରେ ଏବଂ ନିଜ ଚରିତ୍ରରେ ଯେତେସବୁ ବିକୃତ ଓ ବିକଳାଙ୍ଗ ଜିନିଷ ଥାଏ ସେଗୁଡ଼ିକୁ ଅନନ୍ତକାଳ ଲାଗି ଧରି ରଖିବାକୁ ଯତ୍ନ କରେ। ଏହା ଏପରି କରେ କେତେକ ସମୟରେ ପୂରା ଖୋଲାଖୋଲି ଆତ୍ମଆସ୍ଫାଳନ ଓ ବିଦ୍ରୋହ ଦ୍ୱାରା, ଏହା ବିରୋଧରେ ଯାହାକିଛି କୁହାଯାଏ ବା କରାଯାଏ ସେଗୁଡ଼ିକୁ ଭୁଲ, ଅତ୍ୟାଚାର ଓ ଅନ୍ୟାୟ ବୋଲି ଦୋଷାରୋପ କରିଥାଏ; ଆଉ କେତେକ ସମୟରେ ଏହା ଆତ୍ମ ପ୍ରବଞ୍ଚନା ଓ ଛଳନାର ଆଶ୍ରୟ ନେଇ କଥାରେ ଗୋଟିଏ କଥା କହୁଥିଲା ବେଳେ କାମରେ ସମ୍ପୂର୍ଣ୍ଣ ଭିନ୍ନ କଥାଟି କରେ। ଅନେକ ସମୟରେ ଏହା ନିଜକୁ ଏପରି ପ୍ରବର୍ତ୍ତାଇବାକୁ ଓ ଅନ୍ୟମାନଙ୍କୁ ଏପରି ବୁଝାଇବାକୁ ଚେଷ୍ଟା କରେ ଯେ ଏହିଗୁଡ଼ିକହିଁ ପ୍ରକୃତରେ ଯଥାର୍ଥ ଯୁକ୍ତିବୁଦ୍ଧି ସମ୍ମତ କଥା ଏବଂ ନିଜ ପାଇଁ ବା ସମସ୍ତଙ୍କ ପାଇଁ ଏହାହିଁ ଆଚରଣର ମାର୍ଗ ଏବଂ ଏପରିକି ଯୋଗ ସାଧନାର ଯଥାର୍ଥ ଗତିବୃତ୍ତିର ଏକ ଅଂଶ ବିଶେଷ।

ଯେତେବେଳେ ଏହି ନିମ୍ନତର ପ୍ରାଣସତ୍ତା ଦ୍ୱାରା କର୍ମ ସବୁ ପ୍ରଭାବିତ ହେବା ପାଇଁ ଛାଡ଼ିଦିଆଯାଏ - ଯାହା ସାଧାରଣତଃ ଘଟିଥାଏ ଯେତେବେଳେ ସାଧକ ଏହାର ପ୍ରବର୍ତ୍ତନା, ପରାମର୍ଶ ଓ ଭାବ ସବୁକୁ ସମର୍ଥନ କରେ, ତାହା ନିଜ ପାଇଁ କୌଣସି ଗୋପନ ଛଦ୍ମ ଆବରଣରେ ଢ଼ାଙ୍କି ରଖି ହେଉ ବା ବାହ୍ୟ ପ୍ରକାଶ୍ୟ ଭାବରେ ହେଉ, ସେତେବେଳେ ଏହି ନିମ୍ନତର ପ୍ରାଣସତ୍ତାହିଁ ସାଧକର ଅଧିକାଂଶ କଥା ଓ ଆଚରଣକୁ ଚାଳିତ କରେ ଏବଂ ଏହା ବିରୋଧରେ ସେ କୌଣସି ଦୃଢ଼ ପ୍ରତିରୋଧ କରେ ନାହିଁ। ସେ ଯଦି ନିଜ ପାଖରେ ସ୍ପଷ୍ଟ ହୋଇଥାଏ ଓ ମା'ଙ୍କ ପ୍ରତି ସରଳ ନିଷ୍କପଟ ଭାବ ରଖିଥାଏ, ତା' ହେଲେ ସେ ଏହି ବାଧାବିଘ୍ନଗୁଡ଼ିକର ମୂଳଉତ୍ସ ଓ ଚରିତ୍ର ସବୁ ଚିହ୍ନି ପାରିବାକୁ ଆରମ୍ଭ କରିବ ଏବଂ ଶୀଘ୍ର ଏଗୁଡ଼ିକ ସଂଶୋଧନ ଓ ପରିବର୍ତ୍ତନ କରିବାର ସିଧା ରାସ୍ତା ଗ୍ରହଣ କରିବ। କିନ୍ତୁ ବିରୋଧିଶକ୍ତିମାନଙ୍କର ପ୍ରଭାବାଧିନ ହୋଇ ରହିଥିଲା ବେଳେ ସେପରି କରିବା ପାଇଁ ସେ ବାରମ୍ବାର ଅସ୍ୱୀକାର କରେ, ଏହି ସବୁ ଗତିବୃତ୍ତିଗୁଡ଼ିକ ସେ ଯେକୌଣସି ପ୍ରକାର ଗୋପନୀୟତା, ଅସ୍ୱୀକାର, ଯଥାର୍ଥ୍ୟ ପ୍ରତିପାଦନ ଓ ନାନା ଆଳର ଆଶ୍ରୟ ନେଇ ଲୁଚାଇ ରଖିବାକୁ ପସନ୍ଦ କରେ।

ପ୍ରକୃତି ଭିତରେ ଏହି ପ୍ରତିରୋଧସବୁ କେତେକ ବିଶେଷ ସୁନିର୍ଦ୍ଦିଷ୍ଟ ରୂପ ନେଇଥାଏ ଯାହାକି ବିଭ୍ରାନ୍ତିକୁ ଏବଂ ରୂପାନ୍ତର ପଥରେ ବାଧାବିଘ୍ନକୁ ଆହୁରି ବଢ଼ାଇ ଦିଏ। ପ୍ରତିରୋଧର ଏହିସବୁ ରୂପମାନଙ୍କ ଭିତରେ ଏଠାରେ କେତେଗୁଡ଼ିକର ମୋଟାମୋଟି ନକ୍ସା ଦେବା ଆବଶ୍ୟକ, କାରଣ କେତେକଙ୍କ ଭିତରେ କମ୍ ପରିମାଣରେ ଏବଂ ଆଉ କେତେକଙ୍କ ଭିତରେ ବେଶି ପରିମାଣରେ ଏଗୁଡ଼ିକ ଯଥେଷ୍ଟ ସାଧାରଣ ଭାବରେ ଦେଖା ଦେଉଛନ୍ତି; ତେଣୁ ଏହାର ରୂପକୁ ଦୃଢ଼ ଓ ସ୍ପଷ୍ଟ

ଭାବରେ ଖୋଲି ପଦାରେ ପକାଇ ଦେବା ଆବଶ୍ୟକ।

୧. **ଏକ ପ୍ରକାର ବୃଥା ବଡ଼ିମା ଓ ଅହଙ୍କାରର ଆସ୍ଫାଳନ ଏବଂ ନିଜକୁ ଜାହିର କରୁଥିବା ଏକ ରାଜସିକ ଉଦ୍ଧଟତା।** ଏହି କ୍ଷୁଦ୍ରତର ପ୍ରାଣସତ୍ତା ଭିତରେ - ଯେଉଁମାନଙ୍କର ସତ୍ତାର ଏହି ଅଂଶରେ ଉଲ୍ଲେଖଯୋଗ୍ୟ ସାମର୍ଥ୍ୟ ଥାଏ, ସେମାନଙ୍କ ଭିତରେ ଏହା ହେଉଛି ସେହିସବୁ ପ୍ରାଣିକ ଶକ୍ତି ଏବଂ ନେତୃତ୍ୱ ନେବାର ଓ କର୍ତ୍ତୃତ୍ୱ ବିସ୍ତାର କରିବା ଶକ୍ତିର ଏକ ବିକୃତ ରୂପ ଯେଉଁ ଶକ୍ତି ସେମାନଙ୍କୁ ମିଳିଥାଏ ଉଚ୍ଚତର ପ୍ରାଣ ସତ୍ତାରେ ରହିଥିବା କେତେକ ଗୁଣରୁ। ଏହା ସଙ୍ଗରେ ରହିଥାଏ ଏକ ବିରାଟ ଆତ୍ମାଭିମାନ ଯାହା ଫଳରେ ନିଜକୁ ଏକବଡ଼ ମଣିଷ ବୋଲି ଦେଖାଇବାର ପ୍ରୟୋଜନ ହୁଏ ଏବଂ ସେ ଯେକୌଣସି ଉପାୟରେ ନିଜର ଆସନ ଓ ପଦମର୍ଯ୍ୟାଦା ବଜାଇ ରଖିବାକୁ ତତ୍ପର ହୁଏ, ଏପରିକି ଅନ୍ୟମାନଙ୍କ ଆଗରେ ନିଜର ବଡ଼ାଣି କାଢ଼ି ସେମାନଙ୍କୁ ପ୍ରଭାବିତ ଓ ନିୟନ୍ତ୍ରିତ ବା ତଥାକଥିତ 'ସାହାଯ୍ୟ' କରିବାକୁ ଆଗେଇ ଆସେ। ଦାବି କରେ ଯେ ଜଣେ ଉଚ୍ଚତର ସାଧକ ହିସାବରେ ତାହାର ଏହି ଭୂମିକା ରହିଛି ଏବଂ ଅଧିକତର ଜ୍ଞାନ ଓ ଗୂଢ଼ ଅତିନ୍ଦ୍ରିୟ ଶକ୍ତିର ସେ ଅଧିକାରୀ। ସ୍ୱୟଂ ବୃହତ୍ତର ପ୍ରାଣସତ୍ତାକୁ ମଧ୍ୟ ନିଜ ଶକ୍ତି ସାମର୍ଥ୍ୟସବୁକୁ ସେହି ଦିବ୍ୟ ଶକ୍ତିଙ୍କ ନିକଟରେ ଅର୍ପଣ କରିବାକୁ ହେବ, ଯାହାଙ୍କଠାରୁ ହିଁ ସେଗୁଡ଼ିକ ଆସିଥିଲା ଏବଂ ସେଗୁଡ଼ିକୁ ବ୍ୟବହାର କରିବାକୁ ହେବ କେବଳ ମା'ଙ୍କର ଯନ୍ତ୍ର ହିସାବରେ ତାଙ୍କର ନିର୍ଦ୍ଦେଶ ଅନୁସାରେ। କିନ୍ତୁ ଏହା ଯଦି ନିଜ ଅହଂର ଦାବି ନେଇ କୌଣସି ହସ୍ତକ୍ଷେପ କରେ ଏବଂ ମା' ଓ ତାଙ୍କ କାମ ଭିତରେ ବା ମା' ଓ ଅନ୍ୟାନ୍ୟ ସାଧକଙ୍କ ଭିତରେ ନିଜକୁ ଛିଡ଼ାକରେ, ତା' ହେଲେ ଏହାର ଯାହା ବି ସ୍ୱାଭାବିକ କ୍ଷମତା ଥାଉନା କାହିଁକି, ଏହା ଯଥାର୍ଥ ପଥରୁ ବିଚ୍ୟୁତ ହୁଏ, କାମଟିରେ ବିଘ୍ନ ଘଟାଏ, ବିରୋଧ ଶକ୍ତି ଓ ଭୁଲ୍ ଗତିବୃତ୍ତିସବୁକୁ ଡାକି ଆଣେ ଏବଂ ଯେଉଁମାନଙ୍କୁ ସାହାଯ୍ୟ କରୁଛି ବୋଲି ଏହା ଭାବୁଥାଏ ସେମାନଙ୍କର ପ୍ରଭୂତ କ୍ଷତି ସାଧନ କରେ। ଯେତେବେଳେ ଏହି ଜିନିଷଗୁଡ଼ିକ ନିମ୍ନତର ପ୍ରାଣିକ ପ୍ରକୃତି ଓ ବାହ୍ୟ ବ୍ୟକ୍ତିତ୍ୱର ସଙ୍କୀର୍ଣ୍ଣତା ଭିତରକୁ ସ୍ଥାନାନ୍ତରିତ ହୁଏ ଏବଂ ଆହୁରି କ୍ଷୁଦ୍ର ଓ ସଙ୍କୀର୍ଣ୍ଣତାର ରୂପ ଗ୍ରହଣ କରେ ସେତେବେଳେ ଏଗୁଡ଼ିକ ସତ୍ୟ ଦୃଷ୍ଟିରୁ ଆହୁରି ଅଧିକତର ଭାବରେ ମିଥ୍ୟାଚାର ପରିପୂର୍ଣ୍ଣ, ଖାପଛଡ଼ା, କିମ୍ଭୂତ କିମାକାର ହୋଇଉଠନ୍ତି ଏବଂ ତହିଁ ସଙ୍ଗେ ସଙ୍ଗେ ଅତ୍ୟନ୍ତ ସାଂଘାତିକ ଭାବରେ କ୍ଷତିକାରକ ହୋଇ ପାରନ୍ତି ଯଦିଓ ଏକ କ୍ଷୁଦ୍ରତର ଖନ୍ଦ (groove)ର ପରିସର ଭିତରେ। ସାଧାରଣ କାମ ପକ୍ଷେ କ୍ଷତିକାରକ ବିରୋଧଶକ୍ତି ସବୁକୁ ଡାକି ଆଣିବା ପାଇଁ ବା ନିଜର ସାଧନାକୁ ସେହିସବୁର ଅବାଞ୍ଛିତ ପ୍ରଭାବ ଆଡ଼କୁ ଖୋଲି ଦେବା ପାଇଁ ଏବଂ କଳୁଷିତ କରିବା ପାଇଁ ଆଉ ଅଧିକ ପ୍ରଶସ୍ତ ବାଟ କିଛି ନାହିଁ। ଏହି ସବୁ ବଡ଼ିମା ଆସ୍ଫାଳନ ଓ ରାଜସିକ ଦୁଷ୍ପ୍ରବୃତ୍ତି ଅଳ୍ପାଳ୍ପ ଭାବରେ ଅଧିକାଂଶ ମଣିଷ ପ୍ରକୃତି ଭିତରେ ରହିଛି। ସେଗୁଡ଼ିକ ଅନ୍ୟାନ୍ୟ ଆକାର ଧାରଣ କରନ୍ତି କିନ୍ତୁ ତା'ହେଲେ ମଧ୍ୟ ଯଥାର୍ଥ ଆଧ୍ୟାତ୍ମିକ ପରିବର୍ତ୍ତନ ଦିଗରେ ବିରାଟ ବିଘ୍ନ ସ୍ୱରୂପ ହୋଇ ଥାଆନ୍ତି।

(୨) **ଅବାଧ୍ୟତା ଓ ଶୃଙ୍ଖଳା ହୀନତା** ସତ୍ତାର ଏହି ନିମ୍ନ ଅଂଶଟି ସବୁବେଳେ ଅବିନ୍ୟସ୍ତ, ଖେୟାଲି, ଉଚ୍ଛୃଙ୍ଖଳ; ଜିଦ୍ ଜିଦ୍‌ଖୋର ଭାବରେ ନିଜ କଥାକୁ ଜାହିର୍ କରେ ଏବଂ ନିଜର ଧାରଣା ଓ ଖିଆଲ ଖୁସି ଛଡ଼ା ଅନ୍ୟ କୌଣସି ନିୟମ ଓ ଶୃଙ୍ଖଳାକୁ ବରଦାସ୍ତ କରିବା ପାଇଁ ସମ୍ପୂର୍ଣ୍ଣ ଅନିଚ୍ଛୁକ। ଏହାର ଏହି ଦୋଷଗୁଡ଼ିକ ଆରମ୍ଭରୁହିଁ ପ୍ରକୃତି ଉପରେ ଉଚ୍ଚତର ପ୍ରାଣସତ୍ତା ଦ୍ୱାରା ଏକ ଯଥାର୍ଥ ନବରୂପାୟନ ମୂଳକ ତପସ୍ୟା ଆରୋପଣ ଉଦ୍ୟମକୁ ବାଧା ଦେଇଥାଏ। ଏହା ଭିତରେ ଅବାଧ୍ୟତା ଓ ଶୃଙ୍ଖଳା ପ୍ରତି ବେଖାତିରର ଏହି ଅଭ୍ୟାସ ଏତେ ଦୃଢ଼ ମୂଳ ହୋଇଥାଏ ଯେ ସବୁବେଳେ ଏହା ଇଚ୍ଛାକୃତ ହେବାର ଆବଶ୍ୟକତା ନାହିଁ, ଏହି ସବୁ ପ୍ରତି ଏହାର ପ୍ରତ୍ୟୁତ୍ତର ହୋଇଥାଏ ତତ୍‌କ୍ଷଣାତ୍, ଦୁର୍ନିବାର ଏବଂ ସହଜାତ। ଏହିପରି ଭାବରେ ମା'ଙ୍କ ପ୍ରତି ବାଧ୍ୟ ଓ ଅନୁଗତ ରହିବାକୁ ବାରମ୍ବାର ପ୍ରତିଶ୍ରୁତି ଦିଆଯାଏ ଓ କୁହାଯାଏ। କିନ୍ତୁ କାର୍ଯ୍ୟରେ ଯେଉଁ ଆଚରଣ କରାହୁଏ ବା ଯେଉଁ ପଥ ଅନୁସରଣ କରାଯାଏ ତାହା ଅଧିକାଂଶ କ୍ଷେତ୍ରରେ ନିଜ ବାକ୍ୟ ଓ ପ୍ରତିଶ୍ରୁତିର ଠିକ୍ ଓଲଟା ହୋଇଥାଏ। ଏହି ଅବିରାମ ଉଚ୍ଛୃଙ୍ଖଳତା ସାଧନା ପାଇଁ ଏକ ମୌଳିକ ବାଧା ଓ ଅନ୍ୟମାନଙ୍କ ପାଇଁ ଏକ ଅତ୍ୟନ୍ତ ଅବାଞ୍ଛନୀୟ ଦୃଷ୍ଟାନ୍ତ।

୩. **ଛଳନା ଓ ମିଥ୍ୟା ଭାଷଣ।** ନିମ୍ନ ପ୍ରକୃତିର ଏହା ଏକ ଅତ୍ୟନ୍ତ କ୍ଷତିକାରକ ଅଭ୍ୟାସ। ଯେଉଁମାନେ ସ୍ପଷ୍ଟ ଓ ଅକପଟ ନୁହନ୍ତି ସେମାନେ ମା'ଙ୍କର ସାହାଯ୍ୟରୁ କେବେବି ଲାଭବାନ ହୋଇ ପାରିବେ ନାହିଁ, କାରଣ ସେମାନେ ନିଜେହିଁ ଏହାକୁ ନିଜଠାରୁ ଦୂରେଇ ଦିଅନ୍ତି। ସେମାନଙ୍କ ନିଜର କୌଣସି ପରିବର୍ତ୍ତନ ନହେଲେ ନିମ୍ନତର ପ୍ରାଣିକ ଓ ଦୈହିକ ପ୍ରକୃତି ଭିତରେ ଅତିମାନସ ଆଲୋକ ଓ ସତ୍ୟର କୌଣସି ଅବତରଣ ସେମାନେ ଆଶା କରିବା ବୃଥା। ସେମାନେ ନିଜ ସୃଷ୍ଟ କର୍ଦ୍ଦମ ପଙ୍କରେ ପଡ଼ି ଅଟକି ରହିଥିବେ ଏବଂ ଆଗକୁ ଯାଇ ପାରିବେ ନାହିଁ। ଅନେକ ସମୟରେ ସାଧକ ଭିତରେ ଯାହା ଦେଖାଯାଏ ତାହା କେବଳ ଅତି ରଞ୍ଜନ ବା ପ୍ରକୃତ ସତ୍ୟ ଉପରେ କଳ୍ପନାର କିଛିଟା ସୂକ୍ଷ୍ମ ସୂଚୀଶିଳ୍ପର କାରୁକାର୍ଯ୍ୟ ନୁହେଁ, ଅନେକ କ୍ଷେତ୍ରରେ ତାହା ସତ୍ୟର ସିଧାସଳଖ

ଅସ୍ୱୀକାର, ବିକୃତି ଏବଂ ପ୍ରକୃତ କଥାକୁ ମିଥ୍ୟାର ଆଶ୍ରୟ ନେଇ ଘୋଡ଼ାଇ ଦେବାର ବା ଗୋପନ ରଖିବାର ଉଦ୍ୟମ। କେତେକ ସମୟରେ ସେ ଏହା କରେ ନିଜର ଅବାଧ୍ୟତାକୁ ବା ଭୁଲ୍ ଓ ସନ୍ଦେହଜନକ କାମଗୁଡ଼ିକୁ ଘୋଡ଼ାଇ ଦୋବା ପାଇଁ, କେତେକ ସମୟରେ ନିଜର ଦୃଷ୍ଟିଭଙ୍ଗୀର ମର୍ଯ୍ୟାଦା ବଜାୟ ରଖିବା ପାଇଁ ଆଉ କେତେକ ସମୟରେ ନିଜର ବାଟ ଧରିବା ପାଇଁ ବା ନିଜର ପସନ୍ଦ ଅନୁଯାୟୀ ଅଭ୍ୟାସ ଓ କାମନା ବାସନା ସବୁରେ ଲିପ୍ତ ହେବା ପାଇଁ। ଅନେକ ସମୟରେ ଯେତେବେଳେ ଜଣକ ଭିତରେ ଏଇ ଧରଣର ପ୍ରାଣିକ ଅଭ୍ଯାସ ଦେଖାଦିଏ, ସେ ନିଜର ଚେତନାକୁ ଆବୃତ ଓ ଆଚ୍ଛାଦିତ କରିଥାଏ, ଏବଂ ସେ କ'ଣ କହୁଛି ବା କ'ର କରୁଛି ସେ ସବୁର ମିଥ୍ୟାଚାରକୁ କେବେବି ବୁଝିପାରେ ନାହିଁ, କିନ୍ତୁ ସେ ଯାହା କରୁଥାଏ ବା କହୁଥାଏ ତା'ର ଅଧିକାଂଶ କ୍ଷେତ୍ରରେ ଏପରିକି ଏଇ ଧରଣର ବୁଝି ନପାରିବାର କାରଣ ଆରୋପ କରି ଛାଡ଼ିଦେବା ମଧ୍ୟ ଅସମ୍ଭବ।

**୪. ଆତ୍ମପକ୍ଷର ସମର୍ଥନ ଏକ ବିପଜ୍ଜନକ ଅଭ୍ୟାସ।** ଯେତେବେଳେ ସାଧକ ଭିତରେ ଏହି ଭାବଟି ପ୍ରବଳ ହୋଇ ଉଠେ, ସେତେବେଳେ ତା'ର ସତ୍ତାର ଏହି ଅଂଶରେ ତାହାକୁ ଯଥାର୍ଥ ଚେତନା ଓ କର୍ମ ଆଡ଼କୁ ଫେରାଇବା ଅସମ୍ଭବ। କାରଣ ପ୍ରତିଟି ପଦକ୍ଷେପରେ ତା'ର ସମସ୍ତ ମନଯୋଗ ରହିଥାଏ ନିଜକୁ ସମର୍ଥନ କରିବା; ନିଜ ଆଚରଣର ଯଥାର୍ଥ୍ୟ ପ୍ରତିପାଦନ କରିବା ପାଇଁ ନିଜର ଧାରଣା, ନିଜର ଦୃଷ୍ଟିଭଙ୍ଗୀ ବା ନିଜର ଆଚରଣକୁ ସମର୍ଥନ ଓ ପୋଷଣ କରିବା ପାଇଁ ତା'ର ମନ ତତ୍କ୍ଷଣାତ୍ ଛୁଟିଯାଏ। ସେ ଏହା କରିବାକୁ ତତ୍ପର ହୁଏ ଯେକୌଣସି ଧରଣର ଯୁକ୍ତି ବାଢ଼ି ଏପରିକି କେତେକ ସମୟରେ ସବୁଠୁ ଆବୁରୁ ଜାବୁରୁ, ନିର୍ବୋଧ ଓ ସଙ୍ଗତିହୀନ ଯୁକ୍ତି ଦେଖାଇ, ଯେଉଁ ବିଷୟରେ ଟିକକ ଆଗରୁ ପ୍ରତିବାଦ କରୁଥିଲା ସେଗୁଡ଼ିକୁ ସମର୍ଥନ କରେ; ଯେକୌଣସି ପ୍ରକାର ଭୁଲ୍ କଥା କହିବାକୁ ବା ଅନ୍ୟ ଉପାୟ ଓ କୌଶଳ ନେବା ପାଇଁ ସେ ତତ୍ପର ହୁଏ। ଏହା ଚିନ୍ତନଶୀଳ ମନର ଏକ ସଚରାଚର ସାଧାରଣ ଅପବ୍ୟବହାର କିନ୍ତୁ ଏହା ଏକ ଅପବ୍ୟବହାରହିଁ; ତା' ଭିତରେ ଏହାର ଏକ ଅତିକାୟ ଅନୁପାତ ନେଇହିଁ ଦେଖାଦିଏ ଏବଂ ଯେତେଦିନ ପର୍ଯ୍ୟନ୍ତ ସେ ଏହି ଭାବ ପୋଷଣ କରିଥିବ ତା' ପାଇଁ ସତ୍ୟକୁ ଉପଲବ୍ଧି କରିବା, ତହିଁରେ ବାସ କରିବା ସମ୍ପୂର୍ଣ୍ଣ ଅସମ୍ଭବ।

ପ୍ରକୃତିର ଏହିସବୁ ବାଧାବିଘ୍ନ ସ୍ୱରୂପ ଯାହା ହେଉନା କାହିଁକି, ସେଗୁଡ଼ିକୁ ଦୂର କରିବାର ପ୍ରକ୍ରିୟା ଯେତେ ଦୀର୍ଘ ସମୟ ସାପେକ୍ଷ ବା ବେଦନା ଦାୟକ ହେଉନା କାହିଁକି, ସେଗୁଡ଼ିକ ଶେଷ ପର୍ଯ୍ୟନ୍ତ ସତ୍ୟ ବିରୋଧରେ ଛିଡ଼ା ହୋଇ ପାରିବେ ନାହିଁ ଯଦି ସତ୍ତାର ଏହି ଅଂଶରେ ଯଥାର୍ଥ ମନୋଭାବ, ଆଭିମୁଖ୍ୟ ଓ ପ୍ରଚେଷ୍ଟା ରହିଥାଏ ବା ଆସେ। କିନ୍ତୁ ଯଦି ଜଣେ ସାଧକ ନିଜକୁ ଅଯଥା ଉଚ୍ଚମୂଲ୍ୟ ଦେବାର ବା ନିଜର ଜିଦ୍ ଓ ଇଚ୍ଛା ବଜାୟ ରଖିବାର ଭାବ ପୋଷଣ କରି ବା ତାମସିକ ଜଡ଼ତାକୁ ପ୍ରଶୟ ଦେଇ ଦିବ୍ୟ ଆଲୋକର କ୍ରିୟା ପ୍ରତି ଆଖି ବୁଜିଦିଏ ବା ନିଜ ହୃଦୟକୁ ପଥର କରିଦିଏ, ତା'ହେଲେ ଯେପର୍ଯ୍ୟନ୍ତ ସେ ଏହା କରୁଥିବ ତାହାକୁ କେହି ସାହାଯ୍ୟ କରିପାରିବେ ନାହିଁ। ଦିବ୍ୟ ପରିବର୍ତ୍ତନ ପାଇଁ ସମଗ୍ର ସତ୍ତାର ସମ୍ମତି ଦରକାର, ଏବଂ ଏହି ସମ୍ମତିର ପୂର୍ଣ୍ଣତା ଓ ସାମଗ୍ରିକତାକୁ ନେଇହିଁ ପୂର୍ଣ୍ଣାଙ୍ଗ ସମର୍ପଣ ଗଠିତ। କିନ୍ତୁ ନିମ୍ନତର ପ୍ରାଣ ସତ୍ତାର ଏହି ସମ୍ମତି କେବଳ ଏକ ମାନସିକ ଘୋଷଣା ବା ଏକ କ୍ଷଣସ୍ଥାୟୀ ଆବେଗମୂଳକ ଆନୁଗତ୍ୟ ହେଲେ ଚଳିବ ନାହିଁ, ଏହାକୁ ଏକ ସ୍ଥାୟୀ ମନୋଭାବ ଏବଂ ଧାରାବାହିକ ଓ ଅଟଳ ଅଧ୍ୟବସାୟପୂର୍ଣ୍ଣ କର୍ମରେ ରୂପାନ୍ତରିତ କରିବାକୁ ହେବ।

ଏହି ଯୋଗ କେବଳ ସେହିମାନଙ୍କ ଦ୍ୱାରା ଶେଷପର୍ଯ୍ୟନ୍ତ ସମ୍ପନ୍ନ ହୋଇପାରିବ ଯେଉଁମାନେ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ଆନ୍ତରିକ ଓ ନିଷ୍କାପଟ ହୋଇଥିବେ, ଏବଂ ଭଗବାନଙ୍କ ଭିତରେ ନିଜକୁ ପାଇବା ପାଇଁ ନିଜର କ୍ଷୁଦ୍ର ଅହଂ ଓ ତା'ର ଦାବି ସବୁକୁ ଉଚ୍ଛେଦ ଓ ନିର୍ମୂଳ କରିବା ପାଇଁ ପ୍ରସ୍ତୁତ ହୋଇଥିବେ। ଏକ ଶିଥିଳ ଓ ଖାମ୍‌ଖିଆଲି ଭାବ ନେଇ ଏହି ଯୋଗ କରାଯାଇ ପାରେନା, କାମଟି ଅତ୍ୟନ୍ତ ମହାନ୍, ସୁଉଚ୍ଚ ଓ କଷ୍ଟସାଧ୍ୟ, ନିମ୍ନ ପ୍ରକୃତିରେ ରହିଥିବା ବିରୋଧୀ ଶକ୍ତି ସବୁ ସେମାନଙ୍କର ଦିଗରେ ସାମାନ୍ୟତମ ଅନୁମୋଦନ ଓ କ୍ଷୁଦ୍ରତମ ଉନ୍ମୀଳନର ସୁଯୋଗ ନେବା ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ଏଥିପାଇଁ ଅଭୀପ୍‌ସା ଓ ତପସ୍ୟା ଅତ୍ୟନ୍ତ ନିରବଚ୍ଛିନ୍ନ ଓ ନିବିଡ ହେବା ଆବଶ୍ୟକ। ଏହି ଯୋଗ କେବେହେଲେ କରାଯାଇ ପାରିବ ନାହିଁ ଯଦି ମାନୁଷି ମନର ବିଚାର ସବୁକୁ ଅଧୈର୍ଯ୍ୟ ଓ ଜିଦ୍‌ଖୋର ଭାବରେ ଜାହିର୍ କରାଯାଏ, କିମ୍ବା ସତ୍ତାର ନିମ୍ନତମ ଅଂଶରେ ରହିଥିବା ଦାବୀ, ପ୍ରବୃତ୍ତି ଓ ପ୍ରବଞ୍ଚନା ସବୁରେ ଇଚ୍ଛାକୃତ ଭାବରେ ଲିପ୍ତ ରହିବାକୁ ଛାଡି ଦିଆଯାଏ, ସାଧାରଣତଃ ଯେଉଁ ଗୁଡିକର ଯଥାର୍ଥ୍ୟ ପ୍ରତିପାଦନ କରାଯାଇଥାଏ ମଣିଷ ପ୍ରକୃତିର ନାମ ଦେଇ। ଅଜ୍ଞାନର ଏହିସବୁ ନିମ୍ନତମ ଜିନିଷ ଗୁଡିକୁ ତୁମେ ଯଦି ଦିବ୍ୟ ସତ୍ୟ ସହ ବା ଏପରିକି ସାଧନା ପଥରେ ଅନୁମତି ପାଇବାର ଯୋଗ୍ୟ ଅପେକ୍ଷାକୃତ କମ୍ ସତ୍ୟ ସହ ଏକ ବୋଲି ଧରି ବସିବାକୁ ଜିଦ୍ କର ତା'ହେଲେ ଏ ଯୋଗ କରାଯାଇ ପାରିବ ନାହିଁ। ଏ ଯୋଗ କେବେହେଲେ କରାଯାଇ ପାରିବ ନାହିଁ ତୁମେ ଯଦି ତୁମର ଅତୀତର ବ୍ୟକ୍ତିତ୍ୱକୁ ଓ ତାହାର ସମସ୍ତ

ପୁରୁଣା ମାନସିକ, ପ୍ରାଣିକ, ଦୈହିକ ଗଠନ ଓ ଅଭ୍ୟାସସବୁକୁ ଜାବୁଡି ଧର; ତୁମକୁ ନିରବଚ୍ଛିନ୍ନ ଓ କ୍ରମାଗତ ଭାବରେ ତୁମର ଅତୀତର ବ୍ୟକ୍ତିତ୍ୱକୁ ପଛରେ ଛାଡି ଦେଇ ଆଗେଇ ଯିବାକୁ ହେବ ଏବଂ ସବୁବେଳେ ଉଚ୍ଚରୁ ଉଚ୍ଚତର ଚେତନାର ସ୍ତରରୁହିଁ ସବୁ କିଛି ଦେଖିବାକୁ ହେବ, ସମସ୍ତ କର୍ମ କରିବାକୁ ହେବ ଏବଂ ତହିଁରେ ବାସ କରିବାକୁ ହେବ। ଏହି ଯୋଗ କେବେହେଲେ କରାଯାଇ ପାରିବ ନାହିଁ ତୁମେ ଯଦି ତୁମ ମାନୁଷି ମନ ଓ ପ୍ରାଣିକ ଅହଂ ପାଇଁ ସ୍ୱାଧୀନତାର ଜିଦ୍ ରଖ। ଯେ ପର୍ଯ୍ୟନ୍ତ ଜଣେ ଏକ ସାଧାରଣ ଜୀବନ ଯାପନ କରିଥାଏ, ସେ ଯଦି ସେପରି ଇଚ୍ଛା କରେ ତେବେ ତା'ର ମାନୁଷି ସତ୍ତାର ସମସ୍ତ ଅଂଶ ଗୁଡିକରେ ନିଜ ନିଜ ବାଟରେ ଆପଣାକୁ ପ୍ରକାଶ କରିବାର ଓ ଇଚ୍ଛା ପୂରଣ କରିବାର ସମସ୍ତ ଅଧିକାର ରହିଛି, ସେ ଦିଗରେ ରହିଥିବା, ସମ୍ଭାବ୍ୟ ବିପଦ ଓ ବିପର୍ଯ୍ୟୟ ସବୁର ଦାୟିତ୍ୱ ନିଜ ଉପରକୁ ନେଇ। କିନ୍ତୁ ଯଦି ଏପରି ଏକ ଯୋଗର ପଥରେ ପ୍ରବେଶ କରିବ ଯାହାର ସମଗ୍ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ହେଉଛି ଏହି ସବୁ ମାନୁଷି ଜିନିଷ ସ୍ଥାନରେ ଏକ ବୃହତ୍ତର ଦିବ୍ୟ ସତ୍ୟର ବିଧାନ ଓ ଶକ୍ତିକୁ ସ୍ଥାପନା କରିବା ଏବଂ ଯାହାର ସାଧନ ପ୍ରଣାଳୀର ମୂଳ କେନ୍ଦ୍ର ହେଲା ଭଗବତୀ ଶକ୍ତି ପାଖରେ ପୂର୍ଣ୍ଣ ସମର୍ପଣ ସେତେବେଳେ ଯଦି ଏହି ତଥାକଥିତ ସ୍ୱାଧୀନତାର ଦାବୀ ଜାହିର କରିଚାଲେ ଯାହା ପ୍ରକୃତରେ କେତେକ ଅଜ୍ଞାନମୟ ବିଶ୍ୱ ଶକ୍ତିର ବଶ୍ୟତା ସ୍ୱୀକାର ଛଡା ଅଧିକ କିଛି ନୁହେଁ, ତେବେ ସେ କ୍ଷେତ୍ରରେ ଏହାର ଫଳ ହେବ ଏକ ଅନ୍ଧ ପାରସ୍ପରିକ ବିରୋଧ ଓ ଦ୍ୱନ୍ଦ୍ୱରେ ଲିପ୍ତ ହେବା ଏବଂ ଏକ ଦ୍ୱିଧାଗ୍ରସ୍ତ ଦ୍ୱିବିଧ ଜୀବନ ଯାପନ କରିବାର ଅଧିକାର ଦାବି କରିବା। ଏହି ଯୋଗ କେବେବି କରିହେବ ନାହିଁ ଯଦି ଯେଉଁମାନେ ଏହାର ସାଧକ ବୋଲି ନିଜର ପରିଚୟ ଦିଅନ୍ତି ଅଥଚ ନିଜକୁ ସେହିସବୁ ଅଜ୍ଞାନମୟ ଅପଶକ୍ତିର କେନ୍ଦ୍ର, ଯନ୍ତ୍ର ଓ ପ୍ରବକ୍ତା ହେବା ପାଇଁ ଛାଡି ଦିଅନ୍ତି ଯାହାର ଏକମାତ୍ର କାମ ହେଲା ଏହି ଯୋଗର ସମସ୍ତ ମୂଳନୀତି ଓ ଲକ୍ଷ୍ୟକୁ ବିରୋଧ କରିବା, ଅସ୍ୱୀକାର କରିବା ଏବଂ ତାଚ୍ଛଲ୍ୟ ଓ ବିଦ୍ରୁପ କରିବା। ଗୋଟିଏ ପଟରେ ରହିଛି ଅତିମାନସ ସିଦ୍ଧି, ଅନ୍ୟସବୁ କିଛିକୁ ଆଚ୍ଛନ୍ନ କରି ଦିବ୍ୟ ଅତିମାନସ ଭଗବତ୍ ସତ୍ୟର ଅବତରଣକାରୀ ଶକ୍ତି; ପୃଥିବୀରେ ଆଜି ପର୍ଯ୍ୟନ୍ତ ସିଦ୍ଧ ହୋଇଥିବା ସମସ୍ତ ସତ୍ୟଠାରୁ ଅନେକ ମହାନ ଏକ ଦିବ୍ୟ ସତ୍ୟର ଆଲୋକ ଏବଂ ଶକ୍ତି, ତେଣୁ ମଣିଷର କ୍ଷୁଦ୍ର ମନ ଏବଂ ଯୁକ୍ତି ବୁଦ୍ଧି ଯାହାକୁ ଚିରସ୍ଥାୟୀ ବାସ୍ତବତା ବୋଲି ବିଚାର କରେ ତା'ଠାରୁ ଅନେକ ଉର୍ଦ୍ଧ୍ୱରେ ରହିଛି ଏହି ସତ୍ୟ, ଏହା ଏପରି ଏକ ସତ୍ୟ, ଯାହାର ପ୍ରକୃତ ପ୍ରଣାଳୀ ଏବଂ ଏଠାରେ ତାହାର ବିକାଶର ଧାରାକୁ ମଣିଷର କ୍ଷୁଦ୍ର ମନ ଓ ଯୁକ୍ତି ବୁଦ୍ଧି ନିଜର ସୀମିତ ଉପକରଣ ସବୁ ଦ୍ୱାରା କୌଣସି କଳନା ବା ପ୍ରତ୍ୟକ୍ଷ କରି ପାରିବ ନାହିଁ, ନିଜର ଅର୍ବାଚୀନ ତୁଚ୍ଛ ମନ ଓ ମାପକାଠି ନେଇ ଏହାର ବିଚାର କରିପାରିବ ନାହିଁ, ଏବଂ ସମସ୍ତ ପ୍ରକାର ବିରୋଧ ସତ୍ତ୍ୱେ ଏହି ସତ୍ୟ ଦୈହିକ ଚେତନା ଓ ଭୌତିକ ଜୀବନରେ ନିଜର ପ୍ରକାଶ ଓ ଅଭିବ୍ୟକ୍ତି ପାଇଁ ଚାପ ଦେଉଛି। ଅନ୍ୟ ପଟରେ ରହିଛି ସେହି ନିମ୍ନତର ପ୍ରାଣ ପ୍ରକୃତି ନିଜର ସମସ୍ତ ପ୍ରକାର ଛଳନାପୂର୍ଣ୍ଣ ଦାମ୍ଭିକତା, ଅଜ୍ଞାନତା, ମୂଢ଼ତା ସ୍ଥୂଳବୁଦ୍ଧି ଓ ନିଷ୍ଫଳ ବିକ୍ଷୋଭ ଓ କୋଳାହଳ ସବୁ ନେଇ; ଛିଡା ହୋଇଛି ନିଜକୁ ଆହୁରି ଦୀର୍ଘସ୍ଥାୟୀ କରିବା ପାଇଁ, ଛିଡା ହୋଇଛି ସେହି ଦିବ୍ୟସତ୍ୟର ଅବତରଣକୁ ପ୍ରତିରୋଧ କରିବା ପାଇଁ; ଏହା ଅତିମାନସ ବା ଅତିମାନବ ଚେତନା ଓ ସୃଷ୍ଟିର କୌଣସି ଯଥାର୍ଥ ସତ୍ୟ ବା ବାସ୍ତବ ସମ୍ଭାବନା ଅଛି ବୋଲି ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହେଁ, ଏବଂ ଆହୁରି ଅର୍ଥହୀନ ଭାବରେ ଏହା ଦାବୀ କରୁଛି ଯେ ଯଦି ସେପରି କିଛି ସତ୍ୟ ରହିଥାଏ ତେବେ ତାହା ନିଜର କ୍ଷୁଦ୍ରମାନ ସବୁରିହିଁ ଅନୁରୂପ ହେବା ଉଚିତ ଏବଂ ଯାହାକିଛି ଏହି ସତ୍ୟକୁ ଅପ୍ରମାଣିତ କରିବା ପରି ମନେହୁଏ, ଏହା ସେଗୁଡିକୁ ତୀବ୍ର ଆସକ୍ତିର ସହ ଜାବୁଡି ଧରୁଛି; ଭଗବାନଙ୍କ ଦିବ୍ୟ ଉପସ୍ଥିତିକୁ ଏହା ଅସ୍ୱୀକାର କରୁଛି କାରଣ ଏହା ଜାଣେ ଯେ ସେହି ଦିବ୍ୟ ଉପସ୍ଥିତି ବିନା ଏହି କାମଟି ସମ୍ପନ୍ନ ବା ସମ୍ପୂର୍ଣ୍ଣ ଅସମ୍ଭବ; ଏହା ଉଚ୍ଚ ସ୍ୱରରେ ଘୋଷଣା କରୁଛି ନିଜର ଭାବନା, ବିଚାର, କାମନାବାସନା ସବୁକୁ ଏବଂ ଯେତେବେଳେ ଏଗୁଡିକର ବିରୋଧାଚରଣ କରାଯାଉଛି ତା'ହେଲେ ଏହା ପ୍ରତିଶୋଧ ପରାୟଣ ହୋଇ ଚତୁର୍ଦ୍ଦିଗରେ ନାନାପ୍ରକାର ସନ୍ଦେହ, ଅବିଶ୍ୱା. ଅବଜ୍ଞାପୂର୍ଣ୍ଣ ସମାଲୋଚନା, ବିଦ୍ରୋହ ଓ ବିଶୃଙ୍ଖଳାର ବିଷ ନିକ୍ଷେପ କରୁଛି। ବର୍ତ୍ତମାନ ତୁମ ଆଗରେ ଏହି ଦୁଇଟିହିଁ ଉପସ୍ଥିତ ରହିଛନ୍ତି, ଏବଂ ପ୍ରତ୍ୟେକଙ୍କୁ ଏଥିଭିତରୁ ଗୋଟିକକୁ ବାଛି ନେବାକୁ ହେବ।

କାରଣ ଏହି ବିରୋଧ, ଦିବ୍ୟ ସତ୍ୟ ଆଗରେ ଏହି ନିର୍ବୀର୍ଯ୍ୟ, ନିଷ୍ଫଳ ପ୍ରତିରୋଧ ଓ ବାଧାସୃଷ୍ଟି କେବେହେଲେ ଚିରକାଳ ଲାଗି ତିଷ୍ଠି ନପାରେ। ପ୍ରତ୍ୟେକଙ୍କୁ ଶେଷ ପର୍ଯ୍ୟନ୍ତ ଗୋଟିଏ ପକ୍ଷରେ କିମ୍ବା ଅନ୍ୟ ପକ୍ଷରେ, ସତ୍ୟର ପକ୍ଷରେ କିମ୍ବା ତା'ର ବିପକ୍ଷରେ ଆସି ଛିଡା ହେବାକୁ ହେବ। ନିମ୍ନତର ଅଜ୍ଞାନକୁ ନିରନ୍ତର ଚଳାଇ ରଖିବା ସହ ଅତିମାନସ ସତ୍ୟର ସହାବସ୍ଥାନ ସମ୍ପୂର୍ଣ୍ଣ ଅସମ୍ଭବ, ଏକ ଦ୍ୱିଧାଗ୍ରସ୍ତ ଦୈତ୍ୟ ପ୍ରକୃତିରେ କ୍ରମାଗତ ସନ୍ତୋଷଲାଭ ସହ ଏହାର ଆଦୌ କୌଣସି ସମ୍ପର୍କ ବା ସଙ୍ଗତି ନାହିଁ।

❑❑❑

# ଉଷସ୍ତି ଚକ୍ରାୟଣ

ନଳିନୀକାନ୍ତ ଗୁପ୍ତ

ଚକ୍ରପୁତ୍ର ଉଷସ୍ତି । କିନ୍ତୁ ଚକ୍ରାୟଣର ଅର୍ଥ ଚକ୍ରଚାଳକ ନୁହେଁ ତ ? ଯେପରି ଶକଟଚାଳକ ଶକଟାୟଣ, କମଳସେବୀ କମଳାୟଣ ? ଚକ୍ର, କୁଲାଳର ଚକ୍ର ବା କୁମ୍ଭାରର ଚକ୍ର ହୋଇପାରେ ବା ତନ୍ତୁଚକ୍ର ବା ଚରଖା ହୋଇପାରେ । ଆମ୍ଭେମାନେ ଯେପରି କମ୍ବଳ ପରିହିତ ସାଧୁଙ୍କୁ କହୁ 'କମିଲିଓ୍ୱାଲା', ସେହିପରି କିଛି ହୋଇଥାଇପାରେ ? ଯାହାହେଉ ତାଙ୍କ ସମ୍ବନ୍ଧୀୟ ଗଳ୍ପଟି ହେଲା ଏହି :-

ଉଷସ୍ତି ଚକ୍ରାୟଣଙ୍କ ଦେଶ କୁରୁସ୍ଥାନ ପ୍ରାକୃତିକ ଦୁର୍ଯୋଗରେ ବିଧ୍ୱସ୍ତ ହୋଇଯାଇଛି । ଗୃହହୀନ, ଅନ୍ନହୀନ ହୋଇ ତରୁଣୀ ପତ୍ନୀଙ୍କ ସହ ଭ୍ରମଣରେ ବହିର୍ଗତ ହେଲେ ଋଷି । ଇଭ୍ୟ ନାମକ ଗ୍ରାମରେ ଯାଇ ଉପସ୍ଥିତ ହେଲେ ।

ଦେଖିଲେ ଯେ ସେଠାରେ ଗୋଟିଏ ସ୍ଥାନରେ ଜନୈକ ଗ୍ରାମବାସୀ ଖଇ ଭୋଜନରେ ନିମଗ୍ନ । ଉଷସ୍ତି ଭୟଙ୍କର କ୍ଷୁଧାରେ ଜର୍ଜ୍ଜରିତ ହୋଇ ସେଥିରୁ କିଛି ଭୋଜନ ନିମିତ୍ତ ତାଙ୍କ ପାଖରେ ଭିକ୍ଷା କଲେ । ସେହି ବ୍ୟକ୍ତି ଜଣକ ଉତ୍ତର ଦେଲେ, "ମୋର ଭୋଜନାବଶିଷ୍ଟ (ଉଚ୍ଛିଷ୍ଟ) ଏଇ ଟିକକମାତ୍ର ପାତ୍ରରେ ଲାଗିଛି, ଆଉ ତ କିଛି ନାହିଁ ।'' ଉଷସ୍ତି ଉତ୍ତରରେ କହିଲେ, "ତାହାହିଁ ମୋତେ ଦିଅ ।'' ଗ୍ରାମବାସୀଜଣକ ଯାହା ଦେଲେ ଉଷସ୍ତି ତାହା ଗ୍ରହଣ କଲେ । ସେ ଖାଇସାରିବା ପରେ ଗ୍ରାମବାସୀଜଣକ ପ୍ରଶ୍ନ କଲେ, "ଜଳ ଦରକାର କି ?'' ଉଷସ୍ତି ଉତ୍ତର ଦେଲେ, "ତାହାହେଲେ ତୋର ଯାହା ଉଚ୍ଛିଷ୍ଟ ତାହାହିଁ ପାନ କରିବାକୁ ହେବ ।'' ଗ୍ରାମବାସୀ କହିଲେ, "ଏହି ଯେଉଁ ଖଇ ଆହାର କଲେ, ତାହାହିଁ ଉଚ୍ଛିଷ୍ଟ ।'' ଉଷସ୍ତି ଉତ୍ତର ଦେଲେ, "ତାହା ଆହାର କଲି ପ୍ରାଣ ରକ୍ଷା ନିମିତ୍ତ, ନହେଲେ ବଞ୍ଚି ନ ଥା'ନ୍ତି । ସେଥିପାଇଁ କ'ଣ ତୋ ଉଚ୍ଛିଷ୍ଟ ଜଳ ପାନ କରିବି ?'' ଏହା ନ ହେଲେ ଚଳିବ । ଉଷସ୍ତି କିନ୍ତୁ ସବୁତକ ଖଇ ଖାଇଲେ ନାହିଁ, କିଛି ବଞ୍ଚାଇ ରଖିଲେ ଏବଂ ତାକୁ ନିଜର ସ୍ତ୍ରୀଙ୍କ ପାଖକୁ ନେଇଗଲେ ଏବଂ ତାଙ୍କୁ ଆହାର ନିମିତ୍ତ ଦେଲେ । ସ୍ତ୍ରୀ କିନ୍ତୁ ତାଙ୍କଠାରୁ ଆହୁରି ଚତୁରା ବା ଭାଗ୍ୟବତୀ ଥିଲେ । ଏଥି ମଧ୍ୟରେ ସେ ବେଶ୍ କିଛି ଭିକ୍ଷା କରି ଯୋଗାଡ଼ କରିଥିଲେ, ଆଉ ସ୍ୱାମୀଙ୍କଠାରୁ ଯାହା ପାଇଲେ, ତାହା ସାଇତି ରଖିଲେ । ପରଦିନ ସକାଳୁ ଉଠି ଉଷସ୍ତି ସ୍ତ୍ରୀଙ୍କୁ କହିଲେ, "ଭୟଙ୍କର ଭୋକ ଲାଗୁଛି, ଯଦି କିଛି ମିଳନ୍ତା, ଭୋଜନ କରନ୍ତି, ଭୋଜନ କଲେ ଶରୀରରେ ଜୋର ଆସନ୍ତା, ତାହାହେଲେ ମୁଁ ରାଜସଭାରେ ଯାଇ ଉପସ୍ଥିତ ହୋଇପାରନ୍ତି । ରାଜା ଯଜ୍ଞ କରୁଛନ୍ତି, ମୋତେ ଋତ୍ୱିକରୂପେ ହୁଏତ ବରଣ କରିପାରନ୍ତି ।'' ତାଙ୍କ ପତ୍ନୀ ସହାସ୍ୟେ ସପ୍ରତିଭ ଭାବେ କହିଲେ '' ଏହି ନିଅ ଭୋଜନ କର ।'' ଉଷସ୍ତି ସ୍ତ୍ରୀଙ୍କ କୃପାରୁ ଭୋଜନ ଇତ୍ୟାଦି ସମାପନ କଲେ, ସଜୀବ ଏବଂ ସବଳ ହୋଇ ଉଠିଲେ ଏବଂ ରାଜାଙ୍କ ଯଜ୍ଞସ୍ଥଳକୁ ଯାତ୍ରା କଲେ । ଯଜ୍ଞସ୍ଥଳରେ ପହଞ୍ଚି ଋତ୍ୱିକମାନଙ୍କ ଅର୍ଥାତ୍ ମନ୍ତ୍ରପାଠକାରୀମାନଙ୍କ ଦଳରେ ଯାଇ ଆସନ ଗ୍ରହଣ କଲେ । କିଛି ସମୟ ସ୍ଥିର ହୋଇ ବସି ଶୁଣିଲେ, ତା'ପରେ ପ୍ରସ୍ତୋତାଙ୍କୁ ଡାକି କହିଲେ (ପ୍ରସ୍ତୋତାର ଅର୍ଥ ଯେ ପ୍ରସ୍ତାବନା ବା ଆରମ୍ଭର ମନ୍ତ୍ରପାଠ କରନ୍ତି) :-

"ହେ ପ୍ରସ୍ତୋତା, ଯେଉଁ ଦେବତା ପ୍ରସ୍ତାବନାମନ୍ତ୍ରର ଅଧିକାରୀ, ତାଙ୍କୁ ନ ଜାଣି, ପ୍ରସ୍ତାବନା ମନ୍ତ୍ର ପାଠକଲେ, ମନ୍ତ୍ର-ପାଠକର ମସ୍ତକ ସ୍ଖଳିତ ହୁଏ ।''

ଏହି କଥା ଉଷସ୍ତି ଉଦ୍‌ଗାତାଙ୍କୁ, ଅର୍ଥାତ୍ ଯେ ଉଦ୍‌ଗୀଥ ବା ମଧ୍ୟଭାଗର ମନ୍ତ୍ର ପାଠକରନ୍ତି ତାଙ୍କୁ ବି କହିଲେ :-

"ହେ ଉଦ୍‌ଗାତା, ଉଦ୍‌ଗୀଥ-ମନ୍ତ୍ର ଅଧିଷ୍ଠାତ୍ରୀ ଦେବତାଙ୍କୁ ନ ଜାଣି ଯେ ଉଦ୍‌ଗୀଥ-ମନ୍ତ୍ର ପାଠ କରନ୍ତି, ତାଙ୍କର ମସ୍ତକ ସ୍ଖଳିତ ହୁଏ ।''

ତା'ପରେ ପ୍ରତିହର୍ତ୍ତାଙ୍କୁ ମଧ୍ୟ ଡାକି-ପ୍ରତିହର୍ତ୍ତା ହେଲେ ଯେ ପ୍ରତିହାର ଅର୍ଥାତ୍ ଉପସଂହାରର ମନ୍ତ୍ର ପାଠ କରନ୍ତି, କହିଲେ :-

"ହେ ପ୍ରତିହର୍ତ୍ତା, ପ୍ରତିହାର-ମନ୍ତ୍ରର ଅଧିଷ୍ଠାତ୍ରୀ ଦେବତାଙ୍କୁ ନ ଜାଣି ଯେ ପ୍ରତିହାର-ମନ୍ତ୍ର ପାଠ କରନ୍ତି, ତାଙ୍କର ମଧ୍ୟ ମସ୍ତକ ସ୍ଖଳିତ ହୁଏ ।''

ଉଷସ୍ତିଙ୍କର ଏହି ଉକ୍ତିଚୟକୁ ଉପସ୍ଥିତ ଋତ୍ୱିକଗଣ ନତମସ୍ତକରେ ଗ୍ରହଣ କଲେ ।

ଉଷସ୍ତିଙ୍କର ବିଜ୍ଞତାର ପରିଚୟ ପାଇ ଚମତ୍କୃତ ହୋଇ ଯଜମାନ ଅର୍ଥାତ୍ ଯେ ଯଜ୍ଞର ଆୟୋଜନ କରନ୍ତି, ଯାହାଙ୍କ ନିମିତ୍ତ ଯଜ୍ଞ କରାହୁଏ - ସେ କହିଲେ, "ଭଗବନ୍, ଆପଣ କିଏ ? ଆପଣଙ୍କ ପରିଚୟ କ'ଣ ? ଆପଣଙ୍କୁ ଜାଣିବାକୁ ଇଚ୍ଛା ହେଉଛି ।''

ଉଷସ୍ତି ଉତ୍ତର ଦେଲେ, "ମୁଁ ଚକ୍ରାୟଣ ଉଷସ୍ତି ।" ତତ୍‌କ୍ଷଣାତ୍ ଯଜମାନ କହିଲେ, "ଆପଣଙ୍କୁ ମୁଁ ବହୁତ ଖୋଜୁଛି, ଆପଣଙ୍କର କୌଣସି ସନ୍ଧାନ ନ ପାଇ, ଏହି ଋତ୍ୱିକମାନଙ୍କୁ ବରଣ କରିଛି । ଯାହାହେଉ, ବର୍ତ୍ତମାନ ଆପଣହିଁ ଋତ୍ୱିକମାନଙ୍କର ଭାର ଗ୍ରହଣ କରନ୍ତୁ ।"

ଉଷସ୍ତି କହିଲେ, "ଆଚ୍ଛା, ତାହାହିଁ ହେଉ । ଆଉ ବର୍ତ୍ତମାନ ଏହି ଋର୍ତ୍ତିକଗଣ ମୋର ନିର୍ଦ୍ଦେଶ ଅନୁସାରେ ମନ୍ତ୍ରପାଠ କରନ୍ତୁ ।"

ଏହିପରି ଭାବରେ ଉଷସ୍ତି ଋତ୍ୱିକଗଣଙ୍କର କାର୍ଯ୍ୟଭାର ଗ୍ରହଣ କରିବାକୁ ସ୍ୱୀକାର କଲେ, ତେବେ ତାହା ସଙ୍ଗେ ସଙ୍ଗେ ଏହି ସର୍ତ୍ତଟି ମଧ୍ୟ ଯୋଗକଲେ ଏବଂ ଯଜମାନଙ୍କୁ କହିଲେ, "ତୋର କାର୍ଯ୍ୟଭାର ମୁଁ ଗ୍ରହଣ କଲି, ମାତ୍ର ତୁ ଦକ୍ଷିଣା କଥାଟା ଭୁଲିଯିବୁ ନାହିଁ । ଏମାନଙ୍କୁ(ଋତ୍ୱିକଗଣଙ୍କୁ) ଯେଉଁ ପରିମାଣରେ ଦକ୍ଷିଣା ଦେବୁ, ମୋତେ ଠିକ୍ ସେହି ପରିମାଣରେ ଦକ୍ଷିଣା ଦେବୁ, ତାହାଠାରୁ ମୁଁ ବେଶୀ ଚାହେ ନାହିଁ ।" ଯଜମାନ ଅତି ଆନନ୍ଦରେ ଉଷସ୍ତିଙ୍କର ସର୍ତ୍ତ ଗ୍ରହଣ କଲେ ।

ତା'ପରେ ପ୍ରଥମ ଋତ୍ୱିକ-ପ୍ରସ୍ତୋତା-ଦଣ୍ଡାୟମାନ ହୋଇ ଉଷସ୍ତିଙ୍କୁ ଜିଜ୍ଞାସା କଲେ, "ଭଗବନ୍, ଆପଣ କହିଅଛନ୍ତି ପ୍ରସ୍ତାବର ଦେବତାଙ୍କୁ ନ ଜାଣି ଯେ ପ୍ରସ୍ତାବ-ମନ୍ତ୍ର ପାଠକରେ ତାହାର ମସ୍ତକ ସ୍ଖଳିତ ହୁଏ । ତେବେ ସେହି ଦେବତା କିଏ ?" ଉଷସ୍ତି ଉତ୍ତର ଦେଲେ, "ପ୍ରାଣହି ସେହି ଦେବତା । ପ୍ରାଣ ମଧ୍ୟରୁ ସକଳଙ୍କର ଉତ୍ପତ୍ତି ଓ ପ୍ରାଣ ମଧ୍ୟରେ ସକଳଙ୍କର ବିଲୟ । ପ୍ରାଣହିଁ ହେଲେ ପ୍ରସ୍ତାବର ଦେବତା, ପ୍ରାଣକୁ ନ ଜାଣି ଯେ ପ୍ରସ୍ତାବ-ମନ୍ତ୍ର ପାଠକରେ, ତା'ର ମସ୍ତକ ନିଶ୍ଚୟ ସ୍ଖଳିତ ହେବ ।" ତା'ପରେ ଉଦ୍‌ଗାତା ତାଙ୍କ ନିକଟରେ ଆସି ଉପସ୍ଥିତ ହେଲେ ଏବଂ ତାଙ୍କୁ ପ୍ରଶ୍ନ କଲେ, "ଆପଣ କହିଛନ୍ତି, ଉଦ୍‌ଗୀଥର ଦେବତାଙ୍କୁ ନ ଜାଣି ଯେ ଉଦ୍‌ଗୀଥ-ମନ୍ତ୍ର ପାଠ କରନ୍ତି, ତାଙ୍କର ମସ୍ତକ ସ୍ଖଳିତ ହୁଏ । ଭଗବନ୍, ବର୍ତ୍ତମାନ ସେହି ଦେବତା କିଏ, ମୋତେ କୁହନ୍ତୁ ।" ଉଷସ୍ତି ଉତ୍ତର ଦେଲେ, "ଆଦିତ୍ୟହିଁ ସେହି ଦେବତା ।" ଆଦିତ୍ୟ ଯେତେବେଳେ ଉର୍ଦ୍ଧ୍ୱକୁ ଉଠି ଗମନ କରନ୍ତି, ସକଳ ଦେବତା ତାଙ୍କର ସ୍ତୁତି ଗାନ କରନ୍ତି, ଏହି ଆଦିତ୍ୟହିଁ ଉଦ୍‌ଗୀଥର ଦେବତା । ଆଦିତ୍ୟଙ୍କୁ ନ ଜାଣି ତୁମେ ଯଦି ଉଦ୍‌ଗୀଥ-ମନ୍ତ୍ର ପାଠକର, ତେବେ ମୁଁ ଯାହା କହିଛି, ଠିକ୍ ସେହିପରି ତୁମର ମସ୍ତକ ସ୍ଖଳିତ ହେବ ।" ଶେଷରେ ପ୍ରତିହର୍ତ୍ତା ଋତ୍ୱିକ ଆସି ତାଙ୍କୁ କହିଲେ, "ହେ ଭଗବନ୍, ଆପଣ କହିଛନ୍ତି, ପ୍ରତିହାରର ଦେବତାଙ୍କୁ ନ ଜାଣି ତୁ ଯଦି ପ୍ରତିହାର-କର୍ମ କରୁ, ତେବେ ତୋର ମସ୍ତକ ନିଶ୍ଚୟ ସ୍ଖଳିତ ହେବ । ବର୍ତ୍ତମାନ, ମୁଁ ଜାଣିବାକୁ ଚାହେ କିଏ ସେହି ଦେବତା ?" ଉଷସ୍ତି ଉତ୍ତର ଦେଲେ, "ଅନ୍ନହିଁ ସେହି ଦେବତା । ଏହି ସମସ୍ତ ଜୀବ ଅନ୍ନ ଆହରଣ କରି ଜୀବନ ଧାରଣ କରନ୍ତି, ସେଥିନିମିତ୍ତ ଅନ୍ନ ପ୍ରତିହାରର ଅଧିଷ୍ଠାତ୍ରୀ । ଅନ୍ନକୁ ନ ଜାଣି ଯଦି ତୁ ପ୍ରତିହାର-ମନ୍ତ୍ର ପାଠକରୁ, ତେବେ ତୋର ମସ୍ତକ ସ୍ଖଳିତ ହେବ ।"

ଏଠାରେ ଉଷସ୍ତି ଚିରପରିଚିତ ସେହି ତ୍ରୟିର ଶିକ୍ଷା ଦେଲେ । ତ୍ରୟିର ଅର୍ଥ ପ୍ରାଣ-ମନ-ଦେହ, ଭୂର୍ଭୁବଃସ୍ୱର୍, ଅଥବା ପୃଥିବୀ-ଅନ୍ତରୀକ୍ଷ-ସ୍ୱର୍ଗ । ଆଧାରର ଏହି ତିନୋଟି ସ୍ତର, ଜଗତର ଏହି ତିନୋଟି ଲୋକର ନିର୍ଦ୍ଦେଶ ସେ ଦେଲେ, ଏବଂ ଏହି ତ୍ରୟିର ଅଧିଷ୍ଠାତ୍ରୀ ଦେବତାଙ୍କ ବିଷୟ କହିଲେ । ସକଳଙ୍କ ମଧ୍ୟରେ ପ୍ରଥମ ହେଲେ ପ୍ରାଣରଦେବତା, ଯାବତୀୟ କର୍ମ, ଯାବତୀୟ ଅନୁଷ୍ଠାନରେ,- ଆନ୍ତର ସାଧନ ପର୍ଯ୍ୟନ୍ତ ସର୍ବାଗ୍ରେ ଆବାହନ କରାଯାଏ ବା କରିବାକୁହିଁ ହୁଏ ଏହି ପ୍ରାଣ-ଦେବତାଙ୍କୁ । ଏହି ହେଲେ ସୃଷ୍ଟି କର୍ତ୍ତା, " - ସର୍ବଂ ପ୍ରାଣଂ ଏଜତି ନିଃସୃତମ୍ ।" ପ୍ରାଣ ଯେତେବେଳେ ସ୍ପନ୍ଦିତ, ସେତେବେଳେ ସକଳ ସୃଷ୍ଟିର ଆରମ୍ଭ । ପ୍ରାରମ୍ଭରେ ପ୍ରାଣ-ପ୍ରତିଷ୍ଠା ପ୍ରୟୋଜନ । ଯେତେବେଳେ ଆମ୍ଭେମାନେ ଦେବ-ବିଗ୍ରହର ପୂଜା କରୁ, ସେତେବେଳେ ଅନୁଷ୍ଠାନଟି ଏହି ପ୍ରାଣ-ପ୍ରତିଷ୍ଠା ସହ ଆରମ୍ଭ କରୁ । ଯାହା କେବଳ ମୂର୍ତ୍ତି ତାହା ପ୍ରାଣ-ପ୍ରତିଷ୍ଠା, ପ୍ରାଣର ଅନୁପ୍ରବେଶଦ୍ୱାରା ଜୀବନ୍ତ ଜାଗ୍ରତ ହୋଇଉଠେ । ପ୍ରଥମରେହିଁ ପ୍ରାଣ, ପ୍ରାଣଶକ୍ତି । ତା'ପରେ ଚେତନା, ଜ୍ଞାନ, ଆଲୋକ, ଅର୍ଥାତ୍ ସୂର୍ଯ୍ୟଦେବ, ଆଦିତ୍ୟ, ଆଉ ସାଧାରଣଭାବେ ମନହିଁ ହେଲା ଏହି ଭୂମି । କିନ୍ତୁ ଶକ୍ତି ବି ଯଥେଷ୍ଟ ନୁହେଁ, ଜ୍ଞାନ ବି ଯଥେଷ୍ଟ ନୁହେଁ, ଏହି ଶକ୍ତି, ଏହି ଜ୍ଞାନକୁ ଶରୀରୀ ହେବାକୁ ହେବ, ମୂର୍ତ୍ତ ହେବାକୁ ହେବ, ଜଡ଼କୁ ଆଶ୍ରୟ କରି ଅନ୍ନମୟ ପୃଥିବୀର ଅଙ୍ଗରୂପେ ବାସ୍ତବ ଆକାର ଗ୍ରହଣ କରିବାକୁ ହେବ ।

ଶକ୍ତି, ଜ୍ୟୋତି ଓ ଭୂତି ଏହି ତିନୋଟି ତତ୍ତ୍ୱ ଏବଂ ଏମାନଙ୍କର ଅଧିପତି ତିନୋଟି ଦେବତା ଏବଂ ଏହିମାନଙ୍କ ସମ୍ମିଳନରେ, ମନୁଷ୍ୟର ସର୍ବାଙ୍ଗ ସାର୍ଥକତା ଜାଗ୍ରତଭାବେ ପ୍ରତିଷ୍ଠିତ ହୁଏ।

ଗୋଟିଏ ଲକ୍ଷ୍ୟ କରିବାର କଥା। ଉପନିଷଦର ଋଷିଗଣ ମଝିରେ ମଝିରେ ଭୟ ଦେଖାଉଥିଲେ। ଯଦି କିଛି ନିୟମାନୁଗତ, ସତ୍ୟସଙ୍ଗତ ନ ହୁଏ, ତେବେ କହୁଥିଲେ ତୁମର ମସ୍ତକ କଟିଯିବ। ଆଧ୍ୟାତ୍ମିକ ଅନୁଷ୍ଠାନ ପଥରେ ଯଦି କିଛି ଭୁଲ ବା ତ୍ରୁଟି ହୁଏ ଏବଂ ସେହି ଭୁଲ ତ୍ରୁଟି ସ୍ୱୀକାର ନ କରି ଯଦି ସେହି ଭାବରେ ଆମ୍ଭେମାନେ ଚାଲୁ, ତେବେ ତାହାର ଅର୍ଥ ସତ୍ୟ ବା ଋତ୍‌ର ବିରୁଦ୍ଧରେ ବ୍ୟଭିଚାର, ଏବଂ ଏହି ପ୍ରତ୍ୟବାୟରେହିଁ ମସ୍ତିଷ୍କ-ବିଚ୍ୟୁତିର ସମ୍ଭାବନା ଅଛି। ଜଣେ ଜିଜ୍ଞାସୁ ପକ୍ଷରେ ଏହି ଦୁର୍ଭାଗ୍ୟହିଁ ପ୍ରକୃତରେ ଥରେ ଘଟିଥିଲା- ଶାକଲ୍ୟର ଜୀବନରେ- ସେ ଆଖ୍ୟାୟିକା ଆମ୍ଭେମାନେ ଜାଣୁ। ଆଧୁନିକ ଯୁଗରେ ହୁଏତ ଏହିପରି ଅଘଟଣ ଆମ୍ଭେମାନେ ବାସ୍ତବ ଚକ୍ଷୁରେ ନିଶ୍ଚୟହିଁ ଦେଖୁନାହୁଁ, କିନ୍ତୁ ଏହିପରି କିଛି ଦେଖୁଛୁ, - ମସ୍ତକ -ବିଚ୍ୟୁତିର ପରିବର୍ତ୍ତେ ମସ୍ତିଷ୍କ-ବିକୃତି। ଶ୍ରୀମା କହିଛନ୍ତି, ଆଧ୍ୟାତ୍ମିକ ଶକ୍ତି ହେଲା ଗୋଟିଏ ଅଗ୍ନି ଏବଂ ଅଗ୍ନିସହ ଖେଳିବାରେ ଆନ୍ତରିକତା, ନିଷ୍ଠା ନ ଥିଲେ ଏହି ପ୍ରକାର ବିପଦହିଁ ଦେଖାଦିଏ।

ପରିଶେଷରେ ଏହି ଗଳ୍ପରେ ଅଛି ଗୋଟିଏ ବଡ଼ କୌତୁକକର ବିଷୟ-କୌତୁକକର ଏବଂ ଶିକ୍ଷଣୀୟ। ବର୍ତ୍ତମାନ ତାହା ପ୍ରତି ତୁମ୍ଭମାନଙ୍କର ଦୃଷ୍ଟି ଆକର୍ଷଣ କରୁଛି। ଉଷସ୍ତିଙ୍କର ଉଦାହରଣରେ ଆମ୍ଭେମାନେ ଦେଖିବାକୁ ପାଉ, ଏକ ଦିଗରେ ଯେଉଁ ବ୍ୟକ୍ତି ଋଷି, ଯଥାର୍ଥରେ ବ୍ରହ୍ମଜ୍ଞ ଏବଂ ଶକ୍ତିମାନ, ଅନ୍ୟ ଦିଗରେ ସେହି ବ୍ୟକ୍ତି ଅଶକ୍ତ ଏବଂ ଅସହାୟ। ଅନ୍ତର୍ଜୀବନରେ ସେ ଯେପରି ସମର୍ଥ, ବହିର୍ଜୀବନରେ ସେହିପରି ସେ ଅସମର୍ଥ। ଜୀବନରେ ଏକବାରେ ଭିକ୍ଷୁକ ପର୍ଯ୍ୟାୟରେ ସେ ନିଜକୁ ଖସାଇ ଆଣିଛନ୍ତି, ତାଙ୍କର ପ୍ରତିପଦରେ ପ୍ରୟୋଜନ ଅର୍ଦ୍ଧାଙ୍ଗିନୀର ସାହଚର୍ଯ୍ୟ ଯାହାଙ୍କ ସଂସର୍ଗ ବିନା ଜୀବନ ଧାରଣ ନିମିତ୍ତ ସାମାନ୍ୟ ତଣ୍ଡୁଳ କଣା ମଧ୍ୟ ସଂଗ୍ରହ କରିବା ତାଙ୍କ ପକ୍ଷରେ ଦୁର୍ବିସହ ବ୍ୟାପାର। ଅବଶ୍ୟ ଏହି କଥାରୁ ଏପରି କିଛି ଅନୁମାନ କରିବା ଉଚିତ ନୁହେଁ ବା ଏପରି କିଛିଯୁକ୍ତିସିଦ୍ଧ ହେବ ନାହିଁ ଯେ ଋଷିମାନଙ୍କ ପକ୍ଷରେ ଋଷିପତ୍ନୀଙ୍କର ଏହି ଏକମାତ୍ର ପ୍ରଧାନ ପ୍ରୟୋଜନ ଥିଲା, ଯଦିଓ ଜୀବନ-ସଙ୍ଗିନୀର ଅର୍ଥ ଜୀବନ-ଧାରଣର ସହାୟ ବା ଉପାୟ, ଏବଂ ତାହା କମ୍ ମର୍ଯ୍ୟାଦାର କଥା ନୁହେଁ।

ସେତେବେଳକାର ଜୀବନରେ ଅନେକ କ୍ଷେତ୍ରରେ ବାହ୍ୟ ଜୀବନ ପ୍ରତି ଥିଲା ଗୋଟିଏ ଉଦାସୀନତା। ଏହା ଫଳରେ ବାହ୍ୟ ଜୀବନରେ ଦେଖାଦେଇଥିଲା ଗୋଟିଏ ଦୌର୍ବଲ୍ୟ ଓ ଦୈନ୍ୟ। ହୁଏତ ଏପରି ହେବାର ଅନ୍ୟ କାରଣ ହେଲା, ଆନ୍ତର ଜୀବନ ଉପରେ ଏକାନ୍ତଭାବେ ଅଭିନିବେଶ ବା ଉଦ୍‌ଗତଚିତ୍ତତାର ପ୍ରୟୋଜନ। ଅନ୍ତର୍ଜୀବନ ସଙ୍ଗେ ବାହ୍ୟ ଜୀବନର ସମାନ ସବଳତା ଓ ସାର୍ଥକତା ଚାହିଥିଲେ ଯାଜ୍ଞବଲ୍କଙ୍କ ତୁଲ୍ୟ ଦୁଇଚାରିଜଣ ଋଷି। ଯାଜ୍ଞବଲ୍କ ସ୍ପଷ୍ଟାକ୍ଷରରେ, ଦୃଢ଼କଣ୍ଠରେ, ସର୍ବସମକ୍ଷରେ କହିଥିଲେ ଏହି ମହାବାକ୍ୟ, "ଉଭୟମ୍ ଏବ।" ଅନ୍ତରରେ ରାଜତ୍ୱ ଋଷିମାନଙ୍କର ପ୍ରଥମ ଓ ପ୍ରଧାନ ଲକ୍ଷ୍ୟ ଥିଲା - ଏହାକୁ ସେମାନେ କହୁଥିଲେ ସ୍ୱରାଜ୍ୟସିଦ୍ଧି। ତେବେ ବାହ୍ୟ ଜୀବନରେ ମଧ୍ୟ ଗୋଟିଏ ପରିପୂର୍ଣ୍ଣତା ସେମାନଙ୍କ ଲକ୍ଷ୍ୟର ଏକାନ୍ତ ବହିର୍ଭୁତ ନ ଥିଲା- ଏହାର ନାମ ହେଲା ସାମ୍ରାଜ୍ୟ ସିଦ୍ଧି - ଏହି ସ୍ୱରାଜ୍ୟ ଓ ସାମ୍ରାଜ୍ୟ ଉଭୟକୁ ଗ୍ରହଣ କରି ପୂର୍ଣ୍ଣମାନବର ପୂର୍ଣ୍ଣସିଦ୍ଧି। ❑❑❑

ଲୋକମାନେ ଯଦି କାମକୁ ସେମାନଙ୍କ ନିଜ କାମ ବୋଲି କହିବା ବନ୍ଦ କରିଦିଅନ୍ତେ, ତେବେ ତାହା ଅନେକ ଅସୁବିଧାର ସମାପ୍ତି ଘଟାନ୍ତା। ଏଠାରେ ସବୁ କାମ ଭଗବାନଙ୍କର।

– ଶ୍ରୀମା

# Thoughts from DADA

A Conversation with Dada

17.10.02

***Q:** With my work on physical culture, a happy progress is followed by a period where it seems that there is no progress at all.*

**A:** This happens not only to the physical, but to the other parts of the personality, that is the mind and vital also. You have an experience: the part in which you have the experience seems to be educated and has progressed, but soon a period follows when everything becomes dry and empty. This is because the process of assimilation goes on, the assimilation of the experience you had. What you have gained from it is absorbed in the consciousness and becomes a part of it. When the process of assimilation is going on, one feels that there is no progress at all.

When an experience comes, one becomes overwhelmed by it, and wants to stick onto it and naturally does not want to go ahead; there is a tendency to constantly dwell on the experience. But this experience has come for some purpose. When it is done with, one should go ahead and have new experiences. In the course of sadhana innumerable experiences will come, and we must be prepared to welcome the new ones, while absorbing the past one, in one's stuff.

There is a term, biorhythm – now I do not remember the details – this explains that there are alternately periods with the possibilities of quick progress and seemingly stagnant ones, and there is a formula using which one can find out when one is likely to be in a peak period of progress. One should mark it and within this time make as much progress as possible.

It is the psychic that absorbs the experiences. The psychic takes upon itself the essence of life's experiences and makes it a part of itself. This is how it progresses from life to life. In the course of one's life, it becomes more rich, strong, beautiful, and complete enough to overcome the obstacles of the mind, life and body, and could rule over them and be able to turn their movements towards the Divine, towards The Mother.

Of course, Sri Aurobindo explains the same thing in a powerful way in "The Hour of God".

***Q:** How to overcome the difficulties arising from the subconscious?*

**A:** We have the one method of offering all our thoughts, feelings and actions to Her with a will to be totally surrendered at Her Feet. There is a new word being used these days 'STICKABILITY'. This means to be able to stick on with our aspiration, in spite of all the continued, repeated, contrary suggestions of old habits and nature exhibited by the subconscious and unconscious parts of our being. This alone will carry us nearer to victory.

Once I asked Mother, "Buddha could reach Nirvana within 6 years. Only for one night the "Mara" – the hostile force – troubled him. But in our yoga, it seems there is an unending battle, and above all, we are not budging from our place. The same battle is fought on again and again, and there is the constant harassment from hostility". Mother replied, "Ours is a different path. It is not 'Nirvana' we aim at; transformation is our goal. To arrive at our destination, we have to go a long way, reach every corner of life and conquer it for the Divine. Sincerity is a must to conquer the subconscious. Without

this there is no hope, and we can bring down the victory of the Divine only if we aspire sincerely to surrender ourselves completely. To reach the Divine is the fundamental realiasation from which we start our great Journey. This is our base, but this base is the aim of all other paths. Our starting point is the realisation of the Divine".

Just see how difficult is our way. But our strength lies in relying on Her and surrendering to Her only.

*Q: How to come out of anxiety and tension? I am suffering from it since two years. I have no sound sleep.*

**A:** There are two ways which are complementary to each other. One is outer and other is inner.

The outer way is: (a) take up exercises, like walking. Every morning, start walking according to your capacity, and then increase it to at least one hour; (b) massage oil on your body by yourself – that is self- massage. (c) "Abagahan": if there is a tank, pond or river nearby, go and take a full dip bath; (d) pay attention to your diet: take simple and easily digestible food.

The inner means is one – always remember Mother, and hand over all the responsibilities of your life to Her and constantly pray from the depth of your heart, with a will to surrender everything to Her.

This is the method of Remembrance, Prayer and Surrender.

If we really, sincerely, wish to come out of it, we will come out of this miserable condition of life.

***A Message of Dada's for the 7th All Orissa Adolescent Girls Meet***

The Mother has said so much about the problem of this age group of girls and there is nothing much to add.

They must be integrally educated, they must have good health, and also they must be financially independent.

In our country there are a lot of restrictions on women and girls. Some are good and some bad. They must have freedom but they must be worthy of that freedom. The majority are neutral: whichever way you lead, without questioning, they will follow. A few take the opportunity and make wonderful progress. Some misuse the freedom and go astray.

It is very good that you all are trying to bring the right type of awareness to such a large group of girls in this vulnerable age group. This will have far reaching benefits in their lives and in the life of the society as well.

***A Message of Dada's for the 24th All Orissa Womens Sri Aurobindo Study Circle Conference.***

I am very glad to know that this time, the $24^{th}$ All Orissa Sri Aurobindo Women Study Circle Conference is being organised at Rajgangpur. To awaken the women to this new ideal is the need of the hour and will speed up The Mother's Work of establishing a totally New Consciousness on this earth.Based in this New consciousness women should enter all walks of life.

Indeed The Mother had once remarked if the entire home administration of the country were given to women, they would have done much better than what men are doing presently.

Here I remember a story from a cinema. The news arrived that army would pass over a prosperous village and may create a lot of devastations. The village authorities planned that they would inform the army that mayor of the village was dead and so could not welcome the army. They also announced that the whole management of the village had been given to women. The army entered and found that the mayor was dead and only women were managing the

village.Women handled the situation so efficiently and effectively that the army commandant was pleased enough to grant the village seven years tax-free. This story speaks of the real capacity of the women in administration.

The Mother also spoke of two prevailing temperaments in human nature – a 'masculine' and a 'feminine' temperament.

The masculine temperament has the will to possess. Man is mostly moved by this impulsion, it is natural to his nature.Moreover he lives in the mind.

The feminine temperament has the will to dominate. Women by nature always try to dominate.Nontheless they live in the heart, the emotional being.

These tendencies manifest in the very nature of human love. It does not mean of course that there are no other elements in their nature. Due to the presence of the psychic behind the emotional being, qualities like unmixed affection, selfless selfgiving, gratitude, joy etc are always present and come out from time to time.

Mother also spoke that women unlike men do not know a middle path, they generally go to extremes and can either be too good or too bad.They can either choose to be a devi or a demon.

She also said that women are weaker in strength than men because that is the device of the nature to balance the situation. If women would be stronger than men, then as it is already men are after the women, there would be a lot of imbalance and catastrophe in the society.

She again commented that men may be physically stronger than women, but women by nature has a wonderful capacity to endure much more than men. They have the habit of bearing pain to the maximum than most of the men.

The Mother used to speak of many special qualities of women. But our entire work will be to prepare the human nature, be it of men or women, stressing upon and cultivating the psychic qualities, so that one day it may lead us to the realisation of our inmost being and the great transfiguration for which we aspire.

Men are static in nature while women are dynamic. No body is superior or inferior to the other. They are both equal and will work for the betterment of the society remaining side by side as important partners.

These divisions of men and women will be there as long as there is animalism in man. Nature wants to continue with her creation in the present animal process. But when men will rise above their animalism, then all these differences will go. The New Creation will come in the supramental way, completely different from the present animal process.

The soul has no sex. It is sexless. But sometimes this question comes to us that why should a man's soul always take a man's body and women's soul take a women's body?

The explanation can be given thus : men and women are working under different principles. So, they are specially developing in their own principles and naturally take up the body more suited for their purpose. But when this animal necessity for procreation will be withdrawn, then there should be no difference between a man-soul and a woman-soul and something new could emerge which just now we can not visualise.Creation will continue in non animal process of which we do not know anything now.

Let us therefore keep in view the Goal that The Mother and Sri Aurobindo have placed before us when we are working in this domain.

❑❑❑

# କ୍ରିୟାତ୍ମକ ସମର୍ପଣ

ଶ୍ରୀ ରାମକୃଷ୍ଣ ଦାସ

କ୍ରିୟାତ୍ମକ ରୂପେ ସମସ୍ତ ବସ୍ତୁ ଓ କର୍ମକୁ ସମର୍ପଣ କରିବାକୁ ହୁଏ ଶବ୍ଦରେ, ମନରେ ଏବଂ ଚେତନାରେ। ପ୍ରଥମେ ବ୍ୟକ୍ତି ସଙ୍କଳ୍ପ କରିବ ନିଜର ଯାହାକିଛି ସମସ୍ତ ବସ୍ତୁକୁ ମା'ଙ୍କ ଚରଣରେ ସମର୍ପଣ କରିବାକୁ। ସଙ୍କଳ୍ପର କ୍ରିୟାତ୍ମକ ରୂପ ହେଲା : ଯେପରି ବ୍ୟକ୍ତି ଏମ୍.ଏ. ପଢ଼ିବା ଉଦ୍ଦେଶ୍ୟରେ ରଖି ସ୍କୁଲରେ ପ୍ରବେଶ କରେ। ଏମ୍.ଏ ପଢ଼ିବା ହେଲା ସଙ୍କଳ୍ପ। ଏହି ସଙ୍କଳ୍ପକୁ କାର୍ଯ୍ୟରେ ପରିଣତ ନ କଲେ ତାହା ସିଦ୍ଧ ହୁଏ ନାହିଁ। ସେହିପରି ସମର୍ପଣ କରିବାର ସଙ୍କଳ୍ପ କରିବା ପରେ ଦୈନନ୍ଦିନ କର୍ମକୁ ସମର୍ପଣ କରିବାକୁ ହୁଏ।

**ସମର୍ପଣର ଅର୍ଥ :** ଯେଉଁ ବସ୍ତୁ, ଯେଉଁ କର୍ମକୁ ନିଜର ବୋଲି ମନେକରୁଥିଲ, ତାହାସବୁ ମା'ଙ୍କର ବୋଲି ମାନିନେବା। ମାନିବା ହେଲା ତ୍ରିବିଧ - ଶବ୍ଦରେ, ମନରେ ଓ ଚେତନାରେ। ଶବ୍ଦରେ ମାନିବା ଅର୍ଥ : ଶବ୍ଦରେ କହିଦେଲ, ''ଏହି କର୍ମ ମୁଁ ତୁମ (ଭଗବାନଙ୍କ) ଚରଣରେ ଅର୍ପଣ କରୁଛି'', ''ଏହି ବସ୍ତୁ ମା'ଙ୍କର''। ଶବ୍ଦରେ କହିବାଟା ଏକବାରେ ବାହ୍ୟ ବସ୍ତୁ, କିନ୍ତୁ ଯଦି ଯଥାର୍ଥରେ ସଙ୍କଳ୍ପର ଲକ୍ଷ୍ୟରେ ପହୁଞ୍ଚିବା ଉଦ୍ଦେଶ୍ୟରେ ତାହା କରାହୁଏ, ତେବେ ଏହି ଶବ୍ଦ ଅଭ୍ୟାସ ବଳରେ କେବଳ ଶବ୍ଦ ହୋଇ ନ ରହି, ଏଥିରେ ମନ ମଧ୍ୟ ଯୋଗଦିଏ। ଯେପରି କାହା ଘରକୁ ମିତ୍ର ଆସିଲେ, ସେ ବଗିଚା, ନୂଆଘର ଇତ୍ୟାଦି ମିତ୍ରକୁ ଦେଖାଏ। ମିତ୍ର ପଚାରେ, ''ଏ ଘର କାହାର ?'' ସେ ଉତ୍ତର ଦିଏ, ''ଏ ଘର ତୁମର, ଏ ପରିବାର ତୁମର।'' ଏହା ଏକବାରେ ବାହ୍ୟ ଶବ୍ଦ, ଏଥିରେ ଗଭୀର ଭାବ ବା ସତ୍ୟତା ନଥାଏ। ଏପରି ବାହ୍ୟ ଶବ୍ଦର କୌଣସି ଫଳ ହୁଏ ନାହିଁ। କାରଣ ଏହା ପଶ୍ଚାତ୍‌ରେ ଏହାକୁ ଅତିକ୍ରମ କରି ଆଗକୁ ଯିବାର ସଙ୍କଳ୍ପ ଏବଂ ଅଭୀପ୍ସା ନଥାଏ।

କୌଣସି ସଙ୍ଗୀତ-ବିଦ୍ୟାର୍ଥୀ ନୂତନ ସଙ୍ଗୀତ ଶିକ୍ଷା କରିବା ସମୟରେ ତାହାର ସ୍ୱରଜ୍ଞାନ ନଥାଏ, କେବଳ ବାହ୍ୟ ଶବ୍ଦ ଉଚ୍ଚାରଣ କରେ, କିନ୍ତୁ ତାହାର ପଶ୍ଚାତ୍‌ରେ ସଙ୍କଳ୍ପ ଶକ୍ତି ଥାଏ, ତେଣୁ ସେହି ବାହ୍ୟ ଅଭ୍ୟାସଦ୍ୱାରା ସଙ୍ଗୀତ ପଶ୍ଚାତ୍‌ରେ ଥିବା କଳାରେ ବିଦ୍ୟାର୍ଥୀ ପ୍ରବେଶ କରେ। ସେହି ସଙ୍ଗୀତ ଗାଇଆଳ ପିଲା ପ୍ରତ୍ୟହ ବୋଲନ୍ତି, କିନ୍ତୁ ସେମାନଙ୍କୁ କୌଣସି ସ୍ୱରଜ୍ଞାନ ପ୍ରାପ୍ତ ହୁଏ ନାହିଁ।

ସେହପରି ବସ୍ତୁ ଏବଂ କର୍ମକୁ ପ୍ରଥମେ କେବଳ ବାହ୍ୟ ଶବ୍ଦରେ ସମର୍ପଣ କରାହୁଏ, ଯଥା - ଭୋଜନ, ''ଏହି ବସ୍ତୁ ତୁମ୍ଭରି କୃପାରୁ ପ୍ରାପ୍ତ ହେଲା, ତୁମ୍ଭରି ବସ୍ତୁ ତୁମ୍ଭଙ୍କୁହିଁ ନିବେଦନ କରୁଅଛି।'' ଏହା କେବଳ ଶବ୍ଦ। ଏହା ପଶ୍ଚାତ୍‌ରେ ସଙ୍କଳ୍ପ ଥାଏ, ଏହି ବସ୍ତୁ ପ୍ରକୃତରେ ବ୍ୟକ୍ତି ସମର୍ପଣ କରିବାକୁ ଚାହେଁ, ଉଦ୍ଦେଶ୍ୟ ହେଲା ମନର। ଏଠାରେ କେବଳ ଶବ୍ଦ ରହିଲା ନାହିଁ, ଏଥିସଙ୍ଗେ ସହଯୋଗ ଦେଲା ମନ। ଏହି ସମର୍ପଣ ଯଦି ଇଷ୍ଟ ମୂର୍ତ୍ତିଙ୍କୁ ଧ୍ୟାନ ସହ କରାହୁଏ, ତେବେ ମନକୁ ସାହାଯ୍ୟ ମିଳେ। ଅର୍ଥାତ୍ - ଖାଦ୍ୟ- ସାମଗ୍ରୀ ସାମନାରେ ରଖି କିମ୍ବା କୌଣସି କର୍ମ ଆରମ୍ଭ କରିବା ପୂର୍ବରୁ ମନକୁ ଏକାଗ୍ର କରି ମା'ଙ୍କୁ ଧ୍ୟାନ କଲେ ମା'ଙ୍କ ମୂର୍ତ୍ତିରେ ମନ ଏକାଗ୍ର ହୁଏ; ଏହି ଅବସ୍ଥାରେ ଯେଉଁ ସମର୍ପଣ ହୁଏ, ତାହା ହୁଏ ମନରେ। ମନ ଆଚରିତ କର୍ମର ପ୍ରଭାବ ଅଧିକ ହୁଏ। ଏହା ଅଭ୍ୟାସ ଦ୍ୱାରା କ୍ରମଶଃ ବୃଦ୍ଧି ପ୍ରାପ୍ତ ହୁଏ ଏବଂ ଅନ୍ତର ଗଭୀରତାରେ ପ୍ରବେଶ କରେ; ଅର୍ଥାତ୍ କର୍ମ କରିବା, ଭୋଜନ କରିବା ପୂର୍ବରୁ ସମର୍ପଣ ଭାବ ଓ ସମର୍ପଣ କରିବାର ପ୍ରବୃତ୍ତି ଆସେ।

ଏହି ସମର୍ପଣ ବୃଦ୍ଧି ପାଇ ଚେତନାରେ ପରିଣତ ହୁଏ। ମନର ସମର୍ପଣ ଯେଉଁ ପର୍ଯ୍ୟନ୍ତ ହେଉଥାଏ, ସେତେବେଳେ ବ୍ୟକ୍ତି ସ୍ୱୟଂ କର୍ମ କରେ, ମା'ଙ୍କୁ ଅର୍ପଣ କରେ। ସେ ଭାବେ, ମୁଁ ମା'ଙ୍କ ସକାଶେ ମା'ଙ୍କ କର୍ମ କରୁଛି ଅଥବା କର୍ମ କରି ମା'ଙ୍କୁ ଅର୍ପଣ କରୁଛି। ଏଥିରେ ବିଚାର ପ୍ରଧାନ। କିନ୍ତୁ ସମର୍ପଣ ଯାହାଙ୍କୁ କରାହୁଏ ତାଙ୍କ ସ୍ମରଣ ବରାବର ରହିଲେ, ଏହା ମନର ସମର୍ପଣ ବୋଲି କୁହାଯାଏ। ପ୍ରଥମରେ ସ୍ମରଣ କମ୍ ହୁଏ, ଅଭ୍ୟାସ କଲେ କ୍ରମଶଃ ବଢ଼େ।

ଚେତନାରେ ସମର୍ପଣ ହେଲେ ବ୍ୟକ୍ତି ଅନୁଭବ କରେ ଯେ ତା' ମଧ୍ୟରେ ମା'ଙ୍କ ଶକ୍ତି କର୍ମ କରୁଅଛି ବା ତା' ମଧ୍ୟରେ ମା' ଭୋଜନ କରୁଅଛନ୍ତି, ସେ କେବଳ ଯନ୍ତ୍ର। ଠିକ୍ ଗୋଟାଏ ସ୍ତରର ସମର୍ପଣ ପୂର୍ଣ୍ଣ ହେଲେ ଅନ୍ୟ ସ୍ତରର ସମର୍ପଣ ଆସେ - ଏପରି ନୁହେଁ। ଏହି ତିନି ପ୍ରକାରର

ସମର୍ପଣ ଏକ ସଙ୍ଗେ ଚାଲେ। ସାଧକ ସାଧନାରେ କିଛି ଅଗ୍ରସର ହେବା ପରେ ତା'ର ଚେତନା କେବେ ଉନ୍ନତ ହୁଏ, ପୁଣି କେବେ ହ୍ରାସ ହୁଏ, ଏହି ଉଭୟ ଅବସ୍ଥାର ମଧ୍ୟଦେଇ ତାକୁ ଗତି କରିବାକୁ ହୁଏ। କେତେବେଳେ ସେ ମନରେ ଏବଂ ଚେତନାରେ ସମର୍ପଣ ଅନୁଭବ କରେ। ଯେତେବେଳେ ଚେତନା ଅବନତ ହୁଏ ସେତେବେଳେ କେବଳ ଶବ୍ଦରେ ସମର୍ପଣ କରା ହୋଇଥାଏ। ଅଭ୍ୟାସ ଓ ଅଧ୍ୟବସାୟ ଫଳରେ ଏହିପରି ବିଭିନ୍ନ ଅବସ୍ଥା ଦେଇ ସେ ଲକ୍ଷ୍ୟରେ ପହଞ୍ଚେ।

ଧ୍ୟାନ ସହିତ ସମର୍ପଣ କରିବା ଉତ୍ତମ। ଏହିପରି କରିବା ଦ୍ୱାରା ସମର୍ପଣ ଧୀରେ ଧୀରେ ଚେତନାରେ କ୍ରିୟାଶୀଳ ହୁଏ। ଏହି ରାସ୍ତା ବହୁଦୀର୍ଘ; ଦିନକରେ, ମାସକରେ ବା ବର୍ଷକରେ ସମ୍ପୂର୍ଣ୍ଣ ହୁଏ ନାହିଁ; ବହୁବର୍ଷ ଅଭ୍ୟାସ କରିବାକୁ ହୁଏ। କିନ୍ତୁ ଅଭ୍ୟାସ ଆରମ୍ଭରୁ ବହୁ ଆଶ୍ଚର୍ଯ୍ୟଜନକ ଅନୁଭୂତି ଆସେ। ସାଧକକୁ ବହୁତ ଆନନ୍ଦ ମଧ୍ୟ ପ୍ରାପ୍ତ ହୁଏ। ଏପରିକି ଏହି ସାଧନା ଦ୍ୱାରା ତା'ର ସମସ୍ତ କର୍ମ ଉନ୍ନତ, ଶୃଙ୍ଖଳିତ ଏବଂ ଶୁଦ୍ଧ ହେବାକୁ ଆରମ୍ଭ ହୁଏ। ତା'ମଧ୍ୟରେ ଥିବା ସୁପ୍ତ ଶକ୍ତି ସବୁ କ୍ରମଶଃ ଜାଗ୍ରତ ହୁଅନ୍ତି। ବୁଦ୍ଧି ବିକଶିତ ହୁଏ, ଶୁଦ୍ଧ ହୁଏ, ପ୍ରାଣ ଯଥାର୍ଥ ମାର୍ଗରେ ପୂର୍ବାପେକ୍ଷା ଅଧିକ କର୍ମ କରିପାରେ। ଆତ୍ମା ଜାଗ୍ରତ ହୋଇ ମନୁଷ୍ୟକୁ ସତ୍ୟ-ମାର୍ଗରେ ପରିଚାଳିତ କରେ। ଜ୍ଞାନ, ଭକ୍ତି, ଶାନ୍ତି, ସମତା, ମା'ଙ୍କ ପ୍ରତି ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା କ୍ରମଶଃ ବୃଦ୍ଧି ପ୍ରାପ୍ତ ହୁଏ, ଅଭୀପ୍ସାଗ୍ନି ପ୍ରଜ୍ୱଳିତ ହୋଇଉଠେ।

ଏହା ସଙ୍ଗରେ ମନକୁ ଏକାଗ୍ର କରିବା ସକାଶେ ମଧ୍ୟ ଧ୍ୟାନ ଆବଶ୍ୟକ। ସମର୍ପଣ ଦ୍ୱାରା ଧ୍ୟାନ ବୃଦ୍ଧି ହୁଏ, ଧ୍ୟାନଦ୍ୱାରା ସମର୍ପଣ ଆନ୍ତରିକ ହୁଏ। ସମର୍ପଣ କ୍ରମ ପ୍ରଥମେ ଶବ୍ଦରେ, ଦ୍ୱିତୀୟରେ ମନରେ, ତୃତୀୟରେ ଚେତନାରେ ଆସିଥାଏ। ଶେଷରେ ଚେତନାରେ ଯେତେବେଳେ ସମର୍ପଣ ହୁଏ ସେତେବଳେ ବ୍ୟକ୍ତି ପ୍ରତ୍ୟେକ କର୍ମ କରିବା ସମୟରେ ନିରନ୍ତର ମା'ଙ୍କ ଚେତନା ସହିତ ଏକତ୍ୱ ପ୍ରାପ୍ତ କରିଥାଏ, ଅନ୍ୟ ଶବ୍ଦରେ କହିଲେ ମା'ଙ୍କ ସ୍ମରଣ, ଉଚ୍ଚତର ଶକ୍ତିର କ୍ରିୟା ଇତ୍ୟାଦିରେ ମନ ବିଚରଣ କରୁଥାଏ। ମା'ଙ୍କୁ ବ୍ୟକ୍ତି ଏହି ସକାଶେ ଧ୍ୟାନ ଏବଂ ସମର୍ପଣ କରନ୍ତି। ମା' ଅତିମାନସ ଶକ୍ତିକୁ ଧାରଣ କରି ରୂପାନ୍ତର କ୍ରିୟା କରୁଅଛନ୍ତି, ଭଗବାନଙ୍କ ସହିତ ସମସ୍ତ ସତ୍ତାରେ ଏକ ହୋଇଅଛନ୍ତି। ମା'ଙ୍କୁ ସମର୍ପଣ କରିବା ଦ୍ୱାରା ତାଙ୍କ ସହିତ ଚେତନାର ସଂସ୍ପର୍ଶ ହୁଏ, ଏଣୁ ଅତିମାନସ ଶକ୍ତି ସାଧକ ମଧ୍ୟରେ କ୍ରିୟା କରିବାକୁ ଆରମ୍ଭ କରେ। ଏହି ଯୋଗରେ ରୂପାନ୍ତର-ସିଦ୍ଧି ହୁଏ ଅତିମାନସ ଶକ୍ତିଦ୍ୱାରା। ମା'ଙ୍କୁ ଧ୍ୟାନ କରିବାଦ୍ୱାରା ଅତିମାନସ ଶକ୍ତି ସହିତ ସ୍ୱାଭାବିକରୂପେ ଏକତ୍ୱ ପ୍ରାପ୍ତ ହୁଏ। ତା'ଛଡ଼ା ମା' ଏହି ରୂପାନ୍ତର କାର୍ଯ୍ୟ କରିବାକୁ ଏହି ପୃଥିବୀକୁ ଆସିଅଛନ୍ତି। ମନୁଷ୍ୟ ଯଦି କାଷ୍ଠ, ପାଷାଣ ପ୍ରତିମାରେ ଭଗବତ୍ କଳ୍ପନା କରିପାରେ, ତେବେ ଯେଉଁ ମା' ସାକ୍ଷାତ୍‌ରେ ଭଗବାନଙ୍କ କ୍ରିୟାଶକ୍ତି, ଯାହାଙ୍କ ମଧ୍ୟରେ ଭଗବାନ ଅଭିବ୍ୟକ୍ତ ହୋଇଅଛନ୍ତି, ତାଙ୍କୁ ଭାଗବତୀ ଶକ୍ତିରୂପେ ଧାରଣା କରିବା କଷ୍ଟକର ହେବ କାହିଁକି ? ❑❑❑

*Message from*

## Amal Kiran (Sri K.D.Sethna)

13.03.03



*"Deconcentrate from everything to Sri Aurobindo."*

# ପ୍ରସ୍ତୁତି ଆବଶ୍ୟକ

ପ୍ରପତ୍ତି

ପୃଥିବୀର ଯେଉଁ ମୁହୂର୍ତ୍ତରେ ଆମ୍ଭେମାନେ ବାସ କରୁଛେ, ତାହା ଯେତେ ପରିମାଣରେ ଅଶୁଭକର, ତାହା ଅପେକ୍ଷା ବେଶୀ ପରିମାଣରେ ଶୁଭକର, ମଙ୍ଗଳମୟ ଓ ପ୍ରକାଶୋନ୍ମୁଖ ସତ୍ୟର ଅଭିବ୍ୟକ୍ତିର ପୂର୍ବ ମୁହୂର୍ତ୍ତ। ଏହାକୁ ହିଁ ଶ୍ରୀଅରବିନ୍ଦ କହିଛନ୍ତି 'ଦେବ ମୁହୂର୍ତ୍ତ' - ଏହି 'ମୁହୂର୍ତ୍ତରେ' ମନୁଷ୍ୟ ମଧ୍ୟରେ ଭଗବାନହିଁ ସଶରୀରରେ ବିଚରଣ କରନ୍ତି, ତାଙ୍କର ଅମୀୟ ଜ୍ୟୋତିର ଶାଶ୍ୱତ ଧାରା ଜନ-ସମାଜକୁ ପ୍ଲାବିତ କରି ଊର୍ଦ୍ଧ୍ୱାଭିମୁଖୀ କରି ରୂପାନ୍ତରିତ କରିବାକୁ ଚେଷ୍ଟା କରେ। ଏହି ସମ୍ବନ୍ଧରେ ମା' ଗୋଟିଏ ବାଣୀ ଦେଇ ଅଳ୍ପଦିନ ତଳେ କହିଛନ୍ତି: "The light of Truth is brooding over the world to permeate and mould its future." (ଆଜି) ସତ୍ୟର ଜ୍ୟୋତି ପୃଥିବୀକୁ ଆଚ୍ଛନ୍ନ କରି ରଖିଛି। ଏହାହିଁ ପୃଥିବୀକୁ ପରିପ୍ଲାବିତ କରିବ ଏବଂ ତାହାର ଭବିଷ୍ୟତକୁ ଗଢ଼ିତୋଳିବ। ଏହି ସତ୍ୟର ବହିଃପ୍ରକାଶ ଏବଂ ପ୍ରତିଷ୍ଠା ଏତେ ଆସନ୍ନ ଯେ ପୁରାତନ ସବୁକିଛି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ଚୁରି ଯାଇ ତାହାର ସ୍ଥାନରେ ଗୋଟାଏ ଶୂନ୍ୟତା ସୃଷ୍ଟି ହେଲା ପରି ମନେ ହେଉଛି। କିନ୍ତୁ ଯେଉଁମାନେ ଏ ବିଷୟରେ ଅବଗତ, ଦୃଢ଼ ବିଶ୍ୱାସ ଓ ଶ୍ରଦ୍ଧା ସହ ଏହି ସତ୍ୟକୁ ନିଜ ଜୀବନରେ ରୂପାୟିତ କରି ସାଂସାରିକ ଜୀବନରେ ଏହାକୁ ପ୍ରତିଷ୍ଠା କରିବା ନିମିତ୍ତ ଉଦ୍ୟମଶୀଳ, ଯତ୍ନବାନ ଓ ସକ୍ରିୟ ହୁଅନ୍ତୁ। ଏଥିପାଇଁ ମା' ପଚାରୁଛନ୍ତି, 'Are you ready ?'- 'ତୁମେ କ'ଣ ପ୍ରସ୍ତୁତ ?'

ତେବେ ଏହି ପ୍ରସ୍ତୁତିର ଅର୍ଥ କ'ଣ ? ଏ ବିଷୟରେ ବିଶେଷ କିଛି ନ ଲେଖି ସାମାନ୍ୟ କେତୋଟି ବିଷୟର ଉଲ୍ଲେଖ କରୁଛି। ଭଗବତ୍ କୃପା ଲାଭ ନିମିତ୍ତ କୌଣସି ପ୍ରସ୍ତୁତି ବି ବଡ ନୁହେଁ, କୌଣସି ଉଦ୍ୟମ ବି ପର୍ଯ୍ୟାପ୍ତ ନୁହେଁ। କିନ୍ତୁ ମନୁଷ୍ୟର ସେହି ଉଦ୍ୟମ, ସଙ୍କଳ୍ପ ଓ ଅଭୀପ୍ସାର ମାଧ୍ୟମରେ ଭଗବତ୍ କୃପା ଅବତରଣ କରେ ଏବଂ ବ୍ୟକ୍ତିଗତ ଜୀବନରେ ଏବଂ ସାଂସାରିକ ଜୀବନରେ ନିଜକୁ ପ୍ରତିଷ୍ଠା କରିବାକୁ ସକ୍ଷମ ହୁଏ। ଯେତେବେଳେ ଊର୍ଦ୍ଧ୍ୱଲୋକରୁ ଜ୍ୟୋତି, ଜ୍ଞାନ, ଶକ୍ତି ଓ ଆନନ୍ଦ ଅବତରଣ କରେ ଯଦି ବ୍ୟକ୍ତି ସେଥି ପ୍ରତି ସଜାଗ ନ ଥାଏ, ଯଦି ତାହା ଆଧାର ମଧ୍ୟରେ ପ୍ରତିଷ୍ଠିତ ହେବା ନିମିତ୍ତ ଉପଯୁକ୍ତ ସୁଯୋଗ ନ ପାଏ, ତେବେ ତାହା ଫେରିଯାଏ। ସତ୍ୟ ଓ ଜ୍ୟୋତି ଅବତରଣ କରେ ତାହାର ନିଜସ୍ୱ ଧାରାରେ ଏବଂ ସେହିପରି ତାହାର ନିଜସ୍ୱ ସର୍ତ୍ତ ବା ନିୟମାବଳୀ ଯଦି ପୂର୍ଣ୍ଣ କରା ନ ଯାଏ, ତେବେ ତାହା ପୁନଶ୍ଚ ଫେରିଯାଏ। ସତ୍ୟର ଧାରାରେ ହିଁ ସତ୍ୟ ପ୍ରତିଷ୍ଠିତ ହୁଏ,- ନିମ୍ନତର, ଅନ୍ଧକାରମୟ, ଅଶୁଦ୍ଧ ଓ କର୍ଦ୍ଦମାକ୍ତ ପ୍ରକୃତି ମଧ୍ୟରେ ସତ୍ୟ ପ୍ରତିଷ୍ଠିତ ହୋଇପାରେ ନାହିଁ। ସେଥିପାଇଁ ବାରମ୍ବାର ବ୍ୟକ୍ତିଗତ ଉଦ୍ୟମ, ପ୍ରୟାସ ଓ ପ୍ରଯତ୍ନ ଉପରେ ଜୋର ଦିଆଯାଇଛି, ଯାହା ଫଳରେ ଆଧାରର ପ୍ରସ୍ତୁତି ଘଟିପାରେ।

ଯେଉଁମାନେ ଯଥାର୍ଥରେ ଏହି ସତ୍ୟର ଆଲୋକ ଓ ଶକ୍ତି ଦ୍ୱାରା ସଂଜୀବିତ ହୋଇ ନିଜ ଜୀବନକୁ ନିର୍ଭୟ ଓ ଆନନ୍ଦମୟ କରିବାକୁ ଚାହାନ୍ତି, ସେମାନେ ପ୍ରତ୍ୟହ କିଛି ନା କିଛି କରିବା ଆବଶ୍ୟକ। ମୁଖରେ ନିଜକୁ ଭକ୍ତ ଓ ଅନୁଗତ ବୋଲି କହିବା ଏବଂ ଯଥାର୍ଥରେ ଏକ ଶୁଦ୍ଧ, ଶୁଭ୍ର, ଅଗ୍ନିମୟ ଅଭୀପ୍ସାଦ୍ୱାରା ନିଜକୁ ଆଗେଇ ନେବା ନିମିତ୍ତ ଚେଷ୍ଟା କରିବା ଦୁଇଟି ଭିନ୍ନ କଥା। ସାଧନା ପଥରେ ସର୍ବଦା ଅଭୀପ୍ସା, ସମର୍ପଣ ଓ ପ୍ରତ୍ୟାଖ୍ୟାନ ତିନୋଟି ମହାନ୍ ସୂତ୍ର ରୂପେ କାର୍ଯ୍ୟକାରୀ ହେବା ଆବଶ୍ୟକ। ଏହିସବୁର ବିସ୍ତୃତ ବ୍ୟାଖ୍ୟା "ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା" - ପ୍ରଥମ ଖଣ୍ଡରେ ବର୍ଣ୍ଣିତ ହୋଇଛି ଏବଂ 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ'ରେ ମଧ୍ୟ ଆଲୋଚିତ ହୋଇଛି। ଦୈନନ୍ଦିନ ଜୀବନରେ ନିଶ୍ଚିତଭାବେ କେତେକ ବିଷୟ ଅନୁଷ୍ଠାନରୂପେ କରିବାକୁ ସବୁମତେ ସଙ୍କଳ୍ପ କରିବା ସାଧକର ନିତାନ୍ତ ଆବଶ୍ୟକ।

ପ୍ରଥମତଃ ପ୍ରତ୍ୟହ କିଛି ସମୟ ଅନ୍ତତଃ କୋଡିଏ ମିନିଟ୍‌ରୁ ଅଧଘଣ୍ଟାଏ ଧ୍ୟାନ କରିବା ଆବଶ୍ୟକ। 'ଅଭୀପ୍ସା', 'ସମର୍ପଣ' ଓ 'ତ୍ୟାଗ' ସଙ୍ଗେ ସଙ୍ଗେ ଧ୍ୟାନ ସାଧନାରେ ବିଶେଷ ସହାୟକ ହୁଏ। ଧ୍ୟାନ ଦ୍ୱାରା ଚଞ୍ଚଳ, ବିକ୍ଷୁବ୍ଧ, ଅଶାନ୍ତ, ବିଚଳିତ ମନ କିଛି ସମୟ ପାଇଁ ସ୍ଥିର ହୁଏ, ଏକାଗ୍ର ହୁଏ। ଅବଶ୍ୟ କେହି କେହି କହନ୍ତି ଧ୍ୟାନରେ ବସିବା ମାତ୍ରେ ସେମାନଙ୍କର ମନ ବେଶୀ ଚଞ୍ଚଳ ଓ ଅସ୍ଥିର ହୁଏ। ଧ୍ୟାନର ପ୍ରାଥମିକ ଅବସ୍ଥାରେ ବହୁ ଚିନ୍ତା-ସ୍ରୋତ ମନକୁ ଚଞ୍ଚଳ କରିପାରେ, ମାତ୍ର ଦୃଢ଼ ସଙ୍କଳ୍ପ ଓ ଭଗବତ୍ କୃପାକୁ ଆବାହନ ଦ୍ୱାରା ଧ୍ୟାନ ଗଭୀର ଓ ନୀରବ ହୁଏ ଏବଂ ସତ୍ତାର ବିଭିନ୍ନ ଅଙ୍ଗରେ ଭଗବତ ଶକ୍ତିର କ୍ରିୟା ଅନୁଭୂତ ହୋଇପାରେ।

ଏଥିପାଇଁ କଠୋର ସଙ୍କଳ୍ପ, ଅଭ୍ୟାସ , ଅପ୍ରତିହତ ଚେଷ୍ଟା ଆବଶ୍ୟକ। ପ୍ରତ୍ୟେକ ସାଧକ ପକ୍ଷରେ ଏତକ କରିବା ସର୍ବାଦୌ ଆବଶ୍ୟକ। ଧ୍ୟାନର ସହଜ ଉପାୟ କ'ଣ ଏବଂ କିପରିଭାବେ ଧ୍ୟାନ କରିବାକୁ ହୁଏ ତାହା "ଶ୍ରୀଅରବିନ୍ଦ ପାଠଚକ୍ରର ସଭ୍ୟମାନଙ୍କ ପ୍ରତି" ପୁସ୍ତିକାରେ ପ୍ରାଞ୍ଜଳ ଭାବରେ ବର୍ଣ୍ଣିତ ହୋଇଛି।

ଦ୍ୱିତୀୟତଃ ଶ୍ରୀଅରବିନ୍ଦଙ୍କ ସାଧନା ଓ ଯୋଗ ସମ୍ବନ୍ଧରେ ଶ୍ରୀମା ଶ୍ରୀଅରବିନ୍ଦଙ୍କ ପୁସ୍ତକାବଳୀ ପାଠ କରିବା ନିତାନ୍ତ ଆବଶ୍ୟକ। ଏହି ଗୁଡିକ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅନବଦ୍ୟ ଅଭୂତପୂର୍ବ ଦିବ୍ୟଜ୍ଞାନପୂର୍ଣ୍ଣ ଅଧ୍ୟାତ୍ମ-ରଚନା। ଏହି ପୁସ୍ତକବହୁଳ ଓ ପ୍ରଚାରଯୁଗରେ ଏଗୁଡ଼ିକ କେବଳ ପୁସ୍ତକ ବା ଯୋଗ-ସାହିତ୍ୟ ନୁହେଁ, ବରଂ ଏଥିରେ ନିହିତ ଅଛି ଗୋଟାଏ ଅଧ୍ୟାତ୍ମ-ଶକ୍ତି, ଅଧ୍ୟାତ୍ମ-ସତ୍ୟ, ଅଧ୍ୟାତ୍ମ-ଆଲୋକ, ଏବଂ ଅଧ୍ୟାତ୍ମ-ଦୃଷ୍ଟି। ପ୍ରତ୍ୟେକ ସାଧକ ଏହି 'ଶାସ୍ତ୍ର' ଅଧ୍ୟୟନଦ୍ୱାରା ନିଜ ଜୀବନକୁ କ୍ରମଶଃ ପୂର୍ଣ୍ଣରୂପେ ଗଢ଼ିତୋଳିବାକୁ ଏକ ମହାନ୍ ସହାୟତା ଲାଭ କରିବେ। ସମାଜର ବୁଦ୍ଧିଜୀବୀ, ଲେଖକ, କବି, ସାହିତ୍ୟିକ ଓ ସାଧାରଣ ଶିକ୍ଷିତ ବ୍ୟକ୍ତି, ଛାତ୍ର ଓ ଶିକ୍ଷକଗଣ ଏହି ପୁସ୍ତକ ଓ ରଚନାବଳୀ ପାଠ କଲେ ବହୁଭାବେ ଉପକୃତ ହେବେ। ଯେଉଁମାନେ ପୂର୍ଣ୍ଣଯୋଗର ସୂର୍ଯ୍ୟଦୀପ୍ତ ପଥର ଅନୁଗାମୀ ସେମାନେ ନିୟମିତରୂପେ ପ୍ରତ୍ୟହ ଅତି କମ୍‌ରେ ଅଧ ଘଣ୍ଟାଏ ଏହି ଶାସ୍ତ୍ର ଅଧ୍ୟୟନ କରିବା ଉଚିତ୍।

ତୃତୀୟତଃ ସମର୍ପଣର ଭାବ ସହ ଜୀବନର ପ୍ରତ୍ୟେକ କର୍ମ ଉଦ୍‌ଯାପନ। ସମର୍ପଣ ଶ୍ରୀଅରବିନ୍ଦଙ୍କ ଯୋଗର ସର୍ବପ୍ରଧାନ ସୂତ୍ର, କାରଣ ଏହାରି ମାଧ୍ୟମରେ ହିଁ ଭାଗବତୀ ଶକ୍ତି ବ୍ୟକ୍ତି ଆଧାରରେ ଅବତରଣ କରି ସାଧକର ଭାର ଗ୍ରହଣ କରି ତାର ଜୀବନକୁ ରୂପାନ୍ତରିତ କରନ୍ତି। ନାନା ପ୍ରକାର ମନ୍ତ୍ର, ଯନ୍ତ୍ର, ଯମ, ନିୟମ, ପ୍ରାଣାୟମ ଓ ସିଦ୍ଧି ଦ୍ୱାରା ଯାହା ନ ହୋଇପାରେ ସମର୍ପଣ ଦ୍ୱାରା ତାହା ଅନାୟାସରେ ହୋଇଥାଏ। ଶ୍ରୀଅରବିନ୍ଦଙ୍କ ଯୋଗରେ ସମର୍ପଣ ବ୍ୟତୀତ ସାଧନାର କୌଣସି ଅର୍ଥ ନାହିଁ। ନିଜକୁ ଓ ନିଜର ଯାହା କିଛି ଅଛି, ତାହାକୁ ଭଗବତ ଚରଣରେ ନିଃଶେଷରେ ନିବେଦନ କରିବାକୁ ହେବ। ଯେତେ ଯେତେ ଏହି ସମର୍ପଣ ବଢ଼ିବ, ସେତେବେଶୀ ସାଧକ ଦିବ୍ୟ-ସାନ୍ନିଧ ଓ ଉପସ୍ଥିତି ଅନୁଭବ କରି ପାରିବେ। 'ସମର୍ପଣ'ର ବିସ୍ତୃତ ଓ ସଂକ୍ଷିପ୍ତ ବର୍ଣ୍ଣନା 'ଶ୍ରୀଅରବିନ୍ଦଙ୍କ ଯୋଗ ସାଧନା' ଓ 'ଶ୍ରୀଅରବିନ୍ଦଙ୍କ ପାଠଚକ୍ରର ସଭ୍ୟମାନଙ୍କ ପ୍ରତି' ପୁସ୍ତକରେ ଅଛି।

ଚତୁର୍ଥତଃ ସଂସାର ମାର୍ଗରେ ଭଗବତ୍ କୃପା ଲାଭର ଏକ ପ୍ରଧାନ ଉପାୟ ହେଉଛି ସତ୍‌ସଙ୍ଗ। ସତ୍‌ସଙ୍ଗ ବ୍ୟତିରେକେ ସାଧନା ତ୍ୱରାନ୍ୱିତ ଏବଂ ଦୃଢ଼ ହୁଏ ନାହିଁ। ବିଭିନ୍ନ ସ୍ଥାନରେ ଯେଉଁ ପାଠଚକ୍ରଗୁଡିକ ରହିଛି ତାହା ପ୍ରକୃତରେ ଗୋଟିଏ ଗୋଟିଏ ସତ୍‌ସଙ୍ଗ ଗୋଷ୍ଠୀ।

ଏହିସବୁ ସର୍ତ୍ତଗୁଡିକ ପ୍ରତି ଧ୍ୟାନଦେବା ସଙ୍ଗେ ସଙ୍ଗେ ପ୍ରତ୍ୟେକ ସାଧକ ନିଜର ଅଭୀପ୍ସା, ଆନ୍ତର ନିଷ୍ଠା ଏବଂ ଐକାନ୍ତିକ ଭାବଦ୍ୱାରା ମା'ଙ୍କ ସଙ୍ଗରେ ଗୋଟାଏ ସମ୍ବନ୍ଧ ସ୍ଥାପନ କରିବାକୁ ସକ୍ଷମ ହୁଏ। ଯଦି ଆମ୍ଭେମାନେ ମୁଖରେ କହିବସୁ ଯେ ଆମ୍ଭେମାନେ ମା'ଙ୍କର ସନ୍ତାନ ଏବଂ ମା' ଆମ୍ଭମାନଙ୍କୁ ସକଳ ଦୁଃଖରୁ ଉଦ୍ଧାର କରନ୍ତୁ, ତେବେ ଏହା କେବଳ ଗୋଟାଏ ନିରର୍ଥକ ଓ ନିଷ୍ଫଳ ଦାବୀ ହୋଇଉଠେ। ମା'ଙ୍କର ସନ୍ତାନ ରୂପେ ମା'ଙ୍କ ନିମିତ୍ତ ନିର୍ଦ୍ଦିଷ୍ଟଭାବେ କିଛି କରିବା ଉଚିତ୍। ସେହି ଭାବ ଏକ ମୌଖିକ, ଗୌଣ ଓ ଖିଆଲ ନ ହୋଇ ଅନ୍ତଃସତ୍ତାକୁ ସ୍ପର୍ଶ କରିବା ଉଚିତ୍। ଯେତେବେଳେ ମା'ଙ୍କର ସନ୍ତାନରୂପେ ଆମ୍ଭେମାନେ ଉଦ୍‌ବୁଦ୍ଧ ହେବୁ, ସେତେବେଳେ ଦେଖିବୁ ଯେ ଯେଉଁ କାର୍ଯ୍ୟ ନିମିତ୍ତ ଆମ୍ଭେମାନେ ଉଦ୍‌ଗ୍ରୀବ ଥିଲୁ ତାହା ଯଥାର୍ଥରେ ସମ୍ପାଦିତ ହୋଇଛି। ବ୍ୟକ୍ତି ଓ ଭଗବାନଙ୍କ ମଧ୍ୟରେ ଭଗବାନହିଁ ପ୍ରଥମେ ବ୍ୟକ୍ତି ଆଡକୁ ଅଗ୍ରସର ହୁଅନ୍ତି, ତାକୁ ବରଣ କରନ୍ତି; ବ୍ୟକ୍ତି ନୁହେଁ, କାରଣ ସେ ଅଜ୍ଞାନ ଓ ମୂର୍ଖ। "He who chooses the Infinite has been chosen by the Infinite." "ଯେ ଅନନ୍ତଙ୍କୁ ଚାହେଁ, ଅନନ୍ତ ତାଙ୍କୁ ଆଗରୁ ବାଛିନେଇ ଥାଆନ୍ତି"। ❑❑❑

ପ୍ରଭୁଙ୍କର ଅସୀମ କୃପାବଳରେ ଏପରିକି ଗାଢ଼ତମ ଅନ୍ଧକାର ରାତ୍ରିରେ ବି ଦିବ୍ୟ ଆଲୋକ ଉଦିତ ହୋଇପାରେ।

-ଶ୍ରୀମା

# ନୂତନ ଜଗତର ନିର୍ମାଣରେ ମା'ଙ୍କ ଯନ୍ତ୍ର ହୋଇଉଠିବା

ବିଶ୍ୱମ୍ଭର ସାମନ୍ତ

**ଶ୍ରୀ**ମା'ଙ୍କର ଏକ ବାର୍ତ୍ତା - "Heralding the birth of a new world, we invite all those who want to have a place in it to prepare themselves sincerely for it." ''ଏକ ନୂତନ ଜଗତ ଜନ୍ମନେବାର ଅଗ୍ରୀମ ବାର୍ତ୍ତା ଘୋଷଣା କରି ଆମେ ସେହି ସମସ୍ତଙ୍କୁ ଆମନ୍ତ୍ରଣ ଜଣାଉଛୁ ଯେଉଁମାନେ ଏଥି ନିମନ୍ତେ ନିଜକୁ ଆନ୍ତରିକ ଭାବରେ ପ୍ରସ୍ତୁତ କରି ଏଥିରେ ଏକ ସ୍ଥାନ ଗ୍ରହଣ କରିବା ପାଇଁ ଚାହାନ୍ତି।''

ଆମେ ନିଜକୁ କେତେ ଭାଗ୍ୟବାନ ମନେ କରିବା କଥା ଯେ ସ୍ୱୟଂ ଭଗବତୀ ଦିବ୍ୟଜନନୀ ଆମମାନଙ୍କୁ ସେ ଜନ୍ମ ନେଇଥିବା ଏକ ନୂତନ ଜଗତରେ ବାସ କରିବା ପାଇଁ ଓ ସେଥିପାଇଁ ଆନ୍ତରିକ ଭାବରେ ପ୍ରସ୍ତୁତ ହେବା ପାଇଁ ଆମନ୍ତ୍ରଣ ଜଣାଇଛନ୍ତି। ସୂକ୍ଷ୍ମ ଚେତନାର ସ୍ତରରେ ମନୁଷ୍ୟକୁ ଦିବ୍ୟ ହୋଇ ଉଠିବା ପାଇଁ ଭଗବାନଙ୍କ ତରଫରୁ ସବୁବେଳେ ଏକ ଆହ୍ୱାନ ଥାଏ, ସବୁବେଳେ ତାଙ୍କ ଶକ୍ତିର ଏକ ସୂକ୍ଷ୍ମଚାପ ଥାଏ। ନିଜ ଚେତନାର ଗ୍ରହଣଶୀଳତା ଅନୁଯାୟୀ ମନୁଷ୍ୟ ଧୀର ମନ୍ଥର ଗତିରେ ଜନ୍ମ ପରେ ଜନ୍ମ, ଜୀବନ ପରେ ଜୀବନ ଭିତର ଦେଇ ସେହି ଦିଗରେ ଆଗେଇ ଚାଲିଥାଏ। କିନ୍ତୁ ଏକ ମାନୁଷୀ ଶରୀର ଧାରଣ କରି ସ୍ୱୟଂ ଭଗବତୀ ମହାଶକ୍ତି ଯେତେବେଳେ ଧରାପୃଷ୍ଠରେ ଅବତୀର୍ଣ୍ଣା ହୋଇ ବାହ୍ୟ ପ୍ରକଟିତ ଭାବରେ ଆମକୁ ତାଙ୍କ କାମରେ ଅଂଶ ଗ୍ରହଣ ପାଇଁ ଆମନ୍ତ୍ରଣ ଜଣାନ୍ତି ତା'ଠାରୁ ଆମ ପାଇଁ ଆଉ ବଡ଼ ସୁଯୋଗ କ'ଣ ହୋଇପାରେ ?

ସୂକ୍ଷ୍ମ ଚେତନାର ସ୍ତରରେ ଯେତେବେଳେ ଏକ ନୂତନ ଜଗତ ଜନ୍ମନେଇ ସାରିଛି ବୋଲି ମା' ଘୋଷଣା କରିଛନ୍ତି, ସେହି ଜଗତ ନିଶ୍ଚୟ ବାହ୍ୟ ସ୍ଥୂଳଭାବରେ ବାସ୍ତବ ରୂପ ନେଇ ଗଠିତ ହେବ। ଏହା ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ, କାରଣ ଏହା ପଛରେ ରହିଛି ଅପରାଜେୟ ଭଗବତୀ ଶକ୍ତି। ଏହି ନୂତନ ଜଗତର ନିର୍ମାଣରେ ଆମକୁ ନିମିତ୍ତ ଓ ଯନ୍ତ୍ର ହେବାର ସୁଯୋଗ ଦେଇ ଆମର ଚେତନା ଓ ଜୀବନକୁ ଆହୁରି ଊର୍ଦ୍ଧ୍ୱକୁ ଉଠାଇ ନେବା ପାଇଁ, ଆହୁରି ସାର୍ଥକ କରିବା ପାଇଁ ମା'ଙ୍କର ଯେ ଏକ ଦିବ୍ୟ ଯୋଜନା ରହିଛି ତାହା ଆମକୁ ବୁଝିବାକୁ ହେବ। ଆମକୁ ଅନୁଭବ କରିବାକୁ ହେବ ଯେ ଆମେ ଯେଉଁମାନେ ନିଜକୁ ଶ୍ରୀଅରବିନ୍ଦ ଓ ମା'ଙ୍କ ସନ୍ତାନ ସନ୍ତତି, ଭକ୍ତ ଓ ଶିଷ୍ୟ ଶିଷ୍ୟା ବୋଲି ମନେକରୁ ଆମ ସମସ୍ତଙ୍କ ଚେତନାରେ ନୂତନ ଜଗତ ନିର୍ମାଣ ପାଇଁ ମା'ଙ୍କ ଆମନ୍ତ୍ରଣର ସ୍ପର୍ଶ ଲାଗିଛି। ଆମର ଗ୍ରହଣଶୀଳତା, ପ୍ରସ୍ତୁତି ଓ ସାମର୍ଥ୍ୟ ଅନୁଯାୟୀ, ତାହା ଯେତେ ଅକିଞ୍ଚନ ଓ ସୀମିତ ହେଲେ ମଧ, ଆମକୁ ସେହି ଆମନ୍ତ୍ରଣର ଉତ୍ତର ଦେବା ପାଇଁ ଆଗେଇ ଆସିବାକୁ ହେବ। ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ପ୍ରକୃତରେ ଆମ ଭିତରେ ସେଥିପାଇଁ ଏକ ଅଭୀପ୍ସାର ଉଦୟ ହୋଇଛି। ଆମେ ଯେଉଁମାନେ ଶ୍ରୀଅରବିନ୍ଦ ଓ ମା'ଙ୍କୁ ନିଜର ଇଷ୍ଟ ରୂପେ ଗ୍ରହଣ କରି ଆମର ବ୍ୟକ୍ତି ଜୀବନରେ ତାଙ୍କର ଆରାଧନା ଓ ପୂଜା ପ୍ରାର୍ଥନା କରୁଛୁ, ଧ୍ୟାନ, ଧାରଣା, ନାମଜପ ଓ ସ୍ୱାଧ୍ୟାୟ ଆଦିରେ ରତ ରହୁଛୁ, ତାହା ଯେତେ ଅଳ୍ପ ସମୟ ପାଇଁ ହେଉ ପଛକେ; କିମ୍ବା ସମୂହ ଜୀବନର ପାଠଚକ୍ର ଗଢ଼ୁଛୁ, ପାଠଚକ୍ର ସମ୍ମିଳନୀ କରୁଛୁ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବା ସମାଧି ମନ୍ଦିର ସ୍ଥାପନ ଆଦିରେ ଉତ୍ସାହର ସହ ଭାଗ ନେଉଛୁ, ସଭା, ସମିତି, ସେମିନାର, ଆଲୋଚନା ଚକ୍ର ସଙ୍ଗଠିତ କରି ଅନ୍ୟମାନଙ୍କ ନିକଟରେ ମା'ଶ୍ରୀଅରବିନ୍ଦଙ୍କ ବାଣୀ ପହଞ୍ଚାଉଛୁ - ଏହି ସମସ୍ତହିଁ ସୂଚିତ କରେ ଯେ ଆମ ଚେତନାର ଏକ ଅଂଶରେ ଆମେ ନୂତନ ଜଗତ ନିର୍ମାଣରେ ଭାଗନେବା ପାଇଁ ମା'ଙ୍କ ଆମନ୍ତ୍ରଣ ପାଇଛୁ ଓ ତାହା ଗ୍ରହଣ କରି ସାଧ୍ୟମତେ ତାହାର ଉତ୍ତର ଦେବା ପାଇଁ ଅଭୀପ୍ସା ଓ ପ୍ରଚେଷ୍ଟା କରୁଛୁ ଓ ସେହି ପ୍ରଚେଷ୍ଟା ପୂର୍ବୋକ୍ତ ବିଭିନ୍ନ କାମରେ ରୂପାୟିତ ହେଉଛି।

କିନ୍ତୁ ଏଇଠି ଗୋଟିଏ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମେ ଏହି ଯେଉଁ ସମସ୍ତ କାମରେ ଭାଗ ନେଉଛୁ ଆମେ କ'ଣ ପ୍ରକୃତରେ ତାହାକୁ ଠିକ୍ ରୂପରେ, ଠିକ୍ ଭାବରେ ଠିକ୍ ବାଟରେ କରିବା ପାଇଁ ସମର୍ଥ ହୋଇ ପାରୁଛୁ ? ଏଥିରେ ନାନା ଭୁଲ୍ ଭ୍ରାନ୍ତି ମିଶିଯାଉ ନାହିଁକି ? ଆମର ଅଜ୍ଞାନମୟ ମନ ଓ ପ୍ରାଣର ବାହ୍ୟଚେତନା ତ ପ୍ରତ୍ୟକ୍ଷ ଭାବରେ ଜାଣି ପାରୁନାହିଁ ପ୍ରକୃତରେ ମା' କେଉଁ କାମଟି ଠିକ୍ ଓ କିପରି ଭାବରେ ହେଉ ବୋଲି ଚାହାନ୍ତି। ତା'ଛଡ଼ା ଆମ ଭିତରେ ପୁରାତନ ଜଗତର ନାନା ଅଭ୍ୟାସ, ସଂସ୍କାର, ନୀତି, ତତ୍ତ୍ୱ ଏପରି ବସାବାନ୍ଧି ରହିଛନ୍ତି ଯେ ନୂତନ ଜଗତ ନିର୍ମାଣ କରିବାକୁ ଯାଇ ଆମେ ଭ୍ରମରେ ପଡ଼ି ପୁଣି ସେଇ ପୁରୁଣା ଜଗତର ଆଉ ଏକ ନୂତନ ସଂସ୍କରଣ କରିବାକୁ ଯାଉ ନାହୁଁତ ? ବିଶେଷ କରି ବରାବର ଏକ ଅଭିଯୋଗ ଶୁଣିବାକୁ ପାଉ ଯେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସତ୍ୟ ଓ ଆଦର୍ଶର ପ୍ରସାର

କରିବାକୁ ଯାଇ ଆମେ ଏକ ନୂତନ ଧର୍ମାଚାରର ପ୍ରବର୍ତ୍ତନ ଓ ପ୍ରଚଳନ କରିବାକୁ ଯାଉନାହୁଁ ତ? ବାସ୍ତବରେ ଯେ ଏପରି ବିପଦ ନାହିଁ ତାହା କୁହାଯାଇ ନପାରେ। ନହେଲେ ମା' କାହିଁକି ବାରବାର ଶ୍ରୀଅରବିନ୍ଦଙ୍କ ନାମରେ ଏକ ଧର୍ମ, ଏକ ସଙ୍କୀର୍ଣ୍ଣ ଗୋଷ୍ଠୀ ବା ସମ୍ପ୍ରଦାୟ ଗଠନର ବିପଦ କଥା କହି ଆମକୁ ସେ ଦିଗରେ ସତର୍କ କରାଇ ଦେଇଥାଆନ୍ତେ।

ତା'ଛଡ଼ା ବର୍ତ୍ତମାନ ପୃଥିବୀର ଯାହା ଅବସ୍ଥା, ତହିଁରେ ସତ୍ୟ ଓ ମିଥ୍ୟା, ଭୁଲ୍ ଓ ଠିକ୍ ଏପରି ମିଶି ମିଶି ପରସ୍ପର ଜଡ଼ିତ ହୋଇ ରହିଛନ୍ତି ଯେ ଗୋଟିକୁ ଅନ୍ୟଟିଠାରୁ ବାଛି ନିର୍ଣ୍ଣୟ କରିବା ଅତ୍ୟନ୍ତ ଦୁରୂହ ଓ କଷ୍ଟସାଧ୍ୟ। ସ୍ୱୟଂ ଶ୍ରୀମା ବର୍ତ୍ତମାନର ବାସ୍ତବତା କଥା କହିବାକୁ ଯାଇ କହିଛନ୍ତି ଯେ ଏପରିକି ତଥାକଥିତ ''ଆଧ୍ୟାତ୍ମିକ ଜୀବନ''ରେ ମଧ୍ୟ ଏହି ମିଶ୍ରଣ ରହିଛି। ମା'ଙ୍କ କଥାରେ, ''So, in all things, Falsehood and Truth are mixed everywhere: in the so called "spiritual life", in sannyasins, in swamis in those who think they represent the life divine on earth, all that - there also, there is a mixture of Falsehood and Truth." ''ପ୍ରତ୍ୟେକଟି ଜିନିଷ ଭିତରେ ସତ୍ୟ ଓ ମିଥ୍ୟା ମିଶ୍ରିତ ହୋଇ ରହିଛି, ସର୍ବତ୍ର ଏହା ରହିଛି, ତଥାକଥିତ ଆଧ୍ୟାତ୍ମିକ ଜୀବନରେ, ସନ୍ୟାସୀମାନଙ୍କ ଭିତରେ, ସ୍ୱାମୀମାନଙ୍କ ଭିତରେ, ଯେଉଁମାନେ ପୃଥିବୀ ପୃଷ୍ଠରେ ଦିବ୍ୟଜୀବନର ପ୍ରତିନିଧିତ୍ୱ କରନ୍ତି ବୋଲି ଭାବନ୍ତି, ସେମାନଙ୍କ ଭିତରେ ମଧ୍ୟ ଏହା ରହିଛି। ସତ୍ୟ ଓ ମିଥ୍ୟାର ଏହି ମିଶ୍ରଣ ସମସ୍ତଙ୍କ ଭିତରେ ରହିଛି।''

କିନ୍ତୁ ମିଥ୍ୟାର ଛୁଆଁ ଲାଗିଯିବ ବୋଲି ଭୟ କରି ସତ୍ୟର ଅନୁପ୍ରେରଣାରୁ ଆସୁଥିବା କର୍ମରେ ଭାଗ ନେବାରୁ ବିରତ ରହିଲେ ଆମେ ନୂତନ ଜଗତର ନିର୍ମାଣ ଦିଗରେ କେବେବି କିଛି କରିପାରିବୁ ନାହିଁ। ଏହା କେବେବି ସମ୍ଭବ ହେବ ନାହିଁ ଯେ ପାଣିରେ ନପଶି ସ୍ଥଳରେ ରହି ପହଁରା ଶିଖିନେଇ ତା ପରେ ପାଣି ଭିତରକୁ ଆସିବା। ପହଁରା ଶିଖିବାକୁ ହେଲେ ପହଁରା ନଜାଣି, ପାଣି ଭିତରକୁ ଆସିବାକୁ ପଡ଼ିବ, ଏବଂ ପାଣି ଭିତରେ ନିଜର ଅଙ୍ଗପ୍ରତ୍ୟଙ୍ଗର ଚାଳନା କରି ଶିଖିବାକୁ ହେବ କେଉଁ ଅଙ୍ଗଚାଳନା ଗୁଡ଼ିକ ଆମକୁ ତଳକୁ ବୁଡ଼ାଇ ଦେଉଛି ଓ କେଉଁ ଗୁଡ଼ିକ ଆମକୁ ଉପରେ ଭସାଇ ରଖୁଛି। ସେହିପରି କର୍ମ କରିହିଁ, ନିଜ ଅଭିଜ୍ଞତାରୁ ଜାଣିବାକୁ ହେବ କେଉଁ ଗତିବୃତ୍ତି ଗୁଡ଼ିକ ଆମ ଚେତନାକୁ ନିମ୍ନମୁଖୀ କରି ଆମକୁ ମିଥ୍ୟାଚାର ଆଡ଼କୁ ନେଇଯାଉଛି ଓ କେଉଁଗୁଡ଼ିକ ଆମର ଚେତନାକୁ ଊର୍ଦ୍ଧ୍ୱାୟିତ ଓ ଉନ୍ନତ କରି ସତ୍ୟ ଆଚରଣ ପଥରେ ନେଇ ଯାଉଛି। ନୂତନ ଜଗତର ନିର୍ମାଣରେ ଭାଗନେବାକୁ ଆଗେଇ ଆସିବାକୁ ହେଲେ ଆମକୁ ଏହି ମନୋଭାବହିଁ ରଖିବାକୁ ହେବ।

ଆଉ ମଧ୍ୟ ଏହା ମନେ ରଖିବାକୁ ହେବ ଯେ ଏହି କାମରେ ଆମେ ମା'ଙ୍କ ଚାଳନା ହାତରେ ନିଜକୁ ଦେଇଦେବା ପାଇଁ ଅଭୀପ୍‌ସା ରଖିଛୁ; ଆମେ ଯେତେ ଅଧିକ ଆନ୍ତରିକ ହେବୁ, ମା'ଙ୍କ କୃପା ଓ ଶକ୍ତି ଉପରେ ଆମର ବିଶ୍ୱାସ ଯେତିକି ଅଧିକ ଦୃଢ଼ ହେବ, ଆମ ଚେତନାର ଯେଉଁ କ୍ଷୁଦ୍ର ଅଂଶଟି ନେଇ ଆମେ ଏହି ନୂତନ ଜଗତ ନିର୍ମାଣରେ ଭାଗ ନେବା ପାଇଁ ଆସିଥିଲୁ ତାହା କ୍ରମଶଃ ସେତିକି ଅଧିକ ପ୍ରସାରିତ ହେବ ଓ ଆମେ ଆମ କାମରେ ଆହୁରି ଅଧିକ ସଚେତ ଓ ପ୍ରତ୍ୟକ୍ଷ ଭାବରେ ମା'ଙ୍କ ଶକ୍ତିର ସହାୟତାକୁ ଅନୁଭବ କରିବୁ ଓ ଦିନ ଆସିବ ଯେତେବେଳେ ଆମର ସମଗ୍ର ଜୀବନଟିକୁ ମା'ଙ୍କର ଏହି କାମରେ ଉତ୍ସର୍ଗ ଓ ସମର୍ପଣ କରିଦେବାର ଅଭୀପ୍ସା ଓ ସଙ୍କଳ୍ପ ଆମ ପାଇଁ ସ୍ୱାଭାବିକ ହୋଇଉଠିବ। ସେତେବେଳେ କ୍ରମଶଃ ଅଧିକରୁ ଅଧିକ ଆମେ ଦେଖିବୁ ଯେ ମା'ଙ୍କ କାମରେ ଅଂଶ ଗ୍ରହଣ ଛଡ଼ା ଆମ ଜୀବନରେ ଆଉ ନିଜର ବୋଲି କିଛି ଲକ୍ଷ୍ୟ ନାହିଁ ଓ ଆମର ସମଗ୍ର ଚେତନା ଭିତର ଦେଇ, ଆମର ଦେହ, ମନ ପ୍ରାଣ ଓ ଆତ୍ମା ସବୁ ଭିତର ଦେଇ ନୂତନ ଜଗତର ନିର୍ମାଣ ପାଇଁ ମା'ଙ୍କ ଶକ୍ତିହିଁ କ୍ରିୟା କରି ଚାଲିଛି।

ତେବେ ଆମ ଚେତନା ପାଇଁ ସେହି ଅବସ୍ଥା ଆସିବା ପର୍ଯ୍ୟନ୍ତ, ଆମକୁ ନାନା ଭୁଲ୍ ତ୍ରୁଟି, ନାନା ବାଧାବିଘ୍ନ ଭିତର ଦେଇ ଯିବାକୁ ପଡିବ। କାରଣ ପୁରୁଣା ଜଗତ ଏବେ ବି ତା'ର ସମସ୍ତ ଶକ୍ତି ନେଇ ତିଷ୍ଠି ରହିଛି ଓ ନୂତନ ଜଗତ ନିର୍ମାଣର ସମସ୍ତ କାମରେ ତାହା ପଦେ ପଦେ ବାଧା ଦେବ। ସେହି ପୁରାତନ ଜଗତର ସମସ୍ତ ସତ୍ୟ, ତତ୍ତ୍ୱକୁ, ତା'ର ସମସ୍ତ ରୀତି, ନୀତି, ଚଳଣି, ଆଚାରକୁ ଭାଙ୍ଗିଦେବା ପାଇଁ ଆମେ ଯେତେବେଳେ ଆଗେଇ ଆସୁଛୁ, ଭାଙ୍ଗିବାର ସେହି ପ୍ରକ୍ରିୟାରେ ଆମକୁ ତାହାର ସମସ୍ତ ଆଘାତ ଓ ଆକ୍ରମଣ ସହିବାକୁ ପଡ଼ିବ, ଏପରିକି ତହିଁରେ କିଛିକାଳ ପାଇଁ ଆମେ କ୍ଷତବିକ୍ଷତ ହୋଇଯାଇପାରୁ, ତା'ର ସମସ୍ତ ଧୂଳିମଳି ହୁଏତ ଆମ ଅଭୀପ୍‌ସାର ଉଜ୍ଜ୍ୱଳତାକୁ ମଳିନ କରିଦେଇପାରେ, ତାହା ନାନା ପ୍ରଲୋଭନ ଦେଖାଇ ଆମକୁ ପଥଭ୍ରଷ୍ଟ କରିବାକୁ ଚେଷ୍ଟା କରିପାରେ; ତାହାର ପ୍ରରୋଚନାରେ ଆମେ ନାନା ଭୁଲ୍ ତ୍ରୁଟିକୁ ପ୍ରଶ୍ରୟ ଦେଇ ପାରୁ। କିନ୍ତୁ ଶେଷ ପର୍ଯ୍ୟନ୍ତ ତାହା ତିଷ୍ଠି ପାରିବ ନାହିଁ। କାରଣ ଆମେ ଛିଡ଼ା ହୋଇଛୁ ଭଗବାନଙ୍କ ଦିବ୍ୟ ଯୋଜନା ଓ ସଙ୍କଳ୍ପର ପକ୍ଷ ସମର୍ଥନରେ। ଭୁଲ୍ ବାଟରୁ ରକ୍ଷା କରିବା ପାଇଁ ଆମର ପ୍ରାର୍ଥନା ଆନ୍ତରିକ ହେଲେ ଆମ ଚେତନା ଆଗରେ ଭୁଲ୍ ଗୁଡ଼ିକ ନିଶ୍ଚୟ ଧରା ପଡ଼ିଯିବ।

ସେତେବେଳେ ଅବଶ୍ୟ ତାହାକୁ ସଂଶୋଧନ କରିବା ପାଇଁ ଆମ ଭିତରେ ଆଶାନୁରୂପ ଧୈର୍ଯ୍ୟ ଓ ସାହସ ରହିବା ଆବଶ୍ୟକ। ତା'ଛଡ଼ା ବେଳେ ବେଳେ ଏପରି ହୁଏ ଯେ ବାହ୍ୟ ପରିସ୍ଥିତି ଓ କୌଣସି କାମର ବ୍ୟବହାରିକ ଦିଗର ଚାପରେ ପଡ଼ି ଆମକୁ ପୁରୁଣା ଜଗତର ଅନେକ ଜିନିଷ ସହ ନାନା ପ୍ରକାର ଆପୋଷ ଓ ସନ୍ଧି କରିବାକୁ ପଡ଼ିଥାଏ। ସେ କ୍ଷେତ୍ରରେ ମଧ୍ୟ ଆମକୁ ସେହି ସବୁ ଆପୋଷ ସମ୍ପର୍କରେ ସଚେତ ଓ ସଜାଗ ରହି ସୁଯୋଗ ପାଇବା ମାତ୍ରେ ତାହାର କବଳରୁ ବାହାରି ଆସିବା ପାଇଁ ଯତ୍ନବାନ ହେବାକୁ ପଡ଼ିବ। ବାହ୍ୟ ସାଫଲ୍ୟର କୌଣସି ପ୍ରଲୋଭନ ଯେପରି ଆମକୁ ଆମ ପୂର୍ଣ୍ଣତାର ଲକ୍ଷ୍ୟରୁ ପଥଚ୍ୟୁତ ନକରେ। ମା'ଙ୍କ କଥାରେ "We are not aiming at success, our aim is perfection" - ''ସଫଳତା ଆମର ଲକ୍ଷ୍ୟ ନୁହେଁ, ଆମର ଲକ୍ଷ୍ୟ ହେଉଛି ପୂର୍ଣ୍ଣତା''।

ଆମକୁ ବରାବର ମନେ ରଖିବାକୁ ହେବ ଯେ ଏକ ନୂତନ ଜଗତର ନିର୍ମାଣର ଲକ୍ଷ୍ୟରେ କୌଣସି କିଛିକୁ ବାଦ ଦିଆଯାଏ ନାହିଁ; ଏକ ସର୍ବାଙ୍ଗୀନ ପୂର୍ଣ୍ଣତା ଭିତରେ ଜୀବନ ଓ ସଂସାରର ସବୁ କିଛିକୁ ଗ୍ରହଣ କରି ତାହାକୁ ଅଧିକ ସତ୍ୟମୟ, ଆଲୋକମୟ ଓ ଦିବ୍ୟ କରି ଗଢ଼ି ତୋଳିବାର ଲକ୍ଷ୍ୟକୁ ହିଁ ମା' ଆମ ଆଗରେ ରଖିଛନ୍ତି। ଯାହା ବାଦ ଦେବାକୁ ହେବ ତାହାହେଉଛି ଜଡ଼ତା ଓ ବିଭ୍ରାନ୍ତି, ମିଥ୍ୟାଚାର ଓ ବିକୃତି। ବର୍ତ୍ତମାନର ବାହ୍ୟରୂପ ଯାହା ହେଉନା କାହିଁକି ସବୁ କିଛିର ମୂଳ ସ୍ୱରୂପ ଦିବ୍ୟ ଏବଂ ଶେଷରେ ସେହି ଦିବ୍ୟ ସ୍ୱରୂପରେ ତାହା ଉତ୍ତୀର୍ଣ୍ଣ ହେବ ହିଁ ହେବ। ସବୁକିଛି ଭିତରେ ଅନ୍ତର୍ନିହିତ ହୋଇ ରହିଥିବା ଭଗବତ୍ ଦିବ୍ୟସତ୍ୟକୁ ଫୁଟାଇ ତୋଳି ଧରିବାର ପ୍ରକ୍ରିୟା ଭିତରେହିଁ ଗଢ଼ିଉଠିବ ମା' କହିଥିବା ସେହି ନୂତନ ଜଗତ। ତେଣୁ ଏପରି ଏକ ଦିନ ନିଶ୍ଚୟ ଆସିବାକୁ ବାଧ୍ୟ ଯେତେବେଳେ ଆମକୁ ଜୀବନର ସମସ୍ତ ବିଭାବରେ, ରାଜନୀତିରେ, ଅର୍ଥନୀତି ଓ ସମାଜନୀତିରେ, କଳା, ସାହିତ୍ୟ, ବିଜ୍ଞାନ, କୃଷି, ଶିକ୍ଷା, ବାଣିଜ୍ୟ, ବ୍ୟବସାୟ, ସଙ୍ଗୀତ, ସ୍ଥାପତ୍ୟ, କାରିଗରୀ କୌଶଳ ଚିକିତ୍ସା ଆଦି ସବୁ କ୍ଷେତ୍ରରେ ମା'ଙ୍କ ଯନ୍ତ୍ର ରୂପେ ସଚେତ ଓ ସଙ୍ଗଠିତ ଭାବରେ କାମ କରିବାକୁ ପଡ଼ିବ। କୌଣସି ଉଗ୍ର, କଠୋରପନ୍ଥୀ ମନୋଭାବ ନୁହେଁ ଉଦାର ସହିଷ୍ଣୁତା ଓ ନମନୀୟତାର ମନୋଭାବ ନେଇ, କୌଣସି ଦମ୍ଭ ନୁହେଁ ନମ୍ର, ବିନୟ ଓ କୋମଳତାର ଭାବରଖି, ସବୁକ୍ଷେତ୍ରରେ ଶାନ୍ତି, ସମତା, ପ୍ରସନ୍ନଚିତ୍ତତା, ଆନନ୍ଦ ଓ ପ୍ରେମ ଭାବକୁ ବଜାୟ ରଖିବା ପାଇଁ ଯତ୍ନ କରି ଆମକୁ ଦିବ୍ୟ ପୂର୍ଣ୍ଣତାର ପଥରେ ଆଗେଇ ଯିବାକୁ ହେବ। ଆମର ଲକ୍ଷ୍ୟକୁ ଯେପରି ଆମେ ମୁହୂର୍ତ୍ତକ ପାଇଁ ଭୁଲିନଯାଉ। ସେହି ଲକ୍ଷ୍ୟଟିର ସ୍ୱରୂପ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କ କଥାଗୁଡ଼ିକ ଯେପରି ସବୁ ସମୟରେ ସ୍ମରଣ ରଖୁ, "A total perfection is the ultimate aim which we set before us, for our ideal is the Divine Life, which we wish to create here, the life of spirit fulfilled on earth in the consciousness of material universe." ''ଏକ ସାମଗ୍ରିକ ପୂର୍ଣ୍ଣତାକୁ ହିଁ ଚରମ ଲକ୍ଷ୍ୟ ରୂପେ ଆମ ଆଗରେ ରଖିଛୁ, କାରଣ ଆମର ଆଦର୍ଶ ହେଉଛି ସେହି ଦିବ୍ୟ ଜୀବନ, ଯାହା ଆମେ ଏହିଠାରେ ହିଁ, ଏହି ସୃଷ୍ଟି କରିବାକୁ ଚାହୁଁ। ଏହି ଜଡ଼ ବିଶ୍ୱର ଚେତନାରେ, ଏହି ପୃଥିବୀ ଉପରେ ହିଁ ସିଦ୍ଧ ହେବ ଆତ୍ମାର ଜୀବନ।'' ❑❑❑

ପ୍ରତ୍ୟେକ ନିଜ ନିଜର ସର୍ବୋତ୍ତମ ଉଦ୍ୟମ କରି ଫଳାଫଳର ଦାୟିତ୍ୱ ଶାନ୍ତିପୂର୍ଣ୍ଣ ଭାବରେ ପରମ ପ୍ରଭୁଙ୍କ ହାତରେ ଛାଡ଼ି ଦିଅନ୍ତୁ।

-ଶ୍ରୀମା

# THE SIX COLLABORATORS

GADADHAR MISHRA

Even with a wide vision, truly inspired knowledge, clarity in thoughts, here on this earth one can not reach a particular goal unless one is backed by a group of individuals who are in harmony and tune not only with one another but with the one who is supposed to work out the programme.

Only for this all the great ones always come with their own *"ganas"*, the inner or the inmost circle around them.They always work with him, as an inseparable part, in the midst of all misunderstandings and misconceptions, that he has to confront. It is said they always exist with him in some planes above the earth. We call them indispensable collaborators.

***There are six type of collaborators.***

**1.** There are those who have the same vision, the same consideration of things, the same judgment, the same reaction to circumstances, the same inner feelings and happenings, the same thought process as you. They have the same source of inspiration and move in perfect harmony with your consciousness. Even their outer expression is also the same. It is as if they are the same person in different bodies. Working with them one's capacity becomes multiplied, one never wastes time in unnecessary stumbling blocks, the difficulties that take most of the time. This is ideal, but we cannot demand it or pose it as a condition for going about with the work. This becomes possible when the time has come for the thing to be accomplished. We see a vision, take a step and then have to wait an unnecessary length of time for persons around to simply give their support.

**2.** The second type of collaborators are persons who do not have the vision of things, but they have a lot of faith and confidence in the leader. They never question his way of working and what he declares becomes their own declaration. They really love him and out of their love they feel that their being is united with him. They are one with the leader in their hearts. Though they do not have the personal vision of things, but in great faith and adoration for the leader they accept the decisions totally. It becomes a responsibility of the leader to work with them because they rely on him. But one is sure of their faithfulness and can safely work with them.

**3.** The third ones are those who accept a leader with sufficient reasons. What he says they try to find out some cause to accept it. They feel happy when they could satisfy their minds and hearts for accepting him. But one has to be careful in satisfying their reason. If one fails to do so, though they will never become unfaithful, they tend to get depressed and as if thrown into a whirlwind of confusion. Surely, they are assets in the work and one should take care not to lose them.

**4.** The fourth type of co-workers are persons on whom one must keep ones eyes on constantly, watching all their movements.

One must not fall into their 'trap' of support, as this support is purely conditional. If they support, it is because that serves some of their selfish motives. They always try to be in a safe position. If this support brings some difficulties to their personal position, immediately they become indifferent. All ideals, all big missions are nothing in front of their selfish motives. Really, they do not want to take trouble to serve the Ideal. They are intelligently selfish. You can let them work with you without admitting them to your counsel. Even if you try to trust them, they are not trustworthy. Strangely these individuals will never leave you, as something from the depth of their hearts binds them with your personality.

**5.** The fifth type are persons who openly criticise you, mercilessly examine your activities, utilise all occasions to drag you into difficulties, but wonderfully they never leave you. Something in their nature clings to your being, which their outer personality strongly revolts. Dealing with them you must be very alert and under the constant influence of your soul. Really, these individuals truly help one to go forward as they fulfill their role as monitors of the way.

**6.** The sixth variety are those who openly revolt and the sole aim of their lives is to trample you down. To tackle them properly it is not sufficient to be only under the influence of one's soul, but to realise it and in all walks of life maintain this realisation. These people make it imperative for one to remain in this state of constant vigilance.

❑❑❑

*Sri Aurobindo, incarnating the supramental consciousness in a human body, has not only revealed to us the nature of the path to follow and the way to follow it in order to reach the goal, but has also by his own personal realisation given us the example; he has provided us, so to say, with the proof that the thing can be done and that the time has come to do it.*

***– The Mother***

*With Best Complements from*

MIRA MOTOR

BADAMBADI, CUTTACK

# ଅଧ୍ୟାତ୍ମ ପଥରେ ଅବ୍ୟର୍ଥ କବଚ

ସଂକଳନ : ଗୋପାଳ ଚନ୍ଦ୍ର ମାହାନା

**ଥ**ରେ ଜନୈକ ସାଧକ ମା'ଙ୍କୁ ପ୍ରଶ୍ନ ପଚାରିଥିଲେ : "ମା, ଆଧ୍ୟାତ୍ମିକ ଜୀବନ ଲାଗି ପ୍ରସ୍ତୁତ ହେବାକୁ ହେଲେ ଆମେ ସର୍ବପ୍ରଥମେ କେଉଁ ଗୁଣଟିର ଅନୁଶୀଳନ କରିବା ?"

ମା ଉତ୍ତରରେ କହିଥିଲେ : "... ଏହି ଗୁଣଟି ହେଉଛି **'ଆନ୍ତରିକତା'** ବା **'ନିଷ୍ଠା'** (Sincerity)

"ଏପରି ଏକ ନିଷ୍ଠା, ଯାହା ସମଗ୍ର ହୋଇଥିବ, ଯାହା ସମ୍ପୂର୍ଣ୍ଣ ହୋଇଥିବ, କାରଣ ଆଧ୍ୟାତ୍ମିକ ମାର୍ଗରେ କେବଳ **ଏକା** ଏହି ନିଷ୍ଠାହିଁ ତୁମର ସୁରକ୍ଷା ପରି ହୋଇ ରହିଥିବ। ଯଦି ତୁମର ନିଷ୍ଠା ନ ଥାଏ, ତେବେ ତୁମେ ପାଦେ ହେଲେ ବି ଅଗ୍ରସର ହୋଇ ପାରିବ ନାହିଁ, ଗୋଟିଏ ପାଦ ଅଗ୍ରସର ହୋଇ ଆର ପାଦରେହିଁ ସୁନିଶ୍ଚିତ ଭାବରେ ତଳେ ପଡ଼ିଯିବ ଏବଂ ନିଜର ମୁଣ୍ଡଟି ଫଟାଇବ। ତୁମର ଚାରି ପାଖରେ ଯାବତୀୟ ଧରଣର ଶକ୍ତି, ଇଚ୍ଛା, ପ୍ରଭାବ ଏବଂ ସତ୍ତାମାନ ତୁମକୁ ବେଢ଼ି ରହିଥିବେ, ତୁମର ଏହି ନିଷ୍ଠାଟି ଭିତରେ ଅନ୍ତତଃ କେଉଁଠି ଏତିକି ଟିକିଏ ଫାଟ ଦେଖାଯାଉ ବୋଲି ଟାକି କରି ବସିଥିବେ, ଏବଂ ତା'ପରେ ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ତତ୍‌କ୍ଷଣାତ୍ ସେମାନେ ସେଇ ଫାଟ ଭିତର ଦେଇ ତୁମ ଭିତରକୁ ଛୁଟି ଆସିବେ ଏବଂ ତୁମକୁ ନାନା ଫାନ୍ଦରେ ପକାଇବାକୁ ଆରମ୍ଭ କରିଦେବେ।

"ତେଣୁ, ଅନ୍ୟ କୌଣସି କଥା କରିବା ପୂର୍ବରୁ, କୌଣସି କଥା ଆରମ୍ଭ କରିବା ପୂର୍ବରୁ ବା କୌଣସି ଉଦ୍ୟମ କରିବା ପୁର୍ବରୁ **ସର୍ବପ୍ରଥମେ** ନିଶ୍ଚିତ ହୁଅ ଯେ ତୁମେ ଯେ ଯଥାସାଧ୍ୟ କେବଳ ନିଷ୍ଠାବାନ୍ ହୋଇ ରହିଛ, ତା'ନୁହେଁ, ମାତ୍ର ଆହୁରି ଅଧିକ ନିଷ୍ଠାବାନ୍ ହୋଇ ପାରିବା ଲାଗି ମଧ୍ୟ ତୁମର ପୂର୍ଣ୍ଣ ଅଭିପ୍ରାୟ ରହିଛି।

"କାରଣ ଏହି ନିଷ୍ଠା ବା ଆନ୍ତରିକତାହିଁ ତୁମର ଏକମାତ୍ର ରକ୍ଷାକବଚ, ସୁରକ୍ଷା।" (୧.୮.୧୯୫୬)

ଏହି ଆନ୍ତରିକତା ବା ନିଷ୍ଠାର ଅର୍ଥ କ'ଣ? - ଦୃଢ଼ ଅନୁରାଗ, ଗଭୀର ଶ୍ରଦ୍ଧା, ଏକାଗ୍ରତା, ନିଜର ସ୍ୱଧର୍ମ ଆଚରଣରେ ଏକାନ୍ତ ଅନୁରକ୍ତି, ସଚ୍ଚୋଟ ମନୋବୃତ୍ତି, ସହୃଦୟତା ...।

ମା' କିନ୍ତୁ କହିଛନ୍ତି, "ଆଉ ଗୋଟିଏ ଶବ୍ଦ ହେଇ ମଧ୍ୟ ଇଚ୍ଛା କଲେ ଏହି ଆନ୍ତରିକତା କଥାଟିକୁ ପ୍ରକାଶ କରାଯାଇ ପାରିବ। ସେହି ଶବ୍ଦଟି ହେଉଛି **ସ୍ୱଚ୍ଛତା**। (Transparency) ମୁଁ ଏହି ଶବ୍ଦଟିକୁ ବୁଝାଇ କହୁଛି :

"ମୋ ସାମ୍ନାରେ କେହି ଜଣେ ବ୍ୟକ୍ତି ଠିଆ ହୋଇଛନ୍ତି ଏବଂ ମୁଁ ତାଙ୍କୁ ଅନାଇ ଦେଖୁଛି; ମୁଁ ତାଙ୍କର ଆଖି ଦୁଇଟିକୁ ଅନାଉଛି : ଏବଂ, ଯଦି ସେହି ବ୍ୟକ୍ତି ଜଣଙ୍କ ଆନ୍ତରିକତାଯୁକ୍ତ ଅର୍ଥାତ୍ 'ସ୍ୱଚ୍ଛ' ହୋଇଥା'ନ୍ତି, ତେବେ ତାଙ୍କର ଆଖିବାଟେ ତାଙ୍କ ଭିତରେ ପ୍ରବେଶ କରି ମୁଁ ତାଙ୍କର ଆତ୍ମାଟିକୁ ମଧ୍ୟ ଦେଖିବାକୁ ସମର୍ଥ ହେବି, ତାଙ୍କର ଆତ୍ମାକୁ ମୁଁ ଜଳ ଜଳ କରି ଦେଖି ପାରିବି। ମାତ୍ର, - ମୋର ଠିକ୍ ଏହି ଅଭିଜ୍ଞତାଟି ହୋଇଛି - ଯେତେବେଳେ ଜଣଙ୍କ ଆଡ଼କୁ ଅନାଇବାକୁ ଯାଇ ମୁଁ କ୍ଷୁଦ୍ର ମେଘ ଖଣ୍ଡଟିଏ ଦେଖିବାକୁ ପାଏ, ତା'ପରେ ଆହୁରି ଦେଖିବାକୁ ଚେଷ୍ଟା କଲେ ମୁଁ ଗୋଟିଏ ପରଦା ପାଖରେ ଯାଇ ପହଞ୍ଚେ। ଏବଂ ବେଳେ ବେଳେ ପରଦା ପରିବର୍ତ୍ତେ ଗୋଟିଏ ପାଚେରି ଠିଆ ହୋଇ ରହିଥାଏ ଏବଂ ତା'ପରେ ଗୋଟାସୁଦ୍ଧା ବେଶ୍ କଳା ହୋଇ କ'ଣ ଗୋଟାଏ ଦୃଷ୍ଟିଗୋଚର ହୁଏ। ଏବଂ ଏଗୁଡ଼ିକୁ ଅତିକ୍ରମ କରିଯିବାକୁ ପଡ଼େ, ଆହୁରି ଭିତରକୁ ଯାଇ ପଶିବାକୁ ହେଲେ ରୀତିମତ କଣା କରି ଯିବାକୁ ପଡ଼େ। ଏବଂ ଏତେ କଥା କରି ମଧ୍ୟ, ହୁଏତ ସର୍ବଶେଷରେ ଏପରି ଗୋଟାଏ ମୋଟା ପିତ୍ତଳ କବାଟକୁ ଯେ ମୋତେ ହାବୁଡ଼ିବାକୁ ନପଡ଼ିବ, ଯାହାକୁ କି ଭେଦ କରି ମୁଁ କଦାପି ସେଇ ବ୍ୟକ୍ତିଙ୍କର ଆତ୍ମାକୁ ଦେଖି ପାରିବି ନାହିଁ, ମୁଁ ସେଇ ବିଷୟରେ କଦାପି ନିଶ୍ଚିତ ହୋଇ ପାରେ ନାହିଁ। ଏବଂ, ଏହି ଲୋକଟି ଯେ ପ୍ରକୃତରେ ଆନ୍ତରିକତାଯୁକ୍ତ ନୁହଁନ୍ତି, ମୁଁ ସେକଥା ତତ୍‌କ୍ଷଣାତ୍ କହି ଦେଇ ପାରିବି। ଏବଂ ସେ ସ୍ୱଚ୍ଛ ନୁହେଁ ବୋଲି ବି ମୁଁ ଏକ ଆଳଙ୍କାରିକ ଭାଷା ବ୍ୟବହାର କରି କହିପାରିବି।..." (୨୫.୧.୧୯୫୬)

ପୁଣି ମା'ଙ୍କୁ ପ୍ରଶ୍ନ : "ମା, ସମ୍ପୂର୍ଣ୍ଣ ଭାବରେ ନିଷ୍ଠାପର ହୋଇପାରିବା ଜଣେ ମଣିଷ ପକ୍ଷରେ ସମ୍ଭବ କି?"

ମା : "ନା, - ମଣିଷ ଯାହା ଅଛି ଯଦି ସେହିପରି ରହିଥାଏ, ତେବେ ତାହା କଦାପି ସମ୍ଭବ ହେବ ନାହିଁ। ମାତ୍ର ସମ୍ପୂର୍ଣ୍ଣ ଭାବରେ ନିଷ୍ଠାପର ହେବା ଲାଗି ନିଜକୁ ଯଥେଷ୍ଟ ପରିମାଣରେ ରୂପାନ୍ତରିତ କରିନେବାର ସମ୍ଭାବନାଟି ମଣିଷ ଭିତରେ ସର୍ବଦା ବିଦ୍ୟମାନ ରହିଛି।

"ପ୍ରଥମରୁହିଁ କହିରଖିବା ଆବଶ୍ୟକ ଯେ ନିଷ୍ଠା ବା ଆନ୍ତରିକତା ହେଉଛି ଏକ କ୍ରମୋତ୍ତର ଭାବରେ ବୃଦ୍ଧି ପାଉଥିବା ପ୍ରକ୍ରିୟା, ଏବଂ ଜଣେ ବ୍ୟକ୍ତି ଅଗ୍ରସର ହେଉଥିବା ସଙ୍ଗେ ସଙ୍ଗେ ଓ ବିକଶିତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ, ସମ୍ଭୂତି (becoming) ର ପ୍ରକ୍ରିୟାରେ ଏହି ବିଶ୍ୱଜଗତ କ୍ରମୋନ୍ମୋଚିତ ହୋଇ ଯାଉଥିବା ସଙ୍ଗେ ସଙ୍ଗେ ଆନ୍ତରିକତାକୁ ମଧ୍ୟ ନିଜକୁ ଅନବରତ କ୍ରମଶଃ ଅଧିକରୁ ଅଧିକ

ପରିପୂର୍ଣ୍ଣ କରିନେବାକୁ ପଡୁଥିବ। ସେହି ବିକାଶକ୍ରମରେ ଆମେ ଯେତିକି ଯେତିକି ଅଟକି ଯାଉଥିବା, ତଦ୍ଦ୍ୱାରା ଗତକାଲିର ନିଷ୍ଠା ଆସନ୍ତାକାଲିର ନିଷ୍ଠାହୀନତାରେ ପରିବର୍ତ୍ତିତ ହୋଇଯିବାରେ ଲାଗିଥିବ।"

"ପରିପୂର୍ଣ୍ଣ ଭାବରେ ନିଷ୍ଠାପର ହୋଇ ପାରିବାକୁ ହେଲେ ଏକଥା ଏକାନ୍ତ ଅପରିହାର୍ଯ୍ୟ ଯେ ଆମର କୌଣସି ଅଗ୍ରରୁଚି ରହିବ ନାହିଁ, କୌଣସି ବାସନା ରହିବ ନାହିଁ, କୌଣସି ଆକର୍ଷଣ ବା ଅଶ୍ରଦ୍ଧା ରହିବ ନାହିଁ, ସହାନୁଭୂତି ବା ବିଦ୍ୱେଷ ବି ରହିବ ନାହିଁ, କୌଣସି ଆସକ୍ତି ରହିବ ନାହିଁ ଅଥବା କୌଣସି ଘୃଣା ବି ରହିବ ନାହିଁ। ଯାବତୀୟ ବସ୍ତୁ ସମ୍ବନ୍ଧରେ ଆମର ଏକ ସମଗ୍ର ଦୃଷ୍ଟି ରହିବ, ଯେଉଁଥିରେ କି ପ୍ରତ୍ୟେକ ବିଷୟ ତା'ର ଯଥୋଚିତ ସ୍ଥାନରେ ରହିଥିବ ଏବଂ ସକଳ ବସ୍ତୁ ପ୍ରତି ଆମର ସମାନ ଦୃଷ୍ଟି ବା ଭାବନା ରହିଥିବ। ଏହାକୁହିଁ ଯଥାର୍ଥ ଦୃଷ୍ଟିର ରୀତି ବୋଲି କୁହାଯିବ (the attitude of true vision)। ଏଥିରେ କୌଣସି ସନ୍ଦେହ ନାହିଁ ଯେ ଜଣେ ମନୁଷ୍ୟ ପକ୍ଷରେ ଏହି କାର୍ଯ୍ୟ ଗୁଡ଼ିକର ଉପଲବ୍ଧି ଅତ୍ୟନ୍ତ କଷ୍ଟକର। ଯଦି ସେ ନିଜକୁ ଏକ ଦିବ୍ୟକେନ୍ଦ୍ରରେ ପରିଣତ କରିବାକୁ ନିଷ୍ପତ୍ତି ଗ୍ରହଣ କରିନଥାଏ, ତେବେ ଏହି କଥାଟି ପ୍ରାୟ ଅସମ୍ଭବ ବୋଲି ବୋଧ ହେଉଛି ଯେ ସେ ତା'ଭିତରେ ଥିବା ଏହିସବୁ ନାନା ବିରୋଧର କବଳରୁ ଆଦୌ କେବେହେଲେ ମୁକ୍ତ ହୋଇପାରିବ। ଏବଂ ତଥାପି, ଆମେ ଯେ ପର୍ଯ୍ୟନ୍ତ ସେହି ବିରୋଧ ଗୁଡ଼ିକୁ ନିଜ ମଧ୍ୟରେ ବହନ କରିବାରେ ଲାଗିଥିବା, ସେ ପର୍ଯ୍ୟନ୍ତ ଆମେ କଦାପି ସମ୍ପୂର୍ଣ୍ଣ ଭାବରେ ନିଷ୍ଠାପର ହୋଇ ପାରିବା ନାହିଁ। ସେତେବେଳେ ପ୍ରାୟ ସ୍ୱୟଂଚାଳିତ ହେଲା ପରି ଆମର ମନ, ପ୍ରାଣ ଏବଂ ଦେହ କ୍ଷେତ୍ରରେ ଯାବତୀୟ କ୍ରିୟାଶୀଳତା କ୍ରମଶଃ ଗୋଟିଏ ଗୋଟିଏ ମିଥ୍ୟାମୟତାରେ ପରିଣତ ହୋଇ ଯାଉଥିବ। ଏଠାରେ ମୁଁ ଦେହସ୍ତରଟି ଉପରେ ଅଧିକ ଗୁରୁତ୍ୱ ଦେଇ କହୁଛି, କାରଣ ଇନ୍ଦ୍ରିୟଗୁଡ଼ିକର କ୍ରିୟାଶୀଳତା ମଧ୍ୟ ଏହି କ୍ଷେତ୍ରରେ ବଡ଼ ବିକୃତ ହୋଇ ପଡ଼େ : ଆମ ଭିତରେ ଯେପର୍ଯ୍ୟନ୍ତ ବିଶେଷ ଅଗ୍ରରୁଚିମାନ ରହିଥିବ, ସେ ପର୍ଯ୍ୟନ୍ତ, ବସ୍ତୁ ଗୁଡ଼ିକ ପ୍ରକୃତରେ ଯେପରି ରହିଛନ୍ତି, ଆମେ କେବେହେଲେ ସେସବୁକୁ ସେମିତି ଭାବରେ ଦେଖି ପାରିବା ନାହିଁ, ଶୁଣି ପାରିବା ନାହିଁ, ଆସ୍ୱାଦନ କରି ପାରିବା ନାହିଁ ବା ଅନୁଭବ ବି କରିପାରିବା ନାହିଁ। ଯେପର୍ଯ୍ୟନ୍ତ କେତେକ ପଦାର୍ଥ ଆମକୁ ଭଲ ଲାଗୁଥିବ ଓ ଆହୁରି କେତେକ ପଦାର୍ଥ ଭଲଲାଗୁ ନଥିବ ଓ ଆଉ କେତେକ ବସ୍ତୁ ଦ୍ୱାରା ଆକୃଷ୍ଟ ହେଉଥିବା ଓ ଆଉ କେତେକେ ବସ୍ତୁକୁ ଘୃଣା କରୁଥିବା, ସେପର୍ଯ୍ୟନ୍ତ ଆମେ ବସ୍ତୁ ଗୁଡ଼ିକୁ କଦାପି ସେଗୁଡ଼ିକର ସତ୍ୟରୂପରେ ଦେଖି ପାରିବା ନାହିଁ; ସେଗୁଡ଼ିକୁ ଆମେ ଆମର ପ୍ରତିକ୍ରିୟା, ଆମର ଅଗ୍ରରୁଚି ବା ଆମର ଘୃଣାର ମାଧ୍ୟମରେହିଁ ଦେଖିବାରେ ଲାଗିଥିବା। ଆମର ଇନ୍ଦ୍ରିୟଗୁଡ଼ିକ ହେଉଛନ୍ତି ଗୋଟିଏ ଗୋଟିଏ ଯନ୍ତ୍ର ଏବଂ ସେଗୁଡ଼ିକ ବିଗିଡ଼ି ଯିବାର ସର୍ବଦା ସମ୍ଭାବନା ରହିଥାଏ; ଆମର ଇନ୍ଦ୍ରିୟବୋଧ, ଅନୁଭବ ଓ ଭାବନାମାନ ବିଗିଡ଼ି ଯିବାର ଯେପରି ଭୟ ରହିଥାଏ, ଠିକ୍ ସେହିପରି । ତେଣୁ, ତୁମେ ଯାହା ଦେଖୁଛ, ଯାହା ଅନୁଭବ କରୁଛ, ଯାହାସବୁ ଅଭିଜ୍ଞତା ଲାଭ କରୁଛ ଅଥବା ଯାହାକିଛି ଭାବୁଛ, ସେଗୁଡ଼ିକ ବିଷୟରେ ନିଶ୍ଚିତ ହୋଇ ପାରିବା ଲାଗି ତୁମ ଜୀବନରେ ଏକ ସମ୍ପୂର୍ଣ୍ଣ ନିର୍ଲିପ୍ତତାର ଦୃଷ୍ଟି ରହିଥିବା ଆବଶ୍ୟକ; ଏବଂ ଏହା ଯେ ଆଦୌ ସହଜ ନୁହେଁ, ଏଥିରେ କୌଣସି ସନ୍ଦେହ ନାହିଁ। ମାତ୍ର ସେପର୍ଯ୍ୟନ୍ତ ତୁମର ପ୍ରସ୍ତୁତି ଆଦୌ ଯଥାର୍ଥ ହୋଇ ପାରିବ ନାହିଁ ଏବଂ ତେଣୁ କାହା ମଧ୍ୟରେ ଆନ୍ତରିକତା ବା ନିଷ୍ଠା ରହିଛି ବୋଲି ବି କୁହାଯାଇ ପାରିବ ନାହିଁ।

"ସ୍ପଷ୍ଟତଃ, ଏହା ହେଉଛି ଏହି ବିଷୟରେ ଚରମ ସୀମା। ଏପରି କେତେ କେତେ ସ୍ଥୂଳ ନିଷ୍ଠାହୀନତାମାନ ରହିଛି, ଯାହାକୁ କି ସମସ୍ତେ ଭଲ କରି ବୁଝି ପାରନ୍ତି ଏବଂ ମୁଁ ଭାବୁଛି, ଏସବୁ ବିଷୟରେ ଆଲୋଚନା କରିବା ଲାଗି ଆଦୌ କୌଣସି ପ୍ରୟୋଜନ ନାହିଁ। ଉଦାହରଣ ସ୍ୱରୂପ, ଆମେ ଗୋଟିଏ କଥା କହୁଥିବା ଏବଂ ଆଉ ଗୋଟିଏ କଥା ଭାବୁଥିବା, ଗୋଟିଏ କଥା କହୁଛୁ ବୋଲି ଛଳନା କରୁଥିବା ଏବଂ ସତକୁ ସତ ଆଉ କିଛି କରୁଥିବା, ଏପରି ଏକ ଇଚ୍ଛା ପ୍ରକାଶ କରୁଥିବା, ଯାହାକି ପ୍ରକୃତରେ ଆମର ଇଚ୍ଛା ନୁହେଁ, ଏଠାରେ ମୁଁ ସେହି ସମ୍ପୂର୍ଣ୍ଣ ଜଳଜଳ ମିଛଟି ବିଷୟରେ ବି କହୁ ନାହିଁ, ଯାହାକି, ପ୍ରକୃତରେ ଯାହା ସତ କଥା, ତାହା ନକହି ଆଉ ଗୋଟିଏ କିଛି କହିବାରେ ଖୁସି ପାଉଥାଏ। ମୁଁ କାର୍ଯ୍ୟ କରିବାର ସେହି ଚତୁର ଅଭିସନ୍ଧିମୂଳକ ରୀତିଟି ବିଷୟରେ ବି କହୁନାହିଁ, ଯେଉଁଥିରେ କି କୌଣସି ଏକ ନିର୍ଦ୍ଦିଷ୍ଟ ପରିଣାମ ହାସଲ କରିବାର ମତଲବରେ ସବୁକିଛି କରାଯାଉଥାଏ। କୌଣସି ଏକ କଥା କହୁଥାଏ ଏବଂ ତାହାର ଏକ ନିର୍ଦ୍ଦିଷ୍ଟ ଫଳ ଫଳିବ ବୋଲି ପ୍ରତ୍ୟାଶା ରଖିଥାଏ। ଏହି ପ୍ରକାର ଯାବତୀୟ ସମ୍ମିଶ୍ରଣ, ଯାହାକି ତୁମକୁ ବାର ବାର ନିଜର ଖିଲାପ କରାଇବାରେ ପ୍ରରୋଚନା ଦେଉଥାଏ, ତାହା ଏପରି ଏକ ସ୍ଥୂଳ ଶ୍ରେଣୀୟ ନିଷ୍ଠାହୀନତା ଯେ ଯେକୌଣସି ବ୍ୟକ୍ତି ତାହାକୁ ଅତି ସହଜରେ ବାରି ନେଇ ପାରିବ।"

"ମାତ୍ର ଏହାଠାରୁ ଅଧିକ ସୂକ୍ଷ୍ମ ଅନ୍ୟ ନାନାପ୍ରକାର ନିଷ୍ଠାହୀନତା ରହିଛି, ଯାହାକୁ ବାରି ନେଇ ପାରିବା ପ୍ରକୃତରେ ଭାରି କଷ୍ଟକର ହୋଇଥାଏ। ଉଦାହରଣ ସ୍ୱରୂପ, ଯେପର୍ଯ୍ୟନ୍ତ ତୁମମାନଙ୍କ ମଧ୍ୟରେ ନାନା ସହାନୁଭୂତି ଓ ନାନା ବିଦ୍ୱେଷ ରହିଛି, ତେବେ ଅତ୍ୟନ୍ତ ସ୍ୱାଭାବିକ ଭାବରେ ଏବଂ ସତେ ଯେପରି ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମେ, ଯାହାକିଛି ତୁମ ପ୍ରତି ସହାନୁଭୂତିଶୀଳ ହୋଇ ରହିଛି, ସେଗୁଡ଼ିକୁ ବେଶ୍ ଅନୁକୂଳରୂପେ ପ୍ରତ୍ୟକ୍ଷ କରିବ ଏବଂ ଯାହାକିଛିକୁ ଓ ଯେଉଁ ବ୍ୟକ୍ତିଙ୍କୁ ତୁମେ ଭଲ ପାଉ ନଥିବ, ତାହାଙ୍କୁ ଅନନୁକୂଳ ଓ

ଅପ୍ରୀତିକର ରୂପେ ପ୍ରତ୍ୟକ୍ଷ କରିବାରେ ଲାଗିଥିବ। ଏବଂ ଏଠାରେ ମଧ୍ୟ ଆନ୍ତରିକତାର ଅଭାବଟି ଭାରି ସୁସ୍ପଷ୍ଟ ହୋଇ ଉଠୁଥିବ। ଅବଶ୍ୟ ଏକଥା ବି ସମ୍ଭବ ଯେ ତୁମେ ନିଜକୁ ବେଶ୍ ଧୋକା ଦେବାରେ ଲାଗିଥିବ ଏବଂ ତୁମେ ଯେ ଆନ୍ତରିକତା ହରାଇବସୁଛ, ତାହା ଦେଖି ନପାରୁଥିବା ଭଳି ହେଉଥିବ। ତେବେ, ଏ କ୍ଷେତ୍ରରେ ତୁମର ମାନସିକ ନିଷ୍ଠାହୀନତା ଆସି ତୁମ ସହିତ ସହଯୋଗ କରିବାରେ ଲାଗିଥିବା କାରଣ ଏକଥାଟି ନିଶ୍ଚୟ ସତ ଯେ ସତ୍ତାର ବିଭିନ୍ନ ଅବସ୍ଥା ଅଥବା ବିଭିନ୍ନ ଭାଗଗୁଡ଼ିକ ଅନୁସାରେ କିଞ୍ଚିତ ଭିନ୍ନ ଭିନ୍ନ ପ୍ରକାରର ବିଭିନ୍ନ ନିଷ୍ଠାହୀନତାମାନ ରହିଛନ୍ତି। କେବଳ ଏତିକି ସ୍ମରଣ ରଖିବାକୁ ହେବ ଯେ ଏହି ଯାବତୀୟ ନିଷ୍ଠାହୀନତାର ମୂଳ ସର୍ବଦା ଏପରି ଏକ ଗତି ସ୍ପନ୍ଦନରେ ହିଁ ନିହିତ ହୋଇ ରହିଥାଏ, ଯାହାକି ବାସନାରୁ ଜନ୍ମଲାଭ କରେ, ବ୍ୟକ୍ତିଗତ ଅଭିପ୍ରାୟ ସିଦ୍ଧିର ଅନ୍ୱେଷଣରୁ ଜନ୍ମଲାଭ କରିଥାଏ। ତାହା ଅହଂ ପ୍ରେରଣାରୁ ଜନ୍ମ ହୁଏ, ଅହଂ ପ୍ରେରଣାରୁ ଜାତ ହେଉଥିବା ଯାବତୀୟ ସୀମା ସଂକୀର୍ଣ୍ଣତାର ସମ୍ମିଶ୍ରଣରୁହିଁ ଜନ୍ମଲାଭ କରେ, ବାସନାଜାତ ଯାବତୀୟ ବିକୃତି ମଧ୍ୟରୁ ଜନ୍ମଲାଭ କରିଥାଏ।

''ବସ୍ତୁତଃ, ଯେ ପର୍ଯ୍ୟନ୍ତ ଆମର ଅହଂଟି କ୍ରିୟାଶୀଳ ହୋଇ ରହିଥାଏ, ସେ ପର୍ଯ୍ୟନ୍ତ ଆମେ ସତ୍ତାଟିକୁ କଦାପି ସମ୍ପୂର୍ଣ୍ଣ ନିଷ୍ଠାଯୁକ୍ତ କରିପାରିବା ନାହିଁ, ସିଏ ନିଷ୍ଠାଯୁକ୍ତ ହୋଇ ରହିବାକୁ ଚେଷ୍ଟା କରୁଥିଲେ ମଧ୍ୟ ସେପରି କଦାପି କହିପାରିବା ନାହିଁ। ତେଣୁ ଆମକୁ ଅହଂର ବାଡ଼ଟିକୁ ଅତିକ୍ରମ କରିଯିବାକୁ ପଡ଼ିବ, ଭଗବତ୍ ପରମ ଇଚ୍ଛା ପାଖରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ କରି ରଖିବାକୁ ପଡ଼ିବ, କୌଣସି ପ୍ରକାର କାର୍ପଣ୍ୟ ଅଥବା ହିସାବ ନରଖି ନିଜକୁ ଦେଇଦେବାକୁ ପଡ଼ିବ... ତେବେ ଯାଇ ସମ୍ପୂର୍ଣ୍ଣ ନିଷ୍ଠାଯୁକ୍ତ ହୋଇ ହେବ, ତା' ପୂର୍ବରୁ କଦାପି ନୁହେଁ।

''ମାତ୍ର ଏହାର ଅର୍ଥ ନୁହେଁ ଯେ, ଆମେ ବର୍ତ୍ତମାନ ଯେତିକି ନିଷ୍ଠାଯୁକ୍ତ ହୋଇ ରହିଛୁ, ତା'ଠାରୁ ଆହୁରି ଅଧିକ ନିଷ୍ଠାଯୁକ୍ତ ହୋଇ ପାରିବା ଲାଗି ଆମେ ଆଦୌ କୌଣସି ଚେଷ୍ଟା କରିବା ନାହିଁ। ଆମେ କଦାପି ନିଜକୁ ଏହିପରି କହିବାକୁ ଯିବା ନାହିଁ : 'ଭଲ କଥା। ନିଷ୍ଠାଯୁକ୍ତ ହେବା ପୂର୍ବରୁ ମୁଁ ଆଗ ମୋର ଅହଂପ୍ରେରଣାଟା ଅନ୍ତର୍ହିତ ହୋଇଯିବା ଯାଏ ଅପେକ୍ଷା କରିବି।' କାରଣ, ଏହି କ୍ଷେତ୍ରରେ ହୁଏତ ଯୁକ୍ତିଟିକୁ ଓଲଟା ବି କରିଦେଇ ହେବ ଏବଂ କୁହାଯାଇପାରିବ ଯେ, ଯଦି ତୁମେ ନିଷ୍ଠାଯୁକ୍ତ ଭାବରେ ଚେଷ୍ଟା ନକରିବ, ତେବେ ତୁମର ଅହଂ କଦାପି ଅନ୍ତର୍ହିତ ହୋଇଯିବ ନାହିଁ। ତେଣୁ, ନିଷ୍ଠା ବା ଆନ୍ତରିକତା ହେଉଛି ଯାବତୀୟ ପ୍ରକାରର ଯଥାର୍ଥ ଉପଲବ୍ଧିର ଭିତ୍ତିସ୍ୱରୂପ - ଏହା ହେଉଛି ପ୍ରକୃତ ସାଧନ, ପ୍ରକୃତ ମାର୍ଗ; - ଏବଂ ଆମର ଉଦ୍ଦେଶ୍ୟ ମଧ୍ୟ। ଏହାର ଅଭାବ ରହିଥିଲେ ତୁମେ ଅଗଣିତ କେତେ କେତେ ଭୁଲ କରିବାରେ ଲାଗିଥିବ; ଏବଂ ତଦ୍ଦ୍ୱାରା ତୁମେ ନିଜ ପ୍ରତି ଓ ଅନ୍ୟମାନଙ୍କ ପ୍ରତି ଯେଉଁ ଅନିଷ୍ଟାଚରଣ କରୁଛ, ସେଥିଲାଗି ତୁମକୁ ଅବିରତ ପ୍ରତିବିଧାନ କରିବାକୁ ପଡୁଥିବ।

'' ଏତତ୍ ବ୍ୟତୀତ, ଆନ୍ତରିକତାରୁ ଲବ୍ଧ ହେଉଥିବା ଏକ ଅତ୍ୟନ୍ତ ମହିମମୟ ଆନନ୍ଦ ମଧ୍ୟ ରହିଛି। ଆନ୍ତରିକତା ସହିତ ଆମେ ଯାହାକିଛି କରୁଥିବା, ସେଇଥିରେହିଁ ତା'ର ପ୍ରାପ୍ୟ ପୁରସ୍କାରଟି ନିହିତ ହୋଇ ରହିଥିବ : ତୁମେ ନିଜକୁ ବିଶୁଦ୍ଧ ହୋଇ ଯାଉଥିବା ପରି ଅନୁଭବ କରୁଥିବ, ଉପରକୁ ଉତ୍ତୋଳିତ ହୋଇ ଯାଉଥିବ, ମିଥ୍ୟାର ଏତେ ଟିକିଏ କଣାକୁ ମଧ୍ୟ ବର୍ଜନ କରି ଆସିବା ପରେ ଯେଉଁ ମୁକ୍ତିର ସ୍ୱାଦ ମିଳେ, ତୁମେ ସେହି ସ୍ୱାଦଟିକୁ ଅନୁଭବ କରୁଥିବ।

''ନିଷ୍ଠା ବା ଆନ୍ତରିକତା ହେଉଛି ଆମ ଲାଗି ସକଳ ନିରାପତ୍ତାର ପ୍ରହରୀ, ଏହା ଆମର ସୁରକ୍ଷା, ଆମର ମାର୍ଗଦର୍ଶକ ଏବଂ ସର୍ବୋପରି ଆମର ରୂପାନ୍ତର ସାଧନ କରିପାରୁଥିବା ଯଥାର୍ଥ ଶକ୍ତି।'' (୧୯.୧୨.୧୯୫୬)

ଶେଷରେ ଶ୍ରୀଅରବିନ୍ଦଙ୍କର 'ମା' ପୁସ୍ତକରୁ : ''ତୁମର ଆନ୍ତରିକତା ଓ ତୁମର ସମର୍ପଣ ହେଉ ଯଥାର୍ଥ ଏବଂ ସମ୍ପୂର୍ଣ୍ଣ। ଯେବେ ତୁମକୁ ନିଜକୁ ଦେଇ ଦେବାକୁ ହୁଏ, ତେବେ ନିଃଶେଷରେ ଦେଇ ଦିଅ, କୌଣସି ଦାବି, କୌଣସି ସର୍ତ୍ତ, କୌଣସି କୁଣ୍ଠିତ ଭାବ ରଖନାହିଁ, ଯଦ୍ଦ୍ୱାରା ତୁମର ସକଳ ବସ୍ତୁ ଦିବ୍ୟଜନନୀଙ୍କର ହୋଇଯିବ, ଅହଂକାର ପାଇଁ ଅଥବା ଅନ୍ୟ କୌଣସି ଶକ୍ତିକୁ ଦେବା ସକାଶେ ଯେପରି ଆଉ କିଛି ଅବଶିଷ୍ଟ ନଥିବ।

''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେହିଁ ଘେରି ରହିବ। ଯଦି ମା' ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ ସମୂହରେ ହେଉ, କୌଣସି ଶତ୍ରୁଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉ ନା କାହିଁକି, ତୁମକୁ ସ୍ପର୍ଶ କରିପାରିବ ନାହିଁ; କୌଣସି ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ। ଏହି କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ। କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି। ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ।

❑❑❑

# ସୁବିଦିତ କ୍ରିପ୍ସ ପ୍ରସ୍ତାବ

ନିରଦବରଣ

କଂଗ୍ରେସ ନୀତିର ନିଷ୍ଫଳତା ଯୋଗୁଁ ଯେଉଁ ଆଂଶିକ ସଙ୍କଟ ଉପସ୍ଥିତ ହୋଇଥିଲା, ତହିଁରୁ ମୁକ୍ତି ଲାଭ କରିବା ନିମିତ୍ତ ସୁଯୋଗ ଆସି ପହଞ୍ଚିଲା କ୍ରିପ୍ସ ପସ୍ତାବ ରୂପେ, ଏବଂ ଯଦି ଏହି କ୍ରିପ୍ସ ପ୍ରସ୍ତାବ ଗୃହୀତ ହୋଇ ଥାଆନ୍ତା, ତେବେ ଭାରତର ଭାଗ୍ୟ ପରିବର୍ତ୍ତିତ ହୋଇଯାଇଥାଆନ୍ତା। କିନ୍ତୁ ଅବିଶ୍ୱାସ, ଅନଟନ, ଅସନ୍ତୋଷର ଶକ୍ତି ଏକ ସଙ୍ଗେ ଏବଂ ହଠାତ୍ ସବୁକିଛି ଚାହୁଁଥିଲା। ଏହାରି ଭିତର ଦେଇ ଯେ 'ସ୍ୱରାଜ' ମଧ୍ୟ ଆସିବ ଏହି କଥା କେହି ଦେଖିପାରିଲେ ନାହିଁ। ଛୋଟ ଛୋଟ କଥା ଘେନି ବାଦ ବିବାଦ ଉଠିଲା, କିନ୍ତୁ କେନ୍ଦ୍ରୀୟ ପ୍ରଧାନ ଲକ୍ଷ୍ୟ ହାସଲ କଥା ସମସ୍ତେ ଭୁଲିଗଲେ। ଶ୍ରୀଅରବିନ୍ଦ କ୍ରିପ୍ସ ପ୍ରସ୍ତାବରେ ଭାରତର ଜଟିଳ ସମସ୍ୟାର ସମାଧାନ ଏବଂ ଭାରତ ସ୍ୱାଧୀନତା ଲାଭର ଏକ ଅପୂର୍ବ ସୁଯୋଗ ଦେଖିବାକୁ ପାଇଲେ। ଆମର ମନେରଖିବା ଉଚିତ ଯେ ଏହି ପ୍ରସ୍ତାବର ଲକ୍ଷ୍ୟ ଥିଲା ଏକ ଅଖଣ୍ଡ ସ୍ୱତନ୍ତ୍ର ଭାରତ ଏବଂ ଶତ୍ରୁ ବିରୁଦ୍ଧରେ ଏକ ଯୁକ୍ତସାମୁଖ୍ୟ ପ୍ରତିଷ୍ଠା କରିବା। ସେ ସାର୍ ଷ୍ଟାଫୋର୍ଡ଼ କ୍ରିପ୍ସଙ୍କୁ ସଙ୍ଗେ ସଙ୍ଗେ ଏହି ପ୍ରସ୍ତାବକୁ ଅଭିନନ୍ଦନ ଜଣାଇ ଏକ ବାଣୀ ପାଠାଇଲେ ଏବଂ ଭାରତୀୟ ନେତୃବର୍ଗଙ୍କୁ ଏହା ଗ୍ରହଣ କରିବାକୁ ପରାମର୍ଶ ଦେଲେ। ତାଙ୍କର ବାଣୀ ଏହିପରି ଥିଲା :

''ମୁଁ ଆକାଶବାଣୀରୁ ଆପଣଙ୍କର ପ୍ରଚାରିତ ପ୍ରସ୍ତାବ ଶୁଣିଛି। ଏକଦା ମୁଁ ଭାରତର ସ୍ୱାଧୀନତା ନିମିତ୍ତ ଜଣେ କର୍ମୀ ଓ ରାଜନୈତିକ ନେତାରୂପେ କାର୍ଯ୍ୟ କରିଥିଲି, ଯଦିଓ ବର୍ତ୍ତମାନ ମୋର କାର୍ଯ୍ୟ ଆଉ ରାଜନୈତିକ ନୁହେଁ, ବରଂ ଆଧ୍ୟାତ୍ମିକ କ୍ଷେତ୍ରରେ; କିନ୍ତୁ ଆପଣ ଏହି ପ୍ରସ୍ତାବ ଆଣିବା ନିମିତ୍ତ ଯେଉଁ ପରିଶ୍ରମ କରିଛନ୍ତି, ତାହାକୁ ମୁଁ ହାର୍ଦ୍ଦିକ ପ୍ରଶଂସା କରୁଛି। ମୁଁ ଏହି ପ୍ରସ୍ତାବକୁ ସ୍ୱାଗତ କରୁଛି, ଏହାଦ୍ୱାରା ଭାରତକୁ ଏକ ସୁଯୋଗ ଦିଆଯାଇଛି ଯାହାଦ୍ୱାରା ତାହା ଆତ୍ମ-ନିୟନ୍ତ୍ରଣର ଅଧିକାର ଲାଭ କରିପାରିବ, ତାହାର ନିଜର ସ୍ୱାଧୀନତା ଏବଂ ଏକତାକୁ ସଙ୍ଗଠିତ କରି ପୃଥିବୀର ସ୍ୱାଧୀନ ରାଷ୍ଟ୍ରମାନଙ୍କ ମଧ୍ୟରେ ଏକ ଫଳପ୍ରସୁ ସ୍ଥାନ ଗ୍ରହଣ କରିବ। ମୁଁ ଆଶା କରୁଛି ସବୁ ପ୍ରକାର ବାଦବିସମ୍ବାଦକୁ ଦୂରକୁ ଫିଙ୍ଗିଦେଇ ଏହା ଗୃହୀତ ହେବ ଏବଂ ତାହାର ଯଥାଯଥ ବ୍ୟବହାର କରାହେବ। ମୁଁ ଆଶା କରୁଛି ଅତୀତର ସଂଘର୍ଷକୁ ବାଦ୍ ଦେଇ ବ୍ରିଟେନ୍ ଓ ଭାରତ ମଧ୍ୟରେ ବନ୍ଧୁତ୍ୱର ସମ୍ପର୍କ ପ୍ରତିଷ୍ଠିତ ହେବ ଏବଂ ଏହା ବୃହତ୍ତର ବିଶ୍ୱ-ଐକ୍ୟ ନିମିତ୍ତ ଏକ ପାବଚ୍ଛ ହେବ ଏବଂ ଏକ ମୁକ୍ତ ରାଷ୍ଟ୍ର ରୂପେ ଭାରତର ଅଧ୍ୟାତ୍ମଶକ୍ତି ସମଗ୍ର ମାନବ ଜାତିର ଅଧିକ ମଙ୍ଗଳମୟ ଓ ସୁଖମୟ ଜୀବନ ଗଠନ କରିବାରେ ସହାୟକ ହେବ। ଏହି ଅର୍ଥରେ ମୁଁ ଏଥି ନିମିତ୍ତ ପ୍ରକାଶ୍ୟ ସମର୍ଥନ ଜଣାଉଛି, ଯଦି ଏହିପରି କରିବା ଦ୍ୱାରା ଏହା ଆପଣଙ୍କ କାର୍ଯ୍ୟରେ କୌଣସି ସାହାଯ୍ୟ କରିପାରେ।''

ସାର୍ ଷ୍ଟାଫୋର୍ଡ଼ କ୍ରିପ୍ସ ଉତ୍ତର ଦେଲେ, ''ମୁଁ ଆପଣଙ୍କ ବାଣୀ ଦ୍ୱାରା ଅଭିଭୂତ ଏବଂ କୃତକୃତ୍ୟ ହୋଇପଡ଼ିଛି ମୁଁ ଏହା ଦ୍ୱାରା ଭାରତବାସୀଙ୍କୁ କହିବାକୁ ଚାହେଁ ଯେ ଆପଣ, ଯେ କି ଭାରତୀୟ ଯୁବ-ମାନସରେ ଏକ ଅଭୂତପୂର୍ବ ସ୍ଥାନ ଗ୍ରହଣ କରିଛନ୍ତି, ଅନ୍ତତଃ ବିଶ୍ୱାସ କରିପାରିଲେ ଯେ ମହାମାନ୍ୟ ବ୍ରିଟିଶ ସରକାରଙ୍କ ଏହି ଘୋଷଣା ସାରତଃ ଭାରତକୁ ସେହି ସ୍ୱାଧୀନତା ପ୍ରଦାନ କରୁଛି, ଯାହା ନିମିତ୍ତ ଭାରତୀୟ ଜାତୀୟବାଦୀମାନେ ଏପର୍ଯ୍ୟନ୍ତ ସଂଘର୍ଷ କରିଆସିଛନ୍ତି।''

ଆଉ ମଧ୍ୟ ଶ୍ରୀଅରବିନ୍ଦ ମି. ଶିବରାଓଙ୍କ ମାଧ୍ୟମରେ ପଣ୍ଡିତ ନେହେରୁ ଓ ମହାତ୍ମା ଗାନ୍ଧୀଙ୍କ ପାଖକୁ ଖବର ପଠାଇଲେ ଯେ କ୍ରିପ୍ସଙ୍କ ପ୍ରସ୍ତାବ ବିନାସର୍ତ୍ତରେ ଗ୍ରହଣ କରାଯାଉ। ପରିଶେଷରେ ସଦ୍‌ବୁଦ୍ଧି ଏବଂ ଜ୍ଞାନର ଜୟ ହେବ ଭାବି, ଏହି ପ୍ରସ୍ତାବକୁ ଗ୍ରହଣ କରିବା ନିମିତ୍ତ କଂଗ୍ରେସ ନେତାମାନଙ୍କୁ ନିବେଦନ କରି ତାଙ୍କ ଦୂତକୁ ଦିଲ୍ଲୀ ପଠାଇଲେ। ଏହିପରି ଏକ ଘଡ଼ିସନ୍ଧି କାଳରେ ଯେଉଁ ଭୁଲ କରାହେବାକୁ ଯାଉଥିଲା ସେଥିପ୍ରତି ଏକ ନିଷ୍କ୍ରିୟ ଦ୍ରଷ୍ଟା ହୋଇ ରହିବାକୁ ସେ ଚାହିଁ ନଥିଲେ। ଦ୍ରଷ୍ଟାରୂପେ ସେ ଦେଖି ପାରିଲେ ଯେ ସେହି ପ୍ରସ୍ତାବ ଏକ ଦିବ୍ୟ ପ୍ରେରଣା ଦ୍ୱାରା ଅନୁପ୍ରେରିତ ହୋଇ ଆସିଛି। ଏହି ଦୃଶ୍ୟଟି ଏବେ ବି ଆମ ସ୍ମୃତିପଟରେ ସଦ୍ୟ ହୋଇ ରହିଛି। ତାହା ଥିଲା ସନ୍ଧ୍ୟା ସମୟ। ଶ୍ରୀଅରବିନ୍ଦ ତାଙ୍କର ଚାଲିବା ବ୍ୟାୟାମର ଠିକ୍ ପରେ ପରେ ବିଛଣା ଧାରରେ ବସିଛନ୍ତି। ଆମ୍ଭେମାନେ ସମସ୍ତେ ଉପସ୍ଥିତ ଥିଲୁ। ଦୁରାଇସ୍ୱାମୀ, ମାନ୍ଦ୍ରାଜର ଜନୈକ ବିଖ୍ୟାତ ଓକିଲ ତଥା ଶିଷ୍ୟ ଏବଂ ସୁପ୍ରସିଦ୍ଧ କଂଗ୍ରେସ ନେତା ରାଜାଜୀଙ୍କ ବନ୍ଧୁ, ଶ୍ରୀଅରବିନ୍ଦଙ୍କ ଦୂତରୂପେ ବଛାଗଲେ। ସେ ଆସି ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ କଲେ, ସାଷ୍ଟାଙ୍ଗ ପ୍ରଣାମ କରି ତାଙ୍କର ଆଶୀର୍ବାଦ ଭିକ୍ଷା କଲେ, ତା'ପରେ ତାଙ୍କ ସମ୍ମୁଖରେ କିଛି ସମୟ

ଯୋଡ଼ହସ୍ତ ହୋଇ ଛିଡ଼ା ହୋଇ ଚାହିଁ ରହିଲେ ଏବଂ ତା'ପରେ ବିଦାୟ ନେଲେ। ଶ୍ରୀଅରବିନ୍ଦଙ୍କ ମହାକାବ୍ୟ 'ଇଲିୟନ'ରେ 'ତଲଥିବିୟସ' ଟ୍ରୟକୁ ଦୂତରୂପେ ଯିବାକଥା ଏଠାରେ ସ୍ମରଣ ହେଉଛି। ସେହିପରି ଦୁରାଇସ୍ୱାମୀ ତାଙ୍କର କ୍ଷୀଣ ହସ୍ତରେ ଭାରତର ଆତ୍ମାକୁ ଧରି ପ୍ରସ୍ଥାନ କଲେ, ପୁଣି ଫେରିଆସିଲେ ଅଧୋବଦନରେ - ସେହି ଅଯାଚିତ ଉପଦେଶ ନିମିତ୍ତ ପୁରସ୍କାର ରୂପେ କେତେକ କଟୁକ୍ତି। ଏପରିକି ଶ୍ରୀଅରବିନ୍ଦ ରାଜଗୋପାଳଚାରୀ ଏବଂ ଡକ୍ଟର ମୁଞ୍ଜେଙ୍କ ନିକଟକୁ ଏହି ପ୍ରସ୍ତାବ ଗ୍ରହଣ ନିମିତ୍ତ ଟେଲିଗ୍ରାମ ପଠାଇଲେ। ସାର୍ ଷ୍ଟାଫୋର୍ଡ଼ କ୍ରିପ୍‌ସ ଭଗ୍ନ ହୃଦୟରେ ଫେରିଗଲେ, କିନ୍ତୁ ଏହି ସାନ୍ତ୍ୱନା ଏବଂ ସନ୍ତୋଷଜନକ ସ୍ୱୀକୃତି ସହ ଯେ ଜଣେ ମହାନ୍ ବ୍ୟକ୍ତି ଏହି ପ୍ରସ୍ତାବକୁ ଅଭିନନ୍ଦନ ଜଣାଇଛନ୍ତି। ଯେତେବେଳେ ତାଙ୍କ ପ୍ରସ୍ତାବ ଗୃହୀତ ହେଲା ନାହିଁ, ସେତେବେଳେ ଶ୍ରୀଅରବିନ୍ଦ ସ୍ଥିରକଣ୍ଠରେ କହିଲେ, ''ମୁଁ ଜାଣିଥିଲି ଯେ ଏହା ବିଫଳ ହେବ।'' ଆମ୍ଭେମାନେ ସଙ୍ଗେ ସଙ୍ଗେ ତାଙ୍କୁ ଆକ୍ରମଣ କରି କହିଲୁ, ''ତା'ହେଲେ ଆପଣ ଦୁରାଇସ୍ୱାମୀଙ୍କୁ ଏମିତି ପଠାଇଲେ କାହିଁକି ?'' ''ଟିକିଏ ନିଷ୍କାମ କର୍ମ କରିବା ନିମିତ୍ତ'' - ଏହାହିଁ ତାଙ୍କର ଧୀରସ୍ଥିର ଉତ୍ତର; ସେଥିରେ କୌଣସି ପ୍ରକାର ତିକ୍ତତା ବା ବିରୋଧ ଭାବ ନଥିଲା। ଡ଼ିସେମ୍ବର ୧୯୩୩ରେ ଲିଖିତ ଏକ ପତ୍ରରେ ଏହିପରି ଅର୍ଥପୂର୍ଣ୍ଣ ନିଷ୍କାମ କର୍ମର ବର୍ଣ୍ଣନା କରି ସେ ଲେଖିଥିଲେ (ଏହା ତାଙ୍କ ଆଧ୍ୟାତ୍ମିକ କର୍ମ ସମ୍ପର୍କରେ), ''ମୁଁ ମୋର କର୍ମର ଫଳ ସମ୍ବନ୍ଧରେ ନିଶ୍ଚିତ। ଯଦି ବା ମୁଁ ଦେଖିବି ଯେ କିଛି ବି ଫଳ ମିଳି ନପାରେ (ଯାହା ଏକେବାରେ ଅସମ୍ଭବ) ତଥାପି ମୁଁ ଏଥିରେ ଏକାନ୍ତ ଅବିଚଳିତ ରହିବି, କାରଣ ମୋ ସାମର୍ଥ୍ୟ ଅନୁଯାୟୀ ଯାହା ମୋର କାର୍ଯ୍ୟ ତାହା ମୁଁ ନିଶ୍ଚୟ କରିଯିବି ଏବଂ ଏହିପରି ଭାବରେ ଯାହା କରାଯାଏ, ବିଶ୍ୱର ନିୟମାବଳୀ ମଧ୍ୟରେ ତାହାର ମୂଲ୍ୟ ଅଛି।'' ଆମ୍ଭେମାନେ କ୍ରିପ୍‌ସ୍ ପ୍ରସ୍ତାବ ପ୍ରତ୍ୟାଖ୍ୟାନର ପରବର୍ତ୍ତୀ ଘଟଣାବଳୀ ସବୁ ଜାଣୁ - ବିକ୍ଷୋଭ, ଦୁର୍ଘଟଣା, ଦେଶବିଭାଗ, ରକ୍ତସ୍ନାନ ଇତ୍ୟାଦି ଇତ୍ୟାଦି ଏବଂ ପରିଶେଷରେ ଅତି ବିଳମ୍ବରେ ଏହି ଚରମ ଭ୍ରାନ୍ତିର ସ୍ୱୀକୃତି। ଯେତେବେଳେ ଦେଶବିଭାଗକୁ ଏକ ସ୍ଥିର ଘଟଣା ବୋଲି ମାନି ନିଆଗଲା, ସେତେବେଳେ ଶ୍ରୀଅରବିନ୍ଦଙ୍କ ସେହି ''କବି''ର ବାଣୀ ପୁନଶ୍ଚ ଶୁଣାଗଲା। ''କିନ୍ତୁ ଯେକୌଣସି ଭାବରେ ହେଉ, ଯେକୌଣସି ଉପାୟରେ ହେଉ, ଦେଶବିଭାଗ ନିଶ୍ଚୟ ଦୂର ହେବ ଏବଂ ଏକତ୍ୱ ନିଶ୍ଚୟ ପ୍ରତିଷ୍ଠିତ ହେବ, କାରଣ ଏହା ଭାବୀ ଭାରତର ମହାନତା ନିମିତ୍ତ ଆବଶ୍ୟକ।'' ଅତୀତର ଘଟଣାବଳୀ ଶ୍ରୀଅରବିନ୍ଦଙ୍କ ଗମ୍ଭୀର ସତର୍କବାଣୀକୁ ଯୁକ୍ତି ସଙ୍ଗତ ବୋଲି ପ୍ରମାଣ କରିଛି, ଏବଂ ବର୍ତ୍ତମାନର ଘଟଣାବଳୀ ଏହି ଦେଶବିଭାଗର ଅବସାନ ନିମିତ୍ତ ରାସ୍ତା ଖୋଲି ଦେଇଛି।

ଯେଉଁ ସାଧକ-ବନ୍ଧୁଙ୍କ କଥାକୁ ପୂର୍ବେ ଉଦ୍ଧାର କରିଛି, ପୁନଶ୍ଚ ତାଙ୍କରି କଥା ପ୍ରତି ଦୃଷ୍ଟି ଆକର୍ଷଣ କରୁଛି। କ୍ରିପ୍‌ସ୍-ପ୍ରଶ୍ନ (Cripps- question) ଉପରେ ମା'ଙ୍କର ଭୂମିକା ସମ୍ବନ୍ଧେ ସେ କହିଛନ୍ତି :

ତତ୍ପରେ ସୁବିଦିତ କ୍ରିପ୍‌ସ୍ ପ୍ରସ୍ତାବ ଆସି ପହଞ୍ଚିଲା। ସେଦିନ ସନ୍ଧ୍ୟାରେ ସାର୍ ଷ୍ଟାଫୋର୍ଡ କ୍ରୀପ୍‌ସ୍ (Sir Stafford Cripps) ତାଙ୍କର ପ୍ରସ୍ତାବକୁ ଦିଲ୍ଲୀରୁ ଭାରତବାସୀଙ୍କ ସକାଶେ ବେତାର ଯୋଗେ ପ୍ରଚାର କଲେ। ସେହି ବାର୍ତ୍ତା ସର୍ବତ୍ର ଆଲୋଚିତ ହେବାକୁ ଲାଗିଲା। 'ପ' କୋଠରୀରେ ଏକ ବେତାର ଯନ୍ତ୍ର (Radio) ରଖାଗଲା ଏବଂ ସେଠାରୁ ଶ୍ରୀଅରବିନ୍ଦଙ୍କ କୋଠରୀକୁ ତାର-ସଂଯୋଗ କରାଗଲା ଯେପରି କି ଜର୍ମାନୀ ଓ ଇଟାଲୀ ଅଞ୍ଚଳ (Axis zone) ବ୍ୟତୀତ ପୃଥିବୀର ସମସ୍ତ ଅଞ୍ଚଳରୁ ଶ୍ରୀଅରବିନ୍ଦ ଯୁଦ୍ଧ-ସମ୍ବାଦ ଓ ବିବରଣୀ ଶୁଣି ପାରିବେ।

"ପରବର୍ତ୍ତୀ ଦିନ ୧.୩୦ ମିନିଟ୍‌ରେ ବେତାର ସମ୍ବାଦ ପରେ ପ୍ରାୟ ଦୁଇଟା ବେଳକୁ 'ପ'ଙ୍କ ସମେତ 'ପ'ଙ୍କ କୋଠରୀରେ ତିନିଜଣ ସାଧକଙ୍କ ମଧ୍ୟରେ ଖୁବ୍ ଗରମାଗରମ ଆଲୋଚନା ଚାଲିଲା। 'ପ' ଜଣେ ଖାଣ୍ଟି ଅଧ୍ୟାତ୍ମ ମାନବର ଦୃଷ୍ଟିକୋଣ ଅର୍ଥାତ ବାହ୍ୟ ଘଟଣାର ପଶ୍ଚାତ୍‌କୁ ଦୃଷ୍ଟି ପକାଇ ବିଷୟଟିକୁ ବିଚାର କଲେ। ତାଙ୍କ କଥାରୁ ଜଣାଗଲା ଯେ ସେ ମା'ଙ୍କ ସହ ଏ ସମ୍ବନ୍ଧେ କଥାବାର୍ତ୍ତା କରିଥିଲେ, ତେଣୁ ସେହି ପ୍ରସ୍ତାବର ଗ୍ରହଣ ନିମିତ୍ତ ଏପରି ଜୋର୍‌ରେ ଯୁକ୍ତି କରୁଥିଲେ। ଦ୍ୱିତୀୟ ବ୍ୟକ୍ତି ଗାନ୍ଧିବାଦୀ କଂଗ୍ରେସର ଜଣେ ଅଭିଜ୍ଞ ରାଜନୀତିଜ୍ଞ ଥିଲେ ଏବଂ ସେହି ଦୃଷ୍ଟିରୁ ଏହି ପ୍ରସ୍ତାବର ବିରୁଦ୍ଧ ମନୋଭାବ ଗ୍ରହଣ କଲେ। ସେ ଏହି ପ୍ରସ୍ତାବର ସପକ୍ଷ ଓ ବିପକ୍ଷ ଉଭୟ ଦିଗରୁ ଯୁକ୍ତି କଲେ ଏବଂ ମତ ଦେଲେ ଯେ ଭାରତୀୟ ନେତାମାନେ ଏହାକୁ ପ୍ରତ୍ୟାଖ୍ୟାନ କରିବା ଆବଶ୍ୟକ। ତୃତୀୟ ବ୍ୟକ୍ତି ରାଜନୀତି ସମ୍ପର୍କରେ ଅନଭିଜ୍ଞ ସମ୍ପୂର୍ଣ୍ଣ ନୂତନ ଏବଂ ସେ ଏହି ପ୍ରସ୍ତାବ ସ୍ୱୀକାରର ସପକ୍ଷରେ ବିଶେଷ ଭାବେ ମତ ଦେଲେ। ଏହି ଆଲୋଚନା ଏପରିଭାବେ ଅଧିକରୁ ଅଧିକ ଉତ୍ତେଜନାପୂର୍ଣ୍ଣ ହେଲା ଯେ ମା' ଯେତେବେଳେ ତାଙ୍କର ସ୍ନାନାଗାରରୁ ପୋଷାକ-ପରିଧାନର କୋଠରୀକୁ ଯାଉଥିଲେ ସେତେବେଳେ ଏହି ଅସ୍ୱାଭାବିକ ଉଚ୍ଚ ଶବ୍ଦ ଦ୍ୱାରା ଆକୃଷ୍ଟ ହେଲେ। ସେ ତାଙ୍କର ପୋଷାକ ପରିଧାନର କୋଠରୀକୁ ନ ଯାଇ 'ପ'ଙ୍କ କୋଠରୀ ଆଡକୁ ମୁହାଁଇଲେ। ସେହି କୋଠରୀରେ ପ୍ରବେଶ କରିବା ପୂର୍ବରୁ ସେ ସେହି ଆଲୋଚନାର କିଛି ଅଂଶ ଶୁଣିଲେ ଏବଂ ତତ୍ପରେ ସେ 'ପ'ଙ୍କ କୋଠରୀକୁ ପ୍ରବେଶ କରି ପଚାରିଲେ, " କେଉଁ ବିଷୟରେ ଏ ସବୁ କଥାବାର୍ତ୍ତା ଚାଲିଛି ?" 'ପ' କହିଲେ ଯେ କ୍ରିପ୍‌ସ୍-ପ୍ରସ୍ତାବକୁ ଭାରତୀୟ ନେତାମାନେ ଗ୍ରହଣ କରିବା ଉଚିତ ନୁହେଁ ବୋଲି ଏଠାରେ ଜଣେ କହିଲେ। ମା'

ଏକଥାରେ ଟିକିଏ ଆଗ୍ରହୀ ହୋଇ ପଚାରିଲେ, "କାହିଁକି ?" ସେତେବେଳକୁ ମା' ତାଙ୍କ ସମ୍ମୁଖରେ ଥିବା ଏକ ଚଉକିରେ ବସି ସାରିଥିଲେ। ଏହା ଏକ ଅସ୍ୱାଭାବିକ ଏବଂ ଆନନ୍ଦଦାୟକ ଦୃଶ୍ୟ ଥିଲା, କାରଣ ମା ସିଧା ସ୍ନାନାଗାରରୁ ତାଙ୍କର ସୁନ୍ଦର ଜାପାନୀ କିମୋନୋ ପୋଷାକ ପରିଧାନ କରି ବାହାରି ଆସିଥିଲେ ଏବଂ ସେ ପର୍ଯ୍ୟନ୍ତ ତାଙ୍କର ପୋଷାକ ପରିବର୍ତ୍ତନ ଉପରେ ବିଶେଷ ଗୁରୁତ୍ୱ ନ ଦେଇ କ୍ରିପ୍ସ୍-ପ୍ରସ୍ତାବ ଗ୍ରହଣ ବିରୁଦ୍ଧରେ ଯୁକ୍ତି ଶୁଣିବାକୁ ଅଧିକ ଆଗ୍ରହୀ ହୋଇଥିଲେ। ତା'ପରେ ସେ ଅତି ଧୀରସ୍ଥିର ଏବଂ ସ୍ପଷ୍ଟ କଣ୍ଠରେ କଥା କହିବାକୁ ଆରମ୍ଭ କଲେ। ସେତେବେଳେ ଯେ କେହି ଅନୁଭବ କରି ପାରିଥାନ୍ତା ଯେ ମା' ଅତି ଅଳ୍ପ କେତେ ମିନିଟ୍ ପୂର୍ବରୁ ସେହି କୋଠରୀ ମଧ୍ୟରେ ପ୍ରବେଶ କରିଥିଲେ ମଧ୍ୟ ସତେ ଯେପରି ଅନ୍ୟ କେଉଁ ଜଗତରୁ ଆସି କଥା କହୁଥିବାର ମନେ ହେଉଥିଲେ। ସେହି ସମୟରେ ଆଶ୍ରମରେ ଟେପ୍-ରେକର୍ଡିଂ କରିବାର କୌଣସି ବ୍ୟବସ୍ଥା ନଥିଲା।

"ଏହି ଘଟଣା ଉପରେ ସେ ମନ୍ତବ୍ୟ ଦେଲେ ଯେ, 'କ୍ରିପ୍ସ୍-ପ୍ରସ୍ତାବ ବିଷୟକୁ ପୂର୍ଣ୍ଣତଃ ଭଗବାନଙ୍କ ହାତରେ ଛାଡିଦେବା ଉଚିତ, ଏହି ପୂର୍ଣ୍ଣ ବିଶ୍ୱାସ ରଖିବା ଆବଶ୍ୟକ ଯେ ଭଗବାନ ସବୁକିଛିହିଁ ଠିକ୍ ଭାବେ କରିବେ। ଏହି ପ୍ରସ୍ତାବରେ ନିଶ୍ଚୟ କିଛି ଦୋଷ ତ୍ରୁଟି ରହିଛି। ପୃଥିବୀପୃଷ୍ଠରେ ମନୁଷ୍ୟକୃତ କୌଣସି କର୍ମ ସମ୍ପୂର୍ଣ୍ଣ ନିର୍ଦୋଷ ନୁହେଁ, କାରଣ ମନୁଷ୍ୟ ମନର ସାମର୍ଥ୍ୟ ଅତି ସୀମିତ। ତଥାପି ଏହି ପ୍ରସ୍ତାବ ପଶ୍ଚାତରେ ପ୍ରତ୍ୟକ୍ଷ ଭାବେ ଭଗବତ୍ କୃପା ବିଦ୍ୟମାନ। ଭଗବତ୍ କୃପା ବର୍ତ୍ତମାନ ଭାରତର ଦ୍ୱାରଦେଶରେ ଉପସ୍ଥିତ ଏବଂ ସାହାଯ୍ୟ କରିବାକୁ ପ୍ରସ୍ତୁତ କୌଣସି ଦେଶର ଇତିହାସରେ ଏତାଦୃଶ ସୁଯୋଗ ସର୍ବଦା ଆସେ ନାହିଁ। ଭଗବତ୍ କୃପା କ୍ୱଚିତ ମୁହୂର୍ତ୍ତରେ ଆସି ନିଜେ ଉପସ୍ଥିତ ହୁଏ, କୌଣସି ଦେଶର ଶହ ଶହ ବର୍ଷର ପ୍ରସ୍ତୁତି ପରେ ଏହା ଆସିଥାଏ। ଯଦି ଏହାକୁ ଗ୍ରହଣ କରାଯାଏ ତେବେ ଦେଶ ଭଗବତ୍ ଚେତନା ମଧ୍ୟରେ ବଞ୍ଚି ରହେ ଓ ନବଜନ୍ମ ଲାଭ କରେ। କିନ୍ତୁ ଯଦି ଏହାକୁ ପ୍ରତ୍ୟାଖ୍ୟାନ କରାଯାଏ ତେବେ ଭଗବତ୍ କୃପା ନିଜକୁ ପ୍ରତ୍ୟାହୃତ କରିନେବ ଏବଂ ଦେଶ ଭୟଙ୍କର ଦୁଃଖକଷ୍ଟର ସମ୍ମୁଖୀନ ହେବ ଏବଂ ବିପର୍ଯ୍ୟୟ ଦ୍ୱାରା କବଳିତ ହେବ।

"କେବଳ ଏଇ କେତେ ମାସ ପୂର୍ବେ, ଡନକାର୍କର ଠିକ୍ ପତନ ପରେ ପରେ ଫ୍ରାନ୍ସର ଦ୍ୱାରଦେଶରେ ଏଇ ଏକହିଁ ଭଗବତ କୃପା ଆସି ଉପସ୍ଥିତ ହୋଇଥିଲା; ସେତେବେଳେ ଇଂଲଣ୍ଡ ସହିତ ମିଳିମିଶି ଏହି ଉଭୟ ଦେଶ ଶତ୍ରୁ ବିରୁଦ୍ଧରେ ଯୁଦ୍ଧ କରିବାକୁ ଚର୍ଚ୍ଚିଲ୍ ଏହା ନିକଟରେ ଏକ ପ୍ରସ୍ତାବ ଉପସ୍ଥାପିତ କରିଥିଲେ। ଶ୍ରୀଅରବିନ୍ଦ କହିଥିଲେ ଯେ ଏହା ଏକ ଯଥାର୍ଥ ଧାରଣା ଥିଲା ଏବଂ ଏହା କାର୍ଯ୍ୟକାରୀ ହୋଇଥିଲେ ତାଙ୍କ (ଶ୍ରୀଅରବିନ୍ଦ) କାର୍ଯ୍ୟ ପ୍ରତି ବିଶେଷ ସହାୟକ ହୋଇଥା'ନ୍ତା। କିନ୍ତୁ ଫ୍ରାନ୍ସ ତାହାର ସାଧାରଣ ଚେତନାର ଉର୍ଦ୍ଧ୍ୱକୁ ନିଜକୁ ଉନ୍ନୀତ କରିପାରିଲା ନାହିଁ ଏବଂ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲା। ତେଣୁ ଭଗବତ୍ କୃପା ନିଜକୁ ପ୍ରତ୍ୟାହୃତ କରିନେଲା ଏବଂ ଫ୍ରାନ୍ସର ଆତ୍ମା ନିମ୍ନଗାମୀ ହେଲା। କେହି କହିପାରିବ ନାହିଁ ଯେ ପୁଣି କେବେ ଯଥାର୍ଥ ଫ୍ରାନ୍ସର ଉତ୍ଥାନ ହେବ।

"କିନ୍ତୁ ଯୁଗ ଯୁଗ ଧରି ଭାରତ ତାହାର ଗଭୀର ଅଧ୍ୟାତ୍ମ ବିକାଶର ପୃଷ୍ଠଭୂମି ସହ ଏହି ପ୍ରସ୍ତାବର ପଶ୍ଚାତ୍‌ରେ ଥିବା ଭଗବତ୍ କୃପାକୁ ଅବଶ୍ୟ ଉପଲବ୍ଧି କରିବ। ଏହା କେବଳ ଏକ ମାନବ- ପ୍ରସ୍ତାବ ନୁହେଁ। ଅବଶ୍ୟ ମାନବ ମନ ଦ୍ୱାରା ଏହି ପ୍ରସ୍ତାବ ରୂପଗ୍ରହଣ କରିଛି ଏବଂ ଏହା ମଧ୍ୟରେ ଅପୂର୍ଣ୍ଣତାର କିଛି ଉପାଦାନ ରହିଛି। କିନ୍ତୁ ସେଥିରେ କିଛି ଯାଏ ଆସେ ନାହିଁ। ଏହି ଭଗବତ୍ କୃପା ପ୍ରତି ବିଶ୍ୱସ୍ତ ହୁଅ ଏବଂ ସବୁ କିଛିକୁ ଭଗବାନଙ୍କ ହାତରେ ଛାଡିଦିଅ ଯେ କି ନିଶ୍ଚୟ ସବୁକିଛି ଠିକ୍ ରୂପେ ସମ୍ପାଦନ କରିବେ।

" 'ଭାରତକୁ ମୋର ଅତି ଆଗ୍ରହଶୀଳ ଅନୁରୋଧ ଏହି ଯେ ସେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବ ନାହିଁ। ଫ୍ରାନ୍ସ ଯେପରି ଭୁଲ୍ କରି ଅତି ନିକଟରେ ରସାତଳଗାମୀ ହୋଇଛି, ଭାରତ ଅବଶ୍ୟ ସେପରି ଭୁଲ୍ କରିବ ନାହିଁ।'

"ଏହା କହିସାରିବା ସଙ୍ଗେ ସଙ୍ଗେ ସେ (ମା') କାହାକୁ ନ ଚାହିଁ ବା ଅନ୍ୟ କିଛି ନ କହି ତାଙ୍କ ପୋଷାକ-ପରିବର୍ତ୍ତନର କୋଠରୀକୁ ତରତର ହୋଇ ଚାଲିଗଲେ। ତା'ପରେ ସେହିଦିନ ଅର୍ଥାତ୍ ୧୯୪୨ ମସିହା ଏପ୍ରିଲ ପହିଲା ଦିନ, ପ୍ରସ୍ପରିଟି ବିତରଣ (ଆଶ୍ରମର ସାଧକମାନଙ୍କର ମାସିକ ଆବଶ୍ୟକୀୟ ପଦାର୍ଥର ବିତରଣ) ପରେ ସେ ପ୍ରକାଶ କଲେ ଯେ ଶ୍ରୀଅରବିନ୍ଦ ସାର ଷ୍ଟାଫୋର୍ଡ କ୍ରିପ୍ସଙ୍କ ନିକଟକୁ ଏକ ତାରବାର୍ତ୍ତା ପଠାଇ ଥିଲେ ଏବଂ ତାହାର ପ୍ରତ୍ୟୁତ୍ତର ସ୍ୱରୂପ ସାର୍ କ୍ରିପ୍ସ ମଧ୍ୟ ଏକ ତାରବାର୍ତ୍ତା ପଠାଇଥିଲେ ଏବଂ ଉଭୟ ତାରବାର୍ତ୍ତାକୁ ନଳିନୀ (ଆଶ୍ରମର ସେକ୍ରେଟାରୀ ଶ୍ରୀ ନଳୀନକାନ୍ତ ଗୁପ୍ତ) ନୋଟିସ୍ ବୋର୍ଡରେ ଲଗାଇ ଦେଇଥିଲେ। ସେହି ବାର୍ତ୍ତା ପାଠ କରି ଆମ୍ଭେମାନେ ବିଶେଷ ଉତ୍ସାହିତ ହୋଇଥିଲୁ।

"କିନ୍ତୁ ତାହାର ପରଦିନ କଂଗ୍ରେସ ଘୋଷଣା କଲା ଯେ ସେ ଏହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛି। ମା' ଏଥିରେ ଆଦୌ ବିଚଳିତ ହୋଇ ନ ଥିଲେ, ସେ କେବଳ କହିଲେ, 'ବର୍ତ୍ତମାନ ଭାରତ ବିପର୍ଯ୍ୟୟଗ୍ରସ୍ତ ହେବ।'

"ଏହା ପରେ ଏପର୍ଯ୍ୟନ୍ତ ଯେଉଁସବୁ ଘଟଣା ଘଟିଲା ତାହା ଉଲ୍ଲେଖ କରିବା ନିଷ୍ପ୍ରୟୋଜନ। ଆମ୍ଭମାନଙ୍କ ଭୁଲ୍ ନିମିତ୍ତ ଆମ୍ଭେମାନେ ଏ ପର୍ଯ୍ୟନ୍ତ କୁପରିଣାମ ଭୋଗ କରିଆସୁଛୁ।"

❑❑❑

# ଚମ୍ପକଲାଲଙ୍କର ସମ୍ମାନନୀୟ ପିଉସୀ ମୋତିବା

ରୋଶନ ଦ୍ରୁମାସିଆ

ପ୍ରତ୍ୟେକ ଥର ମୋତିବାଙ୍କୁ ଦେଖିଲା ସମୟରେ ମୋର ପିଲାଦିନ କଥା, ମୋର ବୁଢ଼ୀମା, ତାଙ୍କର ଯତ୍ନ ଓ ସ୍ନେହ କଥା ମନେପଡେ। ତାଙ୍କରି ପରି ମୋତିବା ସବୁ ସ୍ନେହ ଓ ଶ୍ରଦ୍ଧା ସହକାରେ ମୋର ଯତ୍ନ ନିଅନ୍ତି ଓ ମୋତେ ଆଶୀର୍ବାଦ କରନ୍ତି।

ଜୀବନର ପ୍ରତ୍ୟେକ ପର୍ଯ୍ୟାୟରେ ସ୍ୱକୀୟ ମଧୁରିମା ଅଛି। ବାର୍ଦ୍ଧକ୍ୟକୁ ଠିକ୍ ଦୃଷ୍ଟିରେ ଦେଖି ପାରିଲେ ଏହି ମାଧୁର୍ଯ୍ୟକୁ ଅନୁଭବ କରିହେବ। ନମ୍ରତା, ନିଃସ୍ୱାର୍ଥପର ପ୍ରେମ, ନିଷ୍ଠା ଓ ସମର୍ପଣ ଏହି ସୌନ୍ଦର୍ଯ୍ୟର ଶାନ୍ତ କିରଣ ଭାବରେ ପ୍ରତିଭାତ ହୁଅନ୍ତି। ସରଳ ଓ ପବିତ୍ର ହୃଦୟ; ମୋତିବା ଏହାର ଏକ ନିଛକ ପ୍ରତିମୂର୍ତ୍ତି। ଚମ୍ପକଲାଲ ଶ୍ରଦ୍ଧା ଓ ସମ୍ମାନ ସହ ତାଙ୍କର "ସବୁଠାରୁ ପ୍ରିୟ" ଫୋଇବା (ମାଉସୀ)ଙ୍କୁ ସ୍ମରଣ କରୁଥିଲେ।

ସେ ୧୯୨୬ ମସିହା ଏପ୍ରିଲ ୪ ତାରିଖରେ ଆଶ୍ରମରେ ପଦାର୍ପଣ କଲେ ଏବଂ ସେହି ଦିନଠାରୁ ସେଠାରେ ଅଛନ୍ତି। ୧୯୨୬ ମସିହା ମସିହା ନଭେମ୍ବର ମାସ ୨୪ ତାରିଖ ଦିନ ଅତିମାନସ ଶକ୍ତିର ଅବତରଣ ସମୟରେ ଆଶ୍ରମର ଚବିଶ ଜଣ ସାଧକଙ୍କ ମଧ୍ୟରେ ସେ ଜଣେ ଥିଲେ।

ମା' ତାଙ୍କର ଜନ୍ମଦିନ ଜାନୁୟାରୀ ୨୭ ତାରିଖକୁ ସ୍ଥିର କରିଥିଲେ। ୧୯୯୫ ମସିହା ଜାନୁୟାରୀ ୨୭ ତାରିଖ ତାଙ୍କର ଶତବାର୍ଷିକୀର ସ୍ମାରକ। ଏପରିକି ଏତେ ପରିଣତ ବୟସରେ ମଧ୍ୟ ସେ ତାଙ୍କର ଗୃହ କାର୍ଯ୍ୟ ନିଜେ କରନ୍ତି। ସମୟ ସମୟରେ ଖାଦ୍ୟ ମଧ୍ୟ ପ୍ରସ୍ତୁତ କରନ୍ତି। ଦୃଷ୍ଟି ଓ ଶ୍ରବଣ ଶକ୍ତିର ଅବନତି ଘଟିଥିଲେ ମଧ୍ୟ ସେ କହନ୍ତି, "ମୁଁ କିପରି ମୋର ଆଖି ଓ କାନକୁ ନିନ୍ଦା କରିବି? ବିଗତ ଦିନମାନଙ୍କରେ ସେମାନେ ମୋର ଯଥାର୍ଥ ସେବା କରି ଅଛନ୍ତି।"

ମୋତିବାଙ୍କୁ ତାଙ୍କ ସମ୍ବନ୍ଧରେ ଓ ତାଙ୍କର ଆଶ୍ରମ ଜୀବନ ସମ୍ବନ୍ଧରେ ପ୍ରଶ୍ନ ପଚାରି ମୁଁ ଆନନ୍ଦିତ ହୋଇଅଛି। ଏହାର ଉତ୍ତର ସେ ସାଧାରଣ ଭାବରେ ଓ ସରଳ ଭଙ୍ଗୀରେ ଦିଅନ୍ତି। "ମୁଁ ବେଶୀ କିଛି ସ୍ମରଣ କରିପାରୁନାହିଁ। ମୋର ସ୍ମୃତି ଶକ୍ତି କ୍ଷୀଣ ହୋଇଅଛି। ଯେତିକି ପାରିବି ସେତିକି ତୁମମାନଙ୍କୁ କହିବି"।

ଏହି ଆନନ୍ଦ ଦାୟକ କଥୋପକଥନର କିଛି ଅଂଶ ତାଙ୍କରି ନିଜ ଭାଷାରେ ନିମ୍ନରେ ପ୍ରଦତ୍ତ ହେଲା।

*ଅନୁଗ୍ରହ କରି ଆପଣଙ୍କର ବାଲ୍ୟଜୀବନ କିମ୍ବା ଆଶ୍ରମକୁ ଆସିବା ପୂର୍ବରୁ ଘଟିଥିବା କଥା ମୋତେ କହିବେ କି?*

ମୋର ପିତାଙ୍କର ନାମ ନାଥୁରାମ ଓ ମାତାଙ୍କର ନାମ ମୁରିବେନ୍ ଥିଲା। ମାଙ୍କ ଡାକନାମ ଥିଲା ତାରୱାଡି। ଆମ୍ଭେମାନେ କୁଳୀନ ବ୍ରାହ୍ମଣ ଥିଲୁ। ମୋର ବାପା ପୁରାଣ ପଢ଼ା ସଙ୍ଗେ ହୋମ ଓ ଯଜ୍ଞ କର୍ମ କରୁଥିଲେ। ସେ ଜଣେ ପୁରୋହିତ ଥିଲେ। ଏଣୁ ଆମର ଆର୍ଥିକ ସ୍ଥିତି ସାଧାରଣ ଥିଲା। ଗଲେଶ୍ୱର ମହାଦେବ ଆମର ଇଷ୍ଟଦେବ ଥିଲେ। ଆମେ କୃଷ୍ଣଙ୍କୁ ମଧ୍ୟ ପୂଜା କରୁଥିଲୁ। ଆମ ପରିବାରର ସଦସ୍ୟମାନେ ଗଲେଶ୍ୱର ମହାଦେବଙ୍କର ଦୁର୍ଲଭ ଓ ଅଲୌକିକ ଆଶୀର୍ବାଦ ଅନେକ ଥର ଲାଭ କରିଥିଲେ।

ମୁଁ ମୋର ବାପାଙ୍କୁ ଛଅ ବର୍ଷ ବୟସରେ ହରାଇଥିଲି ଏବଂ ଆଠ ବର୍ଷ ବୟସରେ ମୋର ବିବାହ ହୋଇଥିଲା। ମୋର ବିବାହର ଛଅ ମାସ ମଧ୍ୟରେ ମୋର ମା ମରିଗଲେ। ମୁଁ ପନ୍ଦର ବର୍ଷ ବୟସରେ ମୋର ଶ୍ୱଶୁରାଳୟକୁ ଗଲି ଓ ତା'ର ପର ବର୍ଷ ମୋର ସ୍ୱାମୀଙ୍କର ମୃତ୍ୟୁ ହେଲା। ମୋର ସ୍ୱାମୀ ଅମଠ ଲାଲ ବମ୍ବେରୁ ଫେରିଲା ପରେ ଅସୁସ୍ଥ ହୋଇ ପଡିଲେ ଓ ପଚିଶ ବର୍ଷ ବୟସରେ ମହା ଶିବରାତ୍ରୀ ଦିନ ତାଙ୍କର ମୃତ୍ୟୁ ହେଲା। ମୋର ପାଞ୍ଚ ଭଉଣୀ ଜଣକ ପରେ ଜଣେ ମରିଗଲେ। ମୁଁ ମୋର ପିତା ମତାଙ୍କର କନିଷ୍ଠା କନ୍ୟା। ମୋ ସାନ ଭାଇ ମଫତଲାଲ ମଧ୍ୟ ଅଠର ବର୍ଷ ବୟସରେ ପ୍ରାଣ ତ୍ୟାଗ କଲା। ମୋର ଆତ୍ମୀୟ ସ୍ୱଜନ ମରିବା ଦେଖି ମୁଁ ମ୍ରିୟମାଣ ହୋଇ ପଡିଲି। ଜୀବନ ମୋତେ ନିଃସଙ୍ଗ ଓ କଷ୍ଟକର ମନେ ହେଲା। ଚମ୍ପକଲାଲଙ୍କୁ ମୁଁ ସ୍ନେହ କରୁଥିଲି, ମାତ୍ର ସେତେବେଳକୁ ସେ ପଣ୍ଡିଚେରୀରେ ରହିବା ସକାଶେ ସ୍ଥିର କରି ସାରିଥିଲେ।

*ଆପଣ ପଣ୍ଡିଚେରୀ ଯିବା ସକାଶେ କିପରି ସ୍ଥିର କଲେ?*

ଚମ୍ପକଲାଲ ସ୍ଥାୟୀ ଭାବରେ ପଣ୍ଡିଚେରୀରେ ରହିବା ପରେ ମୁଁ ସେଠାକୁ ଯିବାର ସ୍ଥିର କଲି। ଶ୍ରୀଅରବିନ୍ଦଙ୍କୁ ଏକ ପତ୍ର ଲେଖି ସେଠାକୁ ଯିବା ସକାଶେ ଅନୁମତି ପ୍ରାର୍ଥନା କଲି। ପତନରେ ଥିବା ସମୟରେ ମୁଁ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଦିବ୍ୟ ଦୃଷ୍ଟିରେ ଦେଖି ପାରିଥିଲି। ଏହି ଛାୟା ସଂଜାତ ଦୃଶ୍ୟରେ ଯେଉଁ ଘର ମଧ୍ୟରେ ଶ୍ରୀଅରବିନ୍ଦ ସବୁବେଳେ ପଦ ଚାଳନ କରନ୍ତି ସେହି ଘରେ ସେ ଦୀର୍ଘ ସମୟ ଧରି ଚାଲିବାର ମୁଁ ଦେଖିଲି, ମା' ଘରର ସିଡିର ପାହାଚ ଉପରେ ଠିଆ ହୋଇ ଥାଆନ୍ତି। ଚମ୍ପକଲାଲ ମା'ଙ୍କୁ ଏ ବିଷୟରେ ଓ ମୋର

ଆଶ୍ରମରେ ରହିବା କଥା କହିଲେ। ମୁଁ ମୋର ଫଟୋ ଚିତ୍ର ପଠାଇ ସାରିଥିଲି। ମୋ ସକାଶେ ଯେପରି ଭାବରେ ସବୁ ବ୍ୟବସ୍ଥା ହୋଇଥିଲା ସେ କଥା ଶୁଣିଲେ ତୁମ୍ଭେ ଖୁସି ହେବ।

ମୋର ନଣନ୍ଦଙ୍କ ସଙ୍ଗେ ଚମ୍ପକଲାଲଙ୍କର ବୈବାହିକ ସମ୍ବନ୍ଧ ସ୍ଥିର ହୋଇଥିଲା। ମାତ୍ର ଚମ୍ପକଲାଲ ଏହାର ତୀବ୍ର ବିରୋଧ କରିଥିଲେ ଏବଂ ଆଶ୍ରମ ଛାଡ଼ିଯିବା ସକାଶେ ଆଗ୍ରହୀ ନ ଥିଲେ। ମୋର ସମ୍ପର୍କୀୟମାନେ ଏ ସବୁ ବିଷୟ ଚମ୍ପକଲାଲଙ୍କୁ ବୁଝାଇବା ସକାଶେ ତାଙ୍କୁ ପତନ ନେଇଯିବା ସକାଶେ ତାଙ୍କ ଭାଇ କାନ୍ତିଲାଲଙ୍କୁ ପଠାଇଥିଲେ। କିନ୍ତୁ ଏହା କରିବା ପରିବର୍ତ୍ତେ ମୁଁ ଆଶ୍ରମରେ ରହିଗଲି।

ଆପଣଙ୍କର ସମ୍ପର୍କୀୟମାନେ ଆପଣଙ୍କୁ ଜୋର କରି ଘରକୁ ନେଇଯିବା ସକାଶେ ଚେଷ୍ଟା କରିଥିଲେ କି ?

ହଁ, ମୁଁ ଅନେକ ଚିଠି, ଖବର, ଏପରିକି ଟେଲିଗ୍ରାମ ମଧ୍ୟ ପାଇଥିଲି। ଶେଷରେ ଶ୍ରୀଅରବିନ୍ଦ ସେମାନଙ୍କ ଗୋଟିଏ ଚିଠି ଲେଖିଲେ ଏବଂ ଏହାପରେ ସେମାନେ ଆଉ କେବେ ମୋତେ ଡାକି ନ ଥିଲେ। ମୁଁ ସେହି ଚିଠିଟି ତୁମ୍ଭମାନଙ୍କୁ ଦେଖାଇବି।

### ଶ୍ରୀଅରବିନ୍ଦଙ୍କ ଚିଠି

"ମୋତିବା ଏଠାରେ ଖୁବ୍ ଖୁସିରେ ଅଛନ୍ତି ଏବଂ ସାଧନାରେ ଯଥେଷ୍ଟ ଅଗ୍ରଗତି କରୁ ଅଛନ୍ତି। ଯଦି ସେ ଏଠାରୁ ଚାଲିଯିବେ ତେବେ ଅଗ୍ରଗତି ବନ୍ଦ ହୋଇଯିବ ଏବଂ ଯାହା ସେ ଏ ପର୍ଯ୍ୟନ୍ତ ପାଇ ଅଛନ୍ତି ସେଥିରୁ ଅନେକ କିଛି ନଷ୍ଟ ହୋଇଯାଇ ପାରେ। ଯେଉଁ ବର୍ଦ୍ଧନକ୍ଷମ ଓ ଏକାଗ୍ର ସାଧନା ଆରମ୍ଭ ହୋଇଅଛି ତାହାକୁ ଚଳାଇ ରଖିବା ଏବଂ ଅନୁକୂଳ ବାତାବରଣ ମଧ୍ୟରେ ସମୃଦ୍ଧ କରିବା ଉଚିତ। ଯଦି ଏହା ଖୁବ୍ ଅଳ୍ପ ସମୟ ସକାଶେ କ୍ରିୟାଶୀଳ ହୋଇ ପରବର୍ତ୍ତୀ ସମୟରେ ନିଷ୍ପାର ଅଭାବ ଦ୍ୱାରା ସଙ୍କୁଚିତ ଓ ଦୁର୍ବଳ ଜୀବନଧାରା ସକାଶେ ବନ୍ଦ ହୋଇଯାଏ ତେବେ ଫଳ ଲାଭ ସମ୍ଭବ ହୁଏ ନାହିଁ। ଏହି କାରଣରୁ ଆମ୍ଭେମାନେ ତାଙ୍କର ପ୍ରତ୍ୟାବର୍ତ୍ତନକୁ ସମର୍ଥନ କରିପାରୁ ନାହୁଁ।

*ମା' ତୁମ୍ଭକୁ କି କାମ ଦେଇଥିଲେ ?*

ପ୍ରଥମେ ଲୁଗାପଟା ଇସ୍ତ୍ରୀ କରିବା ମୋର କାମ ଥିଲା। ମା'ଙ୍କ ସଙ୍ଗେ ଆସିଥିବା ଇଂରେଜ ମହିଳା ଦତ୍ତା ମୋତେ ଏ କାର୍ଯ୍ୟରେ ସାହାଯ୍ୟ କରୁଥିଲେ। କ୍ରମେ ମୋତେ ଲୁଗାପଟା ସଫା କରିବା ଦାୟିତ୍ୱ ଦିଆଗଲା। ମୋର ଏହା ସୌଭାଗ୍ୟ ଯେ ମୁଁ ଗୋଟିଏ ଦିନରେ ଶ୍ରୀଅରବିନ୍ଦଙ୍କ ଲୁଗା ଦୁଇ ଥର ସଫା କରୁଥିଲି ଏବଂ ଦୁଇ ଥର ତାଙ୍କର ଦର୍ଶନ ଲାଭ କରୁଥିଲି। ସକାଳେ ମୁଁ ଶ୍ରୀଅରବିନ୍ଦ ଓ ମା'ଙ୍କ କୋଠରୀକୁ ଯାଇ ଲୁଗାପଟା ସଂଗ୍ରହ କରୁଥିଲି ଏବଂ ସନ୍ଧ୍ୟା ସମୟରେ ପରିଷ୍କୃତ ଲୁଗା ଦେଇ ଆସୁଥିଲି। ମା' ମୋତେ ଦେଖି ସ୍ମିତହାସ କରୁଥିଲେ। ଶ୍ରୀଅରବିନ୍ଦଙ୍କର ଧୋତି ରଖିବା ସକାଶେ ମୁଁ ସନ୍ଧ୍ୟା ସମୟରେ ଶ୍ରୀଅରବିନ୍ଦଙ୍କ କୋଠରୀକୁ ଯାଉଥିଲି। ପ୍ରଥମେ ମୁଁ ଏଗୁଡ଼ିକୁ ତାଙ୍କ କୋଠରୀ ବାହାରେ ରଖୁଥିଲି। ପରେ ତାଙ୍କ କୋଠରୀରେ ରଖିବା ପାଇଁ ମା' ମୋତେ ଅନୁମତି ଦେଲେ। ସେହି ସମୟରେ ଶ୍ରୀଅରବିନ୍ଦ ତାଙ୍କ କୋଠରୀ ମଧ୍ୟରେ ବାରମ୍ବାର ଚାଲବୁଲ କରୁଥିଲେ। ମୁଁ କବାଟ ଖୋଲିବା ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦ ଆଲୁଅ ଲଗାଉଥିଲେ ଏବଂ ମୁଁ ଘର ମଧ୍ୟରେ ତାଙ୍କର ଧୋତି ରଖୁଥିଲି।

ଶ୍ରୀଅରବିନ୍ଦ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ମୁଁ ପ୍ରତିଦିନ ଅନେକ ଗୁଡ଼ିଏ ଲୁଗା ସଫା କରୁଥିଲି। ଥରେ ମୁଁ ଅସୁସ୍ଥ ହୋଇ ଚିକିତ୍ସାଧୀନା ଥିଲି। ମା' ମୋର ସ୍ୱାସ୍ଥ୍ୟ କଥା ସବୁଦିନେ ବୁଝୁଥାଆନ୍ତି। ଆରୋଗ୍ୟ ଲାଭ ପରେ ମୁଁ ମା'ଙ୍କ ପାଖକୁ ଗଲି। ମା' ମୋତେ ଆଶୀର୍ବାଦ କରି କହିଲେ, "ତୁମ୍ଭେ ଏହିପରି ରହିଥିବ"। ମୋର ଧାରଣା ହେଲା ଯେ ମୁଁ ପରିଣତ ବୟସରେ ମଧ୍ୟ କାର୍ଯ୍ୟକ୍ଷମ ରହିଥିବି ଏବଂ ମା'ଙ୍କ କରୁଣାରୁ ଏହା ସତ୍ୟ ହୋଇଅଛି। ଏବେ ମଧ୍ୟ ମୁଁ କାମ ଓ ଚଲାବୁଲା କରି ପାରୁଅଛି।

ଶ୍ରୀଅରବିନ୍ଦଙ୍କ ମହା ସମାଧି ପରେ ଚମ୍ପକଲାଲ ପାଞ୍ଚଦିନ ପର୍ଯ୍ୟନ୍ତ ଖାଦ୍ୟ ଗ୍ରହଣ କରି ନ ଥିଲେ। ମା' ତାଙ୍କୁ ଗିଲାସେ ଫଳରସ ପିଆଇଥିଲେ। ଶ୍ରୀଅରବିନ୍ଦ ଶରୀର ତ୍ୟାଗ କଲା ପରେ ମୁଁ ଧ୍ୟାନ କରିବାକୁ ଶ୍ରୀଅରବିନ୍ଦଙ୍କ କୋଠରୀକୁ ପ୍ରତିଦିନ ଯାଉଥିଲି। ମୁଁ ଯେତେ ସମୟ ବସୁଥିଲି ସେତେ ସମୟ ପର୍ଯ୍ୟନ୍ତ ମା' ମୋତେ ଅନୁମତି ଦେଉଥିଲେ।

*ଆପଣଙ୍କୁ ଆଉ କେଉଁ କାମ ଦିଆ ହୋଇଥିଲା ?*

ସେତେବେଳେ ଆମ୍ଭମାନଙ୍କର ସେବକ ନ ଥିଲେ। ଆମ୍ଭେମାନେ ସମସ୍ତେ ନିଜ ନିଜର କାମ କରୁଥିଲୁ। ମୁଁ ନିଜ ସକାଶେ ଓ ଚମ୍ପକଲାଲଙ୍କ ଭାଇ ବଂଶୀଧରଙ୍କ ସକାଶେ ଖାଦ୍ୟ ପ୍ରସ୍ତୁତ କରୁଥିଲି। ଶ୍ରୀଅରବିନ୍ଦଙ୍କ ସକାଶେ ମଧ୍ୟ କିଛି ଖାଦ୍ୟ ପ୍ରସ୍ତୁତ କରୁଥିଲି।

*ଶ୍ରୀଅରବିନ୍ଦଙ୍କ ସକାଶେ ଆପଣ କେଉଁ ପ୍ରକାର ଖାଦ୍ୟ ପ୍ରସ୍ତୁତ କରୁଥିଲେ ?*

ଜୁଆଣି ପତ୍ର ମିଶା ଭାଜିଆ (ପକୋଡ଼ା), ଆଳୁ ଚପ୍ ଏବଂ ଛୋଟ ମିଷ୍ଟାନ୍ନ ଖଣ୍ଡ ସବୁ। ସେ ମିଷ୍ଟାନ୍ନ ଖଣ୍ଡ ଗୁଡ଼ିକୁ ଖୁବ୍ ଭଲ ପାଉଥିଲେ ଏବଂ ଥରକେ କେତେ ଗୁଡ଼ିଏ ଖାଉଥିଲେ। ଭାଜିଆ, ଆଳୁ ବରା ଓ ପୁରୀ ଦୁଇ ତିନୋଟି ଖାଉଥିଲେ। ଥରେ ତାଙ୍କର ମୂତ୍ରାଶୟ ଜନିତ କିଛି ଅସୁବିଧା ଦେଖା ଦେଲା ଓ ମା' ତାଙ୍କୁ ମିଠାଇ ଖାଇବାକୁ ବାରଣ କଲେ। ଚିନି ଦିଆ ନ ଯାଇ ତିଆରି ଖଣ୍ଡ ଗୁଡ଼ିକୁ ସେ ଭଲ

ପାଉ ନ ଥିଲେ। ମୁଁ ତାଙ୍କ କୋଠରୀକୁ ଆଖରୁଟ, କାଜୁ, ବାଦାମ ଓ ଘିଅଭଜା ଅଙ୍ଗୁର ନେଇ ଯାଉଥିଲି।

ମୁଁ ଥରେ ସୁନେଲି ସୁତାରେ ତିଆରି ଖଣ୍ଡିଏ ରୁମାଲ ତାଙ୍କୁ ଦେଇଥିଲି। ଦର୍ଶନ ଦିନ ମାନଙ୍କରେ ସେ ଏଇଟିକୁ ତାଙ୍କ ପାଖରେ ରଖୁଥିଲେ।

*ପ୍ର: ପାଟନାଠାରେ ରହୁଥିବା ସମୟରେ ଆପଣ କ'ଣ ଧ୍ୟାନ ଅଭ୍ୟାସ କରୁଥିଲେ ?*

ହଁ ମୁଁ ଧ୍ୟାନ କରୁଥିଲି। ମୁଁ ଗୀତା ପାଠ ଓ ଜପ ମଧ୍ୟ କରୁଥିଲି। ଥରେ ମହାରାଷ୍ଟ୍ର ଅଧିବାସୀ ଯୋଗୀ ଲେଲେ ଆମ ଘରକୁ ଆସିଲେ। ସେ ମୋତେ ଗୀତାର ଦ୍ୱାଦଶ ଅଧ୍ୟାୟ "ଭକ୍ତି ଯୋଗ" ଅଧ୍ୟାୟଟି ପାଠ କରିବାକୁ କହିଲେ। ଅନ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ସେ ଗ୍ରହଣ କରୁ ନ ଥିଲେ। ସେ କେବଳ ଫଳ ଖାଉଥିଲେ। ଥରେ ଆମ ପଡୋଶୀ ରାମଲାଲଙ୍କର କୋଠିରେ ଥିଲା ସମୟରେ ତାଙ୍କୁ କହିଲେ, "ଯଦି ମୋତି ଖାଦ୍ୟ ତିଆରି କରନ୍ତି, ତେବେ ମୁଁ ତାହା ଗ୍ରହଣ କରିବି"। ମୁଁ ତାଙ୍କ ସକାଶେ ଖାଦ୍ୟ ପ୍ରସ୍ତୁତ କଲି। ଚମ୍ପକଲାଲ ଓ ଲେଲେ ଦୁହେଁ ଭୋଜନ କଲେ।

*ପ୍ର: ଲେଲେଙ୍କ ସହିତ ଆପଣଙ୍କର କିଛି ଆଧ୍ୟାତ୍ମିକ ଅନୁଭୂତି ହୋଇଥିଲା କି ?*

ହଁ, ପ୍ରଥମ ଥର ତାଙ୍କୁ ଦେଖିଲା ସମୟରେ ମୁଁ ତାଙ୍କ କପାଳରେ ଆଲୋକ ଦେଖିଥିଲି।

*ପ୍ର: ଆଉ କିଛି ଅନୁଭୂତି ?*

ହଁ, ମୋର ଅନେକ ଅନୁଭୂତି ହୋଇଥିଲା। ମାତ୍ର ମୁଁ ତୁମ୍ଭଙ୍କୁ ସେ ସବୁ ବୁଝାଇ ପାରିବି ନାହିଁ। ଆଲୋକ ଦେଖିବାର ଅନୁଭୂତି ମୋର ସତର ବର୍ଷ ବୟସରେ ହୋଇଥିଲା। ମୋର ସାନ ଭାଇ ମଫତଲାଲର ପାଟନାଠାରେ ମୃତ୍ୟୁ ସମୟରେ ମୁଁ ଆଲୋକ ଦେଖିଥିଲି।

ଯନ୍ତ୍ରାଳଠାରେ ଚମ୍ପକଲାଲ ଶରୀର ତ୍ୟାଗ କରିବା ସମୟରେ ମୁଁ ଆଲୋକ ଦେଖିଥିଲି। ତାଙ୍କର ସ୍ୱର, "ଫୋଇବା ମୁଁ ଯାଉଛି" ବୋଲି ଶୁଣିଥିଲି। ଯନ୍ତ୍ରାଳ ଯିବାର ପ୍ରସ୍ତୁତି କରିବା ସମୟରେ ବଂଶୀଧର ଚମ୍ପକଲାଲଙ୍କର ପ୍ରୟାଣ କଥା କହିବାକୁ ଦ୍ୱିଧାବୋଧ କରିଥିଲେ। ମାତ୍ର ମୁଁ ତାଙ୍କୁ କହିଲି "ମୁଁ ଏହା ଜାଣେ"।

ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣର ଦିନକ ପୂର୍ବରୁ ଖେଳ ପଡିଆରେ ମୋର ଏକ ଅନୁଭୂତି ହୋଇଥିଲା। ପିଲାମାନଙ୍କ ଦ୍ୱାରା ଆୟୋଜିତ ମା'ଙ୍କର ମନ୍ଦିର ଦେଖିବା ସକାଶେ ମୁଁ ଯାଇଥିଲି। କିନ୍ତୁ ମୋତେ ଏହି କାର୍ଯ୍ୟକ୍ରମ ଭଲ ଲାଗିଲା ନାହିଁ। ଶ୍ରୀଅରବିନ୍ଦ ଶୀଘ୍ର ତାଙ୍କର ଶରୀର ତ୍ୟାଗ କରିବେ, ଏହି ଦୃଢ଼ ଅନୁଭବ ମୋର ହୋଇଥିଲା।

*ପ୍ର: ଦର୍ଶନ ଦିନ ମାନଙ୍କରେ ଆପଣଙ୍କର ଅନୁଭୂତି କଥା ମୋତେ କହିବେ କି ?*

ଦର୍ଶନ ଦିବସ ! (ମୋତିବାଙ୍କ ମୁଖ ମଣ୍ଡଳରେ ଆନନ୍ଦର ରେଖା)। କୌଣସି ଅବର୍ଣ୍ଣନୀୟ କଥାକୁ ମୁଁ କିପରି ଭାବରେ ବର୍ଣ୍ଣନା କରିବି ? ଯେତେବେଳେ ଶ୍ରୀଅରବିନ୍ଦ ମୋର ମସ୍ତକରେ ତାଙ୍କର ହାତ ରଖିଥିଲେ ସେତେବେଳେ ମୁଁ ଗଭୀର ଶାନ୍ତି ଅନୁଭବ କଲି। ତାଙ୍କର ସ୍ପର୍ଶ କୋମଳ, ରସସିକ୍ତ ଓ ପକ୍ଷୀ ପର ପରି କୋମଳ ଥିଲା। ମୋର ମସ୍ତକକୁ ଅପସାରଣ କରିବା ସକାଶେ ମୁଁ ଚାହୁଁ ନ ଥିଲି।

ଏହି ହେଉଛନ୍ତି ଆମ୍ଭମାନଙ୍କର ମୋତିବା। ବିଗତ ଅଠଷଠି ବର୍ଷର ଏକାଗ୍ର ଓ ଦୃଢ଼ ସାଧନାଦୀପ୍ତ ଏ ଜୀବନ। ସେ ଶ୍ରୀଅରବିନ୍ଦ ଆଶ୍ରମରେ ଶହେ ବର୍ଷ ପୂର୍ଣ୍ଣ କରିଥିବା ପ୍ରଥମ ସାଧିକା। ଆହୁରି ଅଧିକ ବର୍ଷ ସେ ବଞ୍ଚି ରହନ୍ତୁ। ତାଙ୍କର ଶତବାର୍ଷିକୀରେ ମୋତିବାଙ୍କୁ ମୋର ବିନମ୍ର ପ୍ରଣାମ।

❑❑❑

---

## ଶ୍ରୀମା ଶ୍ରୀଅରବିନ୍ଦ

୧୨.୩.୦୩

ମା'ଙ୍କ ଆଶୀର୍ବାଦ।

ଟେଲିଗ୍ରାମ ଆଜି ପାଇ ମାତୃଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୩ତମ ରାଜ୍ୟ ସମ୍ମିଳନୀ ଲାଗି ମୋର ସ୍ନେହ ଓ ଶୁଭେଚ୍ଛା ଜଣାଉଛି। ଏହି ସମ୍ମିଳନୀ ଖାଲି ଓଡ଼ିଶା କାହିଁକି, ସାରା ଭାରତ ଏପରିକି ସମଗ୍ର ସଂସାର ଲାଗି ପ୍ରେରଣାଦାୟକ ହୋଇଉଠୁ। ମା'ହିଁ ଆମ ଜୀବନର ସର୍ବସ୍ୱ ହୋଇ ଉଠନ୍ତୁ।

ଇତି
ବିନୀତ
**ମଧୁସୁଦନ ମିଶ୍ର**

# ଆଲୋକ ବାହିକା ଆଶ୍ରମ

ମାଧବ ପଣ୍ଡିତ

ସବୁ ଦିନ ପରି ସଙ୍ଘବଦ୍ଧ କର୍ମୀମାନଙ୍କ ପାଇଁ ଆୟୋଜିତ ଏହି ସାନ୍ଧ୍ୟ ଅଧିବେଶନରେ ଯେଉଁମାନେ ଉପସ୍ଥିତ ଅଛନ୍ତି, ସେମାନଙ୍କୁ ସ୍ୱାଗତ ଜଣାଇ କେତୋଟି ଅବଲୋକନ ଉପସ୍ଥାପିତ କରିବାକୁ ଉଚିତ୍ ମନେ କରୁଛି।

ସେସବୁ ଭିତରୁ ପ୍ରଥମେ ହେଲା - ତା'ହେଲେ ପ୍ରକୃତରେ କ'ଣ ବାହାର ଜଗତରେ କାର୍ଯ୍ୟ ସମ୍ପାଦନ କରିବାକୁ ହେବ ? ଏହି ପ୍ରଶ୍ନ ଉତ୍ଥାପନ କରିବାର କାରଣ, କେତେକଙ୍କ ମତରେ ମା'ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଆଶ୍ରମର ଚାରିକାନ୍ଥ ଭିତରେ, ଏହିଠାରେ ହିଁ ସଂକେନ୍ଦ୍ରିତ। କାରଣ ମା' ସଭା ସମିତି ମାନଙ୍କରେ ବା ବାହାରର କାର୍ଯ୍ୟକଳାପରେ କେବେ ବି ବିଶ୍ୱାସ ପୋଷଣ କରୁ ନ ଥିଲେ। ଯାହା ସବୁ ବାହାରକୁ ଟାଣିନିଏ, ଭଲ ମନୋଭାବରେ କରାଯାଉଥାଇ ପାରେ, କିନ୍ତୁ ଶକ୍ତିର ବିକ୍ଷିପ୍ତଣ ହିଁ ହୁଏ।

ଯାହା ଦେଖାଯାଏ, ଏହି ବିଚାରଧାରା ସତ୍ୟ ପ୍ରତୀୟମାନ ହୁଏ। କିନ୍ତୁ ଆଶ୍ରମର ଅତୀତ ଇତିହାସ ଭିତରକୁ, ଯେଉଁ କାର୍ଯ୍ୟରେ ପ୍ରଭୁ ନିଜେ ସଂଯୁକ୍ତ ହୋଇଛନ୍ତି, ସେହି ଆଡକୁ ଦୃଷ୍ଟି ଦେବାକୁ ଆପଣମାନଙ୍କୁ ମୁଁ କହିବି।

ଆଶ୍ରମର ଅତୀତ ଇତିହାସରେ ଏକ ସମୟ ଥିଲା ଯେତେବେଳେ ଶ୍ରୀଅରବିନ୍ଦ ଶ୍ରୀମା, ବାହାର ଜଗତ ସହିତ ସମ୍ପର୍କକୁ ସ୍ପଷ୍ଟ ଭାବରେ ନିରୁତ୍ସାହିତ କରୁଥିଲେ ଏବଂ ତାଙ୍କର ଦର୍ଶନ ଅଭିଳାଷ କରୁଥିବା ଲୋକମାନଙ୍କୁ ବହୁତ ବହୁତ ବଛାବଛି କରି ସ୍ଥିର କରାଯାଉଥିଲା। ଦର୍ଶନ ପାଇଁ ଆସୁଥିବା ଲୋକମାନଙ୍କୁ ଅନୁମତି ଦେବାରେ, ଶ୍ରୀଅରବିନ୍ଦ ନିଜେ ସବିଶେଷ ଯତ୍ନ ନେଉଥିବାର ମୁଁ ଜାଣିଛି। ଏହା ସେହି ସମୟର ଥିଲା, ଯେତେବେଳେ ଏଠାରେ କ'ଣ କରାଯାଉଛି, ତାହାସବୁ ବାହାରେ ବ୍ୟାପକଭାବରେ ପ୍ରଚାର କରିବାକୁ ସେ ଉତ୍ସାହିତ କରିନଥିଲେ। ଯେହେତୁ ୧୯୩୬ର କୌଣସି ସମୟରେ ଗୋଟିଏ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଶ୍ରୀଅରବିନ୍ଦ କହିଲେ - ''ତାଙ୍କ ସଂଘ ଏବଂ ତାଙ୍କ କାର୍ଯ୍ୟ ସମ୍ବନ୍ଧରେ ଆଶ୍ରମର କେତେକ ସାଧକ ଏବଂ ବାହାରର କେତେ ଭକ୍ତ କାହିଁକି ଲେଖୁଛନ୍ତି ? ଏ କଥା ସତ୍ୟ ଯେ ଆମ୍ଭମାନଙ୍କର ଏପରି ଏକ କାର୍ଯ୍ୟର ପ୍ରଚାର କେବଳ ଧ୍ୱଂସାଭିମୁଖୀ। ଭୁଲ ପ୍ରତିନିଧିତ୍ୱ ଫଳରେ ଗୁଢ଼ତତ୍ତ୍ୱ ସବୁର ଅଦରକାରୀ ବୟାନ ଯେପରି ଚାଲିଛି, ତାହାର ପ୍ରତିରୋଧରେ ସମଭାର ରକ୍ଷା କରିବାକୁ ଯାଇ, କାର୍ଯ୍ୟ ସମ୍ବନ୍ଧରେ କେତେକ ଲେଖା ଇଚ୍ଛାକୃତ ଭାବରେ ମୁଁ ଦିଏ''। ଏବଂ ସେଇଥିଲାଗି ଦର୍ଶନ ଦିବସ ପରି ବିଶେଷ ସମୟ ମାନଙ୍କରେ, ବାହାରର ପତ୍ରପତ୍ରିକାମାନଙ୍କୁ ଲେଖା ଦେବାଲାଗି, ସେ ନଳିନୀକାନ୍ତ ଗୁପ୍ତ, ଅନୀଲ ବରଣ ରାୟ, ସୁଦ୍ଧାନନ୍ଦ ଭାରତୀ ଏବଂ ଅନ୍ୟ କେତେ ଜଣଙ୍କୁ ଉତ୍ସାହିତ କରୁଥିଲେ।

ଏଠାରେ ଏହି ଆଶ୍ରମରେ କେବଳ କେତେ ଜଣ, ଯେଉଁମାନଙ୍କୁ କି ଜିନିଷପତ୍ର ଖରିଦ-ବିକ୍ରୀ କରିବା; ବିଦ୍ୟୁତ୍ ଜଳ ଓ ଶୁଳ୍କାଦି (ସେତେବେଳେ ଆମଦାନୀ ରପ୍ତାନୀ ଶୁଳ୍କାଦି କାଣ୍ଡମଙ୍ଗଳମ୍‌ରେ ନେଣଦେଣ ହେଉଥିଲା) ବିଷୟରେ, ସରକାର କିମ୍ବା ସ୍ୱାୟତ୍ତଶାସନ ବିଭାଗ ସହିତ ସଂଯୋଗ ରକ୍ଷାଲାଗି ବାହାରକୁ ଯିବାର ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କ ବ୍ୟତୀତ ଆମ୍ଭମାନଙ୍କୁ ବାହାରର ଉପାଦାନ ସହିତ ମିଶିବାରୁ ନିଶ୍ଚିତ ଭାବରେ ନିରୁତ୍ସାହିତ କରାଯାଉଥିଲା। ମା' ଆମ୍ଭମାନଙ୍କ ଚତୁଃପାର୍ଶ୍ୱରେ ସୁରକ୍ଷାର ଏକ ପ୍ରାଚୀର ନିର୍ମାଣ କରିଥିଲେ, କାରଣ କର୍ମର ସେ ଅବସ୍ଥା ଓ ସମୟ ବିଶେଷରେ ବାହାରର ପ୍ରଭାବରେ ଦୂଷିତ ହେବା ତଥା ତରଳିଯିବା ଆଦିରୁ ରକ୍ଷା ପାଇବା ପାଇଁ ଏହା ଆବଶ୍ୟକ ଥିଲା।

ଦିବ୍ୟଜୀବନ ଗ୍ରନ୍ଥର ଶେଷ ଅଧ୍ୟାୟରେ "ଦିବ୍ୟ ଜୀବନ"- ସେ କହନ୍ତି, "ଗୋଟିଏ ପଥ ପ୍ରଦର୍ଶନକାରୀ ଗୋଷ୍ଠିର ଅନୁସନ୍ଧିତ୍ସୁମାନେ, ଯେଉଁମାନେ କି ପ୍ରଜ୍ଞାଦୀପ୍ତ ଜୀବନ ଚାହାନ୍ତି, ସେମାନଙ୍କୁ ଅଜ୍ଞାନ ଜଗତର ପ୍ରଭାବରେ ଭାଙ୍ଗି ପଡିବାରୁ ସୁରକ୍ଷା କରିବା ପ୍ରୟୋଜନ ହୋଇଥାଏ''। ଅତିମାନସିକ ସମ୍ପ୍ରଦାୟ ସମ୍ବନ୍ଧରେ ଅନ୍ୟ ଏକ ପ୍ରଶ୍ନ ପ୍ରତି ପ୍ରତ୍ୟାଶାଦିତ ହୋଇ ସେ କହନ୍ତି, "ସେହି ସମ୍ପ୍ରଦାୟରେ ଆତ୍ମ ସୁରକ୍ଷା ମୂଳକ ଏହି ବାହାରର କଟକଣାସବୁର ଆବଶ୍ୟକତା ରହିବ ନାହିଁ, କାରଣ - ସତ୍ୟ, ଯାହା ଉପଲବ୍ଧ ହେଲା, ତାହାର ନିଜସ୍ୱ ଶକ୍ତି ଅବଶ୍ୟ ରହିବ, ଯାହା କି ଅପବିତ୍ର ଓ ବିକୃତ ପ୍ରଭାବରୁ ସୁରକ୍ଷା କରିବ"।

ବର୍ତ୍ତମାନ ଏହି ପଟ୍ଟଭୂମି ସହିତ ତୁମେ ମୂଲ୍ୟାୟନ କରିବ, କିପରି ଆମ ସମାଜର ଇତିହାସରେ, କେତେକ ଅବସ୍ଥାରେ କୌଣସି ସଙ୍ଗଠିତ କାର୍ଯ୍ୟ ବାହାରେ ନଥିଲା। ଘଟଣାକ୍ରମରେ କୁହାଯାଇପାରେ ଯେ ୧୯୪୫ କିମ୍ବା ୧୯୪୬ ପର୍ଯ୍ୟନ୍ତ ଆଶ୍ରମ ବାହାରେ ଆମର ଗୋଟିଏ ବି କେନ୍ଦ୍ର ନ ଥିଲା। ଶ୍ରୀଅରବିନ୍ଦଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ''ପାଠ ମନ୍ଦିର'' ସର୍ବ ପ୍ରଥମ କେନ୍ଦ୍ର ଥିଲା। ପାଠ ମନ୍ଦିରର ବାର୍ଷିକ ମୁଖପତ୍ର ହିଁ ପ୍ରଥମରୁ ବାର୍ଷିକ ପତ୍ରିକା ଥିଲା। ପରେ ତ୍ରୈମାସିକ "**Advent**" ୧୯୪୩ରେ ଆରମ୍ଭ ହେଲା।

ଦ୍ୱିତୀୟ ମହାଯୁଦ୍ଧ ୧୯୪୫ର ପରିସମାପ୍ତି ପରେ ଏବଂ ୧୯୪୭ ଭାରତର ସ୍ୱାଧୀନତା ଘୋଷଣା ପରେ, ପଣ୍ଡିଚେରୀର ଆଶ୍ରମ ଭିତରେ ଆମର ସକଳ ଶକ୍ତିକୁ ସଂକେନ୍ଦ୍ରିତ କରିବାର ପୁରାତନ ନୀତି ଚାଲିଯିବାଟା ପରିସ୍ଫୁଟ ହୋଇଗଲା। ଏକୀକରଣ ପରେ ବିସ୍ତୃତି ଲାଭର ସଞ୍ଚାଳନା- ଏହାହିଁ ତ ନିୟମ। ସେହି ଦିନଠାରୁ ବିସ୍ତୃତିର ଏକ ନୂତନ ସଞ୍ଚାର ଆରମ୍ଭ ହେଲା, ଏବଂ ଏହା ବଳ ଓ ବେଗକୁ ପୁଞ୍ଜିଭୂତ କଲା।- ପ୍ରଧାନତଃ ୧୯୫୦ ପରେ, ଯେତେବେଳେ ଶ୍ରୀଅରବିନ୍ଦ ସ୍ଥୂଳ ଶରୀରରୁ ପ୍ରତ୍ୟାହୃତ ହେଲେ। ଏହାପରେ ସେହି କେନ୍ଦ୍ରର ଶୁଭାରମ୍ଭ ଉଦ୍ଦେଶ୍ୟରେ ଶ୍ରୀମା ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ କଲେ ଏବଂ ପ୍ରଥମ ଥର ପାଇଁ ଜନସାଧାରଣଙ୍କୁ ପାଖକୁ ଆସିବାକୁ ଆହ୍ୱାନ ଦେଲେ। ସମିତି ସବୁ ଗଢ଼ିଉଠିଲା, ବ୍ୟକ୍ତି ସକଳ ପ୍ରୋତ୍ସାହିତ ହେଲେ ଶ୍ରୀଅରବିନ୍ଦଙ୍କ ଆବିର୍ଭାବ ସମ୍ବନ୍ଧରେ ପ୍ରତିନିଧିତ୍ୱ କରିବାରେ। କେନ୍ଦ୍ରସବୁ ଆରମ୍ଭ ହୋଇଗଲା। ଏହିଠାରେ, ଆଶ୍ରମକୁ ଆସିବା ଏବଂ ରହିବା ଆଦି, ଲୋକମାନଙ୍କ ଉପରେ ଥିବା କଟକଣା ସବୁ ଶିଥିଳ ହୋଇଗଲା।

ଆମ୍ଭେମାନେ ଯେଉଁ କର୍ମରେ ଜଡ଼ିତ ଥିଲୁ, ଲୋକମାନଙ୍କୁ ତହିଁରେ ଉତ୍ସାହିତ କରିବାକୁ ଶିକ୍ଷାକେନ୍ଦ୍ର ହିଁ ପ୍ରଥମ ପଦକ୍ଷେପ ଥିଲା, ଏବଂ ସେଇଥିଲାଗି ବାହାରର ଭକ୍ତମାନଙ୍କୁ ପରସ୍ପର ଏକାଠି ହେବା ତଥା ଆଶ୍ରମ ଏବଂ ଏହାର କାର୍ଯ୍ୟକ୍ରମ ସମ୍ବନ୍ଧରେ କଥାବାର୍ତ୍ତା କରିବାରେ ଶ୍ରୀମା ସୁନିଶ୍ଚିତ ଭାବରେ ପ୍ରୋତ୍ସାହନ ଦେଉଥିଲେ। ଅନେକ ପତ୍ରପତ୍ରିକା ଆରମ୍ଭ ହୋଇଥିଲା। ସେ ନିଶ୍ଚିତ ଭାବରେ ତାଙ୍କ କାର୍ଯ୍ୟଲାଗି ଏକ ନୂତନ - ବାହୁକୁ ଗ୍ରହଣ କରିଥିଲେ - ଯାହା ଥିଲା ଆଦର୍ଶର ପ୍ରସାର, କାର୍ଯ୍ୟକାରୀ କରିବାର ଅଭ୍ୟାସ, ପ୍ରଧାନତଃ ଭାରତ ବାହାରେ - ଆମେରିକା, ଫ୍ରାନ୍ସ ଏବଂ ଅନ୍ୟାନ୍ୟ ଦେଶରେ। ପ୍ରକୃତ ପକ୍ଷରେ ଭାରତ ହିଁ ନେତୃତ୍ୱ ନେଇଥିଲା - କିନ୍ତୁ ସେ ଆମ୍ଭମାନଙ୍କୁ ସାବଧାନ କରାଇ ଦେବାରେ ପ୍ରଯତ୍ନ ନେଇଥିଲେ ଯେ, ଆମ୍ଭେମାନେ ଆଦର୍ଶରେ ଜନ୍ମ ନେବା ଉଚିତ୍, ଆଦର୍ଶର ପ୍ରସାର କରାଇବା ଉଚିତ, ପ୍ରଚାର ନ ହୋଇଯିବା ଉଚିତ୍ - କିନ୍ତୁ ଆଦର୍ଶର ପ୍ରସାର କରିବା ଉଚିତ୍।

ପ୍ରସାର ଏବଂ ପ୍ରଚାର ଉଭୟ ମଧ୍ୟରେ ତଫାତ୍ କ'ଣ ? ଗତାନୁଗତିକ ଭାବରେ ସେ ପ୍ରତ୍ୟକ୍ଷ ଦୃଷ୍ଟିସମ୍ପନ୍ନା ଥିଲେ ଏବଂ କହିଲେ, "ପ୍ରସାର ଭିତରେ ତୁମ୍ଭେ ଯେଉଁମାନଙ୍କୁ କୁହ, ସେମାନେ ତାକୁ ଗ୍ରହଣ କରନ୍ତୁ ବା ନ କରନ୍ତୁ - ସେଥିପ୍ରତି ଦୃଷ୍ଟି ନ ଦେଇ, ସତ୍ୟ ଯାହା ତୁମେ ତାହା ହିଁ ଅଭିବ୍ୟକ୍ତ କର। ଲୋକମାନଙ୍କୁ ଏକାଠି କରାଇବା, ଲୋକପ୍ରିୟ କରାଇବା, ଲୋକମାନଙ୍କର ଗ୍ରହଣୀୟ ହେଲାଭଳି ତିଆରି କରିବାରେ, ପ୍ରଚାର - ଶିକ୍ଷାର ପବିତ୍ରତାର ଏକ ତରଳ ଅବସ୍ଥା। ତାହା ଅନୁମତି ସାପେକ୍ଷ ନୁହେଁ। ତେଣୁ ପ୍ରସାର ଅଛି ଏବଂ ନିଶ୍ଚିତ ଭାବରେ ଆମର ସଜାଗ-ବାଣୀ ହେବ।" ଆମର ଶିକ୍ଷକମାନଙ୍କ ଉପରେ ଆମ୍ଭେମାନେ କେତେକ ଦାୟିତ୍ୱ ନ୍ୟସ୍ତ କରିଅଛୁ। ଶ୍ରୀଅରବିନ୍ଦ, ଶ୍ରୀମା ଏବଂ ତାଙ୍କର ଆଦର୍ଶ ସେହିମାନଙ୍କ ହାତରେ ଅଛି। ଜନସାଧାରଣଙ୍କ ସମର୍ଥନ ହାସଲ କରିବା ଲାଗି, ଶିକ୍ଷାକୁ ବିକ୍ରୟ କରିବା ଲାଗି, ତରଳ କରିଦେବା ଲାଗି ନୁହେଁ, ବରଂ ଏହି ଶିକ୍ଷାକୁ ପ୍ରକାଶ ଏବଂ ସରବରାହ କରିବା ଲାଗି। ମୁଁ ଯେତେବେଳେ ବାହାରକୁ ଗଲି, ମୁଁ ବିସ୍ମୟାଭୂତ ହୋଇଥିଲି ଯେ, ଭାରତର ସଂଖ୍ୟାଧିକ ଲୋକ ଆଶ୍ରମର ଅବସ୍ଥିତି ସମ୍ବନ୍ଧରେ ଜାଣି ନାହାନ୍ତି, ଶ୍ରୀଅରବିନ୍ଦଙ୍କ ପରି ଏକ ବ୍ୟକ୍ତିତ୍ୱର ଅବସ୍ଥିତି ସମ୍ବନ୍ଧରେ ଜାଣି ନାହାନ୍ତି, ଆଉ ମା' ଏବଂ ତାଙ୍କର କାର୍ଯ୍ୟ ସମ୍ବନ୍ଧରେ ଜାଣିବା ତ କେତେ କମ୍ ? ଏହି ବିଷୟରେ ଆମର ସମସ୍ତ ନୀରବ ବାର୍ତ୍ତା ବହନ ଭିତରେ ଏକ ବିଶାଳ ଅଜ୍ଞାନତା ରହିଛି।

ତେଣୁ ଆମ ନିଜ ନିଜକୁ ପରୀକ୍ଷା ନିରୀକ୍ଷା କରିବାକୁ ହେବ ଯେ କିପରି - ଏପରି ଏକ ଜୀବନ ସଞ୍ଚୟିକା ଶିକ୍ଷା - ଏକ ପୂର୍ଣ୍ଣାଙ୍ଗ ଜୀବନ ଦର୍ଶନ, ଏକ ପବିତ୍ରକାରିଣୀ ଯୋଗ - ଯାହା କି ପୃଥିବୀର ରୁଗ୍‌ଣତା ଏବଂ ସମସ୍ୟାବଳୀର କେବଳମାତ୍ର ଉତ୍ତର, ତାହା ଅନେକଙ୍କ ଜ୍ଞାତସାରକୁ ଆସିନାହିଁ। ଆମର ପତ୍ରପତ୍ରିକା ଖୁବ୍ କମ୍ ମିଳୁଛି ଏବଂ କମ୍ ବି ପଢ଼ାଯାଉଛି। ଆମର ସାହିତ୍ୟ ପ୍ରତି ମା' ବହୁତ ଗୁରୁତ୍ୱ ଦେଇଛନ୍ତି। ଆପଣମାନଙ୍କ ଭିତରୁ କେତେକଙ୍କର ସ୍ମରଣ ଥିବ ଯେ, ପ୍ରତ୍ୟେକଙ୍କ ଜନ୍ମଦିନ ମାନଙ୍କରେ ମା' କେତେ କେତେ ବହିସବୁ ଉପହାର ଦିଅନ୍ତି। ମା' କହନ୍ତି, "ମୁଁ ବିଜ୍ଞାପନ ଦେଉନାହିଁ, ପୁସ୍ତିକାସବୁ ମୋର ପ୍ରକାଶର ମାଧ୍ୟମ"। ପରିଶୁଦ୍ଧ ବାଣୀକୁ ସେ ଗୁରୁତ୍ୱ ଦେଇଥିଲେ। ଯଦି ଦରକାର ହୁଏ ଆମର ବହିସବୁ ରିହାତି ଦରରେ ମିଳିବାକୁ ସେ ବିଶେଷ ଯତ୍ନ ନେଉଥିଲେ; ଯେପରି ମାଆ - ଆଶ୍ରମରେ ନିମ୍ନତମ ମୂଲ୍ୟରେ ଖାଦ୍ୟସବୁ ମିଳିବାରେ ଏବଂ ନ୍ୟାୟୋଚିତ ମୂଲ୍ୟରେ ରହିବାର ସୁବ୍ୟବସ୍ଥା କରିବାରେ କେତେ ଯତ୍ନଶୀଳା ଥିଲେ। କିପରିଭାବରେ କାର୍ଯ୍ୟ ସକଳ ସର୍ବୋତ୍ତମ ଭାବରେ ସମ୍ପାଦିତ ହୋଇପାରିବ - ଏହି କଥା ଆଲୋଚନା କରିବାଲାଗି ଆମ୍ଭେମାନେ ଯେତେବେଳେ ଏଠାରେ ସମବେତ ହୋଇଅଛୁ - ସେତେବେଳେ ସ୍ୱତନ୍ତ୍ରଭାବରେ ଏହି ନିୟମାବଳୀସବୁ ଆମ ନିଜ ନିଜକୁ ମନେ ପକାଇ ଦେବାକୁ ହେବ।

ଶ୍ରୀଅରବିନ୍ଦ ଘୋଷଣା କଲେ, "ସତ୍ୟକୁ ଅନ୍ୟ ଜଣେ ଲୋକର ଦ୍ୱାରକୁ ବୋହି ନେବା ଲାଗି ମୁଁ ଏଠାରେ ନାହିଁ।" ଆମ୍ଭମାନଙ୍କୁ ସେହି ମନୋଭାବରେ କାର୍ଯ୍ୟ କରିବାକୁ ହେବ। ସେଠାରେ ବି କେତେକ ଆତ୍ମସମ୍ମାନ ଏବଂ ମହତ୍ତ୍ୱ ରହିବ। ଯାହା କିଛି କରିବାକୁ ଅଛି, ଏହା ଜାଣି ରଖିବାକୁ ହେବ ଯେ, ସେଠାରେ ଏହି ଜୀବନର ରାସ୍ତା ପଡ଼ିଛି -

ଯାହାକି ଆଧୁନିକ ସମାଜ ଜୀବନରୁ କଠିନତା ପ୍ରଶମନ ପାଇଁ ଏକମାତ୍ର ରାସ୍ତା।

ଏହା ଯେଉଁଠାରେ ସୁଲଭ୍ୟ, ତାକୁ ଜାଣିବା ଲାଗି ଆପଣମାନଙ୍କ ଭିତରେ ଉତ୍ସାହ ସୃଷ୍ଟି କରିବାକୁ ହେବ ଏହି ଦର୍ଶନ ଭିତରେ, ଏହି କର୍ମ ଭିତରେ। ସେଇଥିଲାଗି ମା' ବିଚାର କଲେ, "ସମାଜକୁ ଦେବାଲାଗି ନିର୍ମାଣର ସର୍ବୋତ୍ତମ ଉପାୟ ହେଉଛି ଶିକ୍ଷା"। କିନ୍ତୁ ଭାରତ ପରି ଏକ ବିଶାଳ ଉପମହାଦେଶ, ଯେଉଁଠି ଦେଶର ପ୍ରଚଳିତ ବାହ୍ୟ ମନୋଭାବାପନ୍ନ ଶିକ୍ଷା ବ୍ୟବସ୍ଥାରେ ସାମାନ୍ୟତମ ପରିବର୍ତ୍ତନ ଆଣିବାରେ ଖୁବ୍ କମ୍ ଆମ୍ଭେମାନେ ସକ୍ଷମ ହୋଇଅଛୁ। ସେହି ମା'ଙ୍କ ଉଦ୍ୟମରେ, ଯାହା ସେ ନିଜେ ଗଢ଼ିବାରେ କୃତକାର୍ଯ୍ୟ ହୋଇଛନ୍ତି - ଯାହାକୁ କୁହାଯାଏ ଏକ ଅନ୍ୟତମ ଜୀବନଯାପନର ପ୍ରଣାଳୀ। ଆଜିର ପୃଥିବୀରେ ଏକ ନୂତନ ଆଦର୍ଶର ଜୀବନ ଧାରା ସେମାନେ ଅନୁସନ୍ଧାନ କରୁଛନ୍ତି। ପ୍ରଚଳିତ ପ୍ରଣାଳୀ ପରାହତ ହୋଇଛି - ଏହା ଅନ୍ୟର ଅବସ୍ଥାରେ ହସ୍ତକ୍ଷେପ ନ କରିବା ସାମ୍ୟବାଦୀ ହେଉ କିମ୍ବା ପୁଞ୍ଜିବାଦୀ ହେଉ, ଅଥବା ସମାଜବାଦୀ ଧାରାଗତ ହେଉ, ଅନ୍ୟର ମଙ୍ଗଳ ସାଧନ କରିବାରେ ସେମାନେ ସମସ୍ତେ ପରାସ୍ତ ହୋଇଛନ୍ତି। ସେଠାରେ ଭୟଙ୍କର କଠୋରତା ଏବଂ ଦୁଃଖ ସବୁ ରହିଛି। ସେଠାରୁ ବାହାରି ଯିବାର ଗୋଟିଏ ବି ପଥ ବୋଧ ହେଉନାହିଁ। ଧୈର୍ଯ୍ୟ ସହକାରେ ମା' ପଚାଶ ବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଛନ୍ତି, ଏବଂ ଏକ ଅନ୍ୟତମ ଜୀବନଯାପନ ପ୍ରଣାଳୀ ସମ୍ଭବପର ବୋଲି ସେ ବାସ୍ତବ ଭାବରେ ପ୍ରଦର୍ଶନ କରି ଦେଖେଇ ଦେବାରେ କୃତକାର୍ଯ୍ୟ ହୋଇଛନ୍ତି। ଲୋକମାନେ ସମ୍ମିଳିତ ଭାବରେ, ପରସ୍ପରର ସହଯୋଗରେ, ଶାନ୍ତିରେ, ସମତାରେ, କୌଣସି ସଙ୍ଘର୍ଷ ବ୍ୟତୀତ ଏକ ଆଦର୍ଶ ପାଇଁ ମିଳିତ ଭାବରେ କାର୍ଯ୍ୟ କରିବାଟା ସମ୍ଭବପର ବୋଲି, ସେ ଆଶ୍ରମ ଭିତରେ ନିଜେ ପରୀକ୍ଷା କରି ଦେଖେଇ ଦେଇଛନ୍ତି।

ପ୍ରତିଯୋଗିତାପନ୍ନ ଜୀବନଯାତ୍ରା ନିଃସାର ହୋଇଯାଇଛି, ବାହାରିଆ ଶାସନ ବ୍ୟବସ୍ଥା ପୁରାତନ ହୋଇଯାଇଛି। ନୂତନ ଆଦର୍ଶ ଭିତ୍ତିରେ ସେମାନଙ୍କୁ ପୁନଃ ସଂସ୍ଥାପିତ କରିବାକୁ ହେବ। ଏହିଠାରେ ଗୋଟିଏ ସୁନ୍ଦର ଭାବରେ କୃତକାର୍ଯ୍ୟ ଏବଂ ପ୍ରତିଜ୍ଞାଦୀପ୍ତ ନମୁନା ରହିଛି; ଯାହାକୁ ବାହାରର ଲୋକମାନେ ପ୍ରକୃତ ପକ୍ଷେ ଜାଣିପାରି ନାହାନ୍ତି। କଥା କହିବାର ଗୋଟିଏ ଭଙ୍ଗୀରେ ବିଦ୍ୱାନ ଲୋକମାନଙ୍କ ଭିତରୁ କେତେକ ଆମର ଦର୍ଶନକୁ ଜାଣିଛନ୍ତି ବୋଲି କହନ୍ତି। ସେମାନେ କହନ୍ତି, "ହଁ, ଆମ୍ଭେମାନେ ଦିବ୍ୟ ଜୀବନ ପଢ଼ିଛୁ"। ଅନ୍ୟମାନେ କହନ୍ତି, "ମୁଁ ଗୀତା ନିବନ୍ଧମାଳା ପଢ଼ିଛି"। କିନ୍ତୁ କତିପୟ କେହି ଜଣେ ଅଧେ କହନ୍ତି - "ହଁ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରେ କେଉଁ ପ୍ରକାରର କାର୍ଯ୍ୟ ସମ୍ପାଦିତ ହେଉଅଛି, ଆମ୍ଭେମାନେ ଦେଖିଛୁ"।

ଶ୍ରୀମା ଦେଖେଇ ଦେଇ ଯାଇଛନ୍ତି ଯେ, ଶ୍ରୀଅରବିନ୍ଦଙ୍କ ଦିବ୍ୟ ଜୀବନ ଏକ ନୂତନ ସମାଜର ମୂଳଦୁଆ ହୋଇପାରିବ। ଶ୍ରୀଅରବିନ୍ଦ ନିଜେ ମନ୍ତବ୍ୟ ପ୍ରକାଶ କରିଛନ୍ତି, "ମା'ଙ୍କ ପାଇଁ ମୋର ଦିବ୍ୟ ଜୀବନର ମନୋବିଜ୍ଞାନ ଖୁବ୍ ଭଲ ଭାବରେ ଏକ କାଳ୍ପନିକତା ପରି ମନେ ହେବ। ସେହି ହେଉଛନ୍ତି ମା', ଯିଏକି ଏହାର ଜୀବନ କ୍ଷମତାକୁ ପ୍ରଦର୍ଶନ କରି ଦେଇଛନ୍ତି"।

ବର୍ତ୍ତମାନ କିପରି ଭାବରେ ଏହି ଆଶ୍ରମ ସମ୍ପ୍ରଦାୟ, ତଥାକଥିତ ବାହାରର ଏପରିକି ଅନ୍ୟାନ୍ୟ ଧାର୍ମିକ ଓ ଆଧ୍ୟାତ୍ମିକ ସମ୍ପ୍ରଦାୟଠାରୁ ପୃଥକ ଅଟନ୍ତି? କ'ଣ ଏହି ଉଦ୍ଭେଶିତ ଗୁଣାବଳୀ - ଯାହାକି ଏହି ଲୋକମାନଙ୍କୁ ସଞ୍ଜୀବିତ ରଖିଅଛି? ସମ୍ଭବତଃ ଦୁଇ ହଜାର ବ୍ୟକ୍ତି ବିଶିଷ୍ଟ ଏଠାରେ ଗୋଟିଏ ସମ୍ପ୍ରଦାୟ ଅଛି। ଆଶ୍ରମର ଛତ୍ର ତଳେ ଅବସ୍ଥାପିତ ସମସ୍ତ ସଙ୍ଗଠନ ସହିତ,ଏଠାରେ ପରିଦର୍ଶକମାନେ - ଯେଉଁମାନେ ଏହି ଜୀବନକୁ ଅଭ୍ୟାସ କରିବା ନିମନ୍ତେ ଏଠାରେ ରହୁଛନ୍ତି, ସମସ୍ତଙ୍କୁ ମିଶାଇ ମୁଁ ଏହାକୁ ଏକ ବ୍ୟାପକ ଭାବରେ ନେଉଛି। ଏହା କ'ଣ, - ଯାହାକି ଏହି ଲୋକମାନଙ୍କୁ ବର୍ଷ ବର୍ଷ ଧରି ଶାନ୍ତିପୂର୍ଣ୍ଣଭାବରେ ଏଠାରେ ବସବାସ କରିବାରେ ସମ୍ଭାବିତ କରିପାରିଛି, ଏପରିକି ୧୯୭୩ ପରେ ମଧ୍ୟ? ମୁଁ ଯେତେବେଳେ ପାଶ୍ଚାତ୍ୟ ଦେଶରେ ଥିଲି, ସେତେବେଳେ ଏକ ନେତୃତ୍ୱହୀନ ଗୋଷ୍ଠିର ସମ୍ଭାବନା ସମ୍ବନ୍ଧରେ ଶୁଣୁଥିଲି। ସେମାନେ ପଚାରିବେ, ଏହା କ'ଣ ସମ୍ଭବପର ଯେ - ଏକ ପ୍ରକାଶ୍ୟ ନେତୃତ୍ୱ ବିନା ସେହି ଲୋକମାନେ ଚେତନାରେ ନିରନ୍ତର ଉନ୍ନତି କରି ପାରିବେ? ଠିକ୍ ଅଛି, ଆମ୍ଭେମାନେ ଏଠାରେ ବିଗତ, ବାର ବର୍ଷ ହେଲା ଗୋଟିଏ ସରୂପ ମସ୍ତିଷ୍କ ବିନା କାର୍ଯ୍ୟ କରି ଆସୁଅଛୁ। ଏଠାରେ କୌଣସି ମଠାଧିପତି ନାହାନ୍ତି। ସମଗ୍ର ପୃଥିବୀ ଭିତର ନାନା ବେଳାଭୂମିରୁ ମାନବତାକୁ ଯିଏ ଏକା ଧରି ରଖନ୍ତି, ସେପରି ଛୁଇଁ ପାରୁଥିବାଭଳି ରୂପମୟୀ ଗୁରୁ ନାହାନ୍ତି। ବିଷୟ ସ୍ତରରେ ସେଠାରେ ଗୋଟିଏ ପରିଚାଳନା ରହିଛି, କିନ୍ତୁ ତାହା ଏକ ଅଲଗା କଥା। ଆଧ୍ୟାତ୍ମିକତା ଭିତ୍ତିରେ ସାଧାରଣତଃ ଶ୍ରୀମା'ଙ୍କର କୌଣସି ଉତ୍ତରାଧିକାରୀ ଆମ୍ଭମାନଙ୍କର ନାହାନ୍ତି - କାରଣ କୌଣସି ଉତ୍ତରାଧିକାରୀ ରହି ନ ପାରନ୍ତି। ତଥାପି ଜୀବନର ସେହି ସମାନ ସଙ୍ଗୀତର ତାଳ, ପବିତ୍ରତାର ସମାନ ସ୍ପନ୍ଦନ, ସମାନ ସାଧନାର ଧାରା ନିରବଚ୍ଛିନ୍ନ ରହିଛି। ସମ୍ଭବତଃ, ଏହା ହେଉଛି ମା'ଙ୍କ ଉପସ୍ଥିତି ଯାହାକି ସକଳକୁ ତିଆରି କରେ। ତଥାପି ଦୁଇ ହଜାର ବ୍ୟକ୍ତି ବିଶିଷ୍ଟ ଏକ ସମ୍ପ୍ରଦାୟ ବିନା ଦ୍ୱନ୍ଦ୍ୱରେ ସମାନଭାବରେ ସେମାନଙ୍କ ଲକ୍ଷ୍ୟରେ ନିରବଚ୍ଛିନ୍ନ ଚାଲିପାରିବା ଅତୁଳନୀୟ କଥା। ଅନ୍ୟ ଜଣଙ୍କ

ପଥରେ ବ୍ୟାଘାତ ନ ଆଣି ପ୍ରତ୍ୟେକ ସାଧକ ସାଧିକା ତାଙ୍କ ନିଜ କାର୍ଯ୍ୟରେ ମନ ଦେଇ ଥାଆନ୍ତି। ଏଠାରେ ଯାହା ଚାଲିଛି ତାହାର ମୂଲ୍ୟ ହୃଦେ ହୃଦେ ନିରୂପଣ କରିବାଲାଗି ତୁମ୍ଭମାନଙ୍କୁ ବାହାରେ ନାନାପ୍ରକାର ଆଶ୍ରମ, ମଠ, ସମ୍ପ୍ରଦାୟସବୁ ପରିଦର୍ଶନ କରିବା ଲାଗି ଯିବାପାଇଁ ହେବ।

ବାହାରର ଅନୁରକ୍ତ କର୍ମୀମାନଙ୍କର ଏହିପରି ସଭାମାନଙ୍କରେ ମିଳିତ ହେବାର ସୁଫଳ ହେଉଛି, ଘନିଷ୍ଠ ଭାବରେ ବସବାସ କରି ବଞ୍ଚୁଥିବା ଓ ଗଢ଼ି ଉଠୁଥିବା ଏହି ଜୀବନ ପଥରେ ସେମାନଙ୍କୁ ସମ୍ମିଳିତ କରାଇଦେବା। ଏହି ପ୍ରଶ୍ନ ଉପରେ ଆମ୍ଭେମାନେ ବିଚାର ସମ୍ମତ ନିଷ୍ପତ୍ତି ନେଇଅଛୁ ଯେ, ଆଶ୍ରମର ଜୀବନଧାରାର ଯେଉଁ ବିଭାବକୁ ଅନୁଧ୍ୟାନ ପାଇଁ ଆପଣମାନଙ୍କ ସମ୍ମୁଖରେ ରଖାଯିବ, ଯେଉଁଠାରେ ଗଭୀରକୁ ଦୃଷ୍ଟି ଦେବାରେ ଆପଣମାନେ ଉତ୍ସାହିତ ହେବେ; ସେମାନଙ୍କୁ ବହୁତ ବହୁତ ଧ୍ୟାନ ଦେଉ ଏବଂ ଗଭୀରତା ଭିତରେ ସେମାନଙ୍କୁ ଅନୁଧ୍ୟାନ କରୁ, ତା ହେଲେ ଆମମାନଙ୍କର ବାହ୍ୟ ଉପଦେଷ୍ଟାର ପ୍ରୟୋଜନ ହୁଏ ନାହିଁ।

ଦୃଷ୍ଟାନ୍ତ ସ୍ୱରୂପ ଶ୍ରୀଅରବିନ୍ଦଙ୍କର ପ୍ରାରମ୍ଭିକ ରଚନାବଳୀ, "ଯୋଗ ଓ ତାହାର ଉଦ୍ଦେଶ୍ୟ"- ଅତ୍ୟନ୍ତ ସଞ୍ଜୀବିତ କର୍ମ ଭାବରେ ମୁଁ ଏହାକୁ ଭକ୍ତି କରେ। ପ୍ରକୃତରେ ତାହା ଉପରେ ପରେ ସେ କହିଲେ ଯେ, "ଯୋଗ ଓ ତାହାର ଉଦ୍ଦେଶ୍ୟ", ତାଙ୍କ ସାଧନାର ପ୍ରାରମ୍ଭିକ ବର୍ଷ ସବୁର ଅବସ୍ଥାକୁ ଉପସ୍ଥାପନ କରେ ଏବଂ ଏହା ତାଙ୍କର ପରବର୍ତ୍ତୀ ଚିନ୍ତାଧାରାକୁ ଉପସ୍ଥାପିତ କରେ ନାହିଁ। କିନ୍ତୁ ସେ ପ୍ରଯତ୍ନ ସହକାରେ କହନ୍ତି ଯେ, କୌଣସି କାରଣରୁ ମଧ୍ୟ ଏହି ସଂଯୋଜନା ଅବ୍ୟବସ୍ଥିତ ହୋଇପାରିବ ନାହିଁ। ମୋତିଲାଲ ରାୟଙ୍କ ନିକଟକୁ ଗୋଟିଏ ଚିଠିରେ ଏହା ୧୯୧୧ରେ ଲେଖା ଯାଇଥିଲା ତଥା ପ୍ରଥମେ ପ୍ରକାଶିତ ହୋଇଥିଲା ୧୯୨୧ରେ। ଏହା ସରଳ ଏବଂ ଆଧ୍ୟାତ୍ମିକ ଜୀବନକୁ ଏକ ପ୍ରତ୍ୟକ୍ଷ ପ୍ରବେଶପଥ ଦେଇଦିଏ।

ସେହିପରି ପୁରାତନ ଆଶ୍ରମବାସୀ ବାରୀନ୍ଦ୍ର କୁମାର ଘୋଷ ଏବଂ ଅନ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେଇ ୧୯୨୭ର ଶେଷ ଭାଗରେ ତାଙ୍କର ରଚିତ "ମା" ପୁସ୍ତକ। "କାହିଁକି ମୀରା ଆଲ୍‌ଫାଶା ହେଉଛନ୍ତି ଶ୍ରୀମା!" ଏକାଧାରାରେ ଲେଖାଯାଇଥିବା ତାଙ୍କ ଉତ୍ତର ଇଂରାଜୀ ସାହିତ୍ୟରେ ଲେଖାଯାଇଥିବା ପ୍ରବନ୍ଧମାନଙ୍କ ମଧ୍ୟରୁ ସର୍ବୋତ୍ତମ ବୋଲି ପରିଗଣିତ ହୁଏ। ଭିନ୍ନ ବିଷୟରେ ଚାରି କିମ୍ବା ପାଞ୍ଚ ଜଣ ଅନ୍ୟ ଭକ୍ତମାନଙ୍କୁ ଲେଖାଯାଇଥିବା ଚିଠି ସବୁ ଏହା ସହିତ ସଂଯୁକ୍ତ ହୋଇ, ଯେଉଁ ବହି ଆମର ଅଛି, "ମା"- ଯାହାକୁ ତୁମେ ଏହି ଶିକ୍ଷାର ବାଇବେଲ୍ (Bible) ବୋଲି କହିପାର। ତାଙ୍କର ମନୋବିଜ୍ଞାନ ମାନବ ପାଇଁ ଦିବ୍ୟ ଜୀବନର ସମ୍ଭାବନା। ତାଙ୍କର ଅନ୍ତର୍ଦୃଷ୍ଟି ଦିବ୍ୟ ଜୀବନର ଖଣ୍ଡମାନଙ୍କରେ ଲିପିବଦ୍ଧ ହୋଇଅଛି। ମୁଖ୍ୟତଃ ଏହାକୁ ସେ, ୧୯୧୪ରୁ ୧୯୨୧ ଆର୍ଯ୍ୟ ପତ୍ରିକାରେ ଲେଖିଥିଲେ। କିନ୍ତୁ ଅବିଶ୍ୱାସନୀୟ ଭାବରେ ୧୯୩୮ ପରେ ମା'ଙ୍କ ପରାମର୍ଶକ୍ରମେ ପରିବର୍ଦ୍ଧିତ କରିଥିଲେ।, ଯେତେବେଳେ ସେ, ତାଙ୍କ ଗୋଡ ଭାଙ୍ଗିଯିବା ଅବସ୍ଥାରୁ ଆରୋଗ୍ୟ ଲାଭ କରୁଥିଲେ।

ସେ ସଚେତନ ଥିଲେ ଯେ, କେବଳ ମାତ୍ର ଗୋଟିଏ ଦର୍ଶନ ଗ୍ରନ୍ଥ ଦେବା ଯେ କୌଣସି ସ୍ଥାନରେ ପଥ ଦେଖାଇ ପାରିବ ନାହିଁ। ତେଣୁ ସେ ବାଆସ୍ତରୀ ଅଧ୍ୟାୟର ଯୋଗ ସମନ୍ୱୟ ଲେଖିବାକୁ ଲାଗିଲେ। ସେ ଭାରତର ସର୍ବ ବୃହତ ଯୋଗାଧାରର ସର୍ବୋତ୍ତମ ପ୍ରଣାଳୀ ଗୁଡିକୁ ଗ୍ରହଣ କଲେ, ସେମାନଙ୍କୁ ଏକାଠି କଲେ, ସମନ୍ୱିତ କଲେ ଏବଂ ଆତ୍ମ ପରିପୂର୍ଣ୍ଣତାଯୋଗ ଭିତ୍ତିରେ ସେମାନଙ୍କୁ ନିର୍ଦ୍ଦେଶନା ଦେଲେ- ଯାହା କି କୌଣସି ମତେ କେବେ ସମ୍ପୂର୍ଣ୍ଣ ହୋଇ ନ ଥିଲା। ଯୋଗ ସମନ୍ୱୟର ଅଧ୍ୟାୟ ସବୁକୁ ସଂଶୋଧନ କରିବା ଲାଗି ମା' ଯେତେବେଳେ ତାଙ୍କୁ କହିଲେ, (ପୂର୍ବରୁ ସେ ସଂଶୋଧନ କରିଥିଲେ ଏବଂ ପ୍ରଥମ ଛଅ ଅଧ୍ୟାୟକୁ ଚଉଦ ଅଧ୍ୟାୟରେ ପରିବର୍ଦ୍ଧିତ କରିଥିଲେ) ସେ ଆଉ ତଳକୁ, ମନ ସ୍ତରକୁ ଯିବାକୁ ଚାହାନ୍ତି ନାହିଁ ବୋଲି କହିଥିଲେ। କୌଣସି ପ୍ରକାରେ, ଯେହେତୁ ଏହା ତାଙ୍କ ପାଇଁ ଅସମ୍ପୂର୍ଣ୍ଣ ଥିଲା, ବର୍ଷ ବର୍ଷର ଅନୁଧ୍ୟାନ ପରେ ମଧ୍ୟ ଆମ୍ଭମାନଙ୍କ ପାଇଁ ଜୀର୍ଣ୍ଣ କରି ଗ୍ରହଣ କରିବାରେ ଏହା ବହୁତ ବହୁତ ଥିଲା। ଆମର କାଳ-ସମ୍ମାନିତ ପ୍ରଜ୍ଞା ଗ୍ରନ୍ଥ ସକଳ ବେଦ, ଉପନିଷଦ, ଗୀତାଦି ଶାସ୍ତ୍ର ସବୁକୁ ତାଙ୍କ ଜୀବନ ଦର୍ଶନ ଏବଂ ଯୋଗ ଅଟ୍ଟାଳିକା ସହିତ ସମର୍ଥନ କଲାକି ନାହିଁ ବୋଲି ପରୀକ୍ଷା ନିରୀକ୍ଷା ଚଳାଇଲେ। ମନେରଖ, ତାଙ୍କ ଶିକ୍ଷାର ସମର୍ଥନରେ ସେମାନଙ୍କୁ ଉଦ୍ଧୃତ କରାଇବାରେ ସେ ଏହି ଶାସ୍ତ୍ର ସକଳର ଅନୁମୋଦନ ପାଇଁ ଯାଇ ନ ଥିଲେ। ତାଙ୍କ ନିଜ ଉପଲବ୍ଧିରେ ସେମାନେ କିପରି ସମର୍ଥନ କରନ୍ତି, ତାହା ହିଁ ସେ ପରୀକ୍ଷା କରିଥିଲେ।

ତାପରେ ତାଙ୍କର ଶିକ୍ଷା- ଯାହାକି ପୃଥିବୀରୁ ଦୂରନ୍ତ ଜୀବନ ନୁହେଁ, ବରଂ ପୃଥିବୀଗତ ଜୀବନ ସହିତ ସମ୍ବନ୍ଧିତ ଥିଲା, ସାମାଜିକ ସ୍ତରରେ ଏହା ପ୍ରଯୋଜିତ ହୋଇ ପାରୁଛି କି ନାହିଁ ଦେଖିବାକୁ ସେ ଚାହିଁଲେ। ସମାଜ ବିବର୍ତ୍ତନର ମନୋବିଜ୍ଞାନରେ ମାନବ ସମାଜର ବିବର୍ତ୍ତନକୁ ଅନୁଧ୍ୟାନ କଲେ, (ଯାହାକୁ ସେ ପରେ, ଗ୍ରନ୍ଥ ରୂପରେ ପ୍ରକାଶିତ ହୋଇ ସାରିଲା ପରେ ମାନବ ଯୁଗ ଚକ୍ରରେ ପୁନଃ ନାମିତ କଲେ) ସମାଜ ବିବର୍ତ୍ତନରେ ଏହି ଅନୁଧ୍ୟାନ ଆଧ୍ୟାତ୍ମିକ ଯୁଗ ଆଡକୁ ଏହାର ନିର୍ଦ୍ଦେଶନା ଦେଖାଇ ଦିଏ। ମାନବିକ ଐକ୍ୟର ଆଦର୍ଶରେ କିପରି ମାନବର ରାଜନୈତିକ ବିବର୍ତ୍ତନ ମୌଳିକ ଭାବରେ ପରିବାର ଏବଂ ବଂଶରୁ ଆରମ୍ଭ କରି; ଗୋଟିଏ ପୃଥିବୀ ଆଡକୁ- ଗୋଟିଏ ମାନବିକତା ଆଡକୁ ଆଗେଇ ଚାଲିଛି, ତାହା ସେ ମାନବ ସମାଜର ରାଜନୈତିକ

ବିବର୍ତ୍ତନକୁ ଅନୁଧ୍ୟାନ କରି ମାନବିକ ଐକ୍ୟର ଆଦର୍ଶ ଗ୍ରନ୍ଥରେ ଦେଖାଇ ଦେଲେ। ଭକ୍ତମାନଙ୍କର ଏବଂ ଦୂରନ୍ତ ସଂଯୋଗରକ୍ଷାକାରୀ ମାନଙ୍କର ସନ୍ଦେହ ଓ ଅନୁସନ୍ଧିତ୍ସା ସବୁର ଉତ୍ତରରେ ତାଙ୍କର ରଚନା ସକଳ ସଂଖ୍ୟାଧିକ "ପତ୍ରାବଳୀ"ର ଗ୍ରନ୍ଥ ସବୁରେ ବର୍ଦ୍ଧିତ ହେବାକୁ ଲାଗିଲା। ୧୯୩୪ କିମ୍ବା ସେହିପରି, ତାହା ହିଁ ପ୍ରଥମ ଗ୍ରନ୍ଥ ଥିଲା- "ଯୋଗ ପ୍ରଦୀପ" - ଯାହାକି କୌଣସି ସ୍ଥାନରୁ ଲୋକଙ୍କ ଦୃଷ୍ଟିକୁ ଧରି ରଖିଲା ଏବଂ ପତ୍ରାବଳୀ ମଧ୍ୟରୁ ଏହା ଏକ କ୍ଷୁଦ୍ର ନିର୍ବାଚନ ଥିଲା ଏବଂ ଅତ୍ୟନ୍ତ ସରଳ ନିର୍ବାଚନ ଥିଲା, ଯାହା ଶ୍ରୀଅରବିନ୍ଦଙ୍କ ଦ୍ୱାରା ଅନୁମୋଦିତ ହୋଇ, ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ଦ୍ୱାରା ସଙ୍କଳିତ ହୋଇଥିଲା। ଯୋଗ ପ୍ରଦୀପ ପ୍ରାପ୍ତିର ଅଭ୍ୟର୍ଥନା ପରେ "ଯୋଗାଧାର'' ପ୍ରକାଶିତ ହେଲା ଏବଂ ଏହା ମଧ୍ୟ ବହୁତ ସମାଦୃତ ହେଲା।

ସେହି ଦିନମାନଙ୍କରେ ମା'ଙ୍କର ଶିକ୍ଷା କିମ୍ବା ସେହିପରି ବାଣୀ ସାଧାରଣତଃ ଗୋଚରକୁ ଆସିନଥିଲା। ୧୯୨୯ରେ ସେ ଟ୍ରେଜର ହାଉସ୍‌ର ଦିଲିପ ରାୟଙ୍କ ପ୍ରକୋଷ୍ଠରେ ଦଳେ ଭକ୍ତଙ୍କୁ ଭେଟିଥିଲେ ଏବଂ ଜଣେ ଇଂରାଜୀ ମହିଳାଙ୍କର କେତେକ ପ୍ରଶ୍ନର ଉତ୍ତର ଦେଇଥିଲେ। ସେ ସବୁ ପ୍ରଥମେ ଟାଇପ୍ ହୋଇଥିଲା ଓ ଶ୍ରୀଅରବିନ୍ଦଙ୍କ ଦ୍ୱାରା ସଂଶୋଧିତ ହେଲା ପରେ ମା'ଙ୍କ ସହିତ ବାର୍ତ୍ତାଳାପ (Conversation of the Mother) ରୂପେ ମୁଦ୍ରିତ ହୋଇଥିଲା ସେଗୁଡ଼ିକୁ ସଂଖ୍ୟା ଦିଆଯାଇଥିଲା ଏବଂ ମା' ଯାହାଙ୍କୁ ଉପଯୁକ୍ତ ମନେ କରୁଥିଲେ କେବଳ ସେହିମାନଙ୍କୁ ଦିଆ ଯାଉଥିଲା। ନାମ ଏବଂ ସଂଖ୍ୟା ସବୁ ଗୋଟିଏ ଖାତାରେ ଲେଖାଯାଇ ରହୁଥିଲା। ୧୯୪୦ ପରେ କେବଳ ଏହା ପୃଥିବୀ ପାଇଁ ସୁଲଭ୍ୟ ହେଲା ଏବଂ ସେହିପରି ମଧ୍ୟ, "ଧ୍ୟାନ ଓ ପ୍ରାର୍ଥନା"।

ବର୍ତ୍ତମାନ ପ୍ରାର୍ଥନା ସମ୍ବନ୍ଧରେ। ଆମେ ଯାହା ପାଇଛୁ କେବଳ ଗୋଟିଏ ଅଂଶ ମାତ୍ର। ଆପଣମାନେ ଜାଣନ୍ତି, ମା' ଭଗବାନଙ୍କ ସହିତ ତାଙ୍କ ଆଳାପ ଆରମ୍ଭ କଲେ ୧୯୧୨ରେ ପ୍ୟାରିସ୍‌ରେ। ପୃଷ୍ଠା ପରେ ପୃଷ୍ଠା ସେ ଲେଖିଲେ। କିନ୍ତୁ ସେ କାହାରିକୁ ଦେଖାଇ ନ ଥିଲେ। ଶ୍ରୀଅରବିନ୍ଦଙ୍କ ସହିତ କଥାବାର୍ତ୍ତା ବେଳେ ମା' ସେହି ଲିପି ଗୁଡିକ ଉଲ୍ଲେଖ କରିଥିଲେ। ଶ୍ରୀଅରବିନ୍ଦ ସେ ଗୁଡିକ ଦେଖି ଆଗ୍ରହ ପ୍ରକାଶ କଲେ। ଆନ୍ତରିକତାପୂର୍ଣ୍ଣ ସାଧକମାନଙ୍କ ପକ୍ଷରେ ସେଗୁଡିକ ଅତ୍ୟନ୍ତ ଉପାଦେୟ ହୋଇପାରିବ ବୋଲି ସେ କହିଲେ। ପରେ ଯେତେବେଳେ ମା' ତାଙ୍କ ରଚନା ଭିତରକୁ ଗଲେ, ଶ୍ରୀଅରବିନ୍ଦଙ୍କ ମନ୍ତବ୍ୟ ଅନୁସାରେ କେତେଗୁଡିଏ ଦେଖିଲେ ଏବଂ ଅମୃତ - ଯିଏକି ସେତେବେଳେ ଆମର ପରିଚାଳକ ଥିଲେ, ତାଙ୍କୁ ସବୁଯାକ ଲେଖା ଦେଇଦେଇ ସେଗୁଡିକୁ ପୋଡି ଦେବାକୁ କହିଲେ। ଜଣେ ବିଶ୍ୱସ୍ତ ଭକ୍ତ ଭାବରେ ଅମୃତ କୌଣସି ପ୍ରଶ୍ନ ନ ପଚାରି, ସେ ଗୁଡିକ ସିଧା ସଳଖ ଜ୍ୱଳନ୍ତ ଯନ୍ତ୍ର ଭିତରେ ପକାଇ ଦେଲେ। ଏହା ଦ୍ୱାରା ଆମ୍ଭମାନଙ୍କର ଏକ ବିରାଟ କ୍ଷତି ହେଲା ଯେ ପୃଷ୍ଠା ପରେ ପୃଷ୍ଠା ଅନେକ ନଷ୍ଟ ହୋଇଗଲା। ଆଜି ଆମ୍ଭେମାନେ ଯାହା ପାଇଛୁ ତାହା କେବଳ ଏକ କ୍ଷୁଦ୍ର ଅବଶିଷ୍ଟାଂଶ। ଏହି ଧ୍ୟାନ ଓ ପ୍ରାର୍ଥନା ସକଳ ଆଧ୍ୟାତ୍ମିକ ସାହିତ୍ୟରେ ପ୍ରକୃତରେ ରତ୍ନ। ଆମ୍ଭମାନଙ୍କ ପଦ୍ଧତିରେ ଆମ୍ଭେମାନେ ମନ୍ତ୍ର ପାଠ କରୁ। ବର୍ତ୍ତମାନ ଏହି ସକଳ ପ୍ରାର୍ଥନାଗୁଡିକ ମନ୍ତ୍ରର କଳେବର। ମୁଁ ଦେଖିଛି, ମା' ଗୋଟିଏ ନିର୍ଦ୍ଦିଷ୍ଟ ପ୍ରାର୍ଥନାକୁ ବାରମ୍ବାର ଆବୃତ୍ତି କରନ୍ତି- ନିରବଚ୍ଛିନ୍ନ ପ୍ରାର୍ଥନା- ଯେତେବେଳେ ସେ ଟେରାସ୍ ଉପରେ ବାରମ୍ବାର ପଦ ଚାଳନା କରୁଥାନ୍ତି। ଏହାର ଏକ ମନ୍ତ୍ରମୟ ଶକ୍ତି ରହିଛି। ସେ ଥରେ କହିଲେ ଯେ, "କୌଣସି ସମୟରେ ଜଣେ ଲୋକ ଯଦି ଆଦୌ ଶୋଇ ନ ପାରିଲା, ତୁମେ ସେହି ଲୋକକୁ ଗୋଟିଏ ପ୍ରାର୍ଥନା ଧୀରେ ଧୀରେ ନିଜେ ପଢ଼ିବା ଲାଗି କୁହ ଏବଂ କ'ଣ ଘଟିବ, ତୁମେ ନିଜେ ଦେଖିବ। ଅନେକ ଏହାର ଅନବରତ ଉପାଦେୟତା ପାଇଛନ୍ତି।

ଏହି ଧ୍ୟାନ ପ୍ରାର୍ଥନା ଗୁଡିକର ଶକ୍ତି ଓ ପବିତ୍ର ଗୁଣାବଳୀ ରକ୍ଷା କରିବାରେ ସେ ଏତେ ପ୍ରଯତ୍ନଶୀଳା ଥିଲେ ଯେ, ଅନେକ ଦିନ ପର୍ଯ୍ୟନ୍ତ ଏଗୁଡିକ ଅନୁବାଦ କରିବା ଲାଗି ସେ ଅନୁମତି ଦେଇ ନ ଥିଲେ। ଆପଣମାନେ ଜାଣନ୍ତି ମୌଳିକ ଭାବରେ ସେଗୁଡିକ ଫରାସୀ ଭାଷାରେ ଥିଲା। ଶ୍ରୀଅରବିନ୍ଦ ସେମାନଙ୍କ ଭିତରୁ ଅଠଷଠିଟି ଅନୁବାଦ କରିଥିଲେ। ତାପରେ କେହି ଜଣେ ହିନ୍ଦୀରେ ଅନୁବାଦ କରିବା ଲାଗି ପ୍ରସ୍ତାବ ଦେଲେ। ମା' ଅନିଚ୍ଛା ପ୍ରକାଶ କଲେ ଏବଂ ଏ ବିଷୟରେ ଅନେକ ଉଦ୍ୟମ ଚାଲିଲା। ଯଦି ଆମ୍ଭେମାନେ ଅବିକଳ ଅନୁବାଦ ଲାଗି ଅପେକ୍ଷା କରୁ, ତାହେଲେ ଆମକୁ ସବୁଦିନ ଲାଗି ଅପେକ୍ଷା କରିବାକୁ ପଡିବ ବୋଲି ରବୀନ୍ଦ୍ରଜୀଙ୍କର ଧୈର୍ଯ୍ୟ ହିଁ ତାଙ୍କର ବିଶ୍ୱାସ ଭାଜନ ହୋଇଥିଲା। ସେହି ଅନୁବାଦ ଗୁଡିକ ମିଶ୍ରିତ ହୋଇ ଯିବାର ସତ୍ୟ ବୋଧ ଥିଲେ ମଧ୍ୟ, ମା' ଯାହା ଲେଖିଥିଲେ ତାର ଦଶ ଭାଗରୁ ଭାଗେ ଭକ୍ତମାନେ ଅନୁଭବ କରିପାରିବେ, ନ ହେଲେ ସେମାନେ କେବଳ ଶୂନ୍ୟତାରେ ହିଁ ରହିଯିବେ। ମା' ସମ୍ମତ ହେଲେ ଏବଂ ରବୀନ୍ଦ୍ରଜୀ ହିନ୍ଦୀରେ ଅନୁବାଦ କଲେ, ନଳିନୀକାନ୍ତ ଗୁପ୍ତ ବଙ୍ଗଳାରେ ଅନୁବାଦ କଲେ ଏବଂ ଏହା ଅନ୍ୟାନ୍ୟ ଭାଷାରେ ଅନୂଦିତ ହେଲା। ଯେଉଁମାନେ ଫ୍ରେଞ୍ଚ କିମ୍ବା ଇଂରାଜୀ ଜାଣନ୍ତି ନାହିଁ, ସେମାନେ ଏହି ଅନୁବାଦ ଗୁଡିକରୁ ପ୍ରଭୂତ ଉପକୃତ ହୁଅନ୍ତି ବୋଲି ମୁଁ ଭାବେ। ଯଦି ତୁମେ ଯତ୍ନ ସହକାରେ ସେ ସବୁ ପାଠ କର, ସେଠାରେ ଗୋଟାଏ ପର୍ଯ୍ୟାୟ ରହିଛି, ସାଧନାରେ ଚେତନାର ପରିବର୍ତ୍ତନ ଲାଗି ସ୍ତରକୁ ସ୍ତର ବହନ କ୍ଷମତା ରହିଛି। ଏସବୁ ବ୍ୟତୀତ ମା' ସାଧାରଣତଃ ଅନ୍ୟ କିଛି ଲେଖିବାକୁ ମନା କରି ଦିଅନ୍ତି। ସେ ଯାହା କହନ୍ତି ତାହା ସାହିତ୍ୟ ହୋଇଯାଏ ଏବଂ ସେ ଯାହା ଉତ୍ତର ଦିଅନ୍ତି ତାହା ଶିକ୍ଷା ହୋଇଯାଏ।

ଏହି ମାନଙ୍କ ଭିତରୁ ପନ୍ଦର ଖଣ୍ଡ ଗ୍ରନ୍ଥ ଆମ୍ଭେମାନେ ପାଇଛୁ। ସେଗୁଡିକ ବହୁଳ ଭାବରେ ସମ୍ପାଦିତ ହୋଇଛି। ସବୁଗୁଡିକୁ ପ୍ରକାଶିତ ଏବଂ ପ୍ରଚାରିତ ହେବା ଲାଗି ସେ ଅନୁମତି ଦେଇ ନାହାନ୍ତି। ସେ ଅନେକ ଚିଠି ଲେଖିଛନ୍ତି। ଆଶ୍ରମରେ ଲୋକମାନଙ୍କ ପାଖରେ ହଜାର ହଜାର ଚିଠି ସବୁ ରହିଛି କିନ୍ତୁ ସେଗୁଡିକ ଆଗକୁ ଆସିନାହିଁ। ଯାହାସବୁ ମିଳୁଛି, ସେଗୁଡିକ ଆଶ୍ରମ ସଂଗ୍ରହାଳୟରେ ଏକାଠି କରି ରଖାଯାଉଛି - କିନ୍ତୁ ଯାହା ସବୁ ସେ ଲେଖିଛନ୍ତି, ଏସବୁ କେବଳ ତାହାର ଗୋଟିଏ ଅଂଶ ମାତ୍ର। ଲୋକମାନଙ୍କୁ ଯାହା ସବୁ ସେ କହିଛନ୍ତି, ସେସବୁ କେବେ ହେଁ ଲିପିବଦ୍ଧ କରାଯାଇ ନାହିଁ। କଥନ- ଶ୍ରବଣ ଭିତରେ ଗୋଟିଏ ଅଂଶ ମାତ୍ର ବଞ୍ଚି ଯାଇଛି।

ମୁଁ ଆପଣମାନଙ୍କୁ ସାହିତ୍ୟ ବିଷୟରେ କହୁଛି କିନ୍ତୁ ଆହୁରି ବହୁତ ଅଛି। ଏହି ଆଶ୍ରମ ଖାଲି କୋଠା ବାଡିର ବିଷୟ ନୁହେଁ- ଇଟା ପଥର ଓ ବାଲି ଗରଡା ସବୁ ନୁହେଁ। ଅନ୍ୟ ସ୍ଥାନମାନଙ୍କରେ ଆହୁରି ବୃହତ୍ ନିର୍ମାଣ ସବୁ ରହିଛି, କିନ୍ତୁ ଶ୍ରୀଅରବିନ୍ଦ ନିଜେ ଯେପରି ଅନୁଭବ କରିଛନ୍ତି- ଏହା ହେଉଛି ଜନନୀଙ୍କର ପରିବର୍ଦ୍ଧିତ ସୂକ୍ଷ୍ମ କଳେବର। ପ୍ରତ୍ୟେକ ସ୍ଥାନରେ ତୁମେ ତାଙ୍କର ସ୍ପର୍ଶ ପାଇବ ଏବଂ ସେହି ହେଉଛି ସ୍ପର୍ଶ ଯାହା ଚମତ୍କୃତ କରିଦିଏ। ସବୁ କିଛି ସୁବର୍ଣ୍ଣରେ ପରିବର୍ତ୍ତିତ ହୋଇଯାଏ- କାରଣ ତାଙ୍କର ସ୍ପର୍ଶ ସେଠାରେ ଅଛି। ପୁଷ୍ଟିସାର କ୍ଷେତ୍ର ଭିତରକୁ ଯାଅ, ନୃତ୍ୟ, କଳା, ଶିଳ୍ପ, ସାହିତ୍ୟ, ଭକ୍ତି ସଙ୍ଗୀତ, ଚିତ୍ରକଳା ଭିତରକୁ ଯାଅ- ସବୁଠାରେ କିଛି ନୂତନ ଚେତନା ରହିଛି। ବର୍ତ୍ତମାନ, କ'ଣ ସେହି ନୂତନ ଚେତନା ? ଇତିହାସ ଭିତରେ ବର୍ତ୍ତମାନ ସୁଦ୍ଧା ଯାହାସବୁ ଘଟି ଯାଇଛି- ତାହା ଭିତରୁ କିଛି ନୂତନ ଏବଂ ସତେଜ ପରିଲକ୍ଷିତ ହେଉଛି।

ଏହିସବୁ, ବିଭାବ ଅନୁଧାନ କରିବାଲାଗି ଏହା ତୁମ୍ଭମାନଙ୍କ ପାଇଁ ଏକ ସୁଯୋଗ, ଯେଉଁଥି ପାଇଁ ଏ ଶିବିର ସଙ୍ଗଠିତ ହୋଇଛି। ଅଂଶ ଗ୍ରହଣ କରିବା ଲାଗି ତୁମେ ସ୍ୱାଧୀନତା ଅନୁଭବ କରିବା ଉଚିତ। ଏହା ଏକ ମୁକ୍ତ ସମାଜ। ତୁମେ ଯାହା ଚାହଁ ତାହା ଭିତରକୁ ନିରୀକ୍ଷଣ କର। ଆମ୍ଭମାନଙ୍କୁ ପ୍ରଶ୍ନ ପଚାର। ଆମ୍ଭମାନଙ୍କ ଭିତରୁ ତୁମେ ବି ଜଣେ ବୋଲି ଅନୁଭବ କର- ତୁମେ ଆମର ଅତିଥି ନୁହଁ। ଏହି ସ୍ୱତନ୍ତ୍ରତା ଆମେ ତିଆରି କରୁନା।

ସମୟର ଏହି ବିନ୍ଦୁରେ, ମା'ଙ୍କ ଚେତନାର ବିବର୍ତ୍ତନ ଭିତରେ, ବାମ ଭାଗର ଲୋକ ବା ଦକ୍ଷିଣ ଭାଗର ଲୋକ, ବାହାରର ଲୋକ ଏବଂ ଭିତରର ଲୋକମାନଙ୍କ ମଧ୍ୟରେ କୃତ୍ରିମ ତଫାତ୍ ସୃଷ୍ଟି କରିବା- ଅକାମୀ ହୋଇଯାଇଥିବା ଏକ ପୁରୁଣା ଢ଼ଙ୍ଗ। ସମସ୍ତେ ମା'ଙ୍କର ସନ୍ତାନ ଏବଂ ଯେତେଦିନ ପର୍ଯ୍ୟନ୍ତ କେହି ଯଦି ମା'ଙ୍କୁ ଗ୍ରହଣ କରିଛନ୍ତି- ସେଠାରେ ଏକ ସଂଯୋଗ ରହିଛି। ଆମ- ତାଙ୍କ ଭିତରେ ଏକ ବଳିଷ୍ଠ ବନ୍ଧନ ରହିଛି। ବକ୍ତୃତା ଏବଂ ସଭା ମାଧ୍ୟମରେ ତାଙ୍କର ଶିକ୍ଷାକୁ ଆରୋପ କରିବା ଲାଗି ମା' ଆମ୍ଭମାନଙ୍କ ପାଖରୁ ଆଶା କରନ୍ତି ନାହିଁ। ପୃଥିବୀରେ ଏସବୁ ପ୍ରଚୁର ରହିଛି। ସେ କହନ୍ତି, "ଧର୍ମୋପଦେଶ ଦେବା ଆଗରୁ ତୁମେ ନିଜେ ଅଭ୍ୟାସ କର, ତୁମ ନିଜ ବ୍ୟକ୍ତିଗତ ଜୀବନରେ ଅଭ୍ୟାସ କର"। ସେ ଆଶା କରନ୍ତି, ତୁମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକ - ଯେଉଁମାନେ ବର୍ତ୍ତମାନ ବାହାରେ ଅଛନ୍ତି, ପରିବେଶ ଭିତରେ ଅଛନ୍ତି, ସେମାନଙ୍କ ଘରକୁ ଆଶ୍ରମ ଅନୁରୂପ ଆଶ୍ରମରେ ପରିଣତ କରିବା ଲାଗି। ଅନ୍ୟମାନଙ୍କ ଜୀବନଠାରୁ ବାଛି ଦେଲା ଭଳି, ତୁମମାନଙ୍କ ଜୀବନଧାରାରେ କେତେକ ସ୍ୱତନ୍ତ୍ରତା ପରିଲକ୍ଷିତ ହେବା ଉଚିତ୍। ଯେଉଁ ଚେତନା ସହିତ ତୁମେ ବାସ କର, ଲୋକମାନଙ୍କୁ ତୁମେ ନିଜେ ସମ୍ପର୍କିତ କର, ଉଭୟ ତୁମ ଚତୁଃପାର୍ଶ୍ୱରେ ଏବଂ ଅନ୍ୟମାନେ ଆଉ ଗୋଟିଏ ବିନ୍ଦୁରୁ ଯାତ୍ରା କରିବା ଉଚିତ୍- ତୁମ ଆତ୍ମା ମଧ୍ୟରୁ।

ତୁମେ ତୁମର ଆତ୍ମାକୁ କିପରି ପାଅ ? ଶୈଳୀଟିକୁ ମା' ଅନେକ ବାଟରେ ଶିକ୍ଷା ଦେଇଛନ୍ତି। ସେଠାରେ ଗୋଟିଏ ଶିକ୍ଷା ନାହିଁ, ଗୋଟିଏ ବାଟ ନାହିଁ, ଗୋଟିଏ ଯୋଗ ନାହିଁ କିମ୍ବା ଗୋଟିଏ ସାଧନା ନାହିଁ। ସାଧନା ସବୁର ବହୁ ସଂଖ୍ୟକ ଦ୍ୱାର ସେ ଖୋଲି ଦେଇଛନ୍ତି। ମା' ବିଶ୍ୱଗତ ଚେତନା କଥା କହନ୍ତି- ପ୍ରବେଶ କରିବାରେ ଗୋଟିଏ ବିଶ୍ୱଜନୀନତା ରହିଛି। ଶିକ୍ଷାର ଏହି ନାନା ଦିଗ ସବୁରେ ତୁମ୍ଭମାନଙ୍କୁ ଅଭିହିତ କରେଇ ଦେବା ଲାଗି ସୁବନ୍ଦୋବସ୍ତ କରାଯାଇଛି ବୋଲି ମୁଁ ଭାବୁଛି। ତୁମ୍ଭମାନଙ୍କୁ ଯୋଗାଇ ଦିଆଯିବ ପ୍ରଚୁର ମାନସିକ ଏବଂ ବୌଦ୍ଧିକ ଖାଦ୍ୟ, ସମଗ୍ର ଆଶ୍ରମ ବୁଲି ଦେଖିବାର ସୁଯୋଗ ଦିଆଯିବ, ଏବଂ ବାହାରର ସଙ୍ଗଠନକୁ ଅନୁଧାନ କରିବାକୁ ହେବ। କିନ୍ତୁ ତୁମକୁ ମଧ ବସବାସ କରିବାର ଅଛି ଏବଂ ନବଜୀବନର ଓଜସ୍ୱୀତାକୁ ପରିପାକ କରି ଗ୍ରହଣ କରିବାର ଅଛି। ଛାୟାକୁ ଅବଜ୍ଞା କର, ଆଲୋକ ଆଡକୁ ଚାହଁ, ଚେତନାର ବିକିରଣକୁ ଅନୁଭବ କର ଏବଂ ଯେତେବେଳେ ତୁମେ ଏଠାରେ ଅଛ, କିଛି ନିର୍ମାଣ କରି ଚାଲ। ଆଉ ଯେତେବେଳେ ତୁମେ ନିଜ ନିଜ ସ୍ଥାନକୁ ଫେରିଯିବ, ଅନ୍ୟାନ୍ୟ ସ୍ଥାନରେ ଥିବା ଏହି ସମ୍ପ୍ରଦାୟର ଅନୁସନ୍ଧିତ୍ସୁମାନଙ୍କ ଭିତରେ, ଏହି ସମାଜ ଅନୁରୂପରେ ଗଢ଼ି ତୋଳିବାକୁ - ତାହା ତୁମକୁ ସଞ୍ଚାରିତ କରି ପାରିବ।

*(ଶ୍ରୀଅରବିନ୍ଦ ସୋସାଇଟି କର୍ମ ଶିବିରରେ ପ୍ରଦତ୍ତ ଅଭିଭାଷଣ ୧୫.୧.୮୫)*

**ଅନୁବାଦ - ଶ୍ରୀ ଅନାଦି ଚରଣ ସ୍ୱାଇଁ**

❑❑❑

# ଓଡ଼ିଶା ସମ୍ବନ୍ଧେ ଦ୍ୟୁମନ୍ ଭାଇ

ପ୍ରକାଶ ଚନ୍ଦ୍ର ପଣ୍ଡା

ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ସର୍ବାଙ୍ଗୀନ ଉନ୍ନତି ସକାଶେ ତଥା ଏକ ମୁଖ୍ୟ କର୍ମୀରୂପେ ମା' ଦ୍ୟୁମନଭାଇଙ୍କୁ ବାଛିଥିଲେ ।

ଦ୍ୟୁମନ୍ ଭାଇଙ୍କ ବିଷୟରେ କହିବାକୁ ଯାଇ ଶ୍ରୀଅରବିନ୍ଦ କୁହନ୍ତି - "If Dyuman and a few others had not made themselves the instruments of the Mother and helped her to reorganise the whole material side of the Ashram, the Ashram would have collapsed long ago under the weight of mismanagement, waste, self-indulgence, disorder, chaotic self- will and disobedience. He and they faced unpopularity and hatred in order to help her to save it."

ଦ୍ୟୁମନ ଭାଇ ଶ୍ରୀଅରବିନ୍ଦ ଆଶ୍ରମର ବହୁତ କିଛି ଦାୟିତ୍ୱ ଗ୍ରହଣ କରିଥିଲେ ଯାହା ବର୍ଣ୍ଣନା କରିବା କଷ୍ଟସାଧ୍ୟ ଅଟେ । ୧୯୮୦ ସାଲର ଘଟଣା । ଓଡ଼ିଶା ବିଷୟରେ କହିବା ପାଇଁ ଯାଇ ଦ୍ୟୁମନ ଭାଇ କହିଲେ,

"Orissa is coming much closer and closer to the Divine Mother."

ଏହାର କାରଣ ବିଷୟରେ କହିବା ପାଇଁ ଯାଇ ସେ କହିଲେ, ଆଶ୍ରମକୁ ଯେତେ ସବୁ ପ୍ରଣାମୀ (offering) ଆସୁଅଛି, ସେଥିମଧ୍ୟରୁ ଓଡ଼ିଶାରୁ ସର୍ବାଧିକ ଆସୁଅଛି । ଯଦିଓ ବ୍ୟକ୍ତିଗତ ଭାବରେ ପରିମାଣ କମ୍ । କିନ୍ତୁ ବହୁ ସଂଖ୍ୟାରେ ପ୍ରଣାମୀ ଆସୁଥିବା ଯୋଗୁଁ ତାହା ଅନ୍ୟ ଯେ କୌଣସି ରାଜ୍ୟର ପ୍ରଣାମୀର ପରିମାଣକୁ ଟପି ଯାଉଅଛି । ଏଥିରୁ ପ୍ରମାଣ ମିଳୁଛି ଯେ ସମଗ୍ର ଓଡ଼ିଶା ମା'ଙ୍କ ପ୍ରତି ଉନ୍ମୁକ୍ତ ହୋଇଛି ।

ଦ୍ୟୁମନ୍ ଭାଇ ୧.୭.୮୭ରେ ମାତୃଗ୍ରାମକୁ ପଠାଇଥିବା ଚିଠିରୁ ଜଣାଯାଏ - My dear Prakash – Baikuntha,

Do you know? The more you are sincere and consecrated -the greater you have the grace effectively.The Divine works for you, dear friends. Live so and all will be done for you what is needed. Go in for a greater life in confidence, Mother's blessings to all Orissa, Dyuman.

ଦ୍ୟୁମନ୍ ଭାଇ ତାଙ୍କର ୭.୭.୮୭ ତାରିଖ ଚିଠିରେ ମାତୃଗ୍ରାମକୁ ଲେଖିଛନ୍ତି -

Dear Prakash, Baikuntha,

A Day shall Dawn when all will be Light and Truth and Peace and Harmony. We shall be a part of Light and Truth. It shall be all Divine. We shall no longer be separate entities but a part of the whole Truth and Light of Sat-Chit-Ananda. Man shall be the Superman, a living Force of Sat-Chit-Ananda. Matrugram shall be so. Orissa shall be so. A conscious force. This is our work at Matrugram. Matrugram shall be a conscious Force of the Divine. We have to progress so, we have to transcend so. To be so. To live so. That is our expression of gratefulness to the Divine, to Orissa.

DearPrakash,

The Mother shall be walking and moving, shall be living on the soil of Matrugram. Make it so, dear ones, and it shall be so. "ମାତୃଗ୍ରାମ' ଶ୍ରୀଅରବିନ୍ଦ ଆଶ୍ରମକୁ ଆଇନିଗତ ଭାବେ ହସ୍ତାନ୍ତରିତ ହେବାର ପୂର୍ବରୁ ୮.୭.୮୭ରେ ଦ୍ୟୁମନ୍ ଭାଇ ତାଙ୍କରି ଚିଠିରେ ଲେଖିଛନ୍ତି-

Dear Prakash, Baikuntha,

The transfer is a surity. Orders are given. Work is begun. Orissa feels - we shall have Gloria, we shall have Mother. Orissa shall be a cheerful lovely state, dear Prakash - Baikuntha - You will do it, we trust you. Baba and Mama are happy.This is the fulfilment of their life's dream. And we fulfil in actual reality. Matrigram becomes the Matrigram.

ଓଡ଼ିଶାର କର୍ମୀମାନଙ୍କୁ ଦ୍ୟୁମନ୍ ଭାଇ ବହୁତ ପ୍ରଶଂସା କରୁଥିଲେ । ଆଶ୍ରମରେ ଓଡ଼ିଶାର ସାଧକ ସାଧିକାମାନଙ୍କୁ ଦ୍ୟୁମନ ଭାଇ କହିଲେ, ଯଦି ଗୋଟିଏ ନିକିତିର ଗୋଟିଏ ପଟେ ଓଡ଼ିଶାର ଜଣେ ମାତୃକର୍ମୀଙ୍କୁ ରଖାଯିବ ଏବଂ ଅନ୍ୟପଟେ ସେତିକି ଓଜନର ଖାଣ୍ଟି ସୁନା ରଖାଯାଇ ମୋତେ କେହି ପଚାରିବ ତୁମେ କାହାକୁ ନେବ, ତବେ ମୁଁ ଓଡ଼ିଶାର କର୍ମୀକୁ ନେଇଯିବି । ଦ୍ୟୁମନ୍ ଭାଇଙ୍କର ୧୭.୭.୮୭ର ଚିଠିରୁ

ଜଣାଯାଏ –

Dear Prakash Baikuntha,
Ashok reached Israel safely.
Last night Telex .
You are in the East.
Ashok in the West.

We are in the middle and both are Orissa boys.

Hail to Orissa.

Ready to accept some more boys and girls if allowed to get admitted.

Utter consecration is the need. - Dyuman

ମାତୃଗ୍ରାମକୁ ମା'ଙ୍କ ପାଖରେ ଅର୍ପଣ କରିବା ପରେ ଦ୍ୟୁମନ୍ ଭାଇ ତାଙ୍କରି ଚିଠିରେ ଲେଖିଲେ - ୨୫.୮.୮୭ - Dear Prakash,

Samant family - Babaji (ବାବାଜି ମହାରାଜ) Bipin Patanaik. N.B. Samant offered Matrigram to the Lord at 9 A.M., Monday, 24.8.87. Sri Aurobindo Ashram Trust received the Documents. The work is done. All good-will is there. We work. I know funds are needed. When we have here you will have. You know fully well. Remember how we struggled in Annapurna, in Gloria! Courageously we go through and we shall be able to do so. With Mother's blessings to you. - Dyuman.

ଦ୍ୟୁମନ୍ ଭାଇ ତାଙ୍କରି ଅନ୍ୟଏକ ଚିଠିରେ ଓଡ଼ିଶା ବିଷୟରେ କୁହନ୍ତି - ୭.୧୦.୮୭- Orissa whall be rich and prosperous in the Divine Light. Dyuman.

ଦ୍ୟୁମନ୍ ଭାଇଙ୍କର ୭.୧୦.୮୭ ତାରିଖ ଚିଠିରୁ ଜଣାଯାଏ।

Dear Prakash, Baikuntha,

Orissa returned. N.K. Das family B.L. Patanaik - we have a larger family. Bipin Patanaik is a part of our life, so is Animesh Samantray, many are in Cuttack, Bhubaneswar.Thus a large family is forming with a perfect good-will for Matrigram and it will grow. -Dyuman

ଦ୍ୟୁମନ୍ ଭାଇଙ୍କର ୬.୧୨.୮୭ ତାରିଖ ଚିଠିରୁ ଜଣାଯାଏ-

Dear ones,

Orissa speaker is coming to see and study Gloria with his staff. One day they will go to Matrigram. The whole Orissa shall be the Matrinivas. All shall be glorious. Time is needed. Divine Grace is there. Man's total consecration can achieve it. - Dyuman. This is the speaker's official visit.

ଦ୍ୟୁମନ୍ ଭାଇଙ୍କର ୧୫.୧୨.୮୭ ତାରିଖ ଚିଠିରୁ ଜଣାଯାଏ

Dear ones,

Just 8 months to have 15 August 1988. Somehow I put a great stress on 1988, which will bring a new sublime light that shall move us faster to our goal of transformation and supramentalization.

All life shall move towards the goal. We too will be in a new speed. Matrigram shall be an established fact, an Ashram. What you have planted as seedlings shall grow faster. We hope – a new life shall get born. You are forerunners. - Dyuman

When I write the address I find the Lord Jagannath comes and watches our movements. He is happy. Both Lord Jagannath and Lord Sun of Konark will be with us - are with us. Sun Lord shall return from his round and shall shine forth in all Luminosity on the Orissa coast - we shall have the rays of a New Light.

ଦ୍ୟୁମନ୍ ଭାଇଙ୍କର ଅନ୍ୟ ଏକ ଚିଠିରୁ ଜଣାଯାଏ - ୧୬.୧୨.୮୭-

My dear ones,

Mother's blessings to you, to your work, to your land. To Orissa - who gave us an opportunity to serve the Divine we are grateful to Orissa - Dyuman.

ଦ୍ୟୁମନ୍ ଭାଇଙ୍କ ଅନ୍ୟ ଏକ ଚିଠିରୁ ଜଣାଯାଏ - ୧୮.୧୨.୮୭ - Matrigram is for the welfare of Orissa - through Orissa the universe. - Dyuman. ୧୯୮୮ ସାଲ ଜାନୁୟାରୀ ମାସରେ ଶ୍ରୀଯୁକ୍ତ ନାରାୟଣ ବୀରବର ସାମନ୍ତ ପଣ୍ଡିଚେରୀ ଯାଇଥିଲେ। ତାଙ୍କୁ ଅଞ୍ଚଳରେ ପ୍ରାୟ ବାବା ବୋଲି ସମ୍ବୋଧନ କରନ୍ତି। ସେହିପରି ପାରାଦ୍ୱୀପ ରତ୍ନମାଳୀ ଦେବୀଙ୍କୁ "ମାମା' ସମ୍ବୋଧନ କରନ୍ତି। ଦ୍ୟୁମନ୍ ଭାଇ ଏହା ଜାଣିପାରି, ସେ ମଧ୍ୟ ତାଙ୍କୁ "ବାବା' "ମା' ସମ୍ବୋଧନ କଲେ। "ବାବା' "ମା' ଗ୍ଲୋରିଆଲେଣ୍ଡ ପରିଭ୍ରମଣରେ ଯାଇଥିଲେ। କଥା ପ୍ରସଙ୍ଗରେ ଦ୍ୟୁମନ୍ ଭାଇ ବାବାଙ୍କୁ କହିଲେ Gloria is Glorious. ଏହା ଶୁଣି ବାବା କହିଲେ - Paradeep is paradise. ଦ୍ୟୁମନ୍ ଭାଇ ତାଙ୍କରି ଚିଠିରେ ଲେଖିଲେ - "If Gloria is Glorious,

Paradeep shall be heaven." So expresses

Baba – Baba and Mama are happy. And this shall be, dear Prakash - dear Vaikuntha. Divine wills so. We shall reveal as the children of the Divine Mother. We are so. When we are so, all will be so. It shall be a heaven - where Supramental Sun shines. All beings shall be at that Superb Light. Baba and Mama both feel and speak and aspire "Gloria is Glorious, Paradeep shall be Paradise." This confidence they carry in their heart. This confidence in the Matrigram workers - Mother's workers, they cherish. I am happy - we all are happy - we too know. This will be a paradise, a living fact for all Land, then the Universe, dear ones.

- Dyuman

16.1.88 - Our dear ones, our dear self,

Baba feels Paradeep shall be Paradise. We shall be then birds of Paradise. It will be so, it will be so. We shall come and inaugurate the Paradise. Our rice will be ready, Our Potatoes will be ready . This will be our home food that day. What is on the farm. What the farm gives us we shall have as nourishment. Paradise begins. With full satisfaction, contentment we go ahead- It shall make the whole state of Orissa - a PARADISE. It is a question of time, it shall be so. We shall redeem the Trust that the Government put in us, the people put in us, our elders put in us. Paradeep shall be a Paradise.

18.1.88. - Our dear Matrigram children - Our future Sunrise our hope. Like Ram nam Jap- '*Paradeep shall be Paradise'* remains all the time in me. Baba tells our Land - his dear Land Paradeep - and he wishes to see the Land as a paradise Land of Beauty and Prosperity Land of Truth, Light and Love let it be so. Let it be so. It can be, it shall be, along with us. We too shall be the 'Birds of Paradise'. Both shall be together.

In your next letter put a few grains of newly harvested paddy. We shall cherish this heavenly food - food of Jagannath - jagadhatri. Orissa to be so. My dear ones- It is decreed.- Dyuman

28.1.88 - Dear ones "Paradeep shall be paradise" Yes, if it is so. Orissa shall be paradise. Universe shall be Paradise. The Supramental world shall be here.The soil shall be; all that comes out from the soil shall be so. All golden, golden and golden! We shall be so. Children of the Supramental world. If shall be a new creation. The Supramental creation. - Dyuman

19.3.90- Dear Prakash, A Bangalore Friend visits Gloria and tells me in Orissa has 5000 centres. They are meeting in Cuttack on 4, 5, 6, & 7 for four days in April. You are part of a new life in Orissa, rather a living constructive life. If you can spare - better to spare some time and go there - ... talk there even chat or gossip about the new way of Agriculture. - Dyuman.

ଲକ୍ଷ୍ମୀ ଏବଂ ଗଣପତି ଦ୍ୟୁମନ୍ ଭାଇଙ୍କର ସାଙ୍ଗରୂପେ ମା' ତାଙ୍କୁ ଦେଇଥିଲେ। ୧୯୮୯ ମସୀହା ମାର୍ଚ୍ଚ ୨୬ ତାରିଖ ଦିନ ଦ୍ୟୁମନ୍ ଭାଇ ମାତୃଗ୍ରାମ ଆସିଥିଲେ। ସେ ପୂର୍ବରୁ ମୋତେ କହୁଥିଲେ, ମୁଁ ଓଡ଼ିଶା ଯିବା ସମୟରେ ମୋର ସାଙ୍ଗ ଲକ୍ଷ୍ମୀ ଏବଂ ଗଣପତିଙ୍କୁ ନେଇ ଓଡ଼ିଶାକୁ ଯିବି। ଦ୍ୟୁମନ୍ ଭାଇ ତାଙ୍କରି ଚିଠି ଦ୍ୱାରା ମଧ୍ୟ ଏହା ଜଣାଇଥିଲେ - ୧୧.୩.୮୯-

My dear Prakash, Vaikuntha.

In a few days dear ones, I come to you. Manindra brings me to you. Gloria sends me to the Matrigram. I come to the Land of Jagannath, Land of Chaitanya, a humble servitor of the Divine. I come to the Land to bow down to the Mother ... Land given to the Mother Divine to serve mother earth, to bloom the Mother in all her richness as Gloria Blooms. I reach in the evening, remain overnight begin to return in the afternoon to be back to the Divine Mother. In the morning we hail the Usha, a beautiful Luminous Usha. Giver of Light, in the soft Light walk on the soil,be with the soil as a worshipper . The soil flourishes, it blooms into flowers and fruits and grains and nuts milk and honey; it takes away the hunger and starvation. The land prospers, it blooms, man blooms along with the nature. I bring with me, I implore my dear friends- Divine Mother given friends - Lakshmi, Ganapati. They are faithful ones. They will do all what is needed. Dear Prakash, Vaikuntha I come as a humble servitor -Dyuman.

It is so kind of Manindra, he takes me there gives me a opportunity to serve.

*Compiled by Prakash Ch. Panda*

❑❑❑

# ପସନ୍ଦ ଓ ପ୍ରବୃତ୍ତି

ନିରଞ୍ଜନ ନାୟକ

ନାଚିନାଚି ଗୀତ ଗାଇଗାଇ ଝରିଯାଉଛି କଳନିନାଦିନୀ ନିର୍ଝରିଣୀ। ଅଦୂରରେ ମୃଗଶିଶୁଗଣ ଅପୂର୍ବ ଅଙ୍ଗଭଙ୍ଗୀର ସହ କ୍ରୀଡାରତ। ଗଛର ଗୋପନ ଗହଳ ଶାଖାରୁ ଭାସି ଆସୁଛି ପକ୍ଷୀମାନଙ୍କର ସୁମଧୁର କାକଳି। ମୁଣ୍ଡ ଉପରେ ପ୍ରଚଣ୍ଡ ରୌଦ୍ରତାପ। କିନ୍ତୁ ଘଞ୍ଚ ଜଙ୍ଗଲର ପତ୍ରବିନ୍ୟାସକୁ ଭେଦକରି ତାହା ଭୂମି ସ୍ପର୍ଶ କରିପାରୁ ନାହିଁ। ଶୀତଳ ଛାୟା ସହିତ ରହିଛି ଶାନ୍ତ ସମୀରଣ। ଆତ୍ମ-ବିସ୍ମୃତ, ମୁଗ୍ଧ ସାଧକ ଶିଷ୍ୟ ଦୁଇଜଣ ଗୋଟିଏ ଗଛକୁ ଆଉଜି ବସି ବନ୍ୟ ପ୍ରକୃତିର ଏଇ ଅପରୂପ ପରିବେଶ ମଧ୍ୟରେ ନିଜକୁ ହଜେଇ ଦେଇଛନ୍ତି। ଜଣକ ନାମ ଧୀର, ଆଉ ଜଣକ ନାମ ଅଧୀର। କିଛି ମୁହୂର୍ତ୍ତ ପାଇଁ ସେମାନେ ଭୁଲି ଯାଇଛନ୍ତି ସେମାନଙ୍କର ଗୁରୁ ସେହି ଋଷି ତଥା ତାଙ୍କ ଆଶ୍ରମକୁ ଓ ଫଳମୂଳ ତଥା କାଷ୍ଠ ସଂଗ୍ରହ ନିମନ୍ତେ ତାଙ୍କର ନିର୍ଦ୍ଦେଶକୁ। ଏଇ ଆତ୍ମ-ବିସ୍ମୃତ ଅବସ୍ଥାରେ ହଠାତ୍ ତାଙ୍କ ଆଗରେ ଆସି ଉଭାହେଲା ଏକ ଉଜ୍ଜ୍ୱଳ ତେଜୋଦୀପ୍ତ ସତ୍ତା। ଭାବ ତନ୍ମୟ ଚେତନାରୁ ସେମାନେ ଫେରିଆସିଲେ ବାସ୍ତବ ଚେତନାକୁ।

ସତ୍ତାଟି ହସି ହସି ତାଙ୍କୁ କହିଲା, "ମୁଁ ଜାଣେ, ତୁମେ ଦୁହେଁ ଅଦୂରସ୍ଥ ଋଷି-ଆଶ୍ରମରେ ରହି ଅଧ୍ୟାତ୍ମ-ସାଧନା କରୁଛ। ଦୀର୍ଘଦିନ ଧରି ତୁମେ ଦୁହେଁ କଠୋର ସାଧନା କଲଣି। ମୁଁ ଆସିଛି ତୁମକୁ ତୁମ ସାଧନାର ଫଳ ଦେବାକୁ। ଏଣିକି ମୁଁ ତୁମକୁ ଏକ ଖୁବ୍ ଆରାମଦାୟକ ବିଳାସବ୍ୟସନପୂର୍ଣ୍ଣ ଜୀବନଯାପନ କରିବାକୁ ଦେବି। ଦୀର୍ଘଦିନ ଧରି ବଣଜଙ୍ଗଲରେ ରୁକ୍ଷ ଜୀବନଯାପନ କଲଣି। ଏଣିକି ମୁଁ ତୁମ ଜୀବନକୁ ରସବନ୍ତ, ସୁଖ, ଶାନ୍ତି, ଆନନ୍ଦଦାୟକ କରିଦେବି। ଦେଶର ସର୍ବୋଚ୍ଚ ଆସନରେ ବି ବସାଇ ଦେବି। ଅଭାବ ଭିତରେ ସଢ଼ିଛ, ଏଣିକି ପ୍ରାଚୂର୍ଯ୍ୟ ଭିତରେ ବଢ଼ିବ ଯଦି ଚାହଁ ଶୀଘ୍ର ମୋ ସହ ଚାଲି ଆସ।"

ସେମାନଙ୍କୁ ଟିକିଏ ଚିନ୍ତିତ ହେବାର ଦେଖି ସେହି ସତ୍ତା କହିଲା, "ଏଥିରେ ପୁଣି ଚିନ୍ତା କରୁଛ? କ'ଣ ମୋ ଶକ୍ତି ଉପରେ ଅବିଶ୍ୱାସ ଆସୁଛି? ଏଇ ଦେଖ, ତୁମମାନଙ୍କ ଲାଗି କିପରି ସୁନ୍ଦର ସୁନ୍ଦର ଖାଦ୍ୟ ନେଇ ଆସୁଛି। ଏହା କହି ଟିକିଏ ହାତ ବୁଲାଇ ଦେବାରୁ ସୁନ୍ଦର ସୁନ୍ଦର ସୁସ୍ୱାଦୁ ଖାଦ୍ୟସବୁ ସେମାନଙ୍କ ସମ୍ମୁଖରେ କିଏ ଯେପରି ଥୋଇ ଦେଇଗଲା। ତା'ର ଲୋଭନୀୟ ବାସନାରେ ବଣର ସେ ଅଞ୍ଚଳଟି ମହକି ଉଠିଲା। ଧୀର ଓ ଅଧୀର ସେଆଡେ ଅପଲକ ନେତ୍ରରେ ଚାହିଁ ରହିଲେ। ଏତେ ପ୍ରକାରର ଏପରି ସୁସ୍ୱାଦୁ, ବାସନାଯୁକ୍ତ ଖାଦ୍ୟ ସେମାନେ କେବେ ଜୀବନରେ ଦେଖି ନ ଥିଲେ। ସତ୍ତାଟି କହିଲା, "ଦେଖୁଛ କ'ଣ? ଦେଖି ଖାଲି ମୁଗ୍ଧ ହେଲେ ହେବ? ଖାଅ, ଖାଇଲେ ପେଟ ପୂରିବ। ତୃପ୍ତ ହେବ, ଆହୁରି ମୁଗ୍ଧ ହେବ।"

ଅଧୀର ଆଉ ସମ୍ଭାଳି ହୋଇ ରହିପାରିଲା ନାହିଁ। ଖାଇବାକୁ ଆରମ୍ଭ କରିଦେଲା। ଧୀରର ହାତ କାହିଁକି ଚଳିଲା ନାହିଁ। ସେ ଆହୁରି ଗମ୍ଭୀର ହୋଇ ପଡିଲା। ଅଧୀର କହିଲା, "ଧୀର ଖା। କେଡେ ସୁନ୍ଦର ଖାଦ୍ୟ! ଥରେ ଖାଇଲେ ନା, ତୋ ପାଟିରୁ ଛାଡିବ ନାହିଁ! ଏମିତିଆ ଖାଦ୍ୟ ଆଉ କ'ଣ ଜୀବନରେ ପାଇବା?" ଧୀର ଗମ୍ଭୀର ହୋଇ କହିଲା, ଏମିତିଆ ଖାଦ୍ୟ ଖାଇବା ଲାଗି କ'ଣ ଆମେ ଘରଦ୍ୱାର ଛାଡି ଆସି ଋଷି ଆଶ୍ରମରେ ପଡିଛେ? ତା'ଛଡା ଏ ଯେଉଁ ଉଜ୍ଜ୍ୱଳ ସତ୍ତାଟିର ଅଯାଚିତ ଦାନ ମୋର କାହିଁକି ପସନ୍ଦ (choice) ହେଉ ନାହିଁ। ମୋ ପସନ୍ଦ ଅନୁଯାୟୀ ଯେଉଁ ପ୍ରକାର ଜୀବନ ମୁଁ ମୋର ଲକ୍ଷ୍ୟ ପୂରଣ ଲାଗି ବାଛି ନେଇଛି ତା'ସହ ଏସବୁ କଥା କେମିତି ବେଖାପିଆ ବେଖାପିଆ ଲାଗୁଛି। ମୋର ଏଠି ରହିବାକୁ ବି ଇଚ୍ଛା ନାହିଁ।"

"ତୁ ଯାହା କହ ପଛେ, ମୋର ପ୍ରବୃତ୍ତି (preference) କିନ୍ତୁ କହୁଛି ଏ ସତ୍ତା ଯାହା କହୁଛି ସେଥିରେ ପ୍ରଚୁର ସୁଖଭୋଗ ରହିଛି। ଜୀବନରେ ସୁଖଭୋଗ ରହିଲେ ଆଉ ଦରକାର କ'ଣ? ତା'ପରେ ଆଉ ସାଧନା କରିବା ଦରକାର କ'ଣ?" ଖାଉଖାଉ କହିଲା ଅଧୀର।

"ଜୀବନରେ ତୁ କ'ଣ ଖାଲି ସୁଖଭୋଗ ଲକ୍ଷ୍ୟ ରଖି ସାଧନା କରୁଥିଲୁ?" ପଚାରିଲା ଧୀର।

ନା, ଜୀବନରେ ଭଗବାନଙ୍କୁ ପାଇବି, ତାଙ୍କୁ ପ୍ରକାଶ କରିବି ତାଙ୍କରି ଇଚ୍ଛା ପୂରଣ ନିମନ୍ତେ ତାଙ୍କରି ମଧ୍ୟରେ ବଞ୍ଚି ରହିବି ବୋଲି ସାଧନା କରୁଥିଲି। କିନ୍ତୁ ସେଇଟା ଥିଲା ମୋ ଜୀବନର ଶ୍ରେୟଃ, ପ୍ରେୟଃ ନୁହେଁ। ବର୍ତ୍ତମାନ ଯାହା ମୋତେ ଅଯାଚିତ ଭାବରେ ମିଳୁଛି ତାହା ମୋ ଜୀବନର ପ୍ରେୟଃ। ଭଗବାନଙ୍କ ଲାଗି ଜୀବନଧାରଣ କରିବା ମୋ ଜୀବନର ପସନ୍ଦ ଥିଲା; କିନ୍ତୁ ବର୍ତ୍ତମାନ ପ୍ରବୃତ୍ତି ପସନ୍ଦକୁ ଟପି ଯାଇଛି।

ମୋର ପ୍ରବୃତ୍ତିର ପ୍ରରୋଚନା ଏ ସତ୍ତାର କଥା ଶୁଣିବାକୁ ମୋ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି କରୁଛି। ମୋର ପ୍ରବୃତ୍ତିର ସ୍ଥାନରେ ମୋ ପସନ୍ଦ କି ମଳିନ, ଦୀନହୀନ ଜଣାପଡୁଛି ଯାହାର ଆଉ କୌଣସି ଆକର୍ଷଣ ନାହିଁ ମୋତେ ବାନ୍ଧି ରଖିବାକୁ। ସିଧା ଭାବରେ କହିଲେ, ମୋତେ ଏ ସତ୍ତାର କଥା ବହୁତ ଭଲ ଲାଗୁଛି।" କହିଲା ହାତ ଚାଟୁଚାଟୁ ଅଧୀର।

"ଠିକ୍ ଅଛି ତୋତେ ଯାହା ଭଲ ଲାଗୁଛି ତୁ ସେହି ପଥରେ ଯା', ମୁଁ ଯାହା ଭଲ ବୋଲି ଜାଣେ ସେହି ପଥରେ ଯାଉଛି। ମୁଁ ମୋର ପ୍ରବୃତ୍ତିକୁ କିନ୍ତୁ ମାନି ପାରୁ ନାହିଁ। ମୋ ଆଗରେ ମୋ ପସନ୍ଦ ଦୃଢ଼, ଶକ୍ତିଶାଳୀ ଭାବେ ଠିଆ ହୋଇଛି। ମୁଁ ପ୍ରବୃତ୍ତିର ଦାସ ହେବାକୁ ଚାହେଁନା, ମୁଁ ଚାହେଁ ପସନ୍ଦର ଶିଷ୍ୟ ହେବାକୁ।" ଏହାକହି ଧୀର କାଠବିଡା ଓ ଫଳମୂଳ ଧରି ଆଶ୍ରମକୁ ଚାଲିଗଲା।

ସେ ଉଜ୍ଜ୍ୱଳ ସତ୍ତାଟି ଅଧୀରକୁ କହିଲା, କିଛି ଚିନ୍ତା କର ନାହିଁ, ମୁଁ ଏଣିକି ସବୁବେଳେ ତୋତେ ଯାହା ପ୍ରେରଣା ଦେବି ସେଇ ଅନୁଯାୟୀ ତୁ ଚଳିବୁ। ଦେଖ୍ ମୁଁ ତୋତେ କୋଉଠୁ ନେଇ କେଉଁ ଆସନରେ ବସେଇ ଦଉଚି।" ଏହା କହି ସେ ସତ୍ତାଟି କୁଆଡେ ଉଭାନ ହୋଇଗଲା। ଅଧୀର ଯାଇ ଗୋଟିଏ ସହରରେ ପହଞ୍ଚିଲା। ଗୋଟିଏ ଜାଗାରେ ଜୁଆଖେଳ ଚାଲିଥିଲା। ସେ ସେହି ସତ୍ତାଟି ଠାରୁ ପ୍ରେରଣା ପାଇ ସେଠାରେ ଜୁଆ ଖେଳିଲା। ଜୁଆ ଖେଳରେ ବାରମ୍ବାର ଜିତି ଅନେକ ଟଙ୍କା ପାଇଲା। ସେ ଟଙ୍କାରେ ସେ ଏକ ବ୍ୟବସାୟ ଆରମ୍ଭ କଲା। ଖୁବ୍ କମ୍ ଦିନରେ ସାରା ସହରରେ ଓ ସହର ବାହାରେ ତା'ର ବ୍ୟବସାୟର ଶାଖାପ୍ରଶାଖା ମାଡିଗଲା। ଦେଶରେ ସେ ସର୍ବୋଚ୍ଚ ବିତ୍ତଶାଳୀ ଲୋକ ବୋଲି ପରିଗଣିତ ହେଲା। ଗୋଟିକ ପରେ ଗୋଟିଏ ଚାରିଟି ପତ୍ନୀ ଗ୍ରହଣ କଲା। ଭିନ୍ନ ଭିନ୍ନ ସହରରେ ଭିନ୍ନ ଭିନ୍ନ ପତ୍ନୀ।

ଅଧୀରର ଏବେ ଅର୍ଥ ଓ କାମଭୋଗ ଚରିତାର୍ଥ ହେଲା କିନ୍ତୁ କ୍ଷମତାର ଉପଭୋଗ ମନ ମୁତାବକ ଏପର୍ଯ୍ୟନ୍ତ ହୋଇ ପାରି ନାହିଁ। ଦିନେ ସେ ସତ୍ତାଠାରୁ ପ୍ରେରଣା ପାଇଲା ନିର୍ବାଚନରେ ଲଢ଼ିବାକୁ। ଅଜସ୍ର ଅର୍ଥ ଢ଼ାଳି ସେ ଏମ୍. ଏଲ୍. ଏ. ଟିଏ ହୋଇପାରିଲା। ସେଥିରୁ ସେ ଏମ୍. ପି., ଏମ୍. ପି. ରୁ କେନ୍ଦ୍ରମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀରୁ ସମୟ କ୍ରମେ ପ୍ରଧାନମନ୍ତ୍ରୀ ହେଲା। ସବୁ ସେଇ ସତ୍ତାର କୃପା ବୋଲି ବୁଝିପାରୁଥାଏ। ଏବେ ସେ ଅମାପ କ୍ଷମତାର ଅଧିକାରୀ। ସମଗ୍ର ଦେଶ ବର୍ତ୍ତମାନ ତା' ହାତ ମୁଠାରେ। ଯେତେବେଳେ ଯାହାକୁ ଯାହା ନିର୍ଦ୍ଦେଶ ଦେଉଛି ସେମାନେ ତାହା ପାଳନ କରିବାକୁ ବାଧ୍ୟ। ନ ହେଲେ ବିଭିନ୍ନ ଉପାୟରେ ସେମାନଙ୍କୁ ଅସୁବିଧାରେ ପକାଇବାକୁ ଚେଷ୍ଟା କରୁଛି। ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୋଇ ଆସିଥିଲେ ବି ନିଜକୁ ଏକ ଛତ୍ରାଧିପତି ବୋଲି ଭାବୁଛି। ମନ୍ତ୍ରୀମଣ୍ଡଳ କହିଲେ ସେ ନିଜେ। କାହାରି ପରାମର୍ଶ ପ୍ରତି ଭ୍ରୂକ୍ଷେପ ନାହିଁ। ବେଶୀକିଛି କେହି ସ୍ୱର ଉତ୍ତୋଳନ କଲେ ତାଙ୍କୁ ସଙ୍ଗେସଙ୍ଗେ ବହିଷ୍କାର କରି ଦେଉଛି। ସମସ୍ତେ ଭୟରେ ତା' କଥା ଅହିତକର ହେଲେ ମଧ୍ୟ ବାଧ୍ୟ ହୋଇ କାର୍ଯ୍ୟକାରୀ କରୁଛନ୍ତି। ତା'ର ବ୍ୟବସାୟ ପ୍ରତିଷ୍ଠାନଗୁଡିକ ପାଇଁ ଯେଉଁଭଳି ନୀତି ଅନୁକୂଳ ସେହି ନୀତି ଅନୁସରଣ କରୁଛି। ଗୁଣ୍ଡାଶ୍ରେଣୀର ଲୋକଙ୍କୁ ହାତରେ ରଖି ତା'ର ବିରୋଧୀ ଲୋକମାନଙ୍କୁ ସବୁବେଳେ ଆତଙ୍କିତ କରିରଖିଛି। କାମ, ଅର୍ଥ ଓ କ୍ଷମତା ତାକୁ ଅନ୍ଧ କରି ଦେଇଛି।

ଧୀରେ ଧୀରେ ଦେଶରେ ଅସନ୍ତୋଷ ବୃଦ୍ଧି ପାଇଛି। ପ୍ରତ୍ୟକ୍ଷରେ ନ ହେଲେ ବି ପରୋକ୍ଷରେ ତା' ବିରୋଧରେ ନାନା ପ୍ରକାର ଷଡଯନ୍ତ୍ର ହୋଇଛି। ବିରୋଧୀ ଦଳର ନେତା ଅଧିକରୁ ଅଧିକ ଜନପ୍ରିୟ ହୋଇ ପଡିଛନ୍ତି। ବୋଧ ହୋଇଛି ଆସନ୍ତା ନିର୍ବାଚନରେ ଅଧୀର ଦଳର ସତ୍ତା ରହିବ ନାହିଁ। ବିରୋଧୀ ଦଳର ନେତାଙ୍କ ଜନପ୍ରିୟତା ଲୋକମାନଙ୍କ ହୃଦୟ ଓ ଭୋଟ ସବୁକିଛିକୁ ଅଧିକାର କରିବ। ଏ ପରିସ୍ଥିତିରେ ଭବିଷ୍ୟତ ଚିନ୍ତାରେ ଅଧୀର ଅଧୀର ହୋଇପଡିଲା। ଏତିକିବେଳେ ମିଳିଲା ତା'ର ପଥପ୍ରଦର୍ଶକ ତଥା ଗୁରୁ ସେଇ ସତ୍ତାଠାରୁ ପରାମର୍ଶ ଯେ ବିରୋଧୀ ଦଳର ନେତାଙ୍କୁ ଯେକୌଣସି ମତେ ଖତମ୍ କରିଦେବାକୁ। ତା'ହେଲେ କଣ୍ଟା ଯିବ। ଗୁରୁଙ୍କ ନିର୍ଦ୍ଦେଶ ପାଇ ଅଧୀର ସଙ୍ଗେସଙ୍ଗେ ପ୍ରଚୁର ଧନରତ୍ନ ଦେଇ, ନାନା ସୁବିଧାସୁଯୋଗ ଦେଇ ହାତରେ ରଖିଥିବା ଗୁଣ୍ଡାମାନଙ୍କୁ ନିର୍ଦ୍ଦେଶ ଦେଲା ସାରା ଦେଶରେ ଯେଉଁଠି ସୁବିଧା ପାଉଛ ସେ ନେତାଙ୍କୁ ଖତମ କରିଦିଅ। ନିମକସଚ୍ଚା ଗୁଣ୍ଡାମାନେ ସାରାଦେଶରେ ବିଛେଇ ହୋଇଗଲେ। ଯେତେଯାହା ଅର୍ଥ ଆବଶ୍ୟକ, ସୁଯୋଗ ଆବଶ୍ୟକ ସବୁ ତାଙ୍କୁ ମିଳିଲା। ଶେଷରେ ଦିନେ ସେମାନେ ନେତାଟିକୁ ମାରିଦେବାକୁ ସମର୍ଥ ହେଲେ। ସେଦିନ ଅଧୀର ଭିତରେ କେତେ ଯେ ଖୁସୀ, ଆଉ ତା'ର ପଥ ପ୍ରଦର୍ଶକ ପ୍ରତି କେତେ ଯେ ପ୍ରଣାମ ତା'ର ସୀମା ନାହିଁ। କିନ୍ତୁ ବାହାରେ ଶୋକସଭାମାନଙ୍କରେ ବକ୍ତୃତା ଦେଇ ନିଜର ଗଭୀର ଦୁଃଖ ଓ ସମବେଦନା ପ୍ରକାଶ କଲା।

କିନ୍ତୁ ପରିଣାମ ତା' ସପକ୍ଷରେ ଗଲା ନାହିଁ। ବରଂ ଭୀଷଣଭାବେ ଓଲଟା ହେଲା। ତା' ଦଳ ସମ୍ପୂର୍ଣ୍ଣ ରୂପେ ଆସନ୍ତା ନିର୍ବାଚନରେ ଦେଶରୁ ମୂଳପୋଛ ହୋଇଗଲେ।

ହତ୍ୟାକାରୀର ସନ୍ଧାନ ନିମନ୍ତେ ଯେଉଁ ତଦନ୍ତ କମିଟି ବସିଲା ସେଥିରେ ସେ ଧରା ପଡିଲା ଓ ତାକୁ ଫାଶୀଦଣ୍ଡ ମିଳିବାର ସେ ସ୍ପଷ୍ଟ ଭାବରେ ଜାଣିପାରିଲା। ଏବେ ତା'ର ପଥପ୍ରଦର୍ଶକ ସେ ସତ୍ତାକୁ ବହୁତ ମନେ ପକାଇଲା, ତା'ର ପରାମର୍ଶ ଚାହିଁଲା। କିନ୍ତୁ ସେ ଆଉ ଆସିଲା ନାହିଁ। ଅଧୀରକୁ ଚାରିଆଡେ ଅନ୍ଧକାର ଦେଖାଗଲା। ସବୁଭିତରେ ସେ ନିଃସ୍ୱ, ନିଃସହାୟ ମନେକଲା। ସେଇ ଜଙ୍ଗଲ ଘଟଣାଠାରୁ ଆଜି ପର୍ଯ୍ୟନ୍ତ ଯାହା ଘଟିଗଲା ତାକୁ ଯେପରି ଏକ ଦୁଃସ୍ୱପ୍ନ ପରି ଲାଗିଲା। ସେ ଯେପରି ଏକ ମୋହାଚ୍ଛନ୍ନ ଅବସ୍ଥାରୁ ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଛି। ଯେଉଁ ଶରୀରକୁ ନେଇ ସେ ଏତେ ବିଳାସ-ବ୍ୟସନ କ୍ଷମତା, ଭୋଗଲାଳସାରେ ବୁଡି ରହିଥିଲା ସେ ଶରୀରରେ ଆଜି ଅସଂଖ୍ୟ ରୋଗ ବସା ବାନ୍ଧିଛନ୍ତି। ଜ୍ୱାଳା ଯନ୍ତ୍ରଣାରେ ତା'ଭିତରଟା କଲବଲ ହେବାକୁ ଲାଗିଲା। ମନେ ପଡିଲା ତା'ର ସାଧନା ଜୀବନର ସାଥୀ ଧୀର କଥା। ଯେପରି ଅଥଳ, ଅକୂଳ ମଧ୍ୟରେ ଆଶ୍ରା କରିବାକୁ ଏକ ଭାସମାନ କାଷ୍ଠଖଣ୍ଡ ମିଳିଗଲା। ସେ ବହୁକଷ୍ଟରେ ଛଦ୍ମବେଶରେ ପୁଲିସ୍ ଆଖିରେ ଧୂଳିଦେଇ ଯାଇ ସେଇ ଜଙ୍ଗଲର ଆଶ୍ରମରେ ପହଞ୍ଚିଲା।

ଆଶ୍ରମରେ ପହଞ୍ଚି ଶୁଣିଲା ଗୁରୁ ଅନେକ ଦିନୁ ଦେହତ୍ୟାଗ କଲେଣି। ବର୍ତ୍ତମାନ ଧୀର ଆଶ୍ରମର ଦାୟିତ୍ୱରେ ଅଛି। ଧୀର କୁଆଡେ ଆଶ୍ରମର ଅନ୍ୟ ସାଧକମାନଙ୍କ ସହ ଜଙ୍ଗଲ ଆଡେ ଯାଇଥିଲା। କିଛି ସମୟ ପରେ ଫେରିବା ମାତ୍ରେ ଅଧୀର ତା' ପାଦତଳେ ପଡିଯାଇ ବିକଳ ହୋଇ ଏକାନ୍ତ ଅନୁନୟଭରା କଣ୍ଠରେ କହିଲା ତାକୁ ବର୍ତ୍ତମାନର ସଙ୍କଟରୁ ଉଦ୍ଧାର କରିବାକୁ। ଧୀର ସ୍ଥିରଶାନ୍ତ ଭାବରେ ସବୁକଥା ବୁଝି ସାରିବା ପରେ କହିଲା, "ସବୁ ସଙ୍କଟର ଏକମାତ୍ର ସମାଧାନ ଆଧ୍ୟାତ୍ମିକତାର ପଥ ଗ୍ରହଣ କରିବା। ଆଜି ଯେତେ ଯେତେ ସମସ୍ୟା ବ୍ୟକ୍ତିଠାରୁ ଆରମ୍ଭ କରି ସମାଜ, ଦେଶ, ମଣିଷ ଜାତିର ଉଭୟ ଭିତରେ ଓ ବାହାରେ ଦେଖାଯାଉଛି ସେ ସବୁର ଅତି ସହଜ ଓ ସ୍ଥାୟୀ ସମାଧାନ ଆଧ୍ୟାତ୍ମିକତା ମଧ୍ୟରେ ରହିଛି।"

"ତେବେ ମୁଁ କ'ଣ ଆଧ୍ୟାତ୍ମିକତାର ପଥ ଗ୍ରହଣ କରି ମୋର ଆସନ୍ନ ମୃତ୍ୟୁମୁଖରୁ ରକ୍ଷାପାଇ ପାରିବି ?" ଆକୁଳ କଣ୍ଠରେ ପଚାରିଲା ଅଧୀର।

"କ'ଣ ହେବ ନ ହେବ ତା' ଭଗବାନଙ୍କ ହାତରେ। ତେବେ ତୋ ପାଇଁ ଯାହା ସର୍ବୋତ୍ତମ କଲ୍ୟାଣକର ତାହାହିଁ ଘଟିବ। ତୁ ବଞ୍ଚ କି ମର ତୋ ଭିତରେ ଆଉ ଏ ଭୟ, ଆଶଙ୍କା, ଅସ୍ଥିରତା, ଉଦ୍‌ବେଗ, ଉତ୍କଣ୍ଠା ରହିବ ନାହିଁ। ଏକ ଅନନ୍ତ ସୀମାହୀନ ସତ୍ତାର ଆଶ୍ରୟରେ ତୋ ଭିତରଟା ସ୍ଥିର ଶାନ୍ତ ହୋଇଯିବ। ଜୀବନ କି ମୃତ୍ୟୁ ତୋ ଲାଗି ଏକ ସମସ୍ୟା ହୋଇରହିବ ନାହିଁ। ତୁ ତା ଉର୍ଦ୍ଧ୍ୱକୁ ଚାଲିଯିବୁ।" କହିଲା ଧୀର।

"ଭାଇ ମୁଁ ମୋର ପ୍ରବୃତ୍ତିର ପ୍ରରୋଚନାରେ ସେଦିନ ସେ ସତ୍ତାର କଥାରେ ପଡି ଯାହା କଲି ତା'ର ପରିଣାମ ଏବେ ଭୋଗ କରୁଛି। ତୁ କିନ୍ତୁ ପ୍ରବୃତ୍ତି ଅପେକ୍ଷା ତୋ ଜୀବନର ପସନ୍ଦକୁ ବେଶୀ ଗୁରୁତ୍ୱ ଦେଲୁ। ପ୍ରବୃତ୍ତିର ପ୍ରଲୋଭନ ତୋତେ ପସନ୍ଦର ପଥରୁ ଟାଣି ନେଇ ପାରିଲା ନାହିଁ। ମୁଁ ମାୟା ମରୀଚିକାର ପଛରେ ଧାଇଁ ଆଜି ସବୁ ଥାଇ ସର୍ବସ୍ୱାନ୍ତ ହୋଇଛି। ତୁ ସଦ୍‌ବସ୍ତୁର ପଛରେ ଧାଇଁ ଆଜି ଭିକାରି ହୋଇ ମଧ୍ୟ ସର୍ବସମ୍ପଦର ଅଧିକାରୀ ହୋଇଛୁ। ଆଜି ବୁଝି ପାରିଛି ସେ ସତ୍ତାର ମତଲବ। ମୋତେ ତା' ହାତର ଖେଳନା କରି ଶେଷରେ ମୋ ଜୀବନ ନେଇ ଆମୋଦ ଅନୁଭବ କରିବା ତା'ର ଲକ୍ଷ୍ୟ ଥିଲା। ଶେଷ କାଳରେ ମୁଁ ଅନୁଭବ କରୁଛି ଯେପରି ତା' ହାତରୁ ବଞ୍ଚି ଯାଇଛି। ତୋର ସାନ୍ନିଧ ଆଉ ମୋର ସଚେତନତା ତାକୁ କେବେ ମୋ ପାଖ ପୂରାଇ ଦେବ ନାହିଁ।" ଏହା କହି ଅଧୀର ଆଉ ଘରକୁ ଫେରିଲା ନାହିଁ। ଭଗବାନଙ୍କ ଆଶ୍ରା ନେଇ ବଣଜଙ୍ଗଲ କୋଳରେ ଗଭୀର ତପସ୍ୟାରେ ନିମଗ୍ନ ରହିଲା। ସେ ଯେପରି ଗୋଟିଏ ଜଗତରୁ ଆଉ ଗୋଟିଏ ଜଗତକୁ ଚାଲି ଆସିଛି। ଅନ୍ୟ ଜଗତଟିରେ କ'ଣ ଘଟିଲା, କ'ଣ ଘଟୁଛି ସେ ଆଉ ଜାଣି ପାରିଲା ନାହିଁ।

ଯମ ଯେ କି ମୃତ୍ୟୁ ଓ ନ୍ୟାୟର ଦେବତା ଚିରନ୍ତନ ମାନବିକ ଅଭୀପ୍ସାର ପ୍ରତୀକ ନଚିକେତାଙ୍କୁ କହିଥିଲେ - ଦୁଇଟି କଥା। ଗୋଟିଏ ମଙ୍ଗଳକର, ଅନ୍ୟଟି ସୁଖକର। ଯିଏ ମଙ୍ଗଳକରକୁ ଗ୍ରହଣ କରେ ସେ ଅଗ୍ରଗତି କରେ, ଯିଏ ସୁଖକରକୁ ଗ୍ରହଣ କରେ ତା'ର ଅଧୋଗତି ହୁଏ। ମଣିଷର ମନକୁ ସବୁବେଳେ ଏ ଦୁଇଟି ମଧ୍ୟରେ ପ୍ରଭେଦ ବାରିପାରି ଗୋଟିକୁ ବାଛିନେବାକୁ ହୋଇଥାଏ। ଜ୍ଞାନୀ ମଙ୍ଗଳକରକୁ ବାଛିଥାଏ, ଅଜ୍ଞାନୀ ସୁଖକରକୁ ବାଛିଥାଏ।

ସାଧାରଣ ଜୀବନରେ ପସନ୍ଦ ଓ ପ୍ରବୃତ୍ତି ଭିତରେ ତାରତମ୍ୟ ବାରିବା ବିଶେଷ ପ୍ରୟୋଜନୀୟ ବୋଲି ଅନୁଭୂତ ହୋଇ ନ ଥାଏ। କିନ୍ତୁ ସାଧନା ଜୀବନରେ ପ୍ରତି ପଦକ୍ଷେପରେ, ପ୍ରତି ମୁହୂର୍ତ୍ତରେ ବ୍ୟକ୍ତି ଏଦୁଇଟିର ସମ୍ମୁଖୀନ ହୁଏ ଓ ଦୁଇଟି ମଧ୍ୟରୁ ଗୋଟିକୁ ବାଛି ନେବାକୁ ହୁଏ। ମା କହନ୍ତି : "Preference is a desire, an impulse. A choice is a decision and an act." "ପ୍ରବୃତ୍ତି

ହେଉଛି ଏକ କାମନା ଏକ ଆବେଗ। ପସନ୍ଦ ହେଉଛି ଏକ ନିଷ୍ପତ୍ତି ଏବଂ ଏକ କର୍ମ।"

ପ୍ରବୃତ୍ତି ଦିଗରେ ସ୍ୱତଃ ଆମର ନିମ୍ନ ପ୍ରକୃତି ଟାଣି ନିଏ; କିନ୍ତୁ ପସନ୍ଦ ଦିଗରେ ଆମକୁ ପ୍ରଯତ୍ନ କରିବାକୁ ହେବ। ଆମ ପାଇଁ ଯାହା ଭଲ ତାହା ଆମ ନିମ୍ନ ମନ-ପ୍ରାଣ ପାଇଁ ଅପ୍ରୀତିକର ହେଲେ ବି ଆମକୁ ତାହା ଗ୍ରହଣ କରିବାକୁ ହେବ। ହୁଏତ ବାହାର ଦୃଷ୍ଟିରୁ ତାହା ଆମକୁ କ୍ଷତିକାରକ ବୋଧ ହୋଇପାରେ। ତଥାପି ଶ୍ରେୟଃକୁ ଆମକୁ ଧରି ରହିବାକୁ ହେବ, ପ୍ରେୟଃର ଆକର୍ଷଣକୁ ଏଡାଇ ଚାଲିବାକୁ ହେବ। ଶ୍ରେୟଃ-ପ୍ରେୟଃ, ପସନ୍ଦ-ପ୍ରବୃତ୍ତି ମଧ୍ୟରେ ତାରତମ୍ୟ ବାରିବାର ସହଜ ଉପାୟ ହେଉଛି ଯାହା ଆମକୁ ସତ୍ୟ ଦିଗରେ, ଭଗବାନଙ୍କ ଦିଗରେ, ଅଗ୍ରଗତି ଦିଗରେ ନେଇଚାଲେ ତାହା ଶ୍ରେୟଃ, ତାହା ଆମର ପସନ୍ଦ, ତାହା ଆମର କାମ୍ୟ ଓ ଗ୍ରହଣୀୟ ସେ ପଥରେ ଯାହା ଆସୁ ବି। କିନ୍ତୁ ଅନ୍ୟ ପକ୍ଷରେ ଯାହା ଖାଲି ଆମ ମନ-ପ୍ରାଣକୁ ଖୁସି କରେ, ଆମକୁ ଅତି ତୁଚ୍ଛ କ୍ଷଣସ୍ଥାୟୀ ସନ୍ତୋଷ ପ୍ରଦାନ କରେ, ସେଥିରେ ନା ଥାଏ କିଛି, ଚିରସ୍ଥାୟୀ ଆନନ୍ଦ କି ଅଗ୍ରଗତିର ଉପାଦାନ ଓ ଆମକୁ ସତ୍ୟ ଦିଗରେ, ଭଗବାନଙ୍କ ଦିଗରେ ଯିବାରେ ବାଧା ସୃଷ୍ଟି କରେ ତାହା ଯେତେ ପ୍ରିୟ ବୋଧ ହେଉଥିଲେ ବି ଆମ ପାଇଁ ବର୍ଜନୀୟ। ପ୍ରବୃତ୍ତିର କ୍ଷେତ୍ରରେ ସୁଖ ଖୁବ୍ ଚଞ୍ଚଳ ମିଳିଯାଇପାରେ, କିନ୍ତୁ ତାହା ଚିରସ୍ଥାୟୀ ନୁହେଁ, ପରେ ନେଇ ଆସେ ଅଶେଷ ଯନ୍ତ୍ରଣା। ପସନ୍ଦ କ୍ଷେତ୍ରରେ ସୁଖ ହଠାତ୍ ନ ମିଳିପାରେ, ଅନ୍ୟ ପକ୍ଷରେ ଦୁଃଖ, କଷ୍ଟ, ନାନା ପ୍ରକାର ବାଧା ବିପତ୍ତି ଆସିପାରେ ଓ ଭଲ ପରିଣାମ ଆସିବାକୁ ଦୀର୍ଘକାଳ ଅପେକ୍ଷା କରିବାକୁ ପଡିପାରେ, ଏପରିକି ଜନ୍ମ ଜନ୍ମ ଧରି ବି। ତେଣୁ ମା' କହନ୍ତି : "Preference attaches itself to a result, choice is independent of the result."

"ପ୍ରବୃତ୍ତି ପରିଣାମ ସହ ନିଜକୁ ଯୋଡି ଦେଇଥାଏ, ପସନ୍ଦ ପରିଣାମଠାରୁ ସ୍ୱତନ୍ତ୍ର।"

ତେଣୁ ଆମେ ଆଶୁ ପରିଣାମ ଅଥବା ଆଶୁ ଫଳଲାଭ ଉପରେ ଗୁରୁତ୍ୱ ନ ଦେଇ, ପ୍ରାଥମିକ ଦୁଃଖ-କଷ୍ଟ, ବାଧା-ବିପତ୍ତି, ବିରୋଧକୁ ଭ୍ରୂକ୍ଷେପ ନ କରି ଆସ ଆଜି ନୂଆକରି ଆମର ପସନ୍ଦର ପଶ୍ଚାତ୍‌ଧାବନ କରିବା, ପ୍ରତି ମୁହୂର୍ତ୍ତରେ ତାକୁ ହିଁ ଜାବୁଡି ଧରିବା, ୧୯୬୭ ନୂଆବର୍ଷ ଉପଲକ୍ଷ୍ୟେ ମା'ଙ୍କ ବାଣୀକୁ ମନେ ପକାଇବା -

"Men, countries, continents!
The choice is imperative :
Truth or the abyss."

"ମନୁଷ୍ୟ, ଦେଶ ଓ ମହାଦେଶ ସକଳ!
ପସନ୍ଦ ଅପରିହାର୍ଯ୍ୟ
ପରମ ସତ୍ୟ ଅଥବା ଚରମ ଗହ୍ୱର।"

❑❑❑

*The Grace and Protection are always with you. When in any inner or outer difficulty or trouble do not allow it to oppress you; take refuge with the Divine Force that protects.*

*If you do that always with faith and sincerity you will find something opening in you which will always remain calm and peaceful in spite of all superficial disturbances.*

- Sri Aurobindo

# ଏପ୍ରିଲ ସମ୍ମିଳନୀର ଏପାଖ ସେପାଖ

**ପ୍ରସାଦ ତ୍ରିପାଠୀ**

ସଙ୍ଗଠନ ସହିତ ସମ୍ପର୍କ ବୋଧହୁଏ ପୂର୍ବଜନ୍ମର। ଯେମିତି ପରିବାରର ବା ବଂଶ ପରମ୍ପରାରୁ ଅନେକ ପ୍ରକାରର କାର୍ଯ୍ୟକ୍ରମର ପ୍ରଭାବ ବ୍ୟକ୍ତି ଭିତରେ ଥାଏ ସେମିତି ସଙ୍ଗଠନ ସହିତ ଆମର ସମ୍ପର୍କ ଅନେକ ଜନ୍ମରୁ ଥିବା ଭଳି ଲାଗେ। ତା'ପରେ ସୌଭାଗ୍ୟକ୍ରମେ ପୂଜ୍ୟ ବାବାଜୀ ମହାରାଜଙ୍କ ଭଳି ବ୍ୟକ୍ତିତ୍ୱଙ୍କ ଶ୍ରଦ୍ଧା, ଶୁଭେଚ୍ଛା ଓ ପରାମର୍ଶ ଏବଂ ପୂଜ୍ୟ ପ୍ରପତ୍ତିଙ୍କ ସାହଚର୍ଯ୍ୟ ଆମକୁ ଏଥିରେ ଅଧିକରୁ ଅଧିକ ସମ୍ପୃକ୍ତ କଲା।

ଆମ୍ଭେମାନେ ୧୯୫୯ ମସୀହାରୁ ମା'ଙ୍କୁ ଜାଣିଲୁ। ଶ୍ରୀଅରବିନ୍ଦ ଆଶ୍ରମ ସମ୍ପର୍କରେ ଆସିଲୁ। ଆମ ଭିତରୁ କେହି କେହି ଆଶ୍ରମ ଗଲେ। ମା'ଙ୍କ ଦର୍ଶନ ଲାଭ କଲେ। ମା'ଙ୍କ ହସ୍ତଲେଖା ଜନ୍ମଦିବସ କାର୍ଡ଼, M.O. Coupon ପ୍ରଭୃତି ସଂଗ୍ରହ କରିବାର ସୌଭାଗ୍ୟ ମିଳିଲା। କାର୍ଯ୍ୟ କ'ଣ କରାଯିବ କିଛି ନିର୍ଦ୍ଦିଷ୍ଟ ଭାବରେ ଧାରଣା ନଥିଲା। କୌଣସି କୌଣସି ସ୍ଥାନରେ ସଭା ହେଉଥିଲା। ହାତଗଣତି ଅଳ୍ପ କେତୋଟି ପାଠଚକ୍ର ଥିଲା। ପ୍ରପତ୍ତି ଆସିଲେ ସଭାସମିତିକୁ ଯାଉଥିଲେ। ଆମେ ପ୍ରପତ୍ତି ଆସୁଥିବା ସମ୍ବାଦକୁ ରିକ୍ସାରେ ବୁଲି ବୁଲି ମାଇକ୍ ଲଗାଇ କହି କହି ଯାଉଥିଲୁ। ପ୍ରପତ୍ତିଙ୍କ ବ୍ୟତୀତ ଶ୍ରୀ ଲଳିତ ମୋହନ ଘୋଷ ପ୍ରଥମେ ପ୍ରଥମେ ଭାଷଣ ଦେଉଥିଲେ। ପରେ ପରେ ତାଙ୍କ ସହିତ ଅନେକ ବ୍ୟକ୍ତି ଯୋଗଦେଲେ। କୋରାପୁଟରେ ଶ୍ରୀ ରଘୁନାଥ ପାଣି, ଶ୍ରୀ ରାମନାଥ ପଣ୍ଡା ଇତ୍ୟାଦି, ଜଟଣୀରେ ଶ୍ରୀ ନିମାଇଁ ଚରଣ ମହାପାତ୍ର ସହିତ ସେତେବେଳେ ଗୋଟିଏ ଅଧ୍ୟାପକ ଗୋଷ୍ଠୀ ସର୍ବଶ୍ରୀ ମହାପାତ୍ର ନୀଳମଣି ସାହୁ, ଚନ୍ଦ୍ରଶେଖର ରଥ ଏବଂ ହୃଦାନନ୍ଦ ରାୟ ପ୍ରମୁଖ ଏଥିରେ ଅଂଶ ଗ୍ରହଣ କଲେ। ଶ୍ରୀ ପଞ୍ଚାନନ ମହାନ୍ତି ଏବଂ ତାଙ୍କର ଧର୍ମପତ୍ନୀ ଶ୍ରୀମତୀ ବିଦ୍ୟୁତ୍‌ପ୍ରଭା, ସରକାରୀ ଚାକିରୀ ଛାଡ଼ିଥିବା ଶ୍ରୀ ମଧୁସୂଦନ ମିଶ୍ର, କଟକରେ ଏକ ତରୁଣ ଗୋଷ୍ଠୀ ଗଦାଧର ମିଶ୍ର, ସୁନିଲ ମହାନ୍ତି ପ୍ରମୁଖ ମଧ୍ୟ ସକ୍ରୀୟ ଭୂମିକା ଗ୍ରହଣ କଲେ। ଏମାନଙ୍କ ବ୍ୟତୀତ ଶ୍ରୀ ଦୀନକୃଷ୍ଣ ଷଡଙ୍ଗୀ, ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଶ୍ରୀ ବିହାରିଲାଲ ପଟ୍ଟନାୟକ ପ୍ରଭୃତି ମଧ୍ୟ ନିଜର ଅନ୍ୟାନ୍ୟ ଦାୟିତ୍ୱ ମଧ୍ୟରେ ଏହି ଦାୟିତ୍ୱ ବହନ କଲେ। ସଭା, ସମିତି, ଶିବିର ଚାଲିଲା। ପାଠଚକ୍ର ସଂଖ୍ୟା ମଧ୍ୟ ବଢ଼ିଲା। ଆମେ କଟକର ତରୁଣ ଦଳ ସଭା ସମିତିଗୁଡ଼ିକରେ ଭାଷଣ ଦେଇ ପାରୁନଥିଲୁ। ଆମ ଭିତରେ କେବଳ ମାମୁଁ (ଗଦାଧର ମିଶ୍ର) ଭାଷଣ ଦେଉଥିଲେ ଏବଂ ଆମେ ସବୁ ବହି, ଧୂପ, ଫଟୋ ପ୍ରଭୃତି ବିକ୍ରୟ କରୁଥିଲୁ। ସଭା ଶେଷ ହେଲେ ମାଇକ ଫିଟାଉଥିଲୁ, ଦରି ଉଠାଉଥିଲୁ, ମାଗିଆଣିଥିବା ଫଟୋ ଫେରାଉଥିଲୁ। ଆମ ସଙ୍ଗଠନ ସେତିକିରେ ସୀମିତ ଥିଲା। ସଭାରେ କହି ପାରୁନାହୁଁ ବୋଲି ସଙ୍କୁଚିତ ହେଉନଥିଲୁ କି ସଭାରେ କହିପାରିବାକୁ ଖୁବ୍ ଏକ ବିରାଟ ସାମର୍ଥ୍ୟ ବୋଲି ଭାବୁ ନଥିଲୁ।

ଓଡ଼ିଶାରେ ପ୍ରଥମେ ରାଜ୍ୟସ୍ତରୀୟ ଦୁଇ ଦିନିଆ ପାଠଚକ୍ର ସମ୍ମିଳନୀ ଜଟଣୀଠାରେ ଆରମ୍ଭ ହୋଇଥାଏ। ପୂଜ୍ୟ ନିମାଇଁ ଚରଣ ମହାପାତ୍ର ସେ ସମୟରେ ଜଟଣୀରେ ଥାଆନ୍ତି। ତାଙ୍କରି ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଟଣୀରେ ପ୍ରଥମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ୧୯୬୩ ମସିହାରେ ଅନୁଷ୍ଠିତ ହୋଇଥିଲା। ତା'ପରେ ଭୁବନେଶ୍ୱରରେ ଶ୍ରୀଅରବିନ୍ଦ ସଂସ୍କୃତି ସଂସଦ ଆନୁକୂଲ୍ୟରେ ତିନିଦିନିଆ ରାଜ୍ୟସ୍ତରୀୟ ସମ୍ମିଳନୀ ମଧ୍ୟ ଆରମ୍ଭ ହେଲା। ମସିହା ଠିକ୍ ମନେ ନାହିଁ। ନନ୍ଦିନୀ ଦେବୀ ମୁଖ୍ୟମନ୍ତ୍ରୀ ଥାଆନ୍ତି। ପତାକା ଉତ୍ତୋଳନ କଲେ। ରବୀନ୍ଦ୍ର ମଣ୍ଡପରେ ଆମେ କଟକରୁ ଆସିଥିବା ତରୁଣ ଗୋଷ୍ଠୀ ମାର୍ଚ୍ଚପାଷ୍ଟ ପ୍ରଦର୍ଶନ କଲୁ। ସେତେବେଳେ ଭୁବନେଶ୍ୱରର ପାଠଚକ୍ର ପ୍ରମୋଦ ଦାଦାଙ୍କ ବାସଭବନରେ ହେଉଥିଲା। ସମସ୍ତ ମାତୃଭକ୍ତମାନେ ସେହିଠାରୁ ହିଁ ପ୍ରେରଣା ପାଉଥିଲେ। ଉକ୍ତ ସମ୍ମିଳନୀରେ ସର୍ବଶ୍ରୀ ପରିକ୍ଷିତ ଦାସ, ପ୍ରମୋଦ ମହାନ୍ତି, ବିପିନ ବିହାରୀ ପଟ୍ଟନାୟକ, ପଞ୍ଚାନନ ମହାନ୍ତି, ଧ୍ରୁବଚରଣ ହୋତା ପ୍ରଭୃତି ମୁଖ୍ୟ ଦାୟିତ୍ୱ ବହନ କରିଥିଲେ। ସର୍ଦ୍ଦାର ଅମର ସିଂ ପ୍ରାୟତଃ ସମସ୍ତଙ୍କର ଜ୍ୟେଷ୍ଠ ଏବଂ ମୁରବୀ ଭାବରେ ଦାୟିତ୍ୱ ନେଉଥିଲେ। ଅମର ସିଂଙ୍କ କନ୍ୟା ଉଷିଦି ଏବଂ ସୁବାସ (ସୁବାସ ପାଣି ଆଇ.ଏ.ଏସ୍) ପ୍ରଭୃତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

ଏପ୍ରିଲ ୪ ତାରିଖ ୧୯୧୦ ମସୀହାରେ ଶ୍ରୀଅରବିନ୍ଦ ପଣ୍ଡିଚେରୀଠାରେ ପଦାର୍ପଣ କରିଥିଲେ। ସେହି ଦିବସର ଗୁରୁତ୍ୱକୁ ସମ୍ମୁଖରେ ରଖି ୧୯୬୪ ଏପ୍ରିଲ ୪, ୫, ୬, ଏବଂ ୭ ତାରିଖ ଦୀର୍ଘ ଚାରିଦିନ ବ୍ୟାପୀ ପ୍ରଥମ ଚତୁଃବାର୍ଷିକ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ କଟକ ବାରବାଟୀ ଷ୍ଟାଡ଼ିୟମଠାରେ ଶ୍ରୀଅରବିନ୍ଦ ସୋସାଇଟି ଆନୁକୂଲ୍ୟରେ ଶ୍ରୀ ନରେନ୍ଦ୍ର କିଶୋର ଦାସଙ୍କ ପରୋକ୍ଷ ତଥା ଶ୍ରୀ ଗୋବିନ୍ଦ ତେଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଲା। ଦୀର୍ଘ ଚାରିଦିନ ବ୍ୟାପୀ ଏହି ସମ୍ମିଳନୀ ୪ବର୍ଷ ଅନ୍ତରରେ ଥରେ କରି ଅନୁଷ୍ଠିତ ହେଉଥିଲା। ୧୯୬୪, ୧୯୬୮ ଏବଂ

୧୯୭୨ରେ ବାରବାଟି ଷ୍ଟାଡ଼ିୟମରେ ଏହି ସମ୍ମିଳନୀ ଅନୁଷ୍ଠିତ ହେଲା । ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରୁ ଅନେକ ବିଶିଷ୍ଟ ସାଧକମାନେ ଆସି ଯୋଗଦେଉଥିଲେ । ସେମାନଙ୍କ ମଧ୍ୟରେ ପୂଜ୍ୟ ବାବାଜୀ ମହାରାଜ, ପୂଜ୍ୟ ପ୍ରପତ୍ତିଜୀ, ଶ୍ରୀ ସୁରେନ୍ଦ୍ର କୁମାର ଘୋଷ, ଶ୍ରୀ ଅରବିନ୍ଦ ବସୁ, ଶ୍ରୀ ମାହେଶ୍ୱରୀ, ଶ୍ରୀ ନବଜାତ, ଶ୍ରୀ କିରୀଟ ଯୋଶୀ ପ୍ରଭୃତି ଅନ୍ୟତମ । ଏହି ସମ୍ମିଳନୀ ଗୁଡ଼ିକ ଶ୍ରୀଅରବିନ୍ଦ ସୋସାଇଟି ଆନୁକୂଲ୍ୟରେ ସଙ୍ଗଠିତ ହେଉଥିଲେ ମଧ୍ୟ କଟକର ନିଉ ଲାଇଟ୍ ସୋସାଇଟିର ତରୁଣ ଗୋଷ୍ଠୀ ଏଥିରେ ମୁଖ୍ୟତଃ ଅଧିକାଂଶ କାର୍ଯ୍ୟର ଦାୟିତ୍ୱ ନେଉଥିଲେ । ୧୯୭୨ ମସିହାରେ ଅନୁଷ୍ଠିତ ସମ୍ମିଳନୀରେ ତେଜ୍‌ଦା (ଶ୍ରୀ ଗୋବିନ୍ଦ ତେଜ୍) ବାରବାଟୀ ଷ୍ଟାଡ଼ିୟମରେ ମାତୃପତାକା ଉତ୍ତୋଳନ ସହିତ ପଛରେଥିବା କ୍ଲବ୍ ହାଉସ ଛାତ ଉପରେ ମଧ୍ୟ ୧୨ଟି ମାତୃପତାକା ଏକ ସମୟରେ ଉତ୍ତୋଳନର ବ୍ୟବସ୍ଥା କରିଥିଲେ । ଷ୍ଟାଡିୟମ ପଡ଼ିଆ ମଝିରେ ମା' ଏବଂ ଶ୍ରୀଅରବିନ୍ଦଙ୍କ ଫଟୋ ମୁକ୍ତାକାଶ ତଳେ ବେଶ୍ ଉପରେ (ପ୍ରାୟ ୧୦/୧୨ଫୁଟ ଉପରେ) ସଜା ହୋଇଥିଲା । ଗୋଟିଏ ଛୋଟ (ପ୍ରାୟ ୧ଫୁଟ ଉଚ୍ଚର) ବେଦୀ ଉପରେ ଅତିଥିମାନଙ୍କୁ ବସାଇବାର ବ୍ୟବସ୍ଥା କରାଯାଇଥିଲା ଏବଂ ବାକି ସମସ୍ତେ ସମ୍ପୂର୍ଣ୍ଣ ମୁକ୍ତାକାଶ ତଳେ ଘାସ ଗାଲିଚା ଉପରେ ବସୁଥିଲେ । ଗୋଟିଏ ବି ଚଉକି କାହାରି ପାଇଁ ବ୍ୟବସ୍ଥା କରାଯାଇନଥିଲା । ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆଉ ଗୋଟିଏ ପେଣ୍ଡାଲ ତିଆରି କରାଯାଇଥିଲା । ସେଠାରେ ସଭା ଶେଷ ହେବା ପରେ କିଛି କିଛି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ କରାଯାଇଥିଲା । ସେ ବର୍ଷ ନିଉଲାଇଟ୍ ସୋସାଇଟିର ଅନ୍ୟତମ ସଦସ୍ୟ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ "ଢ଼ାଳିଦିଅ ସାରା ଧରଣୀରେ ଆଜି" ଭଜନଟିକୁ ପରିବେଷଣ କରିଥିଲେ ଯେଉଁ ଭଜନକି ଅନେକ ବର୍ଷପରେ ତପସ୍ୟା ଚଳଚିତ୍ରରେ ଶୁଣିବାକୁ ମିଳିଥିଲା ।

ଏହା ମଧ୍ୟରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାବଶେଷ ଓଡ଼ିଶା ଆସିବା ଆରମ୍ଭ ହୋଇସାରିଥାଏ । ୧୯୭୦ ଡ଼ିସେମ୍ବର ୯ ତାରିଖରେ ଜଗତ୍‌ସିଂହପୁର ଶ୍ରୀଅରବିନ୍ଦ ନିବାସଠାରେ ପୂଜ୍ୟ ବାବାଜୀ ମହାରାଜ ଏବଂ ସେହି ଦିନ କୋରାପୁଟ ଜିଲ୍ଲାର ଜୟପୁରସ୍ଥ ଶ୍ରୀଅରବିନ୍ଦ ଭବନଠାରେ ପୂଜ୍ୟ ପ୍ରପତ୍ତି ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାବଶେଷ ସ୍ଥାପନ କରିସାରିଥାନ୍ତି । ତା'ପରେ ପୁଣି ୧୯୭୨ ଡିସେମ୍ବର ୯ ତାରିଖ ଦିନ କଟକ ଜିଲ୍ଲାର ଗୋପୀନାଥପୁରସ୍ଥ ଶ୍ରୀଅରବିନ୍ଦ ମନ୍ଦିର, କଟକ ସହରର ମାତୃଭବନ ଏବଂ ଭୁବନେଶ୍ୱର ଶ୍ରୀଅରବିନ୍ଦ ଭବନଠାରେ ପୂଜ୍ୟ ବାବାଜୀ ମହାରାଜ ପବିତ୍ର ଦେହାବଶେଷ ସ୍ଥାପନ କଲେ । କଟକରେ ଏକ ସ୍ଥାୟୀ କେନ୍ଦ୍ର ନିମନ୍ତେ ପ୍ରଥମେ ଶ୍ରୀ ଲଳିତ ମୋହନ ଘୋଷ ଚେଷ୍ଟା କରିଥିଲେ । ତେବେ ଏହା ପ୍ରାରମ୍ଭିକ ପର୍ଯ୍ୟାୟରେ ସମ୍ଭବପର ହୋଇନଥିଲା । ପରେ ଶ୍ରୀ ନରେନ୍ଦ୍ର କିଶୋର ଦାସ ଏ ଦିଗରେ ଚେଷ୍ଟା କରି, ଗୋଟିଏ ଭଡ଼ାଘର ମଣିସାହୁ ଛକରେ ନେଇଥିଲେ । କିଛି ଦିନ ସେ ଭଡ଼ାଘର ରହିବା ପରେ ତାକୁ ଶେଷରେ ଫେରେଇ ଦେବାକୁ ପଡ଼ିଲା । ନିଉ ଲାଇଟ୍ ସୋସାଇଟି ଶେଷ ପର୍ଯ୍ୟନ୍ତ ଏ ଦିଗରେ ଗୋଟିଏ ଭଡ଼ାଘର ନେଇ ପ୍ରାୟ ୧୯୭୨ ମସିହା ପର୍ଯ୍ୟନ୍ତ ଚାଲିଲା । ତେତେ ମାତୃଭବନ ପୂର୍ବରୁ ଏହାହିଁ ଥିଲା ଏ ଦିଗରେ ଏକ ଆଖିଦୃଶିଆ ପଦକ୍ଷେପ । ସେତେବେଳର ଓଡ଼ିଶାର ବିଶିଷ୍ଟ ମାତୃଭକ୍ତ ଏବଂ ବ୍ୟବସାୟୀ ଶ୍ର ଉତ୍ସବ ସାମନ୍ତରାୟ (ପୂଜ୍ୟ ଉତ୍ସବ ମଉସା)ଙ୍କ ବଦାନ୍ୟତା ଫଳରେହିଁ ମାତୃଭବନ ସ୍ଥାପିତ ହୋଇଥିଲା । ୧୯୭୩ ମସିହାରେ ଆଉ ଏପ୍ରିଲ ସମ୍ମିଳନୀ ହେବାର ନଥିଲା କାରଣ ୪ବର୍ଷରେ ଥରେ କରାଯାଉଥିଲା । ମାତ୍ର ପ୍ରପତ୍ତି ମହାଶୟ ଏବଂ ବାବାଜୀ ମହାରାଜ ସିଦ୍ଧାନ୍ତ କଲେ ପ୍ରତ୍ୟେକ ବର୍ଷ ରାଜ୍ୟସ୍ତରୀୟ ସମ୍ମିଳନୀ କଟକରେ କରିବାକୁ । ସେତେବେଳକୁ ଏପ୍ରିଲ ମାସ ସରିଆସୁଥାଏ । ତେଣୁ ଏପ୍ରିଲ ସମ୍ମିଳନୀ କରିବା ସମ୍ଭବ ହେଲା ନାହିଁ । ଗ୍ରୀଷ୍ମ ଛୁଟୀ ହେବାକୁ କିଛିଦିନ ବାକି ଥାଏ । ଚିତ୍ତ ଭାଇ (ଚିତ୍ତ ରଞ୍ଜନ ଦାସ) ଆବିଷ୍କୃତ ହୋଇସାରିଥାନ୍ତି । ଡ: ଅଶୋକ କଟକରେ ଅଧ୍ୟୟନ କରୁଥାନ୍ତି । ମାମୁଁ ମାତୃଭବନର ଦାୟିତ୍ୱ ନେଇସାରିଥାନ୍ତି । ପ୍ରପତ୍ତି ମହାଶୟ ଆମ ସମସ୍ତଙ୍କୁ ଡାକି ଜୁନ୍ ମାସରେ କଟକ ରେଭେନ୍ସା କଲେଜଠାରେ ଏକ ରାଜ୍ୟସ୍ତରୀୟ ଛାତ୍ର ଶିବିର କରିବାକୁ ଦାୟିତ୍ୱ ଦେଲେ । ଶ୍ରୀ ବି.ଡ଼ି. ଜଟ୍ଟୀ ଓଡ଼ିଶାର ରାଜ୍ୟପାଳ ଥାଆନ୍ତି । ସେ ଆସିଲେ ପତାକା ଉତ୍ତୋଳନ କରିବାକୁ । ମାତୃଭବନଠାରେ ଶାରୀରିକ ଶିକ୍ଷା କାର୍ଯ୍ୟକ୍ରମ ଖୁବ୍ ଆଗ୍ରହ ତଥା ଆନନ୍ଦ ମଧ୍ୟରେ ଚାଲୁଥାଏ । ସେଠିକାର ଛାତ୍ରଛାତ୍ରୀମାନେ ମାର୍ଚ୍ଚପାଷ୍ଟରେ ଅଂଶ ଗ୍ରହଣ କଲେ । କମର୍ସ ବ୍ଲକ୍‌ରେ ତେଜ୍‌ଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସୁଦୃଶ୍ୟ ଫଟୋ ପ୍ରଦର୍ଶନୀ ଅନୁଷ୍ଠିତ ହେଲା । କଲେଜ ସମ୍ମୁଖ ପଡ଼ିଆରେ ସାନ୍ଧ୍ୟ ଅଧିବେଶନ ଏବଂ ରେଭେନ୍ସା କଲେଜ ହଷ୍ଟେଲ ଗୁଡ଼ିକରେ ପ୍ରତିନିଧି ମାନଙ୍କ ରହିବା ପାଇଁ ବ୍ୟବସ୍ଥା ହୋଇଥିଲା । ଏହି ସମ୍ମିଳନୀରେ ଆମ୍ଭମାନଙ୍କ ସହିତ ଶ୍ରୀମାନ୍ ଚିଦାନନ୍ଦ ପାତ୍ର ଏବଂ ଡ: ସୁଧାକର ଆଚାର୍ଯ୍ୟ ଅନେକ ସାହାଯ୍ୟ କରି କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ । ଏହି ସମ୍ମିଳନୀର ସଫଳତା ପୁନର୍ବାର ଏକ ସମ୍ମିଳନୀ କରିବା ପାଇଁ ପ୍ରେରଣା ଦେଲା । କିନ୍ତୁ ଷ୍ଟାଡ଼ିୟମ୍‌ରେ ୪ବର୍ଷ ପୂର୍ବରୁ କରିବା ପାଇଁ ପୂର୍ବ ବନ୍ଧୁମାନେ ରାଜିହେଲେ ନାହିଁ । ପ୍ରପତ୍ତି ଏବଂ ବାବାଜୀ ମହାରାଜ ମାତୃଭବନଠାରେ ସମ୍ମିଳନୀକୁ ପ୍ରତ୍ୟେକ ବର୍ଷ ଏପ୍ରିଲ ୪, ୫, ୬ ଏବଂ ୭ ତାରିଖରେ କରିବା ପାଇଁ

ସିଦ୍ଧାନ୍ତ କଲେ । ତେଣୁ ୧୯୭୪ ଏପ୍ରିଲ ୪ ଠାରୁ ୭ ତାରିଖ ପର୍ଯ୍ୟନ୍ତ ମାତୃଭବନଠାରେ ପ୍ରଥମ ଏପ୍ରିଲ ସମ୍ମିଳନୀ ଆରମ୍ଭ ହେଲା । ଏହା ପରେ ଅବଶ୍ୟ ୧୯୭୬ ମସୀହାରେ ଆଉ ଥରକ ପାଇଁ ଷ୍ଟାଡ଼ିୟମରେ ପୁଣି ସମ୍ମିଳନୀ ହୋଇଥିଲା । ମାତ୍ର ତା'ପରେ କେବଳ ମାତୃଭବନରେ ହିଁ ଏପ୍ରିଲ ୪ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଏପ୍ରିଲ ସମ୍ମିଳନୀ ହୋଇ ଆସୁଅଛି । ଷ୍ଟାଡ଼ିୟମ୍‌ଠାରେ ୪ ଥର ଏବଂ ମାତୃଭବନରେ ୨୯ ଥର ଏହପରି ଭାବରେ ଚଳିତ ସମ୍ମିଳନୀକୁ ମିଶାଇ ସମୁଦାୟ ୩୩ ଥର ଏହି ସମ୍ମିଳନୀ ଅନୁଷ୍ଠିତ ହୋଇସାରିଲାଣି ।

ଆରମ୍ଭରୁ ଏପ୍ରିଲ ସମ୍ମିଳନୀର ଅ ଠାରୁ କ୍ଷ ପର୍ଯ୍ୟନ୍ତ ସବୁକିଛି ସୁସ୍ଥ ଥିବା ପର୍ଯ୍ୟନ୍ତ ପ୍ରପତ୍ତିହିଁ ସିଦ୍ଧାନ୍ତ କରୁଥିଲେ । ବକ୍ତା ନିର୍ବାଚନ, ବିଷୟ ନିର୍ବାଚନ ସବୁ କିଛି ସେ କରୁଥିଲେ । ଏହି ସମ୍ମିଳନୀଟିକୁ ସେ ତାଙ୍କର ନିଜର ସମ୍ମିଳନୀ ବୋଲି ହିଁ ଗ୍ରହଣ କରିଥିଲେ । ଖର୍ଚ୍ଚର ଅଧିକାଂଶ ଦାୟିତ୍ୱ ବହନ କରୁଥିଲେ ଉତ୍ସବ ମଉସା । ୧୯୭୪ ମସିହାରେ ୪ ଦିନ ପାଇଁ ପ୍ରତିନିଧି ଚାନ୍ଦା ଜଣକ ପିଚ୍ଛା ୧୫ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଏହା ମଧ୍ୟରେ ୨୯ ବର୍ଷ ବିତିଗଲାଣି । ତଥାପି ପ୍ରତିନିଧି ଚାନ୍ଦା ୧୫ ଟଙ୍କାହିଁ ଅପରିବର୍ତ୍ତିତ ଅଛି । ସେତେବେଳେ ସମ୍ମିଳନୀ ଖର୍ଚ୍ଚ ସମୁଦାୟ ୧୪ ହଜାର ଟଙ୍କା ଭିତରେ ହେଉଥିଲା । ଏବେ ଖର୍ଚ୍ଚ ୩ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବାକୁ ବସିଲାଣି । ଭୋଜନ ବାବଦକୁ ଖର୍ଚ୍ଚ ଏହା ମଧ୍ୟରେ କୋଡ଼ିଏଗୁଣା ବଢ଼ିସାରିଥିଲେ ମଧ୍ୟ ପ୍ରତିନିଧି ଚାନ୍ଦା ଆଦୌ ପରିବର୍ତ୍ତନ କରାଯାଇ ନାହିଁ । ଏହା ପଶ୍ଚାତ୍‌ରେ ଆଦୌ ବଦାନ୍ୟତା ଉଦ୍ଦେଶ୍ୟ ନୁହେଁ । ମାତୃଭବନ ପରମ୍ପରାରେ ଭୋଜନ ଖର୍ଚ୍ଚ ସଂଗ୍ରହ କରିବା ନାହିଁ । ତଥାପି ପ୍ରତ୍ୟେକ ବ୍ୟକ୍ତିଙ୍କର କାର୍ଯ୍ୟରେ ସମ୍ପୃକ୍ତି ଉଦ୍ଦେଶ୍ୟରେ ନାମକୁ ମାତ୍ର ଏକ ପ୍ରତିନିଧି ଚାନ୍ଦା ୧୫ ଟଙ୍କା ହିଁ ଗ୍ରହଣ କରାଯାଉଛି ।

ସମ୍ମିଳନୀର ପ୍ରାରମ୍ଭିକ ଅବସ୍ଥାରେ ପ୍ରପତ୍ତି ତିନୋଟି ଅଧିବେଶନରେ ବିଶିଷ୍ଟ ବକ୍ତାମାନଙ୍କୁ ନିମନ୍ତ୍ରଣ କରି ସେମାନଙ୍କ ଠାରୁ କିଛି ଶୁଣିବା ବ୍ୟବସ୍ଥା କରୁଥିଲେ । ଚାରିଟି ସାନ୍ଧ୍ୟ ଅଧିବେଶନରେ ଭାରତ, ଶିକ୍ଷା, ସାବିତ୍ରୀ ଏବଂ ମହିଳା ମାନଙ୍କ ସମ୍ପର୍କରେ ଗୋଟିଏ ଗୋଟିଏ କରି ବିଷୟ ଆଲୋଚନା କରାଯାଉଥିଲା । ପ୍ରପତ୍ତି ମହାଶୟ ଥିବା ସମୟରେ ସବୁ ଅଧିବେଶନରେ ଷ୍ଟେଜରେ ବସୁଥିଲେ । ମାତ୍ର ଏକଦମ୍ ଆବଶ୍ୟକ ନପଡ଼ିଲେ କହୁନଥିଲେ । ତାଙ୍କ ସହିତ ତାଙ୍କର ଘନିଷ୍ଠ ସହଯୋଗୀ ହେଲେ ଶ୍ରୀ ଛୋଟେନାରାୟଣ ଶର୍ମା । ଡ: ଶ୍ରୀନିବାସ ଆୟାଙ୍ଗାର ଉଭୟଙ୍କୁ ଲରେଲ୍ - ହାର୍ଡ଼ି ବୋଲି ସମ୍ବୋଧନ କରୁଥିଲେ । ଶର୍ମାଜୀ ହେଲେ ଏକ ହସର ଜୁଆର । ସେ ଠିଆ ହେଲେ ଶ୍ରୋତୃମଣ୍ଡଳୀ ହସିବା ଆରମ୍ଭ କରୁଥିଲେ । ପୂଜ୍ୟ ପ୍ରପତ୍ତି ଏବଂ ଶର୍ମାଜୀଙ୍କ ମିଳିତ ସହଯୋଗରେ ଏପ୍ରିଲ ସମ୍ମିଳନୀ ନବକଳେବର ଧାରଣ କଲା । ଏଥିରେ ଅନେକ ନୂତନ ସାଧକ ଉଦାହରଣ ସ୍ୱରୂପ : ଅଧ୍ୟାପକ ମଧୁସୁଦନ ରେଡ୍ଡୀ, ଅଧ୍ୟାପକ ଏମ୍.ଭି. ନାଦକର୍ଣ୍ଣୀ, ଶ୍ରୀ ପ୍ରେମ ମଲ୍ଲିକ, ଡ: ଶ୍ରୀକୃଷ୍ଣ ପ୍ରସାଦ, ଅଧ୍ୟାପକ ଶ୍ରୀ ବିଶ୍ୱନାଥ ରାୟ ପ୍ରମୁଖ ଅଂଶଗ୍ରହଣ କଲେ । ଏମାନଙ୍କ ଆଗରୁ ଆସୁଥିବା ସର୍ବଶ୍ରୀ ଅରବିନ୍ଦ ବସୁ, ଡ: ମାହେଶ୍ୱରୀ ପ୍ରମୁଖ ମଧ୍ୟ ମାତୃଭବନ ସମ୍ମିଳନୀରେ କେତେଥର ଯୋଗ ଦେଇଛନ୍ତି । ସେ ସମୟରେ ମାତୃଭବନ ଏପ୍ରିଲ ସମ୍ମିଳନୀ ଜରିଆରେ ଓଡ଼ିଶାରେ ସଙ୍ଗଠନର ଦାୟିତ୍ୱ ବହନ କରିବା ଆରମ୍ଭ କରୁଥାଏ । ସାଙ୍ଗଠନିକ କାର୍ଯ୍ୟର ଗୁରୁତ୍ୱ ଏତେ ମାତ୍ରାରେ ଅନୁଭୂତ ହୋଇନଥାଏ । ଯଦିଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଏବଂ ଦେହାବଶେଷ ସ୍ଥାପନ କେନ୍ଦ୍ରମାନ ଧୀରେ ଧୀରେ ବଢୁଥାଆନ୍ତି ତଥାପି ସେମାନଙ୍କୁ ସଙ୍ଗଠିତ କରିବା ପାଇଁ ଏକ ନୀବିଡ଼ ଉଦ୍ୟମ ଆରମ୍ଭ ହୋଇନଥାଏ । ଏପ୍ରିଲ ସମ୍ମିଳନୀରେ ଗୋଟିଏ ବର୍ଷ ଦିଲ୍ଲୀ ଶ୍ରୀଅରବିନ୍ଦ ଆଶ୍ରମର ପ୍ରତିଷ୍ଠାତା ଶ୍ରୀ ସୁରେନ୍ଦ୍ରନାଥ ଜୋହର, ତାଙ୍କ କନ୍ୟା ତାରା ଜୋହର ତଥା ଅନ୍ୟ କେତେଜଣ ଦିଲ୍ଲୀ ଆଶ୍ରମର ବିଶିଷ୍ଟ କର୍ମକର୍ତ୍ତା ଯୋଗଦେଇଥିଲେ ।

୧୯୭୨ ମସୀହାରେ ଶ୍ରୀଅରବିନ୍ଦଙ୍କ ଶତବାର୍ଷିକୀ ପାଳନ ଅବସରରେ ସହସ୍ରାଧିକ ମାତୃଭକ୍ତ ପଣ୍ଡିଚେରୀ ଯାଇଥିଲେ । ତାହା ପରଠାରୁ ଓଡ଼ିଶାରେ ଅନେକ ନୂତନ ମାତୃକର୍ମ ଆରମ୍ଭ ହୋଇଗଲା । ୧୯୭୮ ମସୀହା ମା'ଙ୍କ ଜନ୍ମ ଶତବାର୍ଷିକୀ । ଏହି ବର୍ଷ ଡାଳିଯୋଡ଼ାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାବଶେଷ ସ୍ଥାପନ ହୋଇଥିଲା । ତାହା ପୁଣି ଏପ୍ରିଲ ୪ ତାରିଖ ଦିନ । ଡାଳିଯୋଡ଼ାର ସ୍ୱପ୍ନ ମାତୃଭବନରୁହିଁ ଦେଖାହୋଇଥିଲା । ସେ ସମ୍ପର୍କରେ ଅନ୍ୟତ୍ର ଅନେକ ବିଷୟ ପ୍ରକାଶ ପାଇ ସାରିଛି । ମାତୃଭବନ ସହିତ ତା'ର ସମ୍ପର୍କକୁ ନିବିଡ଼ କରିବା ପାଇଁ ବୋଧହୁଏ ପ୍ରତୀକାତ୍ମକ ଭାବରେ ଏପ୍ରିଲ ୪ ତାରିଖ ଦିନହିଁ ସେଠାରେ ପବିତ୍ର ଦେହାବଶେଷ ସ୍ଥାପନ କରାଗଲେ । ସେହିଦିନ ସନ୍ଧ୍ୟାବେଳେ ମାତୃଭବନଠାରେ ସମ୍ମିଳନୀ ଆରମ୍ଭ ହୁଏ । ଯେପରି ସମୁଦାୟ ଗୋଟିଏ ସମ୍ମିଳନୀ । ଡାଳିଯୋଡ଼ାଠାରେ ପୂର୍ବାହ୍ନରେ ଆରମ୍ଭ ହୁଏ ଏବଂ ଅପରାହ୍ନକୁ ମାତୃଭବନକୁ ସ୍ଥାନାନ୍ତରିତ ହୁଏ । ଏପରିକି ଯେଉଁ ମାତୃଭକ୍ତମାନେ ଡାଳିଯୋଡ଼ାକୁ ଆସିଥାନ୍ତି ପ୍ରାୟ ସମସ୍ତେ ମାତୃଭବନକୁହିଁ ଫେରନ୍ତି । ୧୯୭୮ରେ ଅନ୍ୟ ଏକ ବିଶିଷ୍ଟ କାର୍ଯ୍ୟକ୍ରମ ହେଲା । ପୂଜ୍ୟ ଚମ୍ପକଲାଲଜୀଙ୍କ ଓଡ଼ିଶା ଗସ୍ତ ଆରମ୍ଭ । ଏହା ମଧ୍ୟ ମାତୃଭବନ ଜରିଆରେ ଆରମ୍ଭ କରାଗଲା । ପୂଜ୍ୟ ଚମ୍ପକଲାଲଜୀ ୧୯୭୮ ରୁ ୧୯୮୮ ମଧ୍ୟରେ ସମୁଦାୟ ୬ ଥର ଓଡ଼ିଶା ଗସ୍ତରେ ଆସିଛନ୍ତି ଏବଂ ପ୍ରତ୍ୟେକ ଥର ଓଡ଼ିଶାର ଅଧିକାଂଶ ଅଞ୍ଚଳ ଗସ୍ତ କରିଛନ୍ତି ।

ଚମ୍ପକଲାଲଜୀଙ୍କ ବ୍ୟତୀତ ପୂଜ୍ୟ ଦ୍ୟୁମନ୍ ଭାଇ ଏବଂ ଶ୍ରୀ ମାଧବ ପଣ୍ଡିତଜୀଙ୍କୁ ମଧ୍ୟ ଓଡ଼ିଶାକୁ ଆଣି ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ନେବାରେ ମାତୃଭବନ ତରଫରୁ ଦାୟିତ୍ୱ ଗ୍ରହଣ କରାଯାଇଥିଲା।

ଏହି ସବୁ କାର୍ଯ୍ୟକ୍ରମ ମଧ୍ୟରେ ଏପ୍ରିଲ ସମ୍ମିଳନୀ ଯଥାରୀତି ଚାଲୁଥାଏ। ଧୀରେ ଧୀରେ ଅଧ୍ୟାପକ ମଧୁସୁଦନ ରେଡ୍ଡି ଅସୁସ୍ଥ ହେବାରୁ ତାଙ୍କ ପୁତ୍ର ଆନନ୍ଦ ରେଡ୍ଡି ଓଡ଼ିଶା ଆସିବା ଆରମ୍ଭ କଲେ। ପରେ ପୁଣି ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଶ୍ରୀ ମାଧବ ପଣ୍ଡିତଙ୍କ ଶିଷ୍ୟ ଶ୍ରୀମାନ୍ ଶ୍ରଦ୍ଧାଳୁ ଏବଂ ଆଶ୍ରମ ଶାରୀରିକ ଶିକ୍ଷାକେନ୍ଦ୍ରର ଅଧ୍ୟାପକ କିଟ୍ଟୁ ରେଡ୍ଡୀ ମଧ୍ୟ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି। ନିଜର ଅନେକ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ଅଧ୍ୟାପକ ମନୋଜ ଦାସ ମଧ୍ୟ ଏଥିରେ ଅଂଶଗ୍ରହଣ କରି ଓଡ଼ିଶାବାସୀଙ୍କୁ ତାଙ୍କର ଓଜସ୍ୱିନୀ ବକ୍ତୃତାରେ ମୁଗ୍ଧ କରିଛନ୍ତି।

ପ୍ରପତ୍ତିଙ୍କ ସ୍ୱାସ୍ଥ୍ୟ ଆସ୍ତେ ଆସ୍ତେ ଅଧିକରୁ ଅଧିକ ଅସୁସ୍ଥ ହେବାକୁ ଲାଗିଲା। ସମସ୍ତଙ୍କର ବାରଣ ସତ୍ୱେ ସେ ଓଡ଼ିଶା ଆସିବା ବନ୍ଦ କଲେ ନାହିଁ। ଓଡ଼ିଶାରେ ଆଗପରି ସମସ୍ତ ସ୍ଥାନ ଗସ୍ତ ନକରି ପାରିଲେ ମଧ୍ୟ ଯେତିକି ସମ୍ଭବ ସେତିକି ଯାଉଥିଲେ ଏବଂ ଅନ୍ୟସ୍ଥାନରୁ ମାତୃଭକ୍ତମାନେ ତାଙ୍କ ଠାରୁ ପରାମର୍ଶ ଗ୍ରହଣ କରିବା ପାଇଁ କଟକ ଆସୁଥିଲେ। ସେତେବେଳକୁ ନିଉ ଲାଇଫ ଏଜୁକେସନ ଟ୍ରଷ୍ଟ ଗଢ଼ା ସରିଥାଏ। ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୁଡ଼ିକୁ ସଙ୍ଗଠିତ କରିବା ପାଇଁ ଟ୍ରଷ୍ଟ କାର୍ଯ୍ୟ କରୁଥାଏ। ମାତ୍ର ପ୍ରତ୍ୟେକବର୍ଷ ଏପ୍ରିଲ ସମ୍ମିଳନୀର ଗୋଟିଏ ଅଧିବେଶନରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଗୁଡ଼ିକ ବିଷୟରେ ସ୍ୱତନ୍ତ୍ର ଆଲୋଚନା କରାଯାଏ। ସେଥିରେ ବିଭିନ୍ନ ଶିକ୍ଷାକେନ୍ଦ୍ରର ବ୍ୟକ୍ତିମାନଙ୍କ ସହିତ ପ୍ରପତ୍ତି ନିଜେ ତଥା ନିଉ ଲାଇଫ ଏଜୁକେସନ ଟ୍ରଷ୍ଟର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ରହନ୍ତି।

ପ୍ରପତ୍ତି ଶେଷ ଥର ପାଇଁ ଓଡ଼ିଶା ଆସିଥିଲେ ୧୯୮୭ ମସିହାରେ। ତାଙ୍କର ଶେଷ ସାଧାରଣ କାର୍ଯ୍ୟକ୍ରମ କଳପଡ଼ାଠାରେ ଫେବୃୟାରୀ ୨ ତାରିଖ ପବିତ୍ର ଦେହାବଶେଷ ସ୍ଥାପନ କାର୍ଯ୍ୟକ୍ରମ। ପୂଜ୍ୟ ଚମ୍ପକଲାଲଜୀ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅତ୍ୟନ୍ତ ଅସୁସ୍ଥତା କାରଣରୁ ପ୍ରପତ୍ତି ଆଉ ଓଡ଼ିଶା ଆସି ପାରିଲେ ନାହିଁ ଏବଂ ୧୯୮୯ ଜୁନ୍ ୨୮ ତାରିଖରେ ଶରୀରତ୍ୟାଗ କଲେ।

ତା' ପରେ ବାବାଜୀ ମହାରାଜ ଅତି ଅଦ୍ଭୁତ ଭାବରେ ଗୋଟିଏ କଥା କହିବାକୁ ଆରମ୍ଭ କଲେ - ଓଡ଼ିଶାର କାମ ଓଡ଼ିଶାରୁ ହେବ। ଏ କଥା ବୁଝାଇବାକୁ ଯାଇ ସେ ପ୍ରକାଶ କଲେ- ଆଗରୁ ଓଡ଼ିଶା କାମର ସାଙ୍ଗଠନିକ ଦାୟିତ୍ୱ ନବଜ୍ୟୋତି ଗ୍ରହଣ କରିଥିଲା। ଏବେ ନବଜ୍ୟୋତି ତା'ର ମୂଳକର୍ମକୁ ଫେରିଯିବ। ଅର୍ଥାତ୍ ନବଜ୍ୟୋତି ଅନୁଷ୍ଠାନ ଆରମ୍ଭ ହୋଇଥିଲା ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହିତ୍ୟ ଓଡ଼ିଆ ଅନୁବାଦ କରିବା, ଯଦ୍ୱାରା ଯେଉଁ ବିଶାଳ ଆଧ୍ୟାତ୍ମିକ ଚେତନା ଓ ଶକ୍ତି ଏ ସାହିତ୍ୟ ମଧ୍ୟରେ ଲୁକ୍କାୟିତ ରହିଛି ତାହା ଓଡ଼ିଶାବାସୀ ପ୍ରାପ୍ତ ହେବାର ସୁଯୋଗ ପାଇପାରିବେ। ଏହା ସହିତ ଶ୍ରୀଅରବିନ୍ଦଙ୍କ ଯୋଗଦର୍ଶନର ମୂଳତତ୍ତ୍ୱକୁ ସରଳ ଭାବରେ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ବାବାଜୀ ମହାରାଜ ଶ୍ରୀଅରବିନ୍ଦ ଲୋକସାହିତ୍ୟମାଳା ଆରମ୍ଭ କଲେ। ଅନ୍ୟ ଉଦ୍ଦେଶ୍ୟଟି ହେଲା ଓଡ଼ିଶାରୁ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀକୁ ଯାଉଥିବା ଦର୍ଶନାର୍ଥୀମାନଙ୍କୁ ସୁବିଧାରେ ରହିବାର ବନ୍ଦୋବସ୍ତ କରିବା। ସଙ୍ଗଠନ କାର୍ଯ୍ୟରେ ଆବଶ୍ୟକ ପଡ଼ିଲେ ନବଜ୍ୟୋତି କେବଳ ପରାମର୍ଶ ଦେଇପାରିବ। ଏହାହିଁ ତା'ର ବର୍ତ୍ତମାନର ଭୂମିକା। ମାତ୍ର ବସ୍ତୁତଃ ସଙ୍ଗଠନର ଦାୟିତ୍ୱ ଓଡ଼ିଶାର ମାତୃଭକ୍ତମାନଙ୍କ ଉପରେ ନ୍ୟସ୍ତ ରହିବ। ୧୯୮୯ ମସିହାରୁ ମାତୃଭବନରେ ଅନୁଭୂତ ହେଲା - ଯେପରି ପ୍ରପତ୍ତି ଏବଂ ବାବାଜୀ ମହାରାଜ ଯେଉଁ ଧାରାରେ ଓଡ଼ିଶାରେ ସାଙ୍ଗଠନିକ କାର୍ଯ୍ୟ ଆରମ୍ଭ କରିଛନ୍ତି ତାକୁ ବାସ୍ତବ ରୂପ ଦେବାରେ ଦାୟିତ୍ୱ ନେବାକୁ ହେବ। ଆରମ୍ଭ ହେଲା- ସଙ୍ଗଠନର ଏକ ବିରାଟ ପ୍ରକ୍ରିୟା। ଡାକ୍ତର, ଇଞ୍ଜିନିୟର, ଶିକ୍ଷକ, ଛାତ୍ର, କଳାକାର, ବ୍ୟବସାୟୀ, ମହିଳା, ତରୁଣ, ଯୁବକ, ସମସ୍ତଙ୍କୁ ନେଇ ମା'ଶ୍ରୀଅରବିନ୍ଦଙ୍କ ଧାରାରେ ତାଙ୍କ ସାମର୍ଥ୍ୟ ଜରିଆରେ କାର୍ଯ୍ୟ କରିବା ପାଇଁ ଉଦ୍ୟମ ଆରମ୍ଭ ହେଲା। ପ୍ରପତ୍ତି ଥିବା ସମୟରେ ଏହା କିଛି କିଛି ପରିମାଣରେ ଆରମ୍ଭ ହୋଇଥିଲା - ଆସ୍ତେ ଆସ୍ତେ ତାହା ବିରାଟ ରୂପ ଗ୍ରହଣକଲା।

୧୯୬୨ ମସିହାରେ ବାବାଜୀଙ୍କ ପରାମର୍ଶରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ସମ୍ଭବତଃ ପ୍ରଥମେ କଟକର କାଳୀଗଳିରେ ଗୋଠିଏ ମଠ ମଧ୍ୟରେ ଆରମ୍ଭ ହୋଇଥିଲା। ତାହା ପରେ ବାବାଜୀ ମହାରାଜଙ୍କ ସଙ୍କଳ୍ପରେ ଏହା ସମଗ୍ର ଓଡ଼ିଶାରେ ବ୍ୟାପ୍ତ ହୋଇଗଲା। ତାହା ଜରିଆରେ ପ୍ରତ୍ୟେକ ଜାନୁୟାରୀ ୨୪, ୨୫ ଏବଂ ୨୬ ତାରିଖ ଦିନ ରାଜ୍ୟ ସ୍ତରୀୟ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଆସୁଥିଲା। ଏହା ପ୍ରତ୍ୟେକ ଚାରିବର୍ଷରେ ଥରେ ମାତୃଭବନଠାରେ ଅନୁଷ୍ଠିତ ହୁଏ। କିଛି ଦିନ ପରେ ଆରମ୍ଭ ହେଲା - ୧୨ବର୍ଷରୁ ଊର୍ଦ୍ଧ୍ୱ ବାଳିକାମାନଙ୍କର ବାର୍ଷିକ ସମ୍ମିଳନୀ। ପୁଣି ଆରମ୍ଭ ହେଲା ମହିଳା ପ୍ରଶିକ୍ଷଣ ଶିବିର ଇତ୍ୟାଦି ଅନେକ କାର୍ଯ୍ୟକ୍ରମ।

ଏହା ମଧ୍ୟରେ ବାବାଜୀ ଅସୁସ୍ଥ ହେଲେ। ଅସୁସ୍ଥତାର ଉପଶମ ହେଲା ନାହିଁ। ତାଙ୍କୁ ଆଶ୍ରମ ନର୍ସିଂହୋମରେ ରଖାଗଲା। ୧୯୯୮ ନଭେମ୍ବର ୮ ତାରିଖ ଦିନ ବାବାଜୀ ଶରୀର ତ୍ୟାଗ କଲେ। ବାବାଜୀ ଯେ ଏତେ ଶୀଘ୍ର ଶରୀର ତ୍ୟାଗ କରିବେ ଏ ସମ୍ପର୍କରେ ଆମର ଆଦୌ ଧାରଣା

ନଥିଲା । ଅତୀତରେ ଯେପରି ମା'ଙ୍କ ସ୍ଥୂଳଉପସ୍ଥିତିକୁ ସମସ୍ତେ ନିଜର ସାଧନା ପାଇଁ ବ୍ୟବହାର କରୁଥିଲେ ଓଡ଼ିଶାବାସୀ ମାତୃଭକ୍ତମାନେ ମା'ଙ୍କ ମହାପ୍ରୟାଣ ପରେ ବାବାଜୀ ମହାରାଜଙ୍କ ଠାରୁ ସବୁ ଆବଶ୍ୟକତା ସମୟରେ ପରାମର୍ଶ ଲୋଡ଼ିଲେ । ଏପରିକି ତାଙ୍କର ସ୍ଥୂଳଉପସ୍ଥିତି ମଧ୍ୟ ବ୍ୟକ୍ତିଗତ ସାଧନାରେ ଅନେକଙ୍କୁ ସହାୟତା କଲା । କହିବା ବାହୁଲ୍ୟ, ଯଦିଓ ତାଙ୍କର ସୂକ୍ଷ୍ମ ଉପସ୍ଥିତି ତଥାପି ଆମମାନଙ୍କୁ କାର୍ଯ୍ୟରେ ପ୍ରେରଣା ଦେଉଛି କିନ୍ତୁ ତାଙ୍କର ସ୍ଥୂଳଉପସ୍ଥିତିର ଆବଶ୍ୟକତାକୁ କେହି ଅସ୍ୱୀକାର କରିପାରିବେ ନାହିଁ । ମା'ଙ୍କ ପରମ କୃପାରୁ ବାବାଜୀ ମହାରାଜ ଅସୁସ୍ଥ ହେବା ସମୟରୁ ପୂଜ୍ୟ ଦାଦା (ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ)ଙ୍କ ସହିତ ଆମ୍ଭେମାନେ ଓଡ଼ିଶାର ସମସ୍ତ ସାଙ୍ଗଠନିକ କାର୍ଯ୍ୟରେ ପରାମର୍ଶ କଲୁ । ଅଦ୍ଭୁତ ଭାବରେ ଦାଦା ଆମର ସମସ୍ତ କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଧୈର୍ଯ୍ୟର ସହିତ ଶୁଣିଲେ ଏବଂ ପ୍ରତ୍ୟେକ ପଦକ୍ଷେପରେ ଆମକୁ ଉତ୍ସାହିତ କଲେ । ଏବେ ମଧ୍ୟ ମାତୃଭବନ ତରଫରୁ ଦାଦାଙ୍କ ନିକଟରେ ଓଡ଼ିଶାର ପ୍ରତ୍ୟେକଟି ମାତୃକର୍ମ ସମ୍ପର୍କରେ ବିଷଦ ବିବରଣୀ ବର୍ଷବ୍ୟାପୀ ଭିନ୍ନ ଭିନ୍ନ ସମୟରେ ଉପସ୍ଥାପିତ କରାଯାଏ ଏବଂ ଦାଦା ଅତ୍ୟନ୍ତ ଆଗ୍ରହ ସହକାରେ ସେ ସମସ୍ତ ଖବର ସଂଗ୍ରହ କରି ମା'ଙ୍କୁ ଜଣାନ୍ତି ଏବଂ ଆମ୍ଭମାନଙ୍କ ନିକଟକୁ ମା'ଙ୍କ ଆଶୀର୍ବାଦ ପଠାନ୍ତି । ବର୍ତ୍ତମାନ ଓଡ଼ିଶାର ଯାବତୀୟ ମାତୃକର୍ମରେ ଦାଦାଙ୍କର ଯେ ଭୂମିକା ଅତ୍ୟନ୍ତ ତୀବ୍ର ଭାବରେ ରହିଛି ଏହାକୁ କେହିବି ଅସ୍ୱୀକାର କରିପାରିବେ ନାହିଁ ।

ଏହା ମଧ୍ୟରେ ଓଡ଼ିଶାରେ ମହାବାତ୍ୟା, ଅକାଳ ମରୁଡ଼ି ତଥା ବନ୍ୟାର ପ୍ରକୋପ ଗୋଟିକ ପରେ ଗୋଟିଏ ଆସି ଯାଇଅଛି । ମାତ୍ର ମାତୃକୃପାର ଅନୁଗ୍ରହରୁ ଓଡ଼ିଶାରେ ମାତୃକର୍ମ ଅନେକ ଭାବରେ ବହୁଗୁଣିତ ହୋଇଯାଇଛି । ମହାବାତ୍ୟା ନିଜର ଯାବତୀୟ ସ୍ୱାକ୍ଷର ରଖିବାକୁ ଉଦ୍ୟମ କରି ବିଫଳ ହୋଇଛି । ମାତୃଭବନ ଦାୟିତ୍ୱରେ ପଣ୍ଡିଚେରୀ ଉତ୍କଳ ସମାଜ ଏବଂ ଦିଲ୍ଲୀ ଶ୍ରୀଅରବିନ୍ଦ ଏଜୁକେସନ ସୋସାଇଟି ତରଫରୁ ଅନେକ ସାହାଯ୍ୟ ସଂଗ୍ରହ କରି ଓଡ଼ିଶାର ବାତ୍ୟାଞ୍ଚଳରେ ସାହାଯ୍ୟ କରାଯାଇଅଛି । ଏହା ମଧ୍ୟରେ କାର୍ଯ୍ୟ ଅନେକ ଅଗ୍ରଗତି କରିଛି ମାତ୍ର ଶେଷ ହୋଇନାହିଁ, ଏହା ମଧ୍ୟ ଶେଷ ହେବ ନାହିଁ କାରଣ ଚରମ ପୂର୍ଣ୍ଣତାରେ ହିଁ ଏହାର ଶେଷ ।

ଶ୍ରୀମା'ଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ ଚଳିତ ବର୍ଷଠାରୁ ଆରମ୍ଭ ହୋଇଛି । ଏହା ତିନି ବର୍ଷ ଧରି ଚାଲିବ । ଏହା ପୂର୍ବରୁ ୧୯୯୭ ମସିହାରେ ଶ୍ରୀଅରବିନ୍ଦଙ୍କ ୧୨୫ ତମ ଜନ୍ମ ବାର୍ଷିକୀ ପାଳନ ପାଇଁ ଅନେକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଚଳିତ କାର୍ଯ୍ୟକ୍ରମକୁ ଓଡ଼ିଶାରେ ଦଶକର୍ମଧାରା ମାଧ୍ୟମରେ କରିବାର ପ୍ରୟାସ କରାଯାଇଛି । ସମଗ୍ର ରାଜ୍ୟକୁ ସାତୋଟି ଜୋନ୍‌ରେ ବିଭକ୍ତ କରାଯାଇଛି । ସବୁ ସ୍ଥାନରେ ଜଣେ ଜଣେ ସଂଯୋଜକ । କାର୍ଯ୍ୟ ବହୁଗୁଣିତ ହୋଇଛି । ବର୍ଷର ଯେ କୌଣସି ଦିନରେ ଓଡ଼ିଶାର କୌଣସି କୌଣସି ସ୍ଥାନରେ ନିଶ୍ଚୟ କିଛି ନା କିଛି ସଭା, ସମିତି, ଶିବିର ଅନୁଷ୍ଠିତ ହେଉଥିବ ।

ଏପ୍ରିଲ ସମ୍ମିଳନୀ ମାଧ୍ୟମରେ ଏହା ମଧ୍ୟରେ ଅନେକ ଉଚ୍ଚକୋଟୀର ବକ୍ତା ସୃଷ୍ଟି ହୋଇ ସାରିଲେଣି । କୌଣସି ସ୍ଥାନରେ କେହି ଆଲୋଚନା କରୁଛନ୍ତି ବୋଲି ସନ୍ଧାନ ମିଳିଲେ ତାଙ୍କୁ ଅନୁରୋଧ କରି ଏପ୍ରିଲ ସମ୍ମିଳନୀରେ ବିଭିନ୍ନ ବିଷୟରେ ଆଲୋଚନା କରିବା ପାଇଁ ଦାୟିତ୍ୱ ଦିଆଯାଇଛି ଏବଂ ସେମାନେ ମା'ଙ୍କ କୃପାରୁ ଅସାଧାରଣ ସାମର୍ଥ୍ୟ ବହନ କରିଥିବାର ପ୍ରମାଣ ମଧ୍ୟ ଦେଇଛନ୍ତି । ଏହିଭଳି ବର୍ତ୍ତମାନ ଓଡ଼ିଶାରେ ମା' ଶ୍ରୀଅରବିନ୍ଦଙ୍କ ଦର୍ଶନକୁ ବୁଝାଇବା ପାଇଁ ଅନେକ ବକ୍ତା ପ୍ରସ୍ତୁତ ହୋଇସାରିଲେଣି । ସେମାନଙ୍କ ମଧ୍ୟରେ ମାଳବିକା ରାୟ, ଅର୍ଚ୍ଚନା ନାୟକ, କନକ ଅପା, ରୀତା ଚାନ୍ଦ, ବିରଞ୍ଚି ନାରାୟଣ ମହାପାତ୍ର, ରବି ପାଢ଼ୀ, ବିମଳ ପ୍ରସନ୍ନ ଦାସ, ସି.ଏଚ୍. ନିରାକାର, ପ୍ରଭାକର ମିଶ୍ର, ବାଳକୃଷ୍ଣ ନାୟକ, କାଳନ୍ଦୀ ସେନାପତି, ସରୋଜକାନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ନନ୍ଦଶର୍ମା, ଶେକ୍ ଅବଦୁଲ କାଶମ୍, ସୁପ୍ରକାଶ ଚୌଧୁରୀ, ଅଞ୍ଜଳି ତ୍ରିପାଠୀ, ନିରୁପମା ଚଇନି, ସୁବାସ କର ପ୍ରମୁଖ ଅନ୍ୟତମ ।

ସବୁ ସ୍ଥାନରେ ନିଜେ ଯାଇ ପହଞ୍ଚି କାର୍ଯ୍ୟକରିବା ସମ୍ଭବ ନୁହେଁ । ମାତ୍ର ଏହାର ଅତ୍ୟନ୍ତ ଗୁରୁତ୍ୱ ଥିବା ଅନୁଭବ କରି ବୋଧହୁଏ ପ୍ରପତ୍ତି ଏବଂ ବାବାଜୀ ମହାରାଜ ଏପ୍ରିଲ ସମ୍ମିଳନୀକୁ ସଙ୍ଗଠନ ପାଇଁ ମୁଖ୍ୟତଃ ଉତ୍ସର୍ଗ କରିଥିଲେ । ଏହାର ପୂର୍ବାହ୍ନ ଏବଂ ସାନ୍ଧ୍ୟ ଅଧିବେଶନକୁ ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ବିନିଯୋଗ କରାଗଲେ ମଧ୍ୟ ଅପରାହ୍ନ ଅଧିବେଶନକୁ ସଙ୍ଗଠନ କାର୍ଯ୍ୟକ୍ରମ ନିମନ୍ତେ ରଖାଯାଇଥାଏ ।

ଏହା ସହିତ ଜୁଲାଇ ମାସରେ ବିଭିନ୍ନ ଜିଲ୍ଲାର ସାଙ୍ଗଠନିକ ସଭା ମଧ୍ୟ ଅନୁଷ୍ଠିତ ହେଉଅଛି । ପୂଜ୍ୟ ମଧୁଭାଇନା, ଗୋବିନ୍ଦଭାଇ ଏବଂ ମହେନ୍ଦ୍ରଭାଇ ପ୍ରଭୃତି ଅତୀତରେ କରୁଥିବା ସାଙ୍ଗଠନିକ କାର୍ଯ୍ୟ ବର୍ତ୍ତମାନ ମୁଖ୍ୟତଃ ଅନାଦିଭାଇ, ଭଜଭାଇ ଏବଂ ନିରାକାର କରୁଅଛନ୍ତି । ଏପ୍ରିଲ ସମ୍ମିଳନୀରେ ଏ ସବୁ ବିଷୟ ଆଲୋଚନାର ମଧ୍ୟ ସୁଯୋଗ ରହିଛି । ସମଗ୍ର ରାଜ୍ୟର ଅଧିକାଂଶ ସ୍ଥାନରେ ମାତୃଭକ୍ତମାନେ ଏହି ସମ୍ମିଳନୀ ପାଇଁ ବସ୍ତୁତଃ ବର୍ଷବ୍ୟାପୀ ଅପେକ୍ଷା କରିଥାନ୍ତି ।

ମା'ଙ୍କ ଅନେକ କୃପାରୁ ତାଙ୍କ କାର୍ଯ୍ୟରେ ଯୋଗଦେବାର ସୁଯୋଗ ପାଇ ଆମେ ସମଗ୍ର ଓଡ଼ିଶାବାସୀ ତାଙ୍କ ଚରଣରେ କୃତଜ୍ଞତା ଅର୍ପଣ କରୁଛୁ । ❑❑❑

# ପୂଜ୍ୟ ପ୍ରପତ୍ତିଙ୍କ ସହ ଗୋଟିଏ ଦିନର କଥା

ନିରଞ୍ଜନ ମହାରଣା

**କି**ଛି ଦିନ ତଳର କଥା। ପ୍ରପତ୍ତି ମହାଶୟ ପଣ୍ଡିଚେରୀରୁ ଓଡ଼ିଶା ଆସିବା ମାତ୍ରେ, ଓଡ଼ିଶାର ବିଭିନ୍ନ ସ୍ଥାନକୁ ଶ୍ରୀମା'ଙ୍କ ସଙ୍ଗଠନ କାର୍ଯ୍ୟରେ ଯାଇଥାନ୍ତି। ଓଡ଼ିଶାରେ ତାଙ୍କୁ ଦେଖିବା ମାତ୍ରେ, ମା'ଙ୍କ କାର୍ଯ୍ୟର କଥା ସ୍ୱତଃ ମନକୁ ଚାଲିଆସେ। ସତେ ଯେପରି ସେ ମା'ଙ୍କ କାର୍ଯ୍ୟ ଧାରାର ମୂର୍ତ୍ତିମନ୍ତ ପ୍ରତୀକ। ବହୁ ଦିନରୁ ତାଙ୍କୁ ଜାଣି ନଥିଲେ ବି ତାଙ୍କୁ ଦେଖିଲେ କାହିଁକି କେଜାଣି ଭିତରେ ଏଇ ପ୍ରତ୍ୟୟଟି ଆସିଥାଏ। ମା'ଙ୍କ କାର୍ଯ୍ୟ ଓ ପ୍ରପତ୍ତି ଏକ ଭଳି ଲାଗନ୍ତି। ଓଡ଼ିଶାର ଯେକୌଣସି କୋଣରେ ତାଙ୍କୁ ଦେଖିବା ମାତ୍ରେ, ସେଠାରେ ମା'ଙ୍କ କାର୍ଯ୍ୟର ସୂଚନା ମିଳେ। ସତେ ଯେପରି ମା'ଙ୍କ କାର୍ଯ୍ୟବିନା ତାଙ୍କର ଅସ୍ତିତ୍ୱ ନାହିଁ। ଏହି ସତ୍ୟର ଏକ ଅନୁଭୂତି:

ପ୍ରାୟ ୧୯୮୩ କମ୍ବା ୮୪ ମସୀହା ହେବ। ପ୍ରପତ୍ତି ଓଡ଼ିଶା ଆସିଲେ। ପ୍ରଥମେ ମାତୃଭବନ ଆସି ବିଭିନ୍ନ ସ୍ଥାନକୁ ପ୍ରୋଗ୍ରାମ କରି ସେହି ସ୍ଥାନକୁ ଯାଆନ୍ତି ବା ପଣ୍ଡିଚେରୀରୁ ପ୍ରୋଗ୍ରାମ ସ୍ଥିର କରି ମାତୃଭବନକୁ ଆସନ୍ତି ଓ ମାତୃଭବନରୁ ବିଭିନ୍ନ ସ୍ଥାନକୁ ଯାଆନ୍ତି। ଶାରୀରିକ ଅସୁସ୍ଥତା କାରଣରୁ ତାଙ୍କ ସହ କୌଣସି ଜଣକୁ ଯିବାକୁ ପଡ଼େ। ସୌଭାଗ୍ୟ କ୍ରମେ ମା'ଙ୍କର ଅପାର କରୁଣାରୁ ମତେ କେତେ ଥର ତାଙ୍କ ସହ ଯିବାର ସୁଯୋଗ ମିଳିଛି। ତାରିଖ ସଠିକ୍ ଭାବେ ମନେ ନପଡ଼ିଲେ ମଧ୍ୟ, ମେ ମାସର ପ୍ରଥମ ଭାଗର କଥା। ସ୍କୁଲର ଗ୍ରୀଷ୍ମାବକାଶ ଛୁଟି ହୋଇନଥାଏ। ପ୍ରତିଦିନ ପରି ସକାଳୁ ନିଜର ନିତ୍ୟକର୍ମ ସାରି ସମାଧି ପୀଠରେ ଧ୍ୟାନ ପାଇଁ ବସି ପଡ଼ିଲି। ଠିକ୍ ଧ୍ୟାନରୁ ଉଠି ସାମଧିରେ ପ୍ରଣାମ ସାରି ଫେରିବା ସମୟରେ ବାବୁଲି ଭାଇଙ୍କ ଡାକରା ଆସିଲା। ଯାଇ ପହଞ୍ଚିଲି ବାବୁଲି ଭାଇଙ୍କ ପ୍ରକୋଷ୍ଠରେ। ଭାଇ କ'ଣ ବସି ଲେଖୁଥାନ୍ତି। ମୁଁ ପହଞ୍ଚିବାକ୍ଷଣି କହିଲେ, ''ନିର, ପ୍ରପତ୍ତି ଆଜି ତେନ୍ତୁଳି ନଣ୍ଡା ଯାଉଛନ୍ତି। ତୁ ପ୍ରସ୍ତୁତ ହୋଇପଡ଼। ତାଙ୍କ ସଙ୍ଗରେ ଯିବାକୁ ପଡ଼ିବ। ସନ୍ଧ୍ୟା ସୁଦ୍ଧା ଫେରି ଆସିବୁ।'' ଏତିକି ଶୁଣିବା ମାତ୍ରେ ପ୍ରସ୍ତୁତ କିମ୍ବା ଅପ୍ରସ୍ତୁତର ପ୍ରଶ୍ନ ମୋ ଭିତରେ ଉଠିନି। ସଙ୍ଗେ ସଙ୍ଗେ ମାତୃଭବନର ଡାଇନିଂରେ ସକାଳ ଜଳଖିଆ ସାରି ପ୍ରସ୍ତୁତ ହୋଇପଡ଼ିଲି। ସେତେବେଳେ ବ୍ୟୋମକେଶ ଦାଶଙ୍କର ଗୋଟିଏ ଫିଆଟ କାର ପ୍ରପତ୍ତି ମହାଶୟଙ୍କ ପାଇଁ କିଣା ହୋଇ ଯିବା ଆସିବାରେ ବ୍ୟବହାର କରାଯାଉଥିଲା। ଡାଳିଯୋଡ଼ାର ଜଣେ ଭାଇ, କାରଟିକୁ ଚଳାଉଥିଲେ। ସେ ମଧ୍ୟ ପ୍ରସ୍ତୁତ ହୋଇ ଗାଡ଼ି ପାଖରେ ଛିଡ଼ା ହୋଇଥାନ୍ତି। ଠିକ୍ ସେହି ସମୟରେ ପ୍ରପତ୍ତି ମହାଶୟ ଆସି କାର ନିକଟରେ ପହଞ୍ଚିଗଲେ। କୌଣସି ସ୍ଥାନକୁ କାର୍ଯ୍ୟରେ ବାହାରିବା ବେଳେ ମୁଁ ଯେତିକି ଜାଣିଛି ସେ ଠିକ୍ ସମୟରେ ବାହାରନ୍ତି ଏବଂ ପ୍ରୋଗ୍ରାମ୍‌ର ଆରମ୍ଭ ହେବାର ଯଥେଷ୍ଟ ପୂର୍ବରୁ ପହଞ୍ଚିବାକୁ ଚେଷ୍ଟା କରନ୍ତି। ତାଙ୍କ ପଛେ ପଛେ ବାବୁଲି ଭାଇ ପ୍ରପତ୍ତି ମହାଶୟଙ୍କ ଗୋଟିଏ ହାତ ବ୍ୟାଗ ଓ ଗୋଟିଏ ପାଣି ବୋତଲ ଧରି ଆସି ପହଞ୍ଚିଗଲେ। ଡାଳିଯୋଡ଼ାର ଭାଇ କାର୍‌ର ପଛ ଦରଜାଟି ଖୋଲି ଧରିବା ସଙ୍ଗେ ସଙ୍ଗେ ପ୍ରପତ୍ତି ମହାଶୟ ପଛ ସିଟ୍‌ରେ ବସି ପଡ଼ିଲେ। ବାବୁଲି ଭାଇ ତାଙ୍କ ବ୍ୟାଗ ଓ ପାଣି ବୋତଲଟିକୁ ଯଥା ସ୍ଥାନରେ ରଖି ପ୍ରପତ୍ତିଙ୍କ ଉଦ୍ଦେଶ୍ୟରେ କହିଲେ, ଆଜି ନିରଞ୍ଜନ ଆପଣଙ୍କ ସଙ୍ଗରେ ଯିବ। ସଙ୍ଗେ ସଙ୍ଗେ ପ୍ରପତ୍ତି ମହାଶୟ କହିପକାଇଲେ Physical Education Teacher ଆଜି ମୋର Physical Guide ହୋଇଯିବେ ତ ବେଶ୍ ଭଲ କଥା। ଏତକ କହି ସେ ସାମାନ୍ୟ ହସିଲେ, ବାବୁଲି ଭାଇ ମଧ୍ୟ ହଁ ବୋଲି କହି ହସି ପକାଇଲେ। ତା'ପରେ କାର୍‌ର ଆଗ ଡୋର୍‌ଟି ଖୋଲି ମୁଁ ବସି ପଡ଼ିଲି। ଡାଳିଯୋଡ଼ା ଭାଇ କାର୍‌ଟିର ପଛ ଦରଜା ବନ୍ଦ କରି ନିଜ ଡାଇଭିଂ ସିଟ୍‌ରେ ବସି ଗାଡ଼ି ଷ୍ଟାର୍ଟ କଲେ। ଏହି ସମୟରେ ଲୀଳାଅପା ମଧ୍ୟ ଆସି ସେଠାରେ ପହଞ୍ଚିଯାଇଥାନ୍ତି। ବାବୁଲି ଭାଇ, ଲୀଳାଅପା ପ୍ରପତ୍ତିଙ୍କୁ ପ୍ରଣାମ କଲେ। ତା'ପରେ ଗାଡ଼ି ଚାଲିବା ଆରମ୍ଭ କଲା।

କିଛି ବାଟ ଅତିକ୍ରମ କରିବା ପରେ ପ୍ରପତ୍ତି ମହାଶୟ ମୋ ଉଦ୍ଦେଶ୍ୟରେ କହିଲେ, ନିରଞ୍ଜନ, ମୁଁ ଶୁଣିଛି ମାତୃଭବନ ସ୍କୁଲର ଖେଳ ପ୍ରଦର୍ଶନ, ଆଶ୍ରମ ଖେଳ ପ୍ରଦର୍ଶନ ପରି ହେଉଛି। ହେଲେ କେବେ ଦେଖିବାର ସୁଯୋଗ ପାଇପାରିନି। ଉତ୍ତରରେ ମୁଁ କହିଲି, ଏହିବର୍ଷ ଆପଣ ଯେପରି ହେଉ ଆମ ଖେଳ ପ୍ରଦର୍ଶନ ଦେଖିବାକୁ ନିଶ୍ଚୟ ଆସିବେ। ଏହିପରି ମଝିରେ ମଝିରେ ଗୋଟିଏ ଗୋଟିଏ କଥା ହେଉ ହେଉ କାର୍‌ଟି ଯାଜପୁର ରୋଡ୍ ଟପି କିଛିବାଟ ପରେ ଗୋଟିଏ ସ୍ଥାନରେ ପ୍ରପତ୍ତିଙ୍କ ନିର୍ଦ୍ଦେଶ କ୍ରମେ ଅଟକି ରହିଲା। ସେଇଠୁ କିଛି ବାଟ ତେନ୍ତୁଳି ନଣ୍ଡା ସ୍କୁଲ ଯାଏ ଚାଲି ଚାଲି ଯିବାକୁ ଆରମ୍ଭ କଲୁ। ପ୍ରଚଣ୍ଡ ଖରା। ପ୍ରପତ୍ତି ତାଙ୍କ ବ୍ୟାଗ୍‌ରୁ ଗୋଟିଏ ଗାମୁଛା ବାହାର କରିବାକୁ କହିଲେ। ମୋ ହାତରେ ବ୍ୟାଗ୍‌ଟି ଥାଏ। ଗାମୁଛା ବାହାର କରି ପ୍ରପତ୍ତିଙ୍କ ହାତକୁ ବଢ଼ାଇ ଦେଲି। ସେ ସେଇଟିକୁ ନେଇ ତାଙ୍କ ମୁଣ୍ଡଉପରେ ପକାଇ ଚାଲିବାକୁ ଲାଗିଲେ। ତାଙ୍କର ଗୋଟିଏ ହାତ ଧରି ମୁଁ ଚାଲିଥାଏ। ଦୁଇଜଣ ଯାକ ଝାଳରେ ଜୁଡୁବୁଡୁ। ମଝିରେ ମଝିରେ ପ୍ରପତ୍ତି

ଟିକେ ଛିଡ଼ା ହୋଇ ଯାଉଥାନ୍ତି। ମୁଣ୍ଡରୁ ଗାମୁଛା ବାହାର କରି ମୁହଁରୁ ଝାଳ ପୋଛି ଗାମୁଛାଟିକୁ ପୁଣି ମୁଣ୍ଡ ଉପରେ ରଖି ଚାଲୁଥାନ୍ତି। ମା'ଙ୍କ କାର୍ଯ୍ୟ ସମ୍ବନ୍ଧରେ ମୋର ତ ସେତେ ଧାରଣା ନଥିଲା। ତେବେ ତାଙ୍କ ଶରୀରରେ ଏତେ କଷ୍ଟ, ମୋ ମଧ୍ୟରେ ଏକ ଅହେତୁକ ଅସହ୍ୟବୋଧ ଜାଗ୍ରତ କଲା। ମୁଁ ଆଉ ସମ୍ଭାଳି ନପାରି କହି ପକାଇଲି, ସାର୍, ଗୋବିନ୍ଦ ଭାଇଙ୍କୁ ଚିଠି ଖଣ୍ଡେ ଲେଖିଥିଲେ ତ ଗୋବିନ୍ଦ ଭାଇ ଯାଇ ମାତୃଭବନରେ ଆପଣଙ୍କ ସହ ସାକ୍ଷାତ ଆଲୋଚନା କରି ପାରିଥାନ୍ତେ। ଏତେ କଷ୍ଟରେ ନ ଆସିଥିଲେ କ'ଣ ଚଳିନଥାନ୍ତା ? ମୋ ପାଟିରୁ କଥା ଶେଷ ହେବା ପୂର୍ବରୁ ପ୍ରପତ୍ତି ମହାଶୟ ସଙ୍ଗେ ସଙ୍ଗେ ସେହି ସ୍ଥାନରେ ଛିଡ଼ା ହୋଇଗଲେ। ମୁଣ୍ଡରୁ ଗାମୁଛା ବାହାର କରି ମୁହଁ ପୋଛୁ ପୋଛୁ ପଚାରିଲେ, କାର୍ଯ୍ୟ କାହାର ? ଏତକ କହି ବୋଧହୁଏ ଉତ୍ତର ଆଶାରେ ମୋ ଆଡ଼େ ଚାହିଁ ରହିଲେ।

ହଠାତ୍ ମୋ ପ୍ରଶ୍ନର ଏକ ଓଲଟା ପ୍ରଶ୍ନର ଉତ୍ତର ପାଇଁ ମୁଁ ଆଦୌ ପ୍ରସ୍ତୁତ ନଥିଲି। କ'ଣ ଉତ୍ତର ଦେବି ହଠାତ୍ ଠିକ୍ କରି ପାରୁନଥାଏ। ପୂର୍ବରୁ ଶୁଣିଥିଲି, ପ୍ରପତ୍ତି ମହାଶୟ ବେଳେବେଳେ ଦୁର୍ବାସାଙ୍କ ରୂପ ଧାରଣ କରନ୍ତି। କାଳେ ଉତ୍ତର ଭୁଲ୍ ହୋଇଯିବ। ମୁଁ କିଛି ଉତ୍ତର ନଦେଇ ନିରବରେ ଛିଡ଼ା ହୋଇ ରହିଥାଏ। ପୁଣିଥରେ ସେହି ପ୍ରଶ୍ନ- ପୂର୍ବଠାରୁ ଦୃଢ଼ କଣ୍ଠରେ- ପଚାରୁଛି ପରା, କାର୍ଯ୍ୟ କାହାର ? ମୁଁ ଭୟଭୀତ ହୋଇ ପଡ଼ିଲି। ହେଲେ ଉତ୍ତର ଦେବାକୁ ତ ପଡ଼ିବ। ସେହି ଭୟ ବିଜଡ଼ିତ କଣ୍ଠରେ ମୋ ପାଟିରୁ ବାହାରି ଆସିଲା, ''କାର୍ଯ୍ୟ ମା'ଙ୍କର।'' ତା'ପରେ ପୁଣି ଏକ ପ୍ରଶ୍ନ। ମା' କିଏ ? ପୁଣି ଏକ ଅପ୍ରତ୍ୟାଶିତ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିଲା। ମୋ କଣ୍ଠ ଥରିବାକୁ ଲାଗିଲା। ତା'ପରେ ଯାହା ଉତ୍ତର ଦେଇଛି, ତାକୁ ଭାବି ଚିନ୍ତାକରି ଦେଇନି, ଆପେ ଆପେ ଭିତରୁ ବାହାରି ଆସିଲା। ମା' ହେଉଛନ୍ତି 'ଦିବ୍ୟଜନନୀ'। ବାସ୍ ତା'ପରେ ସେ ତାଙ୍କ ଡାହାଣ ହାତର ବିଶି ଆଙ୍ଗୁଠିକୁ ମୋ ସମ୍ମୁଖରେ ରଖି କହିଲେ, ଯଦି ମା', ଦିବ୍ୟଜନନୀ, ସେହି ଦିବ୍ୟ ଜନନୀ ମା'ଙ୍କର କାର୍ଯ୍ୟ କରୁକରୁ ଯଦି ଏ ଶରୀରଟି ନଷ୍ଟ ହୋଇଯାଏ ସେଥିରେ ଅସୁବିଧା ରହିଲା କେଉଁଠି ? ସେଥିରେ ଦୁଃଖ କରିବାର କ'ଣ ଅଛି ? ଏ ତ ସୌଭାଗ୍ୟର କଥା। ତାଙ୍କ କୃପାର କଥା। ଏତକ କହି, ମୁଣ୍ଡରେ ଗାମୁଛାଟି ପକାଇ କହିଲେ, ଏବେ ଚାଲ୍। ସ୍କୁଲ ବନ୍ଦ ହେବା ପୂର୍ବରୁ ସେଠାରେ ପହଞ୍ଚିବା ଦରକାର।

ତା'ପରେ ଦୁଇଜଣ ଯାକ ଚାଲିବା ଆରମ୍ଭ କଲୁ। ମତେ ଟିକେ ଆଶ୍ୱସ୍ତ ଲାଗିଲା। ମା'ଙ୍କ କାର୍ଯ୍ୟ ସମ୍ପର୍କରେ ସେତେବେଳେ ମୋର ସେପରି ବିଶେଷ କିଛି ଧାରଣା ନଥିଲା। ତେଣୁ ହଠାତ୍ ତାଙ୍କ ଉତ୍ତରର ଗଭୀରତାରେ ପହଞ୍ଚିବା ଯାଏ ବାରମ୍ବାର ମୋତେ ଅସ୍ପଷ୍ଟ ଭାବେ ଆନ୍ଦୋଳିତ କରୁଥାଏ। ''ମା'ଙ୍କ କାର୍ଯ୍ୟ କରୁ କରୁ ଯଦି ଶରୀରଟି ନଷ୍ଟ ହୋଇଯାଏ, ସେଥିରେ ଅସୁବିଧା ରହିଲା କେଉଁଠି ? ଏତ ସୌଭାଗ୍ୟର କଥା।''

ଏପରି ଏକ ଆନ୍ତର ଆନ୍ଦୋଳନକୁ ବହନ କରି, ଆମେ ସ୍କୁଲରେ ଯାଇ ପହଞ୍ଚିଲୁ। ନାମ ଅନୁଯାୟୀ ପ୍ରକୃତରେ ସେ ସ୍କୁଲ ସାମ୍ନାରେ ଗୋଟିଏ ତେନ୍ତୁଳି ଗଛଟିଏ ଥାଏ। ଏବେ ଅଛି କି ନା କହିପାରିବିନି। ଆମକୁ ଦେଖୁ ଦେଖୁ ଗୋବିନ୍ଦ ଭାଇ ପ୍ରପତ୍ତି ମହାଶୟଙ୍କୁ ପାଛୋଟି ନେବାକୁ ଚାଲିଆସିଲେ। ପ୍ରଣାମ କରି ଠିକ୍ ମୋରି ପ୍ରଶ୍ନଟି ପଚାରି ବସିଲେ। ମୋ ଭିତରେ ଆନ୍ଦୋଳିତ କରୁଥିବା ସେହି ବାକ୍ୟ ଦୁଇଟି ମୋ ଭିତରେ ଜୀବନ୍ତ ହୋଇ ଉଠିଲେ। ପୁଣିଥରେ ସେହି ଉତ୍ତରଟି ଶୁଣିବା ପାଇଁ ପ୍ରପତ୍ତିଙ୍କ ଚାହିଁ ରହିଲି। ପ୍ରପତ୍ତି ମହାଶୟ ସାମାନ୍ୟ ମୋ ଆଡ଼େ ଚାହିଁ କହିଲେ, ପୁଣି ସେହି ପ୍ରଶ୍ନ ? ଏଇ ଟିକିଏ ଆଗରୁ ନିରଞ୍ଜନ ମଧ୍ୟ ମତେ ସେହି କଥା କହୁଥିଲେ। ତମେ କ'ଣ ସବୁ ମା'ଙ୍କ କାର୍ଯ୍ୟ କରିବ, ଆମକୁ କରିବାକୁ ଦେବନି ? ପୂର୍ବ ଉତ୍ତରକୁ ଅପେକ୍ଷା କରୁ କରୁ ପୁଣି ଏପରି ଏକ ଅମୃତମୟ ବାକ୍ୟ ମତେ ବାହ୍ୟଜ୍ଞାନ ଶୂନ୍ୟ କରିଦେବାକୁ ବାଧ୍ୟ କଲା। ତା'ପରେ ସେଠାରେ କ'ଣ ସବୁ ହୋଇଛି ଅଳ୍ପ କିଛି ସମୟ ପାଇଁ ସେତକ ମୋ ଭିତରକୁ ଆସି ପାରିନି। ମତେ ଲାଗୁଥାଏ ମୁଁ ପ୍ରପତ୍ତିଙ୍କ ସହ ଆସିନି। ମା'ଙ୍କ କାର୍ଯ୍ୟରେ ହିଁ ଆସିଛି। ସେଠିକାର ଅପା ଓ ଭାଇମାନେ ପ୍ରପତ୍ତିଙ୍କ ଆଦର, ଅଭ୍ୟର୍ଥନା ଏପରି ତତ୍‌ପର ହୋଇ କରୁଥାନ୍ତି, ମତେ ଲାଗୁଥାଏ ସମସ୍ତେ ମା'ଙ୍କର ହିଁ କାର୍ଯ୍ୟ କରୁଛନ୍ତି। ପ୍ରତି କଥାରେ କହୁଥାନ୍ତି, ମା'ଙ୍କ କାର୍ଯ୍ୟ ଏପରି କଲେ ଭଲ ହୁଅନ୍ତା, ସେପରି କଲେ ଭଲ ହୁଅନ୍ତା। ଏହିପରି କେତେ କ'ଣ। କହିବାର ତାତ୍ପର୍ଯ୍ୟ ହେଉଛି, ପ୍ରପତ୍ତି ଓଡ଼ିଶାର ଯେଉଁଠିକୁ ଯାଇଛନ୍ତି, ସେଠି ମା'ଙ୍କ କାର୍ଯ୍ୟ ପ୍ରେରଣାର ଏକ ପରିବେଶ ମଧ୍ୟ ପହଞ୍ଚି ଯାଇଛି। ତେନ୍ତୁଳି ନଣ୍ଡା ସ୍କୁଲକୁ ଯାତ୍ରାକାଳରେ ଯେଉଁ ସବୁ ଅସ୍ପଷ୍ଟ ଅନୁଭବ ସେତେବେଳେ ମୋ ଭିତରେ ଉଙ୍କିମାରୁଥିଲା ଏବେ ତାହା ବାସ୍ତବ ହୋଇ ସମସ୍ତଙ୍କ ପାଖରେ ବିଦ୍ୟମାନ ଯେ ମା'ଙ୍କ କାର୍ଯ୍ୟ ଓ ପ୍ରପତ୍ତି ଏକ ଓ ଅଭିନ୍ନ। ଯେଉଁ ବ୍ୟକ୍ତି ମା'ଙ୍କ କାର୍ଯ୍ୟ ପାଇଁ ନିଜର ଶରୀର ପର୍ଯ୍ୟନ୍ତ ବିସର୍ଜନ ପାଇଁ ପ୍ରସ୍ତୁତ, ମା'ଙ୍କ କାର୍ଯ୍ୟ ହିଁ ତାଙ୍କ ଅସ୍ତିତ୍ୱର ପରିଚୟ।

ସେଠାକାର କାର୍ଯ୍ୟ ଶେଷ କରି ଆମେ ଫେରିଲୁ। ଆମ ସହ ସବୁ ଅପା ଭାଇ କାର୍ ଯାଏ ଛାଡ଼ିବାକୁ ଆସିଲେ। କାରରେ ବସୁ ବସୁ ସମସ୍ତଙ୍କୁ କହିଲେ- ନିଜ ନିଜ ମଧ୍ୟରେ ଅଧିକରୁ ଅଧିକ ସଙ୍ଗତି ରକ୍ଷା କରିବାକୁ ଚେଷ୍ଟା କରିବ। ତାହା ମା'ଙ୍କ କାର୍ଯ୍ୟ କରିବାରେ ବିଶେଷ ସହାୟକ ହେବ। ତା'ପରେ ସମସ୍ତେ ପ୍ରପତ୍ତିଙ୍କୁ ପ୍ରଣାମ କଲେ ଏବଂ ଆମ୍ଭେମାନେ ମାତୃଭବନ ଫେରିଲୁ। ❑❑❑

# ସୁସ୍ଥ ବାର୍ଦ୍ଧକ୍ୟ

ଡାକ୍ତର ଜୟନ୍ତ କୁମାର ପଣ୍ଡା

ସ୍ୱାସ୍ଥ୍ୟ ସଚେତନତା ଓ ଚିକିତ୍ସା ବିଜ୍ଞାନର ପ୍ରଗତିର ତାଳେ ତାଳେ ଅସମୟ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି ଓ ସମାଜରେ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇ ପ୍ରାୟ ଜନସଂଖ୍ୟାର ଅଧାଅଧିରେ ପହଞ୍ଚିଲାଣି। ଏକ ବିଜ୍ଞ, ପରିପକ୍ୱ ସମାଜ ଗଠନରେ ଏହି ଅଭିଜ୍ଞ, ଅନୁଭୂତି ସମ୍ପନ୍ନ ବୟସ୍କ ବ୍ୟକ୍ତିମାନଙ୍କ ଯଥେଷ୍ଟ ଭୂମିକା ରହିଛି। ଯୁବାପିଢ଼ି ସମାଜର ମାଂସପେଶୀ ହେଲେ, ଏମାନେ ସବୁ ସ୍ନାୟୁସମୂହ। ଏଣୁ ଏମାନଙ୍କ ପାଇଁ ଏକ ସୁସ୍ଥ, ନିରାପଦ ଓ ସୁରକ୍ଷିତ ବାର୍ଦ୍ଧକ୍ୟର ଯୋଜନା କରିବା ଆମ ସମସ୍ତଙ୍କ କର୍ତ୍ତବ୍ୟ।

